ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୯/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, February 9/2021 | ★★★★★★
୪୭ଶ ଭାଗ ୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

# ସୁପ୍ରିମକୋର୍ଟ ଯିବ ଓଡ଼ିଶା

## କୋଟିଆ ଲଢ଼େଇ

- ଆନ୍ଧ୍ର ଗୃହ କମିଟି ପ୍ରତିନିଧିଙ୍କ ସହ ଆଲୋଚନା
- ତୁରନ୍ତ ସମାଧାନ କରିବାକୁ ଓଡ଼ିଶା ସରକାରଙ୍କ ପରାମର୍ଶ


ଆନ୍ଧ୍ରପ୍ରଦେଶ ଗୃହ କମିଟି ପ୍ରତିନିଧିଙ୍କ ସହ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୮।୨(ବ୍ୟୁରୋ)

କୋରାପୁଟ ଜିଲା ସୀମାନ୍ତବର୍ତ୍ତୀ କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମୁହାଁମୁହିଁ ହୋଇଛନ୍ତି। କୋଟିଆ ପଞ୍ଚାୟତର ୩ଟି ଗାଁକୁ ନେଇ ଦୁଇରାଜ୍ୟ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଥିବାବେଳେ ଆନ୍ଧ୍ର ସରକାର କୋଟିଆ ସମେତ ଗଜପତି ଜିଲାର ସୀମାନ୍ତବର୍ତ୍ତୀ ଗ୍ରାମରେ ପଞ୍ଚାୟତ ନିର୍ବାଚନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଫଳରେ ଓଡ଼ିଶା ସରକାର ଏନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି।

କୋଟିଆ ବିବାଦରୁ ରାଜ୍ୟ ସରକାର ପଛକୁ ହଟିବେ ନାହିଁ। ରାଜ୍ୟର ସୀମା ସହିତ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ଏହାର ସୁରକ୍ଷା ପାଇଁ ସରକାର ସଂଗ୍ରାମ ଜାରି ରଖିବେ। ଏପରି କି ସୁପ୍ରିମକୋର୍ଟକୁ ଯିବାକୁ ମଧ୍ୟ ଯୋଜନା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ କୋରାପୁଟ ଜିଲାପାଳ ଏବଂ ରାଜ୍ୟ ସରକାରଙ୍କ ଓକିଲ ସୋମବାର କଟକରେ ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜାଙ୍କୁ ସାକ୍ଷାତ କରି ବିବାଦର ଆଇନଗତ ଦିଗଗୁଡ଼ିକୁ ନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ପ୍ରାଥମିକତା ଭିତ୍ତିରେ ସେଠାରେ ପଞ୍ଚାୟତ ନିର୍ବାଚନକୁ ବନ୍ଦ କରିବାକୁ ଖୁବ୍‌ଶୀଘ୍ର ସରକାର ସର୍ବୋଚ୍ଚ ଅଦାଲତର ଦ୍ୱାରସ୍ଥ ହେବେ ବୋଲି ସୂଚନା ମିଳିଛି। ଆନ୍ତଃରାଜ୍ୟ ସୀମା ବିବାଦ କେବଳ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଯାଇ ପାରିବ। ଆଇନଜୀବୀଙ୍କ ମତରେ ଯଦି କୌଣସି ରାଜ୍ୟ ସୀମାକୁ ନେଇ ଆପତ୍ତି ଉଠାଇବେ ମନ୍ତ୍ରଣାଳୟ ଏଥିରେ ହସ୍ତକ୍ଷେପ କରି ପାର୍ଲାମେଣ୍ଟରେ ପ୍ରସଙ୍ଗ ଉଠାଇ ଏହାର ସମାଧାନ କରିପାରିବ।

ଅନ୍ୟପକ୍ଷରେ ଓଡ଼ିଶା ଗସ୍ତରେ ଆସିଥିବା ଆନ୍ଧ୍ର ବିଧାନ ପରିଷଦର ୭ ଜଣିଆ ଗୃହ କମିଟି ନିକଟରେ ମଧ୍ୟ ସୀମା ବିବାଦ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ପ୍ରତିବାଦ ଜଣାଇଛନ୍ତି। ବୈଠକରେ ସ୍କୁଲ ଓ ଗଣଶିକ୍ଷା ☞ପୃଷ୍ଠା-୪

# ମାଟ୍ରିକ୍ ପରୀକ୍ଷା ସୂଚୀ ପ୍ରକାଶ

ଭୁବନେଶ୍ୱର,୮।୨(ବ୍ୟୁରୋ)

- ଅବଧି ୨ ଘଣ୍ଟା, ଗୋଟିଏ ପ୍ରଶ୍ନପତ୍ରରେ ରେଗୁଲାର ଓ ଏକ୍ସରେଗୁଲାର
- ପ୍ରଥମ ଦିନ ଓଡ଼ିଆ, ଗଣିତ ପାଇଁ ଅଧିକ ୧୫ ମିନିଟ୍
- ସମାନ ସମୟ ସୂଚୀରେ ମୁକ୍ତ ବିଦ୍ୟାଳୟ, ମଧ୍ୟମା ସଂସ୍କୃତ ପରୀକ୍ଷା

ଆସନ୍ତା ମେ' ୩ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଉଭୟ ରେଗୁଲାର ଓ ଏକ୍ସରେଗୁରାଲ ପରୀକ୍ଷା ମେ' ୧୫ ପର୍ଯ୍ୟନ୍ତ ଚାଲିବ। ଏହି ହାଇସ୍କୁଲ୍ ସାର୍ଟିଫିକେଟ ପରୀକ୍ଷା ପାଇଁ ସୋମବାର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷା ଗୋଟିଏ ସିଟିଂରେ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ। ପ୍ରତିଦିନ ସକାଳ ୮ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୦ଟାରେ ସରିବ। କେବଳ ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ୍ ସମୟ ଦିଆଯାଇଛି।

ପ୍ରଥମଦିନ ଅର୍ଥାତ୍ ମେ' ୩ରେ ପ୍ରଥମ ଭାଷା (ଓଡ଼ିଆ କିମ୍ବା ଅନ୍ୟ ଭାଷା), ୫ରେ ଦ୍ୱିତୀୟ ଭାଷା (ଇଂଲିଶ କିମ୍ବା ଅନ୍ୟ ଭାଷା), ☞ପୃଷ୍ଠା-୪




## ଆଜି ମନ୍ତ୍ରୀ ପରିଷଦ, କ୍ୟାବିନେଟ୍

ଭୁବନେଶ୍ୱର,୮।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ମଙ୍ଗଳବାର ସନ୍ଧ୍ୟା ୬ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଅପରାହ୍ନ ୫ଟା ୩୦ ମିନିଟ୍‌ରେ ମନ୍ତ୍ରୀ ପରିଷଦ ବୈଠକ ବସିବ। ଆସନ୍ତା ୧୮ରେ ବିଧାନସଭାର ବଜେଟ ଅଧିବେଶନ ଥିବାରୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସରକାର ଆଣିବାକୁ ସ୍ଥିର କରିଛନ୍ତି। ତେଣୁ ମନ୍ତ୍ରୀ ପରିଷଦରେ ସରକାର ବଜେଟ ଚିଠା ପ୍ରସ୍ତାବ ଆଗତ କରିପାରନ୍ତି। ଏହାପରେ ତାହା କ୍ୟାବିନେଟ୍‌ରେ ପାରିତ ହେବ ବୋଲି ଜଣାପଡ଼ିଛି। ତେବେ କ୍ୟାବିନେଟ୍‌ରେ ଆଉ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ପୂର୍ତ୍ତ ବିଭାଗର ସର୍ବାଧିକ ଦୁଇଟି ପ୍ରସ୍ତାବ ଥିବାବେଳେ କୃଷି, ଅର୍ଥ, ପଞ୍ଚାୟତିରାଜ ବିଭାଗର କେତେକ ପ୍ରସ୍ତାବକୁ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି। ଅନ୍ୟପଟେ ଚଳିତ ଥର ମଧ୍ୟ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ଏଥିରେ ଯୋଗଦେବେ।

**ଆଜିର ସମ୍ପାଦକୀୟ**

ଗଣତନ୍ତ୍ରର ମାପକାଠି

**ଆଜିର ମନ୍ତବ୍ୟ**

"ପିଏମ୍ କିଷାନ ଯୋଜନା ପାଇଁ ପଶ୍ଚିମବଙ୍ଗର ୨.୫ ଲକ୍ଷ ଚାଷୀଙ୍କ ନାମ ପଠାଇଛି। କିନ୍ତୁ କେନ୍ଦ୍ର ସରକାର ସେମାନଙ୍କୁ ସହାୟତା ଦେଇନାହାନ୍ତି।
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ବିରୋଧ ପରେ ନଇଁଲେ

## ଶ୍ରୀମନ୍ଦିର ପାଇଁ ଏନ୍‌ଏମ୍‌ଏ ବାଇ-ଲ ପ୍ରତ୍ୟାହୃତ

ଭୁବନେଶ୍ୱର,(ବ୍ୟୁରୋ)/ ପୁରୀ ଅଫିସ୍/ନୂଆଦିଲ୍ଲୀ, ୮।୨

ରାଜନୈତିକ ଦଳଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକଙ୍କ ବିରୋଧ ପରେ ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷ (ଏନ୍‌ଏମ୍‌ଏ) ପକ୍ଷରୁ ପୁରୀ ଶ୍ରୀମନ୍ଦିର ଐତିହ୍ୟ ପାଇଁ ଜାରି କରାଯାଇଥିବା ପ୍ରସ୍ତାବିତ ଉପନିୟମ(ବାଇ-ଲ') ଚିଠାକୁ କେନ୍ଦ୍ର ସରକାର ସୋମବାର ପ୍ରତ୍ୟାହାର କରି ନେଇଛନ୍ତି। କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏନ୍‌ଏମ୍‌ଏ ଅଧ୍ୟକ୍ଷଙ୍କ ଅଜାଣତରେ ଏହି ଉପନିୟମ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ବନ୍ଧୀତ କୌଣସି ପ୍ରସ୍ତାବିତ ଉପନୟମ ପ୍ରକାଶ ପାଇବାକୁ ଥିଲେ, ଏହା ପୂର୍ବରୁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ସହ ସମ୍ପୃକ୍ତ ପ୍ରଶାସନର ଅନୁମତିକୁ ପ୍ରାଥମିକତା ଦିଆଯିବ ପଟେଲ କହିଛନ୍ତି।

### ଟୁଇଟ୍ କରି ସୂଚନା ଦେଲେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ



ଉଭୟ ବିଜେଡି ଓ ଭାଜପା ଏମ୍‌ପିଙ୍କ ୨ଟି ପ୍ରତିନିଧି ଦଳ ନୂଆଦିଲ୍ଲୀଠାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଭେଟି ଉପନିୟମ ଚିଠାକୁ ପ୍ରତ୍ୟାହାର ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପୂର୍ବାହ୍ନରେ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଜେଡି ଏମ୍‌ପି ଭର୍ତ୍ତୃହରି ମହାପାତ୍ର, ସସ୍ମିତ ପାତ୍ର, ଅନୁଭବ ମହାନ୍ତି ଓ ମୁନା ଖାଁଙ୍କ ସମେତ ଏକ ପ୍ରତିନିଧି ଦଳ ପ୍ରଥମେ କେନ୍ଦ୍ରମନ୍ତ୍ରୀ ପଟେଲଙ୍କୁ ସାକ୍ଷାତ କରି ଏନ୍‌ଏମ୍‌ଏ ଦ୍ୱାରା ପ୍ରକାଶିତ ଚିଠା ଉପନିୟମକୁ ପ୍ରତ୍ୟାହାର କରିନେବା ଲାଗି ଦାବି କରିଥିଲେ। ପ୍ରତ୍ୟାହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ☞ପୃଷ୍ଠା-୪



## ସହାୟତାର ହାତ ବଢ଼ାଇଲା ଜାତିସଂଘ

ଉତ୍ତରାଖଣ୍ଡ ପାଇଁ ଆବଶ୍ୟକ ହେଲେ ଜାତିସଂଘ ଉଦ୍ଧାର କାର୍ଯ୍ୟରେ ସହାୟତା କରିବାକୁ ପ୍ରସ୍ତୁତ ଅଛି ବୋଲି ଏହାର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ଗ୍ଲେସିୟର ଜନିତ ବନ୍ୟାରେ ଧନଜୀବନ ହାନିକୁ ନେଇ ସେ ଦୁଃଖପ୍ରକାଶ କରିଛନ୍ତି। ମହାସଚିବଙ୍କ ଭାବାବେଗକୁ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଟି.ଏସ୍. ତିରୁମୂର୍ତ୍ତି ପ୍ରଶଂସା କରିଛନ୍ତି।

**ସଂକ୍ଷେପରେ**

## ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ୍ ରାଜ୍ୟ ସଭାରେ ଗୃହୀତ



ନୂଆଦିଲ୍ଲୀ, ୮।୨(ପି.ଟି.) ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ୍, ୨୦୨୧ ସୋମବାର ରାଜ୍ୟ ସଭାରେ ଗୃହୀତ ହୋଇଛି। ଜମ୍ମୁ-କଶ୍ମୀର କ୍ୟାଡର ସିଭିଲ୍ ସର୍ଭିସ ଅଫିସରମାନଙ୍କୁ ଅରୁଣାଚଳପ୍ରଦେଶ, ଗୋଆ, ମିଜୋରାମ୍ କେନ୍ଦ୍ରଶାସିତ ଅଞ୍ଚଳ କ୍ୟାଡର ସହ ମିଶାଇବା ପାଇଁ ଲାଗୁ ହୋଇଥିବା ଅଧ୍ୟାଦେଶ ସ୍ଥାନରେ ଉକ୍ତ ଆଇନ କାର୍ଯ୍ୟକାରୀ ହେବା ଗତ ସପ୍ତାହରେ ଉଚ୍ଚ ସଦନରେ ଏହି ବିଲ୍ ଆଗତ ହୋଇଥିଲା। ଏହି ବିଲ୍ ଜମ୍ମୁ-କଶ୍ମୀର ଓ ଲେହ କେନ୍ଦ୍ରଶାସିତ ଅଞ୍ଚଳର ଅଫିସରମାନଙ୍କ ସାମର୍ଥ୍ୟ ବୃଦ୍ଧି କରିବ ବୋଲି ସ୍ୱରାଷ୍ଟ୍ର ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଥିଲେ।

## କେରଳ ସ୍କୁଲର ୨ ଶହ ସଂକ୍ରମିତ

**ଥିରୁଭାନନ୍ତପୁରମ୍, ୮।୨:** କେରଳର ୨ଟି ସ୍କୁଲର ପ୍ରାୟ ୨ ଶହ ଛାତ୍ରୀଛାତ୍ର କରୋନାରେ ସଂକ୍ରମିତ ହୋଇଛନ୍ତି। ଗତ ମାସଠାରୁ କେରଳ ସ୍କୁଲରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି। ମାଲପୁରମ ଜିଲାର ଏକ ସ୍କୁଲରେ ଜଣେ ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂବେଳେ ଅନ୍ୟ ଛାତ୍ରୀଛାତ୍ର ଓ ସ୍କୁଲ ଷ୍ଟାଫ୍ କରୋନାରେ ଆକ୍ରାନ୍ତ ହୋଇଥିବା ଟେଷ୍ଟ ରିପୋର୍ଟରୁ ଜଣାପଡିଛି। ସଂକ୍ରମିତ ବ୍ୟାପିଥିବା ଆଶଙ୍କାରେ ନିକଟବର୍ତ୍ତୀ ଅନ୍ୟ ଏକ ସ୍କୁଲ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା।

## ଶିଶୁକୁ ବଳି ଦେଲେ ମା'

**ଥିରୁଭାନନ୍ତପୁରମ୍, ୮।୨:** ଅନ୍ଧବିଶ୍ୱାସର ଶିକାର ହୋଇ ନିଜ ଶିଶୁକୁ ବଳି ପକାଇଛି ଜଣେ ମା'। କେରଳର ପଲକ୍କଡଠାରେ ଏହି ଘଟଣା ଘଟିଛି। ବଳି ଦେଲେ ଈଶ୍ୱର ଖୁସି ହେବେ ଭାବି ଶହିଦା ନାମକ ଜଣେ ଗର୍ଭବତୀ ମହିଳା ତାଙ୍କ ୬ ବର୍ଷର ପୁଅକୁ ରବିବାର ହତ୍ୟା କରିଥିଲେ। ସେହି ସମୟରେ ତାଙ୍କ ସ୍ୱାମୀ ଓ ଅନ୍ୟ ୩ ଝିଅ ପୁଅ ଆଉ ଏକ କୋଠରୀରେ ଶୋଇଥିଲେ। ହତ୍ୟା କରିବାର କିଛି ସମୟ ପରେ ଶହିଦା ପୋଲିସକୁ ଖବର ଦେଇଥିଲେ। ଘରେ ପୋଲିସ ପହଞ୍ଚିବା ପରେ ପରିବାର ସଦସ୍ୟ ଏହି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ହତ୍ୟା ମାମଲାରେ ଶହିଦାଙ୍କୁ ଗିରଫ କରାଯାଇଛି।

## ବିଚାରପତିଙ୍କୁ ଅଭିଯୁକ୍ତଙ୍କ ପ୍ରେମ ନିବେଦନ

**ୱାଶିଂଟନ୍, ୮।୨:** ଏକ ଚୋରି ମାମଲାର ଶୁଣାଣିବେଳେ ସମ୍ପୃକ୍ତ ଅଭିଯୁକ୍ତ ଜଣେ ମହିଳା ବିଚାରପତିଙ୍କୁ ପ୍ରେମ ନିବେଦନ କରିଛନ୍ତି। ଆମେରିକାର ଫ୍ଲୋରିଡାସ୍ଥିତ ବ୍ରୋୱାର୍ଡ କୋର୍ଟରେ କେସ୍‌ର ଅନ୍‌ଲାଇନ ଶୁଣାଣିବେଳେ ଏଭଳି ଘଟିଛି। ଫ୍ଲୋରିଡାର ଡିମେଟ୍ରସ୍ ଲୁଇସ୍ ନାମକ ଜଣେ ବ୍ୟକ୍ତି ଏକ ଚୋରି ମାମଲାରେ ଗିରଫ ହୋଇଥିଲେ। ଗତ ଗୁରୁବାର ଅନ୍‌ଲାଇନରେ ବିଚାରପତି ତାବିଥା ବ୍ଲାକମୋନ୍ କେସ୍‌ର ବିଚାର କରୁଥିଲେ। ତେବେ ଭିଡିଓରେ ବିଚାରପତିଙ୍କୁ ଦେଖିବା ମାତ୍ରେ ଲୁଇସ୍ ବିଚାରପତିଙ୍କ ସୁନ୍ଦରତାକୁ ପ୍ରଶଂସା କରିବାରେ ଲାଗିଥିଲେ। ଏଥିସହ ତାଙ୍କୁ ବାରମ୍ବାର 'ଆଇ ଲଭ୍ ୟୁ' କହି ପ୍ରେମ ନିବେଦନ କରିଥିଲେ। ହେଲେ ଏଥିରେ ସେ ବିଚାରପତିଙ୍କୁ ପ୍ରଭାବିତ କରିପାରି ନ ଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ ହେବା ପରେ ୧୦ ଲକ୍ଷରୁ ଅଧିକ ଲୋକେ ଏହାକୁ ଦେଖିସାରିଲେଣି।



## ୟୁଟ୍ୟୁବ୍‌ରେ ହିଟ୍ 'ୱାର୍ଲ୍ଡ ଫେମସ୍ ଲଭର'

**ମୁମ୍ବାଇ, ୮।୨:** ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିବା ସାଉଥ ଫିଲ୍ମ 'ୱାର୍ଲ୍ଡ ଫେମସ୍ ଲଭର' ୟୁଟ୍ୟୁବ୍‌ରେ ହିଟ୍ ହୋଇଛି। ସପ୍ତାହକ ପୂର୍ବରୁ ହିନ୍ଦୀ ଭାଷାରେ ଏହି ଚଳଚ୍ଚିତ୍ର ୟୁଟ୍ୟୁବ୍‌ରେ ରିଲିଜ ହେବାରେ ଏହାକୁ ସାଢ଼େ ୬ କୋଟିରୁ ଅଧିକ ଲୋକେ ଦେଖିସାରିଲେଣି। ସାଉଥର ସିନେମାର ଲୋକପ୍ରିୟ ଅଭିନେତା ବିଜୟ ଦେବେରକୋଣ୍ଡାଙ୍କ ଏହି ଫିଲ୍ମ ଗତ ବର୍ଷ ରିଲିଜ ହୋଇଥିଲା। କିନ୍ତୁ କ୍ରାନ୍ତି ମାଧବଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ବକ୍ସ ଅଫିସ୍‌ରେ ଫ୍ଲପ ହେବା ସହ ଦର୍ଶକଙ୍କ ସମାଲୋଚନାର ଶିକାର ହୋଇଥିଲା। କିନ୍ତୁ ଏବେ ଏହାର ହିନ୍ଦୀ ଭର୍ସନକୁ ଭଲ ପ୍ରତିକ୍ରିୟା ମିଳିବା ସହ ୟୁଟ୍ୟୁବରେ ଦର୍ଶକଙ୍କ ସଂଖ୍ୟା ବଢ଼ିଛି। ଅନ୍ୟପକ୍ଷରେ ବିଜୟଙ୍କୁ ଖୁବଶୀଘ୍ର ବଲିଉଡ୍ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି। କରଣ ଜୋହରଙ୍କ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେବାକୁ ଥିବା ଫିଲ୍ମ 'ଲିଗର'ର ହିନ୍ଦୀ ଭର୍ସନରେ ବିଜୟ ବଲିଉଡ୍ ଅଭିନେତା ଅନନ୍ୟା ପାଣ୍ଡେଙ୍କ ସହ ସ୍କ୍ରିନ ଶେୟାର କରିବାକୁ ଯାଉଛନ୍ତି।



# ଗ୍ଲେସିୟର ବିପ୍ୱାତ ମୃତ୍ୟୁସଂଖ୍ୟା ୨୬



ଜୋଷୀମଠରେ ତପୋବନ ଟନେଲ୍ ନିକଟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ୧୯୭ ନିଖୋଜ ଉଦ୍ଧାର କାର୍ଯ୍ୟ ଜାରି

ଡେରାଡୁନ୍, ୮।୨(ପି.ଟି.)

ଉତ୍ତରାଖଣ୍ଡର ଚାମୋଲି ଜିଲାରେ ଗ୍ଲେସିୟରଜନିତ ବନ୍ୟାରେ ମୃତ୍ୟୁସଂଖ୍ୟା ୨୬ରେ ପହଞ୍ଚିଥିବାବେଳେ ୧୯୭ ଜଣ ଏବେ ବି ନିଖୋଜ ଅଛନ୍ତି। ସେମାନଙ୍କୁ ଖୋଜି ବାହାର କରିବା ଲାଗି ଉଦ୍ୟମ ଜାରି ରହିଛି। ବିଦ୍ୟୁତ୍ ପ୍ରକଳ୍ପ ନିକଟରେ ଥିବା ଏକ ସୁଡ଼ଙ୍ଗରେ ୩୦ ଶ୍ରମିକ ଫସି ରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ଆଇଟିବିପି ସମେତ ସେନା ଯବାନ ଓ ପୋଲିସ ନିୟୋଜିତ ଅଛନ୍ତି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ରବିବାର ସକାଳେ ଜୋଷୀମଠ ନିକଟରେ ନନ୍ଦାଦେବୀ ଗ୍ଲେସିୟରର ଏକ ଅଂଶ ଭାଙ୍ଗିପଡ଼ିବାରୁ ଧଉଳି ଗଙ୍ଗା ଓ ଅଳକାନନ୍ଦାରେ ଅଚାନକ ବନ୍ୟା ଆସିଥିଲା। ନିଖୋଜଙ୍କ ମଧ୍ୟରୁ ଜଳବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକ ଓ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକ ଅଛନ୍ତି। ବନ୍ୟାରେ ସେମାନଙ୍କ ଘରଦ୍ୱାର ଭାସିଯାଇଛି।

ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ, ଆର୍.କେ. ସିଂ, ପୌରି ଏମ୍‌ପି ତିରଥ ସିଂ ରାୱତ, ଉତ୍ତରାଖଣ୍ଡ ମନ୍ତ୍ରୀ ଧନ ସିଂ ରାୱତ ବନ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କୁ ଭେଟି ସମସ୍ତ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରବଳ ବେଗରେ ପାଣି ମାଡ଼ିଆସିବାରୁ ଏନ୍‌ଟିପିସିର ୪୮୦ ମେଗାୱାଟ ତପୋବନ-ବିଷ୍ଣୁଗଡ଼ ବିଦ୍ୟୁତ ପ୍ରକଳ୍ପ ଏବଂ ୧୩.୨ ମେଗାୱାଟ ଋଷିଗଙ୍ଗା ଜଳବିଦ୍ୟୁତ୍ ପ୍ରକଳ୍ପ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଦୁଇ ପ୍ରକଳ୍ପର ଅନେକ ଶ୍ରମିକ ଟନେଲରେ ରହିଯାଇଛନ୍ତି। ଉଦ୍ଧାର କାର୍ଯ୍ୟରେ ସ୍ନିଫର ଡଗ୍, ବୁଲ୍‌ଡୋଜର, ଜେସିବି ଆଦି ଭାରୀ ଯନ୍ତ୍ରକୁ ଲଗାଯାଇଛି। ରାଜ୍ୟ ଜରୁରୀ ବିଭାଗ ସୂଚନା ଅନୁଯାୟୀ ୨୭ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ରବିବାର ରାତି ସାରା ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା।

### ଶିଳାଖଣ୍ଡ ଖସିବା, ହିମସ୍ଖଳନରୁ ବନ୍ୟା

ଡେରାଡୁନ୍, ୮।୨

ଉତ୍ତରାଖଣ୍ଡ ବନ୍ୟା ଗ୍ଲେସିୟର ଭାଙ୍ଗିବା ଯୋଗୁ ହୋଇନାହିଁ। ପଥର ଖସିବା ଓ ହିମସ୍ଖଳନରୁ ଏପରି ହୋଇଥିବା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ବୈଜ୍ଞାନିକମାନେ କହିଥିବା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ସୂଚନା ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ କିଛିଦିନ ପୂର୍ବରୁ ଉକ୍ତ ଅଞ୍ଚଳରେ ତୁଷାରପାତ ହୋଇଥିଲା। ଉପରୁ ସେଠାରେ ଶିଳାଖଣ୍ଡ ଖସିବା ଫଳରେ ଜମିଥିବା ତୁଷାର ଖସିଆସିଥିଲା। ଲକ୍ଷ ଲକ୍ଷ ଟନ୍ ତୁଷାର ମାଡ଼ିଆସିବାରୁ ବନ୍ୟା ସୃଷ୍ଟି ହେଲା। ସାଟେଲାଇଟ୍ ଚିତ୍ରର ଗ୍ଲେସିୟର ଭାଙ୍ଗିବାର କୌଣସି ସୂଚନା ମିଳୁ ନଥିବା ବୈଜ୍ଞାନିକମାନେ କହିଛନ୍ତି।

### ଫୋନ୍ କଲ୍ ବଞ୍ଚାଇଦେଲା

ହିମସ୍ଖଳନଜନିତ ବନ୍ୟାରେ ଭାସିଯାଇ ତପୋବନର ଏକ ଭୂତଳ ଟନେଲ୍‌ରେ ଫସି ରହିଥିବା କେତେଜଣଙ୍କୁ ଫୋନ୍‌କଲ୍ ବଞ୍ଚାଇ ଦେଇଥିବା ସେମାନେ କହିଛନ୍ତି। ଭାସିଯିବା ପରେ ସେମାନେ ବଞ୍ଚିବା ଆଶା ଛାଡ଼ିଦେଇଥିଲେ। ଏହି ସମୟରେ ସେମାନଙ୍କ ପାଖରେ ଥିବା ଏକ ମୋବାଇଲ୍ ଫୋନ୍‌ର ନେଟ୍‌ୱର୍କ କାମ କରୁଥିବା ଦେଖି କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ଫଳରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଟନେଲ୍‌ରୁ ବାହାର କରିବାରେ ସଫଳ ହୋଇଥିଲେ।

### ଶୀତଦିନେ ଗ୍ଲେସିୟର ତରଳିବାକୁ ନେଇ ଚିନ୍ତା ପ୍ରକଟ

ଡେରାଡୁନ୍, ୮।୨

ଏବେ ଶୀତଦିନ ହୋଇଥିବାବେଳେ ଉତ୍ତରାଖଣ୍ଡର ଚାମୋଲି ପାର୍ବତ୍ୟାଞ୍ଚଳରେ ତାପମାତ୍ରା ଶୂନ ଡିଗ୍ରୀ ତଳେ ରହିଛି। ଗ୍ରୀଷ୍ମଋତୁ ଆସିବାକୁ ଅନେକ ଦିନ ବାକି ଅଛି। ଏଭଳି ସମୟରେ ଗ୍ଲେସିୟର(ହିମବାହ) ତରଳି ମାଡ଼ିଆସିବା ଘଟଣା ଭୂତତ୍ତ୍ୱବିତ୍‌ମାନଙ୍କୁ ଚିନ୍ତାରେ ପକାଇଛି। ଏହା ଜଳବାୟୁ ପରିବର୍ତ୍ତନର ପରିଣତି ବୋଲି ସେମାନେ କହୁଛନ୍ତି। ଶୀତଦିନେ ଗ୍ଲେସିୟର ଦୃଢ଼ ଭାବେ ଜମାଟ ବାନ୍ଧି ରହିଥାଏ। ଏପରିକି ଗ୍ଲେସିୟର ହ୍ରଦର କାନ୍ଥଗୁଡ଼ିକ ମଧ୍ୟରେ ଦୃଢ଼ ଭାବେ ବାନ୍ଧିହୋଇ ରହିଥାଏ। ଏଭଳି ସମୟରେ କେବଳ ହିମସ୍ଖଳନ କିମ୍ବା ଭୂସ୍ଖଳନ ହେଲେ ବନ୍ୟା ଆସିଥାଏ। ଉତ୍ତରାଖଣ୍ଡରେ ସେମିତି କିଛି ଘଟିନାହିଁ। ଏଭଳି ଅଚାନକ ଗ୍ଲେସିୟର ତରଳିବା କଥା ଜଣାନାହିଁ ବୋଲି ୱାଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ ଜିଓଲୋଜିର ବରିଷ୍ଠ ବୈଜ୍ଞାନିକ ମନୀଷ ମେହଟ୍ଟା କହିଛନ୍ତି। ଉପର ଋଷିଗଙ୍ଗା ଅବବାହିକାରେ ୩ ଦଶନ୍ଧି ମଧ୍ୟରେ ୮ଟି ଗ୍ଲେସିୟର ୧୦ ପ୍ରତିଶତରୁ ଅଧିକ ତରଳିଥିବା ଗତବର୍ଷ ମେହଟ୍ଟାଙ୍କ ନେତୃତ୍ୱରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା।

ଅନ୍ୟପକ୍ଷରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ଏକ ବିଶେଷଜ୍ଞ ଟିମ୍ ସୋମବାର ଆକାଶମାର୍ଗରୁ ଉତ୍ତରାଖଣ୍ଡର ବନ୍ୟାଞ୍ଚଳ ଅନୁଧ୍ୟାନ କରିଥିଲେ। ମୂଳ ଗ୍ଲେସିୟରରୁ ଝୁଲନ୍ତା ଅବସ୍ଥାରେ ଥିବା ଏକ ଅଂଶ ଭାଙ୍ଗିପଡ଼ିଥିବା ସେମାନେ ଅନୁମାନ କରୁଛନ୍ତି।



ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ରାୱତ ବନ୍ୟା କ୍ଷୟକ୍ଷତି ବୁଲି ଦେଖୁଛନ୍ତି।



ଦିଲ୍ଲୀର ଗାଜିପୁର ସୀମାରେ କୃଷକ ନେତା ରାକେଶ ଟିକାଏତ୍‌ଙ୍କ ସହ ଆଚାର୍ଯ୍ୟ ପ୍ରମୋଦ କ୍ରୀଷ୍ଣନ୍ ଓ ଅନ୍ୟ ସନ୍ଥମାନେ ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଉଛନ୍ତି।

## କେନ୍ଦ୍ରକୁ ପଠାଯାଇଛି ୨.୫ ଲକ୍ଷ ଚାଷୀଙ୍କ ନାଁ: ମମତା

କୋଲକାତା, ୮।୨

ପଶ୍ଚିମବଙ୍ଗ ସରକାର କେନ୍ଦ୍ରୀୟ ଯୋଜନା ଲାଗୁ କରାଉ ନ ଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିବା ପରେ ପାଲଟା ଜବାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ପାଇଁ ଅଢ଼େଇ ଲକ୍ଷ ଚାଷୀଙ୍କ ନାଁ କେନ୍ଦ୍ରକୁ ପଠାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାହିଁକି କେନ୍ଦ୍ର ସରକାର ହିତାଧିକାରୀଙ୍କୁ ଏହା ଅନ୍ତର୍ଗତ ସୁବିଧା ଯୋଗାଇନାହାନ୍ତି ବୋଲି ମମତା ପ୍ରଶ୍ନ କରିଛନ୍ତି।

## ଉହାନ ସି-ଫୁଡ୍ ବଜାରରୁ ବ୍ୟାପିଥିଲା କରୋନା

ବେଜିଂ, ୮।୨

**■ତଦନ୍ତରୁ ମିଳିଲା ସୂଚନା**
**■୧୦୦୦ ମାଇଲ୍ ଦୂରରୁ ବାଦୁଡ଼ିଙ୍କଠାରୁ ଆସିଥିଲା ଅନୁରୂପ ଭୂତାଣୁ**

କରୋନା ଭୂତାଣୁର ଉତ୍ସ ଖୋଜୁଥିବା ବୈଜ୍ଞାନିକମାନେ ଚାଇନାରେ ତଦନ୍ତ କରି କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଛନ୍ତି। ମହାମାରୀ ବ୍ୟାପିବାରେ ଉହାନ ସାମୁଦ୍ରିକ ଖାଦ୍ୟ ବଜାରର ଭୂମିକା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପ୍ରାୟୋଜନରେ ଚାଲିଥିବା ମିଶନରେ ନ୍ୟୁୟର୍କର ଜୀବବିଜ୍ଞାନୀ ପିଟର ଡାସ୍‌ଜାକ୍ ସହଯୋଗ କରିଥିଲେ। ୧୪ ଜଣିଆ ଟିମ୍ ଚାଇନାରେ ବିଶେଷଜ୍ଞମାନଙ୍କ ସହ କାର୍ଯ୍ୟ କରୁଛନ୍ତି। ସେମାନେ ବିଭିନ୍ନ ହଟ୍‌ସ୍ପଟ ଓ ଗବେଷଣାକେନ୍ଦ୍ରକୁ ଯାଇ କେତେକ ବାସ୍ତବ ସୂଚନା ସଂଗ୍ରହ କରିଛନ୍ତି।

ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଉହାନଠାରୁ ୧୦୦୦ ମାଇଲ୍ ଦୂରରୁ କରୋନାର ନିକଟ ସମ୍ପର୍କୀୟ ଭୂତାଣୁ ବାଦୁଡ଼ିଠାରୁ ଆସିଥିଲା। ତେବେ ବାଦୁଡ଼ିଠାରୁ ସିଧାସଳଖ ମଣିଷ ଦେହକୁ ଉକ୍ତ ଭୂତାଣୁ ଆସିଥିବାର କୌଣସି ସ୍ପଷ୍ଟ ସୂଚନା ନାହିଁ। ତାହା କିପରି ଉହାନରେ ବ୍ୟାପିଲା ଜାଣିବାକୁ ସେମାନେ ଉଦ୍ୟମ ଚଳାଇଛନ୍ତି। କରୋନା ମହାମାରୀରେ ବର୍ତ୍ତମାନ ସୁଦ୍ଧା ୧୦.୫୭ କୋଟି ସଂକ୍ରମିତ ହୋଇଥିବାବେଳେ ୨୩ ଲକ୍ଷଙ୍କ ମୃତ୍ୟୁ ହେଲାଣି। ଭୂତାଣୁର ଉତ୍ସ ଖୋଜି ବାହାର କରିବାକୁ ଗତବର୍ଷ ମେ'ରେ ଡବ୍ଲ୍ୟୁଏଚ୍‌ଓକୁ କୁହାଯାଇଥିଲା। ଉହାନ ଭାଇରୋଲୋଜି ଇନ୍‌ଷ୍ଟିଚ୍ୟୁଟରୁ ଭୂତାଣୁ ଆସିଥିବା କଥାକୁ ବୈଜ୍ଞାନିକମାନେ ଅସ୍ୱୀକାର କରିଛନ୍ତି। ସେମାନେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରି ତାହାର ଅନୁଧ୍ୟାନ କରୁଛନ୍ତି।

## ସେଲିବ୍ରିଟିଙ୍କ ଟୁଇଟ୍ ଯାଞ୍ଚ ହେବ

ମୁମ୍ବାଇ, ୮।୨

### ଭାଜପା ଚାପରେ ଟୁଇଟ ହୋଇଥିବା ଅଭିଯୋଗ

ନୂଆ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଆନ୍ଦୋଳନରତ ଚାଷୀଙ୍କ ସମର୍ଥନରେ ଅନ୍ତର୍ଜାତୀୟ ସେଲିବ୍ରିଟି ବାହାରିବା ପରେ କେନ୍ଦ୍ର ସରକାରଙ୍କ ସପକ୍ଷରେ ମତ ରଖିଥିଲେ ଭାରତର ପ୍ରମୁଖ ଚେହେରା। ବିଭିନ୍ନ କ୍ଷେତ୍ରର ଜଣାଶୁଣା ବ୍ୟକ୍ତିତ୍ୱମାନେ କିପରି ସମାନ ମତ ରଖିଲେ ସେ ନେଇ ପ୍ରଶ୍ନ ଉଠାଇଛନ୍ତି ମହାରାଷ୍ଟ୍ର ସରକାର। ଭାଜପା ଚାପରେ ଭାରତୀୟ ସେଲିବ୍ରିଟିମାନେ ଏଭଳି ଟୁଇଟ କରିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହେବା ପରେ ଏ ଦିଗରେ ତଦନ୍ତ କରାଯିବ ବୋଲି ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ କହିଛନ୍ତି। କୃଷକଙ୍କ ସମର୍ଥନରେ ଆମେରିକୀୟ ପପ୍ ଷ୍ଟାର ରିହାନା, ସ୍ୱିଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନବର୍ଗ, ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ଝିଆରୀ ମୀନା ହାରିସ୍, ପର୍ନ ଷ୍ଟାର ମିଆ ଖଲିଫା ପ୍ରମୁଖ ଟୁଇଟ କରିବା ପରେ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର, କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସ୍କର, ଅକ୍ଷୟ କୁମାର, ଅଜୟ ଦେବଗନ, କରନ ଜୋହର, ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ସାଇନା ନେହୱାଲ ପ୍ରମୁଖ କେନ୍ଦ୍ର ସରକାରଙ୍କ ସପକ୍ଷରେ ଟୁଇଟ୍ କରିଥିଲେ।

## ଆନ୍ଦୋଳନରୁ ଓହରିବାକୁ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ

ନୂଆଦିଲ୍ଲୀ, ୮।୨

କେନ୍ଦ୍ରର ୩ ନୂଆ କୃଷି ଆଇନ ବିରୋଧରେ ନଭେମ୍ବର ମାସରୁ ଆନ୍ଦୋଳନ ଚଳାଇଥିବା ଚାଷୀମାନଙ୍କୁ ଓହରିଯିବା ପାଇଁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରୋଧ କରିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବ୍ୟବସ୍ଥା ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ପ୍ରଧାନମନ୍ତ୍ରୀ କହିଥିଲେ, ଯେଉଁ ଦଳଗୁଡ଼ିକ ନୂଆ କୃଷି ସଂସ୍କାରକୁ ନେଇ ଏବେ ୟୁ-ଟର୍ନ କରିଛନ୍ତି, ଭାଜପା ନେତୃତ୍ୱାଧୀନ ସରକାର ଉକ୍ତ ଆଇନ ଆଣିଥିବାରୁ ସେମାନେ ଗର୍ବିତ ହେବା କଥା। କାରଣ ଏକଦା ସେମାନଙ୍କ ନେତାମାନେ ଉକ୍ତ ସଂସ୍କାର ନୀତିକୁ ସମର୍ଥନ କରିଥିଲେ। କୃଷି ଉତ୍ପାଦର ବିକ୍ରି ଲାଗି ଏକକ ବଜାର ଉପରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଜୋର୍ ଦେଇଥିଲେ। ଚାଷୀ ଅଧିକ ଦାମ୍‌ରେ ଯେପରି ଉତ୍ପାଦିତ ସାମଗ୍ରୀ ବିକ୍ରି କରିପାରିବ ସେଥିପାଇଁ ସ୍ୱାଧୀନତା ଦେବା ସପକ୍ଷରେ ମନମୋହନଜୀ ଥିଲେ ବୋଲି ମୋଦି କହିଥିଲେ। ଆମେ ପଛକୁ ନ ଯାଇ ଆଗକୁ ବଢ଼ିବା ଉଚିତ। ସଂସ୍କାରକୁ ଏକ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀ କୃଷି ଆଇନ ଓ ବିଭିନ୍ନ ପଦକ୍ଷେପ ସପକ୍ଷରେ କହିବା ସହ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିଥିଲେ। କ୍ଷୁଦ୍ର ଓ ନାମମାତ୍ର ଚାଷୀ ସଂଖ୍ୟା ୧୯୭୧ରେ ୫୧ ପ୍ରତିଶତ ଥିବାବେଳେ ତାହା ୬୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏବେ ୮୬ ପ୍ରତିଶତ ଚାଷୀଙ୍କର ୨ ହେକ୍ଟରରୁ କମ୍ ଜମି ରହିଛି। ଏହି ଚାଷୀମାନଙ୍କ ପ୍ରତି ଦେଶର କୌଣସି କର୍ତ୍ତବ୍ୟ ନାହିଁ କି ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଥିଲେ। କୃଷି ସେକ୍ଟରରେ ସଂସ୍କାର ସପକ୍ଷରେ ପ୍ରତି ସରକାର କହୁଥିଲେ, କିନ୍ତୁ ଦଳଗୁଡ଼ିକ ଏବେ ୟୁ-ଟର୍ନ କରିଛନ୍ତି ବୋଲି କଂଗ୍ରେସ ଓ ଏହାର ସହଯୋଗୀ ଶରଦ ପାୱାରଙ୍କୁ ଲକ୍ଷ୍ୟ କରି ମୋଦି କହିଥିଲେ। ଆନ୍ଦୋଳନକୁ ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରିବା ଭଲ କଥା। ତେବେ ବିକାଶ ପାଇଁ ସଂସ୍କାର ଜରୁରୀ ଏହା କୃଷକମାନଙ୍କୁ ବୁଝାଇବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



**କୃଷି ଆଇନ ଉପରେ ବିରୋଧୀ ୟୁ-ଟର୍ନ ନେଇଛନ୍ତି**

### ଭାଷଣରେ ବାସ୍ତବତା ନାହିଁ: କଂଗ୍ରେସ

କୃଷି ଆଇନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ କଂଗ୍ରେସ ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ କଂଗ୍ରେସ ପ୍ରସ୍ତାବକୁ ଏଡାଇଯାଇଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ବରିଷ୍ଠ ଏମ୍‌ପି ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ମୋଦିଙ୍କ ଭାଷଣରେ କିଛି ବାସ୍ତବତା ନାହିଁ। ଆମେ ସମସ୍ତେ କ'ଣ ବୋକା କି ବୋଲି ଖାର୍ଗେ ପ୍ରଶ୍ନ କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୬୮,୨୧,୨୧୭ | ୨୩,୩୦,୨୮୫ | ୭,୮୫,୬୭,୩୦୨ |
| ଭାରତ | ୧,୦୮,୪୭,୬୩୦ | ୧,୫୫,୧୬୫ | ୧,୦୫,୪୫,୦୩୮ |
| ଓଡ଼ିଶା | ୩,୩୫,୬୯୨ | ୧୯୧୦(+୫୩) | ୩,୩୩,୦୩୧ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ବଢ଼ିଲା ବସ୍ ଭଡ଼ା

**ମାସକରେ ୨ଥର**

ଭୁବନେଶ୍ୱର, ୮।୨(ବ୍ୟୁରୋ)

| ବସ୍ | ଥିଲା କେତେ | ହେଲା କେତେ |
|---|---|---|
| ସାଧାରଣ | ୭୪ ପଇସା | ୮୦ ପଇସା |
| ଏକ୍ସପ୍ରେସ | ୭୭ ପଇସା | ୮୪ ପଇସା |
| ଡିଲକ୍ସ | ୧ ଟଙ୍କା ୯ ପଇସା | ୧ ଟଙ୍କା ୧୧ ପଇସା |
| ଏସି ଡିଲକ୍ସ | ୧ ଟଙ୍କା ୩୧ ପଇସା | ୧ ଟଙ୍କା ୩୯ ପଇସା |

ରାଜ୍ୟ ସରକାର ପୁଣି ବସ୍ ଭଡ଼ା ବଢ଼ାଇଛନ୍ତି। ଏ ନେଇ ସୋମବାର ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଲଗାତର ଡିଜେଲ ଦର ବୃଦ୍ଧି ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ଦର ବୃଦ୍ଧିକୁ ନେଇ ୧୨ଟି ପାରାମିଟର ଆଧାରରେ ବସ୍ ଭଡ଼ା ବୃଦ୍ଧି କରାଯାଇଛି। ଏହାକୁ ମିଶାଇ ମାସକ ଭିତରେ ବସ୍ ଭଡ଼ା ୨ ଥର ବୃଦ୍ଧି ହେଲାଣି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ବସ୍ ଓ ଏକ୍ସପ୍ରେସ୍ ବସ୍ କିଲୋମିଟର ପିଛା ଯଥାକ୍ରମେ ୬ ଓ ୭ ପଇସା ବୃଦ୍ଧି କରାଯାଇଥିବା ବେଳେ ଡିଲକ୍ସ ଏବଂ ଏସି ଡିଲକ୍ସ ୨ ଓ ୮ ପଇସା ବୃଦ୍ଧି ହୋଇଛି।



ତେବେ ବିଳାସପୂର୍ଣ୍ଣ ସୁପର ପ୍ରିମିୟମ(ଭଲ୍‌ଭୋ/ସ୍କନିଆ ଇତ୍ୟାଦି) ବସ୍ ପାଇଁ ପ୍ରଥମ ଥର ଲାଗି କିଲୋମିଟର ପିଛା ୨ଟଙ୍କା ୧୭ ପଇସା ଧାର୍ଯ୍ୟ କରାଯାଇଛି।

ଭଡ଼ା ବୃଦ୍ଧି ପରେ ଯାତ୍ରୀମାନଙ୍କୁ ସାଧାରଣ ବସ୍ ପାଇଁ କିଲୋମିଟର ପିଛା ୭୪ ପଇସାରୁ ୮୦ ପଇସା ଏବଂ ଏକ୍ସପ୍ରେସ୍ ବସ୍ ପାଇଁ ୭୭ ପଇସା ଜାଗାରେ ୮୪ ପଇସା ଅଧିକ ଭଡ଼ା ଦେବାକୁ ପଡ଼ିବ। ସେହିପରି ଡିଲକ୍ସ ବସ୍ ପାଇଁ କିଲୋମିଟର ପିଛା ୧ଟଙ୍କା ୯ ପଇସାରୁ ୧ ଟଙ୍କା ୧୧ ପଇସା ଓ ଏସି ଡିଲକ୍ସ ବସ୍ ପାଇଁ ୧ ଟଙ୍କା ୩୧ ପଇସାରୁ ୧ ଟଙ୍କା ୩୯ ପଇସା ଦେବାକୁ ହେବ। ସେହିପରି ସୁପର ପ୍ରିମିୟମ ବସ୍ ଲାଗି କିଲୋମିଟର ପିଛା ୨ ଟଙ୍କା ୧୭ ପଇସା କିମ୍ବା ସର୍ବନିମ୍ନ ୧୩ ଟଙ୍କା ଦେବାକୁ ହେବ।

ଏଠାରେ ସୂଚନାଯୋଗ୍ୟ ଯେ ଡିଜେଲ ଦର ଲଗାତର ବୃଦ୍ଧି ଯୋଗୁ ୨୦୨୦ ଜାନୁୟାରୀ ୨୦ରେ ବସ୍ ଭଡ଼ା କିଲୋମିଟର ପିଛା ୧ ଓ ୨ ପଇସା ବୃଦ୍ଧି ପାଇଥିଲା। କରୋନା ମହାମାରୀ ଯୋଗୁ ଆର୍ଥିକ ଅବସ୍ଥା ଭଲ ନ ଥିବା ବେଳେ ବାରମ୍ବାର ବସ୍ ଭଡ଼ା ବୃଦ୍ଧି ଯାତ୍ରୀମାନଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ହୋଇଛି।

# ଲୁହାପଥରର ଅହେତୁକ ମୂଲ୍ୟବୃଦ୍ଧି

ଯାଜପୁର ଅଫିସ,୮।୨



- ରାଜ୍ୟ ବାହାରର ଶିଳ୍ପସଂସ୍ଥାକୁ ଅନୁକମ୍ପା
- ସଙ୍କଟରେ ଶିଳ୍ପ କାରଖାନା
- ମୂଲ୍ୟହ୍ରାସ କରିବାକୁ ସରକାରଙ୍କୁ ନିବେଦନ

ରାଜ୍ୟ ବାହାରର ଶିଳ୍ପ ସଂସ୍ଥାଗୁଡ଼ିକୁ ଦୈତାରିରୁ ଖଣିଜ ସମ୍ପଦ କିଣିବାକୁ ଦ୍ୱାର ଖୋଲିଯିବା ପରେ ଏଠାରେ ଲୁହାପଥର ଦର ଆକାଶଛୁଆଁ ହୋଇଛି। ରାଜ୍ୟ ବାହାରର ଶିଳ୍ପସଂସ୍ଥାଗୁଡ଼ିକୁ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବାରୁ ଏହାର ଗଭୀର ପ୍ରଭାବ କଳିଙ୍ଗନଗର ଶିଳ୍ପାଞ୍ଚଳରେ ପଡ଼ିଛି। ୨।୧୨।୨୦୨୦ରେ ହୋଇଥିବା ଇ-ଅକ୍ସନରେ ଲୁହାପଥରର ମୂଳଦର ଟନ୍ ପିଛା ୪,୫୦୦ ଟଙ୍କା ରହିଥିଲା। କିନ୍ତୁ ୧।୨।୨୦୨୧ ହୋଇଥିବା ଇ-ଅକ୍ସନରେ ମୂଳଦର ଟନ୍ ପିଛା ୬୦୦୦ ଟଙ୍କା ରଖାଯାଇଥିବାବେଳେ ବାହାର ରାଜ୍ୟ ଶିଳ୍ପସଂସ୍ଥାଗୁଡ଼ିକ ନିଲାମରେ ଭାଗନେଇ ଦରକୁ ଟନ୍ ପିଛା ୭,୦୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଅନ୍ୟପକ୍ଷେ ଉତ୍ପାଦିତ ପିଗ୍ ଓ ସ୍ପଞ୍ଜ ଆଇରନ ଦର ଦିନକୁ ଦିନ ହ୍ରାସ ପାଉଥିବାବେଳେ କମ୍ପାନୀଗୁଡ଼ିକ ବହୁ କ୍ଷତିରେ ଚାଲିଛନ୍ତି। ଇତିମଧ୍ୟରେ କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରାୟ ୫୦ ପ୍ରତିଶତ କାରଖାନା ବନ୍ଦ ପଡ଼ିଛି। ଏଭଳି ଭାବେ ରାଜ୍ୟ ବାହାରର ଶିଳ୍ପସଂସ୍ଥାଙ୍କ ପ୍ରରୋଚନାରେ ପଡ଼ି ଲୁହାପଥର ଦରର ଅହେତୁକ ମୂଲ୍ୟବୃଦ୍ଧି କରାଗଲେ ଅଗାମୀ ଦିନରେ ଅନ୍ୟ କାରଖାନାଗୁଡ଼ିକ ବନ୍ଦ ହେବା ସହ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇବେ। ଏହାସହ ବ୍ୟାଙ୍କ ଏବଂ ଶ୍ରମିକ ଓ କର୍ମଚାରୀମାନେ ହତାଶ ହୋଇ ଆର୍ଥିକ ଅନଟନର ଶିକାର ହେବେ ବୋଲି କଳିଙ୍ଗନଗର ଇଣ୍ଡଷ୍ଟ୍ରିଜ ଆସୋସିଏଶନ (କେଆଇଏ)ର ସଭାପତି ପି.ଏଲ. କାଣ୍ଡୋଇ ମତବ୍ୟକ୍ତ କରିଛନ୍ତି। ଏହିମର୍ମରେ ଓଡ଼ିଶା ମାଇନିଂ କର୍ପୋରେଶନ ଲିଃର ପରିଚାଳନା ନିର୍ଦ୍ଦେଶକଙ୍କୁ ଆସୋସିଏଶନ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସହ ଗତ ଇ-ଅକ୍ସନକୁ ବାତିଲ କରି ନୂତନ ଇ-ଅକ୍ସନ ଜରିଆରେ ଲୁହାପଥର ଦର ହ୍ରାସ କରିବାକୁ ନିବେଦନ କରାଯାଇଛି।

କଳିଙ୍ଗନଗରରେ ଗତ ୫ ବର୍ଷ ମଧ୍ୟରେ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଛଟେଇ ହୋଇ ସାରିଛନ୍ତି। ନିୟମିତ କର୍ମଚାରୀ ଛଟେଇ ସଂଖ୍ୟା ମଧ୍ୟ ପ୍ରାୟ ୩ ହଜାରକୁ ଛୁଇଁଲାଣି। କର୍ମଚାରୀ ଛଟେଇ ଅର୍ଥନୈତିକ ଅସ୍ଥିରତା ସାଙ୍ଗକୁ ସାମାଜିକ ଅସ୍ଥିରତାର ପ୍ରମୁଖ କାରଣ। ଦେଶର ଆର୍ଥିକ ମାନ୍ଦାବସ୍ଥା ଓ କରୋନା ସଙ୍କଟରେ ଶିଳ୍ପ ସଂସ୍ଥା ବ୍ୟାପକ ଭାବେ ପ୍ରଭାବିତ ହେଉଥିବାବେଳେ ଲୁହାପଥର ଦର ବୃଦ୍ଧି ଆଉ ଏକ ସମସ୍ୟା ସୃଷ୍ଟି କରିଛି। ଲାଭରେ ହ୍ରାସ ଘଟୁଥିବାରୁ କମ୍ପାନୀଗୁଡ଼ିକର ଚିନ୍ତା ବଢ଼ି ଚାଲିଥିବାବେଳେ ଏହାର ସୁଦୂର ପ୍ରଭାବ ଷ୍ଟିଲ ସିଟି କଳିଙ୍ଗନଗରରେ ଅନୁଭୂତ ହୋଇସାରିଛି। ବର୍ତ୍ତମାନ କଳିଙ୍ଗନଗରରେ ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ, ଭିସା ଷ୍ଟିଲ ପ୍ରମୁଖ କ୍ଷେତ୍ର ସେମାନଙ୍କ କ୍ଷତିକୁ ବଞ୍ଚାଇବା ପାଇଁ ଚେଷ୍ଟା ଆରମ୍ଭ କରିସାରିଲେଣି। ନୀଳାଚଳ ଇସ୍ପାତ ନିଗମ ଲିଃ, କେଜେ ଇସ୍ପାତ ଓ ମେସ୍କୋ ଷ୍ଟିଲ କାରଖାନା ବନ୍ଦ ହୋଇସାରିଲାଣି। ଇସ୍ପାତ ଶିଳ୍ପ ପ୍ରତି ସରକାରଙ୍କ ପ୍ରୀତି ହେଉ କି ସମୃଦ୍ଧ ଓଡ଼ିଶା ପାଇଁ ବଳିଷ୍ଠ ଶିଳ୍ପନୀତି ଯୋଗୁ ରାଜ୍ୟରେ ଗତ କିଛିବର୍ଷ ହେଲା ଅନେକ ଘରୋଇ ନିବେଶକ ଇସ୍ପାତ ଶିଳ୍ପ ଏବଂ ସ୍ପଞ୍ଜ ଆଇରନ କାରଖାନା ପ୍ରତିଷ୍ଠା କରିଛନ୍ତି। ତେଣୁ ଶିଳ୍ପ କମ୍ପାନୀ ହିତ ପାଇଁ ଲୁହାପଥର ଦର ହ୍ରାସ କରା ନ ଗଲେ ଆଗାମୀ ଦିନରେ କାରଖାନାଗୁଡ଼ିକ ବନ୍ଦ ହୋଇଯିବା ଆଶଙ୍କା ରହିଛି।

# ଅଟକିବନି ବିକାଶ କାର୍ଯ୍ୟ



ଶ୍ରୀଜୀଉଙ୍କ ଦର୍ଶନ ସାରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫେରୁଛନ୍ତି।

**ଶ୍ରୀଜୀଉଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ**

**ପୁରୀ ଅଫିସ,୮।୨:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପୁରୀ ଗସ୍ତ କରି ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। କରୋନା ମହାମାରୀ ସମୟରେ ପ୍ରଥମ ଥର ପାଇଁ ମହାପ୍ରଭୁଙ୍କ ଦର୍ଶନ କରି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି। ଦର୍ଶନ ସାରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଐତିହ୍ୟ ପାଇଁ ଜାରି ହୋଇଥିବା ପ୍ରସ୍ତାବିତ ଉପନିୟମ ଚିଠା ସମ୍ପର୍କରେ ମନ୍ତବ୍ୟ ରଖି କହିଛନ୍ତି ଯେ, ଶ୍ରୀମନ୍ଦିର ଉନ୍ନୟନମୂଳକ କାର୍ଯ୍ୟକୁ କେହି ରୋକିପାରିବେ ନାହିଁ। ଏହା ଜାରି ରହିବ। ତେବେ ପ୍ରସ୍ତାବିତ ଉପନିୟମ ଚିଠାକୁ ତୁରନ୍ତ ପ୍ରତ୍ୟାହାର କରାଯିବାର ଆବଶ୍ୟକତା ରହିଛି। ପୁରୀ ଶ୍ରୀମନ୍ଦିର ଉନ୍ନୟନମୂଳକ କାର୍ଯ୍ୟରେ ସହାୟକ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ ସହ ହେଲିକପ୍ଟର ଯୋଗେ ତାଳବଣିଆଠାରେ ପହଞ୍ଚିଥିଲେ। ସେଠାରେ ଜିଲାପାଳ ସମର୍ଥ ବର୍ମା ଓ ଏସପି କନ୍‌ୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ନ ୧୧ଟା ବେଳେ ଶ୍ରୀମନ୍ଦିରରେ ପହଞ୍ଚି ଶ୍ରୀଜିଉଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ଭିତରୁ ଦର୍ଶନ ସାରି ଫେରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀମନ୍ଦିର ସମ୍ମୁଖରେ ଉପସ୍ଥିତ ଲୋକେ ସ୍ୱାଗତ କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ବିନୟ କୁମାର ଦାଶ ଓ ଉପ ଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିରରେ ପହଞ୍ଚିବା ପୂର୍ବରୁ ସାଧାରଣ ଦର୍ଶନକୁ ବନ୍ଦ କରି ଦିଆଯାଇଥିଲା। ଫଳରେ ସାଧାରଣ ଲୋକେ ଅନେକ ସମୟ ଧରି ଧାଡ଼ିରେ ଠିଆ ହୋଇ ରହିଥିଲେ। ମୁଖ୍ୟମନ୍ତ୍ରୀ ଦର୍ଶନ ସାରି ପ୍ରତ୍ୟାବର୍ତ୍ତନ କରିବା ପରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ି ଯାଇଥିବା ହେତୁ ଦର୍ଶନ ପାଇଁ ଠେଲାପେଲା ଦେଖିବାକୁ ମିଳିଥିଲା। କିଛି ସମୟ ପର୍ଯ୍ୟନ୍ତ ବ୍ୟାରିକେଡ୍ ଖୋଲି ଲୋକେ ମନଇଚ୍ଛା ଶ୍ରୀମନ୍ଦିର ସାମ୍ନା ମୁଖ୍ୟ ବ୍ୟାରିକେଡ୍ ପର୍ଯ୍ୟନ୍ତ ଯାଇଥିଲେ। ଘଟଣା ସ୍ଥଳରେ ପୋଲିସ ଶ୍ରଦ୍ଧାଳୁଙ୍କୁ କାବୁ କରିବାରେ ଅସମର୍ଥ ହେବା ପରେ କିଛି ସମୟ ଧରି ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା।

# ପ୍ରତିଷ୍ଠା ହେବ କୋଭିଡ୍ ଯୋଦ୍ଧା ସ୍ମୃତିସ୍ତମ୍ଭ

- ପୂର୍ତ୍ତ ବିଭାଗ ନିର୍ମାଣ କରିବ
- ଅଗଷ୍ଟ ୧୫ରେ ଉଦ୍‌ଘାଟନ ହେବ

**ଭୁବନେଶ୍ୱର, ୮।୨(ବ୍ୟୁରୋ):** ରାଜ୍ୟରେ ପ୍ରତିଷ୍ଠା ହେବ କୋଭିଡ୍ ଯୋଦ୍ଧା ସ୍ମୃତିସ୍ତମ୍ଭ। ଏଥିପାଇଁ ସ୍ଥାନ ଚିହ୍ନଟ ହୋଇଛି। କୋଭିଡ୍-୧୯ ଲଢ଼େଇରେ ବହୁ ଯୋଦ୍ଧା ସାମିଲ୍ ହେବା ସହ ଅନେକ ପ୍ରାଣ ହରାଇଛନ୍ତି। ଏହି କରୋନା ଯୋଦ୍ଧାଙ୍କୁ ମନେ ରଖିବା ପାଇଁ ସ୍ମୃତିସ୍ତମ୍ଭ ନିର୍ମାଣ ହେବ। ରାଜ୍ୟ ସରକାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ପାର୍କରେ ଏହି ସ୍ମୃତିସ୍ତମ୍ଭ ନିର୍ମାଣ କରିବା ପାଇଁ ସ୍ଥିର କରିଛନ୍ତି। ଖୁବ୍‌ଶୀଘ୍ର ସେଠାରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ନୋଡାଲ ଡିପାର୍ଟମେଣ୍ଟ ଭାବେ ଘୋଷଣା କରାଯାଇଛି। ବିଭାଗ ଏହାର ଡିଜାଇନ ଓ ଷ୍ଟ୍ରକ୍ଚର କିପରି ହେବ ସେଥିପାଇଁ ଆର୍କିଟେକ୍ଟରଠାରୁ ଫାଇନାଲ କରିବା ସହ ଅଧିକୃତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବେ। ପୂର୍ତ୍ତ ବିଭାଗକୁ ଦିଆଯାଇଥିବା ବଜେଟରୁ ଏହି ସ୍ମୃତିସ୍ତମ୍ଭ ନିର୍ମାଣ କରାଯିବ। କୋଭିଡ୍ ଯୋଦ୍ଧା ସ୍ମୃତିସ୍ତମ୍ଭ ଅଗଷ୍ଟ ୧୫ରେ ଉଦ୍‌ଘାଟନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପୂର୍ତ୍ତ ବିଭାଗ କମିଶନର ତଥା ଶାସନ ସଚିବଙ୍କୁ ଚିଠି ଲେଖି ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତମାସ ୧୩ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଥିଲା।




| ଭାରଆଣ୍ଟ | 100ES ଡ୍ରମ୍ | 110 H-ଗିୟର ES ଡିସ୍କ |
|---|---|---|
| ବର୍ତ୍ତମାନ ପ୍ରାଇସ୍# | ~~₹61 018/-~~ | ~~₹64 365/-~~ |
| ଅଫର୍ ପ୍ରାଇସ୍ | ₹58 018/- | ₹61 365/- |

*ସେର୍ତ୍ତ ଓ ନିୟମାବଳୀ ଲାଗୁ। ଅଫର୍ 28 ଫେବୃଆରୀ 2021 ପର୍ଯ୍ୟନ୍ତ ବୈଧ। ରିହାତି ପ୍ଲାଟିନାର ନିର୍ଦ୍ଦିଷ୍ଟ ଭାରିଆଣ୍ଟ ପ୍ଲାଟିନା 100ES ଏବଂ ପ୍ଲାଟିନା 110ES H-ଗିୟର ଡିସ୍କ ଉପରେ ପ୍ରଯୁଜ୍ୟ। ବଜାଜ ଅଟୋ ପାଖରେ ବିନା କୌଣସି ପ୍ରାକ୍ ସୂଚନାରେ ଅଫର୍ ପରିବର୍ତ୍ତନ ବା ପ୍ରତ୍ୟାହାର କରିବାର ଅଧିକାର ସଂରକ୍ଷିତ ଅଟେ। #ଏକ୍ସ-ଶୋରୁମ୍ ପ୍ରାଇସ୍ ଓଡ଼ିଶା।

Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9937697094 / 06766254999• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8917443937, Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Parajang 9178061624, 06768261573, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Mahidharpur 7978559852/9937183086, Banarpal 9178064220 Bidanasi 943787762222, Athgarh 9937289417, Bidharpur 7008503281, Banki 8895278126, Rambha 7381099445.

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ସୁପ୍ରିମକୋର୍ଟ ଯିବ...

ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ କୋରାପୁଟ ଜିଲା ପଟାଙ୍ଗୀ ବ୍ଲକ ଅଧୀନରେ ଥିବା କୋଟିଆ ପଞ୍ଚାୟତର ଲୋକମାନେ ଦଶନ୍ଧି ଦଶନ୍ଧି ଧରି ନିଜର ପରିଚୟ ହରାଇ ବସିଛନ୍ତି। ଏଭଳି ସମ୍ବେଦନଶୀଳ ମାମଲାର ତୁରନ୍ତ ସମାଧାନ କରିବାକୁ ଆନ୍ଧ୍ର ସରକାର ଏକ ପ୍ରତିନିଧି ଦଳ ପଠାନ୍ତୁ ବୋଲି ସମୀର କହିଛନ୍ତି। ତେବେ ଏହି ବିବାଦକୁ ଉଭୟ ରାଜ୍ୟ ଆଲୋଚନା ମାଧ୍ୟମରେ ସମାଧାନ କରିବେ ବୋଲି ଗୃହ କମିଟି ସଦସ୍ୟଙ୍କ ଏକ ଉଚ୍ଚସ୍ତରୀୟ ବୈଠକ ପରେ ଆନ୍ଧ୍ର ବିଧାନ ପରିଷଦ ଅଧ୍ୟକ୍ଷ ମହମ୍ମଦ ଅହମ୍ମଦ ଶରିଫ ସୂଚନା ଦେଇଛନ୍ତି। ଏହାଛଡା ସୀମାବର୍ତ୍ତୀ ଜିଲା ରାୟଗଡ଼ା, ମାଲକାନଗିରି, ଗଜପତି, କୋରାପୁଟ, ନବରଙ୍ଗପୁର ଏବଂ ଗଞ୍ଜାମ ଜିଲାରେ ଭାଷାଭିତ୍ତିକ ଶିକ୍ଷାଦାନ ଉପରେ ଉଭୟ ରାଜ୍ୟର ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହି ସବୁ ଜିଲାରେ ପ୍ରାୟ ୮୦ ଲକ୍ଷ ତେଲୁଗୁ ଲୋକ ବସବାସ କରୁଛନ୍ତି। ଏହି ସବୁ ଜିଲାଗୁଡିକରେ ଶିକ୍ଷକ ତାଲିମ ଅନୁଷ୍ଠାନ ରହିଥିଲେ ହେଁ କିଛି ବୈଷୟିକ ସମସ୍ୟା ଯୋଗୁ ଭାଷାଭିତ୍ତିକ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇପାରୁ ନାହିଁ। ସେହିପରି ବହୁ ଓଡ଼ିଆ ଲୋକ ବିଜୟନଗରମ୍, ଶ୍ରୀକାକୁଲମ ଏବଂ ବିଶାଖାପାଟଣାରେ ରହିଛନ୍ତି। ପ୍ରାୟ ୪ ହଜାର ପିଲା ପଡୋଶୀ ଆନ୍ଧ୍ରପ୍ରଦେଶରେ ପାଠ ପଢୁଛନ୍ତି। ସେମାନେ ସେଠାରେ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆନ୍ଧ୍ରରେ ୧୨୦ ଓଡ଼ିଆ ସ୍କୁଲ ରହିଛି। ସେଠାରେ ୧୩୦ ଜଣ ଓଡ଼ିଆ ଶିକ୍ଷକ ପଦବୀ ଖାଲି ରହିଛି। ସେଗୁଡିକୁ ତୁରନ୍ତ ପୂରଣ କରନ୍ତୁ ବୋଲି ଗଣଶିକ୍ଷା ମନ୍ତ୍ରୀ କମିଟିର ଦୃଷ୍ଟି ଆକର୍ଷଣ କରିଛନ୍ତି। ଆନ୍ଧ୍ରରେ ଓଡ଼ିଆ ପିଲାମାନଙ୍କର ଯେପରି କୌଣସି ସମସ୍ୟା ନ ହେବ ସେ ନେଇ ଶରିଫ ସମୀରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ରାଜ୍ୟର ସମସ୍ତ ସମସ୍ୟା ସମାଧାନ ହେବ ବୋଲି ଶରିଫ ସୂଚନା ଦେଇଛନ୍ତି। ବୈଠକ ପରେ ଆନ୍ଧ୍ର କ୍ଷେତ୍ର ସ୍ତରରେ ଛାତ୍ରୀଛାତ୍ରମାନଙ୍କ ସମସ୍ୟାର ସମୀକ୍ଷା କରିବାକୁ ପ୍ରତିନିଧି ଦଳ ବିଭିନ୍ନ ଜିଲା ଗସ୍ତ କରିଛି। ତେଲୁଗୁ ପିଲାମାନେ ପାଠ୍ୟ ପୁସ୍ତକ ପାଉ ନ ଥିବା କମିଟି ସଦସ୍ୟମାନେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୯-୨୦ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ମୋଟ ୧୪୧୫୦ ଖଣ୍ଡ ତେଲୁଗୁ ପାଠ୍ୟପୁସ୍ତକ ଆବଶ୍ୟକ ଥିବା ବେଳେ ୧୩୧୦୫, ୨୦୨୦-୨୧ରେ ୧୧୮୪୧ ପାଠ୍ୟ ପୁସ୍ତକରୁ କୌଣସି ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଇ ନ ଥିବା କମିଟି ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟରେ ତେଲୁଗୁ ଛାତ୍ରୀଛାତ୍ରମାନଙ୍କର ଶିକ୍ଷାଗତ ଦକ୍ଷତା ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସ୍କୁଲ ଓ ଗଣଶିକ୍ଷା ସଚିବ ସତ୍ୟବ୍ରତ ସାହୁ କହିଥିଲେ। ୧୩୯ ଜଣ ତେଲୁଗୁ ଶିକ୍ଷା ସହାୟକ କାର୍ଯ୍ୟରତ ଥିବା ବେଳେ ୧୭୮ ଜଣ ତେଲୁଗୁ ଜାଣିଥିବା ଶିକ୍ଷକ ୪୧ଟି ସ୍କୁଲରେ ଶିକ୍ଷାଦାନ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ବିରୋଧ ପରେ...

ଭାବେ କହିଥିବାରୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରସ୍ତାବିତ ଚିଠା ଉପନିୟମକୁ ଉଚ୍ଛେଦ କରିବାକୁ ଘୋଷଣା କରିଥିବା ପିନାକୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅନୁରୂପଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ସଙ୍ଗୀତା ସିଂ ଦେଓ, ଅଶ୍ୱିନି ବୈଷ୍ଣବ ଓ ରଘୁନାଥ ମହାପାତ୍ର ପ୍ରମୁଖଙ୍କ ଏକ ପ୍ରତିନିଧି ଦଳ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଭେଟି ଉପନିୟମ ଚିଠା ପ୍ରତ୍ୟାହାର ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଲୋକଙ୍କ ଧର୍ମୀୟ ଭାବନାକୁ ଗୁରୁତ୍ୱ ଦେଇ ଏହି ଉପନିୟମକୁ ଉଚ୍ଛେଦ କରିବାକୁ ଦାବି କରିଥିଲେ। ଏହା ପରେ ସରକାରଙ୍କ ପକ୍ଷରୁ ଉପନିୟମ ପ୍ରତ୍ୟାହାର ସମ୍ପର୍କରେ ଘୋଷଣା କରାଯାଇଥିଲା। ଏନ୍‌ଏମ୍‌ଏଙ୍କ ଅଜାଣତରେ ଜାରି ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷିତ କରିବା ପାଇଁ ସବୁ ପ୍ରକାର ଉଦ୍ୟମ ହେଉଥିବା ମନ୍ତ୍ରୀ ପଟେଲ୍ କହିଥିଲେ।

ପ୍ରକାଶ ଯେ, ଶ୍ରୀଜଗନ୍ନାଥ ମନ୍ଦିର ଐତିହ୍ୟ ପାଇଁ ପ୍ରସ୍ତାବିତ ଉପନିୟମ ଚିଠା ରବିବାର ଜଣାପଡ଼ିବା ପରେ ବିବାଦ ଦେଖାଦେଇଥିଲା। ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଅପମାନ ବୋଲି ବିଜେଡି ଅଭିଯୋଗ କରିଥିଲା। ଭଗବାନ, ସେବକ ଓ ଭକ୍ତମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଉକ୍ତ ଚିଠା ବିଜ୍ଞପ୍ତିକୁ ପ୍ରତ୍ୟାହାର କରିନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ଅନୁରୋଧ କରାଯାଇଥିଲା। ଏପରି କି ବିଭିନ୍ନ ନିଯୋଗର ସେବାୟତମାନେ ଏହାକୁ ବିରୋଧ କରିବା ସହ ତୁରନ୍ତ ପ୍ରତ୍ୟାହାର ଦାବି କରିଥିଲେ। ଏପରି କି ଉପନିୟମ ଚିଠା ପ୍ରତ୍ୟାହାର ନ ହେଲେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଥିଲେ। ଉପିନୟମ ଚିଠା ପ୍ରତ୍ୟାହାର ହେବାପରେ ପୁରୀ ସ୍ଥାନୀୟ ବାସିନ୍ଦା ଓ ସେବାୟତ ପରିବାରମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ସବୁ ବର୍ଗର ଲୋକେ ସ୍ୱାଗତ କରାଯାଇଛି। ରାଜ୍ୟ ସରକାରଙ୍କ ଉଦ୍ୟମରେ ଚାଲୁ ରହିଥିବା ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ଓ କରିଡର କାର୍ଯ୍ୟ ଉକ୍ତ ଉପନିୟମ ଦ୍ୱାରା ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ଥିଲେ। ଏବେ ଏନେଇ ସମସ୍ତ ପ୍ରକାର ଆଶଙ୍କା ହଟିଛି ଓ କରିଡର କାର୍ଯ୍ୟ ପୂର୍ବବତ୍ ଚାଲୁ ରହିବ ବୋଲି ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି।

ଦ୍ୱାଦଶ ଶତାବ୍ଦୀର ଶ୍ରୀମନ୍ଦିର ଐତିହ୍ୟ ପାଇଁ ପ୍ରକାଶିତ ଉପନିୟମ ଚିଠା ଅନୁଯାୟୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୧୦୦ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଦର୍ଶାଯାଇଥିଲା। ଏହି ଅଞ୍ଚଳରେ ସରକାର କିମ୍ବା ଘରୋଇ ସଂସ୍ଥାଙ୍କୁ କୌଣସି ନୂଆ ନିର୍ମାଣ କରିବାକୁ ଅନୁମତି ମିଳିବ ନାହିଁ। ଏହା ବାଦ୍ ଆଉ ୨୦୦ ମିଟର ଅଞ୍ଚଳକୁ 'ନିୟନ୍ତ୍ରଣ ଅଞ୍ଚଳ' ଭାବେ ଦର୍ଶାଯାଇଥିଲା। ଉକ୍ତ ଅଞ୍ଚଳରେ ଏନ୍‌ଏମ୍‌ଏଙ୍କ ଅନୁମୋଦନକ୍ରମେ ନିର୍ମାଣ କରାଯାଇପାରିବ ବୋଲି ଉଲ୍ଲେଖ ଥିଲା। ଏହା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା।



କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ ବିଜେଡି (ଉପର) ଓ ଭାଜପା ଏମ୍‌ପିମାନେ ଭେଟୁଛନ୍ତି।

## ପ୍ରଧାନମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୮।୨(ବ୍ୟୁରୋ):** ଶ୍ରୀମନ୍ଦିର ପାଇଁ ଏନ୍‌ଏମ୍‌ଏର ବାଇ-ଲ'କୁ ସ୍ଥଗିତ ରଖିବା ନେଇ ଓଡ଼ିଶାର ଭାଜପା ଏମ୍‌ପିଙ୍କ ସହ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ ସୋମବାର ଆଲୋଚନା କରିଛନ୍ତି। ଏହାକୁ ପ୍ରତ୍ୟାହାର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଯୋଗେ ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ୨ ଦିନ ତଳେ ପ୍ରଥମେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ଫୋନରେ କଥା ହୋଇଥିଲେ। ଏନ୍‌ଏମ୍‌ଏର ପ୍ରସ୍ତାବିତ ଐତିହ୍ୟ ଉପନିୟମ ଉପରେ ଅଧିକ ଆଲୋଚନା ପାଇଁ ଅନୁରୋଧ କରିଥିଲେ। ଏହାସହ ସାଧାରଣ ଜନତାଙ୍କ ମତାମତ ପାଇଁ ଏହି ପ୍ରସ୍ତାବିତ ଉପନିୟମର ଡ୍ରାଫ୍ଟକୁ ଓଡ଼ିଆ ଭାଷାରେ ସର୍ବସାଧାରଣରେ ପ୍ରକାଶ କରିବା ନିମନ୍ତେ ମଧ୍ୟ ଭାଜପାର ଏକ ପ୍ରତିନିଧି ଦଳ ପଟେଲଙ୍କୁ ନୂଆଦିଲ୍ଲୀରେ ଭେଟି ଶ୍ରୀମନ୍ଦିର ପାଇଁ ଏନ୍‌ଏମ୍‌ଏର ପ୍ରସ୍ତାବିତ ଉପନିୟମକୁ ସ୍ଥଗିତ ରଖିବା ନେଇ ଅନୁରୋଧ କରିଥିଲେ।

## ମାଟ୍ରିକ୍ ପରୀକ୍ଷା...

୭ରେ ତୃତୀୟ ଭାଷା (ହିନ୍ଦୀ କିମ୍ବା ଅନ୍ୟ ଭାଷା), ୮ରେ ତୃତୀୟ ଭାଷା (ସଂସ୍କୃତ), ୯ରେ ଭିଜୁଆଲ ଆର୍ଟସ୍ ପ୍ରାକ୍ଟିକାଲ, ୧୦ରେ ଗଣିତ, ୧୨ରେ ବିଜ୍ଞାନ ଓ ୧୫ ତାରିଖରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ଆରମ୍ଭ ହେବାର ୧୫ ମିନିଟ୍ ପୂର୍ବରୁ ସକାଳ ୭ଟା ୪୫ରେ ଉଭୟ ଭାଗ-୧ (ଅବ୍‌ଜେକ୍ଟିଭ) ଓ ଭାଗ-୨ (ସବ୍‌ଜେକ୍ଟିଭ)ର ପ୍ରଶ୍ନପତ୍ର ବଣ୍ଟାଯିବ। ଭାଗ-୧ ପରୀକ୍ଷା ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ଓ ଭାଗ-୨ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କେବଳ ଗଣିତ ଭାଗ-୧ ପରୀକ୍ଷା ୮ଟାରୁ ୯ଟା ୧୫ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷାର୍ଥୀମାନେ ଭାଗ-୧ର ଉତ୍ତର ଓଏମ୍‌ଆର୍ ଆନସର ସିଟ୍‌ରେ ଓ ଭାଗ-୨ର ଉତ୍ତର ପ୍ରଶ୍ନପତ୍ରରେ ଥିବା ଖାଲି ସ୍ଥାନରେ ଲେଖିବେ। ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟ ପାଇଁ ରେଗୁଲାର ପରୀକ୍ଷାର୍ଥୀ ନୂଆ ପାଠ୍ୟକ୍ରମ ଏବଂ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ପୁରୁଣା ପାଠ୍ୟକ୍ରମ ଅନୁସାରେ ପରୀକ୍ଷା ଦେବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ ଛାତ୍ରୀଛାତ୍ରମାନେ ମୋଟ ୮୦ ମାର୍କର ପରୀକ୍ଷା ଦେବେ, ଯେଉଁଥିରେ ଓଏମ୍‌ଆର ସିଟ୍‌ରେ ୫୦ ମାର୍କର ଅବ୍‌ଜେକଟିଭ ପରୀକ୍ଷା ହେବ। ଏଥିସହ ୩୦ ମାର୍କର ସବ୍‌ଜେକଟିଭ ପ୍ରଶ୍ନ ରହିବ। କିନ୍ତୁ ମୂଲ୍ୟାୟନ ୧୦୦ ମାର୍କର ହେବ। ପରୀକ୍ଷାର୍ଥୀମାନେ ୮୦ ମାର୍କରୁ ରଖିଥିବା ମାର୍କ ଅନୁଯାୟୀ ବଳକା ୨୦ ମାର୍କ ଆଭରେଜ ହିସାବରେ ଦିଆଯିବ। ୪୫ରୁ ୫୦ ଦିନ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ ପାଇବ। ସେହିଭଳି ପରିଷଦ ପକ୍ଷରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ସଂସ୍କୃତ ପରୀକ୍ଷା ପାଇଁ ମଧ୍ୟ ସମାନ ସମୟ ସୂଚୀ ପ୍ରକାଶ ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ଭଲ ରହିବ ଏବଂ କୌଣସି କାମ ଅଟକିବ ନାହିଁ। କିନ୍ତୁ ସଭାସମିତିରେ ନଜେ ସୀମା ଭିତରେ ରହିବା ଭଲ, ନଚେତ୍ ସାଧାରଣ କଥାରେ ସମସ୍ୟା ଆସିବ। ମଧ୍ୟାହ୍ନ ପରେ ଦେଇଥିବା ଜିନିଷ ଫେରିପାଇବେ କିମ୍ବା ଆଶା କରିଥିବା ଅର୍ଥ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଅନୁଭବ କରିବେ।

**ବୃଷ** ଆଜି ବିଭିନ୍ନ କ୍ଷେତ୍ରରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇଥିବା ହେତୁ ମନୋବଳ ବୃଦ୍ଧି ପାଇବ। ମାଙ୍ଗଳିକ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ରହିଲେ ମଧ୍ୟ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। କଳା, ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। କର୍ମକ୍ଷେତ୍ର ଦିନକୁ ଦିନ ସମସ୍ୟା ବହୁଳ ହୋଇପାରେ, ସତର୍କ ରହିବା ଭଲ।

**ମିଥୁନ** ବିଭିନ୍ନ ପ୍ରକାରର ସଂଘର୍ଷମୟ ସ୍ଥିତି କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ମନକଥା ବନ୍ଧୁଙ୍କ ନିକଟରେ ପ୍ରକାଶ କରିବାକୁ ବାଧ ହେବେ। ନିଜର ସହକର୍ମୀଙ୍କ ପ୍ରତ୍ୟେକ କଥା ଓ କାର୍ଯ୍ୟକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**କର୍କଟ** ଆଜି ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେବାରୁ ସମସ୍ୟା ଉପୁଜିପାରେ। ପୂର୍ବରୁ ବିରୋଧୀ ଥିବା ବନ୍ଧୁ ପ୍ରତି ସତର୍କ ରହନ୍ତୁ, ନଚେତ୍ ଅସୁବିଧାରେ ପଡିବେ। ଗତକାଲି ଯାହା ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ ଓ ସଭାସମିତିରେ କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ** ସହଯୋଗ ଅଭାବରୁ କାର୍ଯ୍ୟ ମଉଳି ଯିବାକୁ ବସିପାରେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କିତ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ପରିସ୍ଥିତିରେ ପଡ଼ି ଜାଣିଶୁଣି ନୀରବ ରହିବାକୁ ବାଧ ହେବେ। କେତେକ ଆକସ୍ମିକ ସୁଯୋଗ ହାତଛଡ଼ା ହୋଇପାରେ। ବିଶେଷତଃ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଅତି ଜରୁରୀ ଅଟେ।

**କନ୍ୟା** ଆପଣ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ବିଭିନ୍ନ ପ୍ରକାରର ଟୀକାଟିପ୍ପଣୀ ଦେଇପାରନ୍ତି। ବନ୍ଧୁ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ।

**ତୁଳା** ଆଜି କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସହକର୍ମୀ ସାହାଯ୍ୟ କରିବେ। କଳା, ସାହିତ୍ୟ, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା** ଯାହାକୁ ନିଜର ଭାବୁଛନ୍ତି, ସେହିମାନେ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ସହିପାରିବେ ନାହିଁ। ଅଫିସ୍‌ରେ କେତେକ ବ୍ୟକ୍ତି ମଧ୍ୟ ନିଜର ଭଳି ଅଭିନୟ କରି ପଛରେ ବିଭିନ୍ନ ପ୍ରକାରର କଥା କହିବେ। ପରିବାରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ପ୍ରଶାସନ, ରାଜନୀତି, କଳା, ସାହିତ୍ୟରେ ସମସ୍ୟା ସମାଧାନ ଆଶା ରହିଛି।

**ଧନୁ** ଯେକୌଣସି ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବା ପାଇଁ ଚେଷ୍ଟା କରିବେ। ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାୟାହ୍ନେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର** ଆଜି ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାରର କଥା କହି କାମ ହାସଲ କରିବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଆପ୍ରାଣ ଚେଷ୍ଟା କରିବେ।

**କୁମ୍ଭ** କର୍ମକ୍ଷେତ୍ରରେ କାହାର ମନଗଢ଼ା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ପରିବାରର ଅକୁହାକଥାକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଅଧସ୍ତନ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଆଜି ଦିନଟିରେ ବାଣିଜ୍ୟ ଓ ବ୍ୟବସାୟିକ ସଫଳତା ମିଳିବ।

**ମୀନ** ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ର ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଚାଲୁରହିବ। କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାରେ ପଡ଼ିପାରନ୍ତି। ବନ୍ଧୁଙ୍କ ବେଖାତିର ମନୋଭାବ ଯୋଗୁଁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ମାଘ କୃଷ୍ଣ ତ୍ରୟୋଦଶୀ ମଙ୍ଗଳବାର, ଫେବୃୟାରୀ ୯ ତାରିଖ, ରାଶି ନକ୍ଷତ୍ର, ଦିବା ଘ.୦୨.୩୮ମି. ପର୍ଯ୍ୟନ୍ତ, ପୂର୍ବଷାଢ଼ା/ଧନୁ, ମକର ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୩୭ମି. ଗତେ ଘ.୧୦.୫୩ମି. ମଧ୍ୟେ, ଘ.୦୧.୦୮ମି. ଗତେ ଘ.୦୨.୩୮ମି. ମଧ୍ୟେ, ଘ.୦୩.୨୪ମି.ଗତେ ଘ.୦୫.୫୪ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨.୫୦ମି. ଗତେ ଘ.୦୪.୧୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**HIRE**

JCB Machine Excavators 22T, 20T, 12T, 10T, 8T & loader- 2dX, 3dX,JCB Compactor, JCB loadall, TATA/ Eicher Bus available for sale and hire. Contact: 9556240228, 9937292015. Email: kttbbsr@gmail.com. D-19804




**SALE**

ଭୁବନେଶ୍ୱର Balianta Canal roadରେ ଘରବାରି boundary and electricity ସହିତ ମିଳୁଛି। Sqft. 750/- ଯେଉଁମାନେ immediate ଘର କରିବେ Call କରନ୍ତୁ। 9437005434. D-70184

Gharabari plot Hanspal, Nakhara 6K.M. Trinath Bazar, 2K.M. Bhubaneswar. 7008613186. D-69372

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

Gharabari plot sale at near New Bhubaneswar Railway station, well developed and demarcated 1500sqft. 15,00,000/-. 8917596626, 7327881290. D-70170

Laxmi Sagar station ଠାରୁ 300mtr ଦୂରରେ residential plot sqft. 3550/- ରେ ବିକ୍ରିହେବ। 9937366406, 6370621085 D-70178

ଭୁବନେଶ୍ୱର Rasulgarh GGP Highschoolକୁ ଲାଗି yellowzone plot sqft. 3500/- କିଣନ୍ତୁ। 9348767829. D-70173

ଭୁବନେଶ୍ୱର Sum Hospital ରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30' ରାସ୍ତା ଥାଇ sqft. 1050/- plot ମିଳୁଛି। 9090963952. D-70154

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Pipili Highway Colonyରେ ପିଚୁରୋଡ୍‌କୁ ଲାଗି sqft.-799 Hanspal- 750 ଦିଆଯାଉଅଛି। 9437522338, 8328995545. D-19781

Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395. D-70166

ଭୁବନେଶ୍ୱର- ପୁରୀ Bypass roadsideରେ ଏବଂ ସୁନ୍ଦରପଦାରେ ଘରବାରି plot 30' ରାସ୍ତାଥାଇ ବିକ୍ରିହେବ। 9556794241. D-70183

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

**PURCHASE**

Want to purchase firmhouse land in Big patches around Bhubaneswar/ Cuttack/ Jajpur. Interested land owner may contact- 7656070001, 8249139982. D-70175

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




For construction only in your plot inside Bhubaneswar area, contact MRC- 9937064680. D-27287




Newly open full body massage ladies and gents. 9337349409. D-70423

Get refreshment Body Massage by Expert Therapist. Contact for: 6371537969. D-70516

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70520

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

New opening Saikrupa Panchakarma and SPA jointpain, fullbody massage, 8984068077. D-65910

Swarna SPA newly open positively health benefits with expert therapist. 9556978408. D-70519




SMS sending କାମକରି ଯୁବକ/ ଯୁବତୀ, ଗୃହିଣୀମାନେ ମାସିକ 12000-35000 + Laptop + Mobile + other facilities free (Part/ full time). 9667693638, 9667693639. D-70521

**AFFIDAVIT**

By virtue of an affidavit sworn before the Executive Magistrate, Sundargarh I, Chandini Dei, W/o. Ramesh Kumar Tanty, R/o.- Vill. Mohantiapada, PO/Dist. Sundargarh declared that consequent upon my marriage I have changed my surname from Dei to Tanty. Hence forth I shall be known as Chandini Tanty, W/o. Ramesh Kumar Tanty for all purposes. D-19889

By virtue of an affidavit before the Notary Public, Sambalpur, I Gourav Deep, S/o Bideshi Deep, At- Bandhalipada, PO / PS- Loisingha, Dist.- Balangir do hereby declare that I have changed my name from Gareeb Deep to Gourav Deep. Henceforth, I shall be known as Gourav Deep for all purposes. D-69835

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ଦନ୍ତା ନେଲା ଜୀବନ**

**ଢେଙ୍କାନାଳ ଅଫିସ/ରାସୋଳ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ଖଜୁରିଆକଟା ସେକ୍ସନ ଅଧୀନ ମାଢୁଆ ଗ୍ରାମର ରବି ରାଉତ (୫୦)ଙ୍କ ଜୀବନ ନେଇଛି ହିଂସ୍ର ଦନ୍ତା। ସୋମବାର ସନ୍ଧ୍ୟାରେ ଶୌଚ ହେବାକୁ ଯାଉଥିବାବେଳେ ଅନ୍ଧାରୁଆ ସ୍ଥାନରେ ଥିବା ଉକ୍ତ ହାତୀ ତାଙ୍କୁ ଶୁଣ୍ଢରେ ଟେକି ନେଇ ଦଳିଦେଇଥିଲା। ସୂଚନା ପାଇ ରେଞ୍ଜର ଲୋହିତ ରଥ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ରାସୋଳ ଥାନା ପକ୍ଷରୁ ସୂଚନା ମିଳିଛି।

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଅଭିଯାନ-୧୦ ଫେବୃଆରୀ ୨୦୨୧

DSPL-193



ଚଳିତ ବର୍ଷ ଫେବୃଆରୀ ୧୦ ତାରିଖରେ ରାଜ୍ୟର ୮ ଟି ଫାଇଲେରିଆ (ବାତଜ୍ୱର) ପ୍ରବଣ ଜିଲ୍ଲା(ବାଲେଶ୍ୱର,ଭଦ୍ରକ,କଟକ,ଢେଙ୍କାନାଳ, ଝାରସୁଗୁଡା,ଖୋର୍ଦ୍ଧା,ନୟାଗଡ ଏବଂ ନୂଆପଡା)ରେ ଫାଇଲେରିଆ ପ୍ରତିରୋଧକ ଡି.ଇ.ସି. ଓ ଆଲବେଣ୍ଡାଜଲ୍ ବଟିକା ସେବନର ବ୍ୟବସ୍ଥା କରାଯାଇଛି।

- ଆଶା କିମ୍ବା ତାଲିମପ୍ରାପ୍ତ ସେଚ୍ଛାସେବୀମାନେ ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ବୟସ ଅନୁପାତ ରେ ବଟିକା ଖୁଆଇବେ।
- କେବଳ ଗର୍ଭବତୀ ମହିଳା.୨ ବର୍ଷରୁ କମ୍ ବୟସର ଶିଶୁ ,ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ।
- ଯଦି କୌଣସି କାରଣବଶତଃ ଉକ୍ତ ଦିନ ଏହି ବଟିକା ଖାଇପାରିନଥିବେ, ତେବେ ପରବର୍ତ୍ତି ସମୟରେ (୧୯ ତାରିଖ ମଧ୍ୟରେ) ଖାଇପାରିବେ।
- କେବଳ ଆଶା କିମ୍ବା ତାଲିମପ୍ରାପ୍ତ ସେଚ୍ଛାସେବୀଙ୍କ ଉପସ୍ଥିତିରେ ଏହି ବଟିକା ଖାଇବେ।

କିଛି ଖାଦ୍ୟ ଖାଇଲା ପରେ ହିଁ ଏହି ବଟିକା ସେବନ କରିବା ଉଚିତ।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ

ଫାଇଲେରିଆ ପ୍ରତିରୋଧକ ବଟିକା ସେବନ କରି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରାନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

facebook.com/HFWOdisha http://www.health.odisha.gov.in/ @HFWOdisha

OIPR-10003/13/0054/2021

**ସଂକ୍ଷେପରେ**

## ଭିଜିଲାନ୍ସ ଜାଲରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ସହାୟକ

**ଜଗତ୍‌ସିଂହପୁର ଅଫିସ, ୮।୨:** ଜଗତ୍‌ସିଂହପୁର ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ଓ ପରିମଳ ଡିଭିଜନ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) କନିଷ୍ଠ ସହାୟକ ଅମରେନ୍ଦ୍ର ଆଚାର୍ଯ୍ୟ କଟକ ଭିଜିଲାନ୍ସ ବିଭାଗ ଜାଲରେ ପଡ଼ିଛନ୍ତି। ୨ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏନେଇ ମାମଲା (ନଂ. ୩/୨୧) ରୁଜୁ ହୋଇଛି। ଏଥିସହ ତାଙ୍କ ବିରିଡ଼ି ପୁରଣସ୍ଥିତ ବାସଭବନ ଓ କାର୍ଯ୍ୟାଳୟ କୋଠରିରେ ଦୁର୍ନୀତି ନିବାରଣ ବିଭାଗ ଅଧିକାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଡିଭିଜନର ବାଲିକୁଦାଠାରେ ଫିଟର ମେକାନିକ୍‌ଭାବେ କାର୍ଯ୍ୟ କରିଥିବା ବସନ୍ତ କୁମାର ବାରିକ ଅବସର ନେବା ପରେ ଫାଇନାଲ ପେନସନ୍ ପାଇଁ ଆଚାର୍ଯ୍ୟଙ୍କ ସହଯୋଗ ଲୋଡ଼ିଥିଲେ। କିନ୍ତୁ ଆଚାର୍ଯ୍ୟ ଏନେଇ ୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ବାରିକ ଏ ସମ୍ପର୍କରେ ଅଭିଯୋଗ କଲାପରେ ଭିଜିଲାନ୍ସ ପକ୍ଷରୁ ଜାଲ ବିଛା ଯାଇଥିଲା। ଯୋଜନା ମୁତାବକ, ବାରିକ ଲାଞ୍ଚ ଟଙ୍କା ଦେଲା ପରେ ଭିଜିଲାନ୍ସ ଅଧିକାରୀ ଆଚାର୍ଯ୍ୟଙ୍କୁ କାବୁ କରିଥିଲେ।

## ରାୟପୁରକୁ ହରାଇଲା କଟକ

**ଭୁବନେଶ୍ୱର, ୮।୨:** କଟକ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ କଟକ ଓ ଛତିଶଗଡ଼ର ରାୟପୁର ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। କଟକର ବିଡ଼ାନାସୀ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚରେ କଟକ ୨-୧ ଗୋଲରେ ରାୟପୁରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୀପା ନାଏକ ଓ ସୁସ୍ମିତା ଦଳାଇ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାୟପୁରର କିରନ ପିସ୍‌ଦା ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ହାତୀଦାନ୍ତ, ବାଘଛାଲ ଜବତ

### ୩ ଗିରଫ

**ଭୁବନେଶ୍ୱର,୮।୨(ବ୍ୟୁରୋ)/ କେନ୍ଦୁଝର (ସ୍ୱ.ପ୍ର.)**

**ର୍‍ୟାକେଟ ଧରିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍**
- ବାଘଛାଲରେ ଗୁଳି ଆକୃତିର ଚିହ୍ନ
- ଯାଞ୍ଚପାଇଁ ଡେରାଡୁନ୍ ପଠାଗଲା
- ଜଣେ ଅଭିଯୁକ୍ତ ପୂର୍ବରୁ ମଧ ଗିରଫ ହୋଇଥିଲେ

ରାଜ୍ୟରେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ଥମିବାର ନାଁ ଧରୁନି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସୋମବାର ଆଉଏକ ର୍‍ୟାକେଟକୁ ଠାବ କରିଛି। କେନ୍ଦୁଝର ଜିଲା ଆର୍‌ଟିଓ ଅଫିସ ନିକଟରେ ଡିଲ୍ ଚାଲିଥିବାବେଳେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ହାତୀଦାନ୍ତ ଓ ଏକ କଲରା ପତରିଆ ବାଘଛାଲ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କରଞ୍ଜିଆର ଶେଖ୍ ହସମତି ଅଲ୍ଲୀ, ମୟୂରଭଞ୍ଜର ଚନ୍ଦ୍ରକାନ୍ତ ଧଳ ଓ ମଳୟ କୁମାର ରାଉତ ରାୟ। ଅଭିଯୁକ୍ତଙ୍କ ବିରୋଧରେ ବନ୍ୟ ପ୍ରାଣୀ ସୁରକ୍ଷା ଆଇନ-୧୯୭୨ର ଧାରା ୫୧ରେ ମାମଲା (ନଂ.୬/୨୦୨୧) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ଉଦ୍ଧାର ବାଘଛାଲରେ ଗୁଳି ଆକାରର ଏକ କଣା ରହିଥିବାରୁ ବାଘଟିକୁ ଗୁଳି କରାଯାଇ ଶିକାର କରାଯାଇଥିବା ସନ୍ଦେହ କରାଯାଉଛି। ଜବତ ଦାନ୍ତ ଓ ଚମଡା ଯାଞ୍ଚ ପାଇଁ ଡେରାଡୁନ୍ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟକୁ ପଠାଯାଇଛି। ତେବେ ଶେଖ୍ ହସମତ ଅଲ୍ଲୀ ପୂର୍ବରୁ ମଧ ବନ୍ୟଜନ୍ତୁ ଚୋରା ଚାଲାଣ କରୁଥିବା ସମୟରେ ବନ ବିଭାଗ ଦ୍ୱାରା ଗିରଫ ହୋଇଥିବା ନେଇ ଏସ୍‌ଟିଏଫ୍ ସୂଚନା ଦେଇଛି। ପୋଲିସ କିମ୍ବା ବନ ବିଭାଗର ସନ୍ଦେହ ନ ହେବା ପାଇଁ ଅଭିଯୁକ୍ତମାନେ ଏକ ବସ୍ତାରେ ହାତୀ ଦାନ୍ତ ଓ ବାଘ ଛାଲ ଆଣିଥିଲେ। ଏହି ର୍‍ୟାକେଟରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି, ଏହାର ଚେର କେତେବାଟ ଲମ୍ବିଛି ଓ ଜବତ ବନ୍ୟପ୍ରାଣୀ ସାମଗ୍ରୀ କେଉଁଠାକୁ ଚାଲାଣ ହେଉଥିଲା ତାହା ଜାଣିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ବନ୍ୟପ୍ରାଣୀ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛନ୍ତି। ଗୁଳି, ଫାଶ ଓ ତୀରରେ ବାଘ, ହାତୀ, ହରିଣ, ବ୍ରଜକାପ୍ତା ଆଦି ଶିକାର ଚାଲୁଥିଲେ ମଧ ବନ ବିଭାଗ ସେପରି ଦୃଢ଼ ପଦକ୍ଷେପ ନେଉ ନ ଥିବାରୁ ରାଜ୍ୟରୁ ଚୋରା ଚାଲାଣବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଅନେକ ସମୟରେ ହାତୀ ଦାନ୍ତ, ବାଘ ଚମଡ଼ା, ହରିଣ ଚମଡ଼ା, ଶିଙ୍ଘ, ବଜ୍ରକାପ୍ତା ଆଦି ଧରୁଛି। ସମ୍ପୃକ୍ତ ବେପାରୀ, ଏଜେଣ୍ଟ ଓ ଚାଲାଣକାରୀଙ୍କୁ ଗିରଫ କରୁଛନ୍ତି। ହେଲେ ଜେଲ୍‌ରୁ ବାହାରିବା ପରେ ପୁଣି ଏହି ବେଆଇନ କାରବାରରେ ଲିପ୍ତ ରହୁଥିବାରୁ ଏହାକୁ ରୋକିହେଉନି।



ବାଘଛାଲ, ହାତୀଦାନ୍ତ ସହ ଗିରଫ ଅଭିଯୁକ୍ତ।

## ଚେତାଶୂନ୍ୟ ସ୍ତ୍ରୀଙ୍କୁ ମୃତ ଭାବି ଜାଳିଦେଇଥିଲେ

### ରିଙ୍କି ମହାକୁଡ଼ ହତ୍ୟାକାଣ୍ଡ ମାମଲା ପର୍ଦ୍ଦାଫାଶ

**ଢେଙ୍କାନାଳ ଅଫିସ, ୮।୨**

ସ୍ୱାମୀଙ୍କ ଚାପୁଡ଼ାରେ ରୋଷେଇ ଘରେ ଚେତାଶୂନ୍ୟ ହୋଇପଡ଼ିଥିଲେ ସ୍ତ୍ରୀ। ସଂଜ୍ଞାହୀନ ସ୍ତ୍ରୀଙ୍କୁ ମୃତ ଭାବି ଚାଳିଆରେ ଲଗାଇ ଦେଇଥିଲେ ନିଆଁ। ପୋଡ଼ିଯାଇ ସ୍ତ୍ରୀ ଚିତ୍କାର କରିବା ପରେ ସେ ଜୀବିତ ବୋଲି ଜାଣିପାରିଥିଲେ ଅଭିଯୁକ୍ତ ସ୍ୱାମୀ। ହେଲେ ସେତେବେଳକୁ ଡେରି ହୋଇଯାଇଥିଲା। ନିଆଁର ଆଁ ଗିଳି ସାରିଥିଲା ମହିଳାଙ୍କ ଶରୀରକୁ। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ପଞ୍ଚାୟତର ଚୁନରଗଡ଼ି ଗ୍ରାମର ବହୁଚର୍ଚ୍ଚିତ ରିଙ୍କି ମହାକୁଡ଼ (୨୬) ହତ୍ୟାକାଣ୍ଡ ମାମଲା ପଛରେ ରହିଛି ଏଭଳି ହୃଦୟଥରା କାହାଣୀ। ପୋଲିସ ଜେରାର ସମ୍ମୁଖୀନ ହୋଇ ନ ପାରି ଅଭିଯୁକ୍ତ ସ୍ୱାମୀ ନବକିଶୋର କବାଟ ଦୋଷ ସ୍ୱୀକାର କରିଛନ୍ତି। ସୋମବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୭ ମାର୍ଚ୍ଚରେ ଭୁବନ ଥାନା ବଡ଼କାଠିଆ ଗ୍ରାମର ରିଙ୍କିଙ୍କୁ କଙ୍କଡ଼ାହାଡ଼ ଥାନା ଚୁନରଗଡି ଗ୍ରାମର ନବକିଶୋର ବିବାହ କରିଥିଲେ। ସେମାନଙ୍କର ୨ ବର୍ଷର ଏକ ଶିଶୁକନ୍ୟା ଅଛି। କୌଣସି କାରଣରୁ ସ୍ତ୍ରୀସ୍ୱାମୀଙ୍କ ଦାମ୍ପତ୍ୟ ଜୀବନରେ ସୃଷ୍ଟି ହୋଇଥିଲା ଅଶାନ୍ତି। ଘରେ ଗଣ୍ଡଗୋଳ ସାଧାରଣ ଘଟଣା ପାଲଟିଥିଲା। ଗୁରୁବାର ବିଳମ୍ବିତ ରାତିରେ ମଧ ନବକିଶୋର ଏବଂ ରିଙ୍କିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉତ୍ତ୍ୟକ୍ତ ନବକିଶୋର ଶକ୍ତ ଚାପୁଡ଼ାରେ ସ୍ତ୍ରୀ ରୋଷେଇଘରେ ଚେତାଶୂନ୍ୟ ହୋଇପଡ଼ିଥିଲେ ରିଙ୍କି। ତାଙ୍କର ମୃତ୍ୟୁ ହୋଇଯାଇଛି ବୋଲି ଭାବିଥିଲେ ଅଭିଯୁକ୍ତ ସ୍ୱାମୀ। ପୋଲିସ ଗିରଫଦାରି ଏଡ଼ାଇବାକୁ ସେ ପାଞ୍ଚିଥିଲେ ଯୋଜନା ଏବଂ ଚାଳିଆ ରୋଷେଇ ଘରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଧାସ ବାଜି ରିଙ୍କିଙ୍କ ସଂଜ୍ଞା ଫେରିବା ବେଳକୁ ତାଙ୍କ ଶରୀରର ଅର୍ଦ୍ଧାଧିକ ଭାଗ ଜଳିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ଘଟଣା ପ୍ରଘଟ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଛୋଟିଆ ଚାଳିଆ ଘରେ ନିଆଁ ଲାଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ଅନେକ ପ୍ରଶ୍ନ ଛିଡ଼ା କରାଇଥିଲା। ସ୍ୱାମୀଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହେବାପରେ ମୃତ ମହିଳାଙ୍କ ପରିବାର ଲୋକେ ଥାନାରେ ହତ୍ୟା ମାମଲା ରୁଜୁ କରିଥିଲେ।



ଶ୍ରୀମନ୍ଦିର ପାଇଁ ପ୍ରସ୍ତାବିତ ବାଇ ଲ'କୁ କେନ୍ଦ୍ର ସରକାର ପ୍ରତ୍ୟାହୃତ କରିନେବା ପରେ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ସେବାୟତଙ୍କ ପକ୍ଷରୁ ଦୀପ ପ୍ରଜ୍ୱଳନ କରାଯାଉଛି।

## 'କ୍ଷୁଧା ଉପରେ ବ୍ୟବସାୟ ହେବାକୁ ଦେବୁନାହିଁ'

**ନୂଆଦିଲ୍ଲୀ, ୮।୨**

ଦେଶରେ କ୍ଷୁଧା ଉପରେ ବ୍ୟବସାୟ ହେବାକୁ ଦିଆଯିବ ନାହିଁ। ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରିବା ସହ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପାଇଁ ଆଇନ ଆଣିବାକୁ ଭାରତୀୟ କିଷାନ ୟୁନିୟନ ନେତା ରାକେଶ ଟିକାଏତ୍ ସୋମବାର ଦାବି କରିଛନ୍ତି। ଏମ୍‌ଏସ୍‌ପି ରହିଛି ଓ ରହିବ ବୋଲି ରାଜ୍ୟ ସଭାରେ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ଟିକାଏତ୍ କହିଥିଲେ, ଭୋକରେ ବ୍ୟବସାୟ ହୋଇପାରିବ ନାହିଁ। କ୍ଷୁଧା ବଢ଼ିଲେ ସେହି ଅନୁଯାୟୀ ଫସଲର ମୂଲ୍ୟ ନିର୍ଦ୍ଧାରଣ ହେବ। ଯେଉଁମାନେ କ୍ଷୁଧା ଉପରେ ବ୍ୟବସାୟ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦେଶରୁ ବାହାର କରାଯିବ ବୋଲି ଟିକାଏତ୍ ଖବରଦାତାମାନଙ୍କୁ କହିଥିଲେ। ବିମାନ ଟିକେଟ ଦର ଦିନକ ଭିତରେ ଯେଉଁଭଳି ୩ରୁ ୪ ଥର ବଦଳୁଛି ଫସଲ ଦର ଉପରେ ସେଭଳି ନିଷ୍ପତ୍ତି ନିଆଯାଇପାରିବ ନାହିଁ। ଏଥର କୃଷକ ସମ୍ପ୍ରଦାୟ ଆଗକୁ ଆସିଛି ଓ ସେମାନଙ୍କୁ ଦେଶବାସୀ ସମର୍ଥନ କରୁଛନ୍ତି। ଜାତି ଓ ଧର୍ମ ଆଧାରରେ ଆନ୍ଦୋଳନରେ ଫାଟ ସୃଷ୍ଟି ଲାଗି ଉଦ୍ୟମ ହେଉଛି। ପ୍ରଥମେ ଆନ୍ଦୋଳନକୁ ପଞ୍ଜାବ ପ୍ରସଙ୍ଗ ପରେ ଶିଖ୍ ଓ ଜାଠ୍ ପ୍ରସଙ୍ଗ କୁହାଯାଉଥିଲା। ଏବେ ଦେଶର ସମସ୍ତ ଚାଷୀ ଏକାଠି ହୋଇଛନ୍ତି। ଏଥିରେ ଛୋଟ କିମ୍ବା ବଡ଼ ଚାଷୀ ନାହାନ୍ତି। ଆନ୍ଦୋଳନ ସମସ୍ତ କୃଷକଙ୍କର ବୋଲି ଟିକାଏତ୍ କହିଥିଲେ।



ରାକେଶ ଟିକାଏତ୍

ଏମ୍‌ଏସ୍‌ପି ରହିବ ବୋଲି ସରକାର ସବୁବେଳେ କହିଆସୁଛନ୍ତି। ଯଦି ତାହା ରହିବ ତେବେ ଆଇନଗତ ଗ୍ୟାରେଣ୍ଟି ଦେବାରେ ସରକାର ପଛଘୁଞ୍ଚା ଦେଉଛନ୍ତି କାହିଁକି ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ସଦସ୍ୟ ଅଭିମନ୍ୟୁ କୋହର ପ୍ରଶ୍ନ କରିଥିଲେ। ଆଲୋଚନା ପାଇଁ କୃଷକ ସଂଗଠନଗୁଡ଼ିକ ପ୍ରସ୍ତୁତ ଅଛନ୍ତି। ତେବେ ଏହା ଔପଚାରିକ ମାଧ୍ୟମରେ ହେବା ଆବଶ୍ୟକ। ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ନ ଦେଇ ସରକାର ପ୍ରସଙ୍ଗରୁ ଦୃଷ୍ଟି ହଟାଇବାକୁ ଉଦ୍ୟମ କରୁଥିବା ବିକେୟୁ ଏକତା ଆଗ୍ରହଣ ପଞ୍ଜାବର ସାଧାରଣ ସମ୍ପାଦକ ସୁଖଦେବ ସିଂ କହିଛନ୍ତି।

## ୨ ପଞ୍ଚାୟତର ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

### ଓଡ଼ିଶାର ୩ ଗ୍ରାମକୁ ନେଇ ଆନ୍ଧ୍ର ପଞ୍ଚାୟତ ନିର୍ବାଚନ

**ପଟାଙ୍ଗୀ,୮।୨(ଡି.ଏନ.ଏ.)**

କୋରାପୁଟ ଜିଲା ପଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତର ୩ଟି ଗ୍ରାମକୁ ନେଇ ଆନ୍ଧ୍ର ସରକାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରୁଛନ୍ତି। ଏଥିପାଇଁ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ତେବେ ଦୁଇଟି ପଞ୍ଚାୟତରେ ସରପଞ୍ଚଠାରୁ ଆରମ୍ଭ କରି ୱାର୍ଡମେମ୍ବର ପର୍ଯ୍ୟନ୍ତ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୂଚନା ଅନୁଯାୟୀ ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତର ଗଞ୍ଜେଇ ପଦର ଗ୍ରାମର ନାଁ ପରିବର୍ତ୍ତନ କରି ଗଞ୍ଜେଇ ଭାଦ୍ରା ପଞ୍ଚାୟତ କରିଥିଲେ। ଏଠାରେ ସରପଞ୍ଚ ଭାବେ ଡମ୍ବୁ ଗେମେଲ, ବିଶୁ ଗେମେଲ ଓ ଦିବାକର ଗେମେଲ ନାମାଙ୍କନପତ୍ର ଦାଖଲ କରିଥିଲେ। ତେବେ ଡମ୍ବୁ ଗେମେଲ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ବେଳେ ବିଶୁ ଗେମେଲଙ୍କ ନାକଚ ହୋଇଛି। ଦିବାକର ଗେମେଲ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ଜଣାପଡିଛି। ସେହିପରି ଫଗୁଣସିନେରି ଗ୍ରାମକୁ ଆନ୍ଧ୍ର ପଟୁଗୁ ଚେନ୍ନୁରୁ ନାମରେ ନାମିତ କରି ସରପଞ୍ଚ ପାଇଁ ନିର୍ବାଚନ କରୁଛି। ଉକ୍ତ ପଞ୍ଚାୟତ ପାଇଁ ଜଣେ ମାତ୍ର ସରପଞ୍ଚ ପ୍ରାର୍ଥି ଭାବେ ବେତୁରୁ ହାରେକାଙ୍କ ସ୍ତ୍ରୀ କୁନେଟି କୁସୁଆମ୍ମା ନାମାଙ୍କନପତ୍ର ଦାଖଲ କରିଥିଲେ। ସେ ଜଣେ ମାତ୍ର ପ୍ରାର୍ଥୀ ହୋଇଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି।



ଗଞ୍ଜେଇପଦରର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ସରପଞ୍ଚ ପ୍ରାର୍ଥୀ ଦିବାକର ଗେମେଲ।

ଅନ୍ୟପକ୍ଷରେ ଫାଟୁସିନେରି ଗ୍ରାମକୁ ଆନ୍ଧ୍ର ପଟୁଚେନ୍ନୁରୁ ନାମରେ ନାମିତ କରି ପଞ୍ଚାୟତ ଭାବେ ଘୋଷଣା କରି ଏଠାରେ ମଧ ସରପଞ୍ଚ ପାଇଁ ନିର୍ବାଚନ କରୁଛି। ଉକ୍ତ ପଞ୍ଚାୟତରେ ୩ଜଣ ପ୍ରାର୍ଥୀ କାମି ହିମିରିକା, ଆନ୍ଧ୍ରର ଡି. ବେଲଗାବାଲସା ଗ୍ରାମର କୋଣ୍ଡାପାଲି ପାଇଡି ତାଲିଆମ୍ମା ଏବଂ ଓଡ଼ିଶାର ଫାଟୁସିନେରି ଗ୍ରାମର ସିଧାରାପୋ କାମି ନାମାଙ୍କନପତ୍ର ଦାଖଲ କରିଛନ୍ତି। କାମି ହିମିରିକା ପ୍ରାର୍ଥିପତ୍ର ନାକଚ ହୋଇଥିବା ବେଳେ ଅନ୍ୟ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ମୁକାବିଲା ହେବ ବୋଲି ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ନିର୍ବାଚନ ହେବାକୁ ଥିବା ଫାଟୁସିନେରି ତଥା ଫଟୁଚେନ୍ନୁରୁ ପଞ୍ଚାୟତ ଅଧୀନରେ ୮ଟି ୱାର୍ଡ ରହିଛି। ଏହାର ୩୨ଟି ଗ୍ରାମରେ ୧୦୧୭ ଭୋଟର ଅଛନ୍ତି। ଏହି ଭୋଟରମାନେ ୧୩ରେ ହେଉଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମତଦାନ କରିବେ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ ସୋମବାର ସନ୍ଧ୍ୟାରେ ଆନ୍ଧ୍ର ଉପ ଜିଲାପାଳ ବିଜୟ ଖେର,ସାଲୁର ତହସିଲଦାର କେ. ଶ୍ରୀବାସ ରାଓ କୋଟିଆ ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି।

## ସମ୍ପତ୍ତି ଲୁଚାଇବାକୁ ଚାପ

### ଲବି କରିଥିଲେ ମହାରାଣୀ ଏଲିଜାବେଥ୍

**ଲଣ୍ଡନ, ୮।୨**

**ଇଚ୍ଛାରେ ବଦଳିଥିଲା ଆଇନ**

ସମ୍ପତ୍ତି ଲୁଚାଇବାକୁ ସରକାରଙ୍କ ଉପରେ ଚାପ। ବ୍ରିଟେନ ମହାରାଣୀ ଏଲିଜାବେଥ୍(୨)ଙ୍କ ନାମରେ ଆସିଛି ଏହି ସଙ୍ଗିନ ଅଭିଯୋଗ। ସମ୍ପତ୍ତି ସାର୍ବଜନୀନ ନ କରିବାକୁ ବ୍ରିଟେନ ସରକାରଙ୍କ ଉପରେ ଚାପ ପକାଇବା, ଏପରି କି ଲବି କରି ଆଇନ ବଦଳାଇବା ପଛରେ ରାଣୀଙ୍କ ପ୍ରଚ୍ଛନ୍ନ ଭୂମିକା ରହିଥିଲା ବୋଲି 'ଦି ଗାର୍ଡିୟନ' ଖବରକାଗଜ ପକ୍ଷରୁ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି। ଖବର ତୀବ୍ର ବେଗରେ ଚର୍ଚ୍ଚାର ପରିସରକୁ ଆସିଥିବାବେଳେ ସର୍ବୋଚ୍ଚ ସମ୍ମାନ ପାଉଥିବା ରାଜ ପରିବାର ଛବିରେ ଦାଗ ଲାଗିଛି।

ସାମ୍ନାକୁ ଆସିଥିବା ଏହି ଘଟଣା ୧୯୭୦ ଦଶକର। ପ୍ରକାଶିତ ଖବର ଅନୁସାରେ, ସେତେବେଳେ ବ୍ରିଟେନ ସରକାର ବେଆଇନ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ଏବଂ ଦେଶର ଆର୍ଥିକ ସଂସ୍ଥା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ଉଦ୍ଦେଶ୍ୟରେ ଆଇନ ଆଣିଥିଲେ। କିନ୍ତୁ ଏଲିଜାବେଥ୍ ତାଙ୍କ ବ୍ୟକ୍ତିଗତ ଓକିଲ ମ୍ୟାଥ୍ୟୁ ଫରେରଙ୍କୁ ନିଯୁକ୍ତ କରି ଏଥିରେ ପରିବର୍ତ୍ତନ ପାଇଁ ସରକାରଙ୍କ ଉପରେ ଚାପ ପକାଇଥିଲେ। ମହାରାଣୀଙ୍କ ମୋଟ ସମ୍ପତ୍ତି ଓ କମ୍ପାନୀଗୁଡ଼ିକରେ ଥିବା ଅଂଶଧନର ସମ୍ପର୍କରେ ପ୍ରଘଟ ନ କରିବା ପାଇଁ ଫରେର ସେହି ଆଇନରେ ଏକ ଧାରା ରଖିବାକୁ ଜୋର ଦେଇଥିଲେ। ମହାରାଣୀଙ୍କ ହସ୍ତକ୍ଷେପ ପରେ ସେତେବେଳର ସରକାର 'ଦେଶ ମୁଖ୍ୟ' (ହେଡ୍ ଅଫ୍ ଦି ଷ୍ଟେଟ୍) ବା ଏଲିଜାବେଥ୍‌ଙ୍କ ସମ୍ପତ୍ତି ଗୋପନୀୟ ରଖିବା ପାଇଁ ତାଙ୍କ କମ୍ପାନୀଗଡ଼ିକୁ କ୍ଷମତା ମିଳିବା ନିମନ୍ତେ ଏକ ଧାରା ଉକ୍ତ ଆଇନରେ ଯୋଡ଼ିଥିଲେ। ଏହାଦ୍ୱାରା ଅତିକମ୍‌ରେ ୨୦୧୧ ପର୍ଯ୍ୟନ୍ତ ମହାରାଣୀଙ୍କ ଧନ, ନିବେଶ, ଲାଭ ଆଦି ଉପରେ ପରଦା ରଖିବାକୁ ରାସ୍ତା ବାହାରିଥିଲା। ଏଲିଜାବେଥ୍‌ଙ୍କ ସମ୍ପତ୍ତିର ମୂଲ୍ୟ ଶତାଧିକ ମିଲିୟନ ପାଉଣ୍ଡ ହୋଇଥିଲେ ମଧ ତାହା କେବେ ବି ସାମ୍ନାକୁ ଅଣାଯାଇ ନ ଥିବା 'ଦି ଗାର୍ଡିୟନ' ପ୍ରକାଶ କରିଛି। ବକିଂହାମ୍ ପ୍ୟାଲେସ୍‌ର ଜଣେ ମୁଖପାତ୍ରଙ୍କ କହିବା ଅନୁଯାୟୀ, ମହାରାଣୀଙ୍କ ସ୍ୱୀକୃତି ଏକ ସଂସଦୀୟ ପ୍ରକ୍ରିୟା। ସରକାରଙ୍କ ଅନୁରୋଧ କ୍ରମେ ମହାରାଣୀ କୌଣସି ପ୍ରସ୍ତାବକୁ ସ୍ୱୀକୃତି ଦେଇଥାନ୍ତି। କିନ୍ତୁ ଏହା ଦ୍ୱାରା କୌଣସି ଆଇନ ଉପରେ ଅବୈଧ ଭାବେ ରୋକ ଲଗାଯିବା ଭୁଲ୍ ବୋଲି ସମ୍ପୃକ୍ତ ମୁଖପାତ୍ରଙ୍କ ମତକୁ ଏହି ଖବରକାଗଜ ଉଲ୍ଲେଖ କରିଛି।



ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛି ଦିବ୍ୟଗୁଣ ଓ କିଛି ସ୍ୱକୀୟ ବିଶେଷତ୍ୱ ରହିଛି। ଯେତେ କ୍ଷୁଦ୍ର ପରିସର ଭିତରେ ଜଣେ ରହିଥାଉ ନା କାହିଁକି, ପୂର୍ଣ୍ଣତା ଓ ସାମର୍ଥ୍ୟ ହାସଲ ଲାଗି ତା'ପାଇଁ ମଧ୍ୟ ଏକ ଭଗବତ ସୁଯୋଗ ରହିଛି। ... କର୍ତ୍ତବ୍ୟ ହେଲା- ତାକୁ ଠାବ କରିବା, ବିକଶିତ କରିବା ଓ ପ୍ରୟୋଗ କରିବା। —ଶ୍ରୀମା

# ଗଣତନ୍ତ୍ରର ମାପକାଠି

ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ରାଜ୍ୟ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୮ ଫେବୃୟାରୀରେ ମତ ରଖିଛନ୍ତି ଯେ କୃଷକ ଆନ୍ଦୋଳନକୁ ନେଇ ଯେଉଁମାନେ ପ୍ରତିବାଦ କରୁଛନ୍ତି, ସେମାନେ 'ଆନ୍ଦୋଳନଜୀବୀ'। ଆନ୍ଦୋଳନଜୀବୀର ଅର୍ଥ ବୁଝାଇବାକୁ ଯାଇ ସେମାନଙ୍କୁ ବୃତ୍ତିଗତ ପ୍ରତିବାଦକାରୀ ବୋଲି ଆଖ୍ୟା ଦେଇଛନ୍ତି। ଏଥିସହିତ ସୋସିଆଲ ମିଡିଆରେ ଯେଉଁ ବିଦେଶୀ ସେଲିବ୍ରିଟିମାନେ ଚାଷୀ ଆନ୍ଦୋଳନକୁ ସମର୍ଥନ କରୁଛନ୍ତି, ସେମାନଙ୍କୁ ପ୍ରଧାନମନ୍ତ୍ରୀ ଏଫ୍‌ଡିଆଇ ବା ଫରେନ୍ ଡେଷ୍ଟ୍ରକ୍‌ଟିଭ୍ ଆଇଡିଓଲୋଜି ବୋଲି କହିଛନ୍ତି। ସମସ୍ତେ ଜାଣନ୍ତି ଏଫ୍‌ଡିଆଇ ଅର୍ଥ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ। ହେଲେ ପ୍ରଧାନମନ୍ତ୍ରୀ ପାଶ୍ଚାତ୍ୟ ତାରକାଙ୍କୁ ବିଦେଶୀ ବିଧ୍ୱଂସୀ ବିଚାରଧାରା ଆଖ୍ୟା ଦେଇ ସମାଲୋଚନା କରିଛନ୍ତି।

ଭାରତରେ ହେଉଥିବା ବିକ୍ଷୋଭକୁ ତେଜିବା ପାଇଁ ବିଦେଶୀ ହସ୍ତକ୍ଷେପ ହେଉଛି ବୋଲି ଯାହା କୁହାଯାଉଛି, ତାହାର ସତ୍ୟତା ରହିଛି। କିନ୍ତୁ ବୁଝିବା ଦରକାର ଯେ, କେଉଁଥିପାଇଁ ଏଭଳି ସ୍ଥିତି ଉପୁଜିଲା। ଏହି ସ୍ତମ୍ଭରେ ୮ ଫେବୃୟାରୀରେ 'ଶର୍ମାଙ୍କୁ ମାନିନିଅ' ଶୀର୍ଷକରେ ଲେଖିଥିଲୁ। ଯେଉଁ ଚାଷୀମାନେ ନିଜର ମଙ୍ଗଳ କେଉଁଥିରେ ହେବ ତାହା ବୁଝିବାରେ ଅକ୍ଷମ ସେଭଳି ନାଗରିକଙ୍କ ପାଇଁ ସକାରାତ୍ମକ ଆଇନ ସୃଷ୍ଟି କରିବା ବ୍ୟର୍ଥ ହୋଇପାରେ। ତେଣୁ ଆର୍‌ଏସ୍‌ଏସ୍‌ର ବରିଷ୍ଠ ନେତା ରଘୁନନ୍ଦନ ଶର୍ମାଙ୍କ କହିବା ଅନୁଯାୟୀ ଯେଉଁ ବ୍ୟକ୍ତି ଉଲଗ୍ନ ହେବାକୁ ଚାହୁଁଛି, ତାହାକୁ ଲୁଗା ପିନ୍ଧାଇବାର ପ୍ରୟୋଜନ ନାହିଁ। ଏଠାରେ ଆହୁରି ମଧ୍ୟ କହିହେବ ଯେ ସ୍ୱାଧୀନ ଭାରତ ଇତିହାସକୁ ଦେଖିଲେ ଆଜିର କୃଷକ ଆନ୍ଦୋଳନ ପାଉଥିବା ଅନ୍ତର୍ଜାତୀୟ ଓ ଆଭ୍ୟନ୍ତରୀଣ ସମର୍ଥନ ବୁଝିବା ସହଜ ହୁଏ। ଉଦାହରଣ ସ୍ୱରୂପ ଗତ ଶତାବ୍ଦୀର ୭୦ ଦଶନ୍ଧିରେ ଭାରତରେ ଆଭ୍ୟନ୍ତରୀଣ ଅସନ୍ତୋଷ ପ୍ରକାଶ ପାଇବାରୁ ବିଦେଶୀ ଶକ୍ତିଙ୍କ ପ୍ରବେଶ ଦ୍ୱାର ଖୋଲିଯାଇଥିଲା। ସେତେବେଳକାର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଫରେନ୍ ହ୍ୟାଣ୍ଡ୍ ବା ବିଦେଶୀ ହାତ ସମ୍ପର୍କରେ ବାରମ୍ବାର ଦୋହରାଇଥିଲେ। ଏହା ସ୍ୱୀକାର କରିବାକୁ ହେବ ଯେ, ଆଜିର ଅନେକ ଭାଜପା ନେତା ସେହି ସମୟର ଏମରଜେନ୍ସି ବା ଜରୁରିକାଳୀନ ପରିସ୍ଥିତିକୁ କଠୋର ସମାଲୋଚନା କରୁଛନ୍ତି। ଏବେ ବାଡ଼ ଆରପଟେ ଥିବା କେତେକ ସମାଲୋଚକଙ୍କ କହିବା ଅନୁଯାୟୀ ଆଜି ମଧ୍ୟ ଅଘୋଷିତ ଜରୁରିକାଳୀନ ପରିସ୍ଥିତିର ବାତାବରଣ ସୃଷ୍ଟି ହୋଇଗଲାଣି। ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ କଥାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇ ଦେଇହେବ ନାହିଁ। ଆଭ୍ୟନ୍ତରୀଣ ଅସନ୍ତୋଷ ପ୍ରକାଶ ପାଇବାରୁ ବିଦେଶୀ ଶକ୍ତିଙ୍କ ହସ୍ତକ୍ଷେପ ବୃଦ୍ଧି ପାଉଛି। ତେବେ ଗତ ଶତାବ୍ଦୀର ପରିସ୍ଥିତି ସହିତ ଆଜିକୁ ତୁଳନା କଲେ ଅନେକ ଭିନ୍ନ ଚିତ୍ର ସାମ୍ନାକୁ ଆସୁଛି। ଉଦାହରଣ ସ୍ୱରୂପ, ପୂର୍ବରୁ ଭାରତର ଭିତିରି ଅସନ୍ତୋଷ ପ୍ରକାଶ ପାଇଲେ ବିଦେଶୀ ସରକାର ବିଭିନ୍ନ ମାଧ୍ୟମରେ ମୁଣ୍ଡ ପୂରାଉଥିଲେ। ଏବେ ସୋସିଆଲ୍ ମିଡିଆର ପହୁଞ୍ଚ ଯୋଗୁ ବିପ୍ଳବର ରୂପ ବଦଳିବାକୁ ଆରମ୍ଭ କଲାଣି। ଏହାର ପ୍ରଥମ ଛବି ଆରବ ସ୍ପ୍ରିଙ୍ଗ୍ ସମୟରେ ଦେଖିବାକୁ ମିଳିଥିଲା। ପୁନର୍ବାର ସଦ୍ୟ ଏହାର ଦୃଷ୍ଟାନ୍ତ ବର୍ମା ବା ମ୍ୟାନ୍‌ମାର ସାମରିକ ଶାସକଙ୍କ ବିରୋଧରେ ସେଠାକାର ଜନସାଧାରଣଙ୍କ ସୋସିଆଲ୍ ମିଡିଆ ଯୁଦ୍ଧ ଉଲ୍ଲେଖନୀୟ। ଏହି ପ୍ରଚ୍ଛଦପଟରେ ଭାରତ ସରକାରଙ୍କ ଦ୍ୱାରା ଟୁଇଟରକୁ ନୋଟିସ୍ ଦିଆଯାଇ ୨୦୦ ଟୁଇଟ୍ ଏବଂ ଆକାଉଣ୍ଟ ବନ୍ଦ କରିବା ପାଇଁ କୁହାଯାଇଥିଲା। ତାହାକୁ ଟୁଇଟର ଅଣଦେଖା କରିଛି। ଯେଉଁ କେତୋଟି ଆକାଉଣ୍ଟକୁ ବନ୍ଦ କରିଥିଲା, ସେଗୁଡ଼ିକୁ ଅତି କମ୍ ସମୟରେ ଖୋଲି ଦିଆଗଲା। ଏବେ ଭାରତ ସରକାର ଟୁଇଟରକୁ ଆହୁରି ୧,୧୭୫ ଆକାଉଣ୍ଟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ପଠାଇଛନ୍ତି। ଭାରତ ସରକାରଙ୍କ ଏହିସବୁ ନିର୍ଦ୍ଦେଶକୁ ଟୁଇଟର ନ ଶୁଣିବା ଯୋଗୁ ସରକାରଙ୍କ ଏକ ପ୍ରକାର ସମ୍ମାନହାନି ଘଟୁଛି। ଏଥିସହିତ ଟୁଇଟର ପ୍ରତିଷ୍ଠାତା ଜ୍ୟାକ୍ ଡୋର୍ସେଙ୍କ ଦ୍ୱାରା ଅନେକ ଚାଷୀସମର୍ଥନକାରୀ ଟୁଇଟ୍‌କୁ ପସନ୍ଦ କରାଯାଇଥିବା ହେତୁ ଟୁଇଟରର ନିରପେକ୍ଷତାକୁ ଭାରତ ସରକାର ସନ୍ଦେହରେ ଦେଖୁଛନ୍ତି। ଏଠାରେ ଟୁଇଟର ସମ୍ପର୍କରେ ଉଲ୍ଲେଖ କରିବା ଉଚିତ ହେବ। ଟିକ୍‌ଟକ୍ କିମ୍ବା ଫେସ୍‌ବୁକ୍ ଭଳି ଅନେକ ସୋସିଆଲ ମିଡିଆ ରହିଛି, ଯେଉଁଥିରେ ବଡ଼ କମ୍ପାନୀଠାରୁ ଆରମ୍ଭକରି ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ସଦସ୍ୟ ରହି ଯୋଗଦାନ କରିପାରୁଛନ୍ତି। ଟୁଇଟରର ଏକ ମୌଳିକ ତଫାତ୍ ରହିଛି। ଏଥିରେ ନିର୍ଦ୍ଦିଷ୍ଟ ଅକ୍ଷର ମଧ୍ୟରେ ନିଜର ମତ ପ୍ରକାଶ କରିବାକୁ ପଡ଼ିଥାଏ। ଅବଶ୍ୟ ମତ ପ୍ରକାଶ କରିବା ପରିବର୍ତ୍ତେ କେବଳ ଅଭଦ୍ର ଭାଷାରେ ଗାଳିଗୁଲଜ କରିବାକୁ ପସନ୍ଦ କରିଥାନ୍ତି। ସେହିଭଳି ଲୋକଙ୍କୁ 'ଟ୍ରୋଲ୍'ର ଆଖ୍ୟା ଦିଆଯାଇଥାଏ। କୃଷକଙ୍କ ଆନ୍ଦୋଳନ ସପକ୍ଷରେ ରିହାନା, ଗ୍ରେଟା ଥନ୍‌ବର୍ଗ, ସୁଜାନ ସାରଣ୍ଡନ ଏବଂ ଆହୁରି ଅନେକ ନାମୀଦାମୀ ବ୍ୟକ୍ତିତ୍ୱ ଚାଷୀଙ୍କ ସମର୍ଥନରେ ଟୁଇଟ୍ କଲେ। ପରେ ସେମାନଙ୍କୁ ଭାରତରୁ ବହୁସଂଖ୍ୟକ ଟୁଇଟର ସଦସ୍ୟମାନେ କେବଳ ଅଭଦ୍ର ଭାଷା ବ୍ୟବହାର କରିଥିବା ହେତୁ ମୂଳ ଅସୁବିଧାଜନକ ଟୁଇଟ୍ ଅତ୍ୟନ୍ତ ବଡ଼ ଆକାରରେ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରିପାରିଲା। ନୀରବ ରହିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ମଧ୍ୟ ଏକ ଟୁଇଟ ଯୋଗେ ଏହି ଅନ୍ତର୍ଜାତୀୟ ତାରକାମାନଙ୍କୁ ଖଣ୍ଡନ କରାଗଲା।

ଏଭଳି ସ୍ଥିତିରେ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଭାଷଣରେ ଚାଷୀ ଆନ୍ଦୋଳନକାରୀଙ୍କୁ 'ଆନ୍ଦୋଳନଜୀବୀ'ର ଆଖ୍ୟା ଦେବାରୁ ଭାରତ ବିରୋଧୀ ଶକ୍ତିମାନଙ୍କ କାର୍ଯ୍ୟ ସହଜ ହୋଇଯାଉଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାସନର ପତନ ପରେ ବିଶ୍ୱବ୍ୟାପୀ ନୂଆ ସ୍ରୋତ ଆରମ୍ଭ ହୋଇଛି। ଜୋ ବାଇଡେନ୍‌ଙ୍କ ଆସନ୍ତା ୪ ବର୍ଷ ଶାସନ ପୃଥିବୀବ୍ୟାପୀ ଗଣତାନ୍ତ୍ରିକ ମୂଲ୍ୟବୋଧ ଶକ୍ତିଶାଳୀ କରିବାକୁ ବାଧ୍ୟ ହେବ। ଏହା ଦୟା ନୁହେଁ, ଆମେରିକା ଆଭ୍ୟନ୍ତରୀଣ ରାଜନୀତିର ପ୍ରତିଫଳନ। ଏହି ଚକ୍ରବ୍ୟୂହରେ କେବଳ ନିର୍ବାଚନ ଜିଣିଲେ ଗଣତନ୍ତ୍ର ପ୍ରତିଷ୍ଠା ହେଲା ବୋଲି ଧରିନିଆଯିବ ନାହିଁ। ସେଥିପାଇଁ ଜନସାଧାରଣଙ୍କ ସ୍ୱରକୁ ଶୁଣିବା ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ଗଣତନ୍ତ୍ରର ମାପକାଠି ଭାବେ ଗଢ଼ିଉଠୁଛି। ଭାରତକୁ ଏଥିପ୍ରତି ସଜାଗ ହେବାକୁ ପଡ଼ିବ।

# ଅପ୍ରତ୍ୟାଶିତ ପ୍ରାକୃତିକ ବିପ୍ଳାତ

ଡ. ନରେନ୍ଦ୍ର ସେଠୀ

ଉତ୍ତରାଖଣ୍ଡର ଚାମୋଲି ଜିଲାରେ ଗ୍ଲେସିୟର ତରଳିବା ପରେ ହଠାତ୍ ଆସିଥିବା ପାଣିରେ ଅନେକ ଲୋକ ଭାସିଗଲେ। ଘଟଣା ଏତେ ଭୟଙ୍କର ଥିଲା ଯେ ୫୦୦ ମେଗାୱାଟର ନିର୍ମାଣାଧୀନ ତପୋବନ ଡ୍ୟାମ୍ ଦିଆସିଲି ଖୋଳ ପରି ଜଳର ପ୍ରଖର ସୁଅରେ ଭାସିଗଲା । ଅନେକ ଶ୍ରମିକ ଭୂମିଗତ ଟନେଲ ଭିତରେ ଫସିଯାଇ ପ୍ରାଣ ହରାଇଲେ। ଶହ ଶହ ଲୋକ ଏବେ ବି ନିଖୋଜ ରହିଛନ୍ତି। ଏପରି ଅପ୍ରତ୍ୟାଶିତ ଭାବରେ ଆସୁଥିବା ଭୟାବହ ହିମସ୍ଖଳନ କିଛିବର୍ଷ ପୂର୍ବେ କେଦାରନାଥରେ ମଧ୍ୟ ଆସିଥିଲା। ଏଭଳି ବିପ୍ଳାତରେ ଅସୁମାରୀ ଧନ ସମ୍ପଦ ନଷ୍ଟ ହେବା ସଙ୍ଗେ ସଙ୍ଗେ ଅମୂଲ୍ୟ ପ୍ରାଣହାନି ଘଟୁଛି। ତେବେ ଏସବୁ କ'ଣ ପାଇଁ ଓ କାହିଁକି ହେଉଛି ତା'ର ଅଧ୍ୟୟନ କରିବାର ସମୟ ଆସି ପହଞ୍ଚିଛି। ଏହାର ଏକମାତ୍ର କାରଣ ହେଲା ଗ୍ଲୋବାଲ ୱାର୍ମିଙ୍ଗ ବା ବିଶ୍ୱତାପନ। ସୂଚନାଯୋଗ୍ୟ ଯେ, ଗ୍ଲେସିୟର ଅଧିକ ବେଗରେ ତରଳି ଯାଉଛି ବୋଲି ୩୭ ବର୍ଷ ପୂର୍ବେ ଏହା ଉପରେ ଗବେଷଣା କରୁଥିବା ଉତ୍ତରାଖଣ୍ଡ ଅନ୍ତରୀକ୍ଷ ଉପଯୋଗ କେନ୍ଦ୍ରର ବୈଜ୍ଞାନିକ ତଥା ନିର୍ଦ୍ଦେଶକ ଡ. ଏମ୍‌ପିଏସ୍ ବିଷ୍ଟ ଆଶଙ୍କା ପ୍ରକାଶ କରିଥିଲେ। ସେ ଗବେଷଣା କରି ପାଇଥିଲେ ଯେ ଆଠରୁ ଅଧିକ ଗ୍ଲେସିୟର ସାମାନ୍ୟରୁ ଅଧିକ ବେଗରେ ତରଳିବାରେ ଲାଗିଛି। ଏହା ଫଳରେ ଏହିପରି ଭୟାବହ ହିମସ୍ଖଳନ ଆସିବ ବୋଲି ଭବିଷ୍ୟବାଣୀ କରିଥିଲେ ଓ ଗ୍ଲେସିୟରର ବିରାଟକାୟ ଜଳ ରାଶିର ଭାର ଋଷି ଗଙ୍ଗାନଦୀ ଉପରେ ପଡ଼ିବ ; ଯାହା ସତ୍ୟ ସାବ୍ୟସ୍ତ ହେଲା । ପରେ ଗ୍ଲେସିୟର ବିଗତ ୩୭ ବର୍ଷ ଭିତରେ ୨୬ ବର୍ଗ କିମି ତରଳି ଯାଇଛି ବୋଲି ଉପଗ୍ରହ ଚିତ୍ର ଅଧ୍ୟୟନରୁ ଜଣା ପଡ଼ିଲା। ଅର୍ଥାତ୍ ସମଗ୍ର ଗ୍ଲେସିୟରର ଏପର୍ଯ୍ୟନ୍ତ ୧୦ ପ୍ରତିଶତରୁ ଅଧିକ ତରଳି ଯାଇଛି। ପ୍ରକୃତି ଓ ପରିବେଶ ସହ ଖେଳିବାର ପରିଣାମ ଏହି ହିମସ୍ଖଳନ । ଆଗକୁ ଯେ ଏଭଳି ଅଧିକ ବିପ୍ଳାତ ନ ଘଟିବ ତାହା କହିହେବ ନାହିଁ। ଉଗ୍ର ଶିଳ୍ପାୟନ ଓ ବେଲଗାମ ଜଙ୍ଗଲ ସମ୍ପଦର ଅବକ୍ଷୟ ଏହାର ପ୍ରାରମ୍ଭିକ କାରଣ ହୋଇଥିଲେ ମଧ୍ୟ ମାତ୍ରାଧିକ ସଂଖ୍ୟାରେ ଯାନବାହନ ଚଳାଚଳ ଏହାକୁ ଆହୁରି ବଳ ଦେଇଛି।

ପୃଥିବୀ ସମୟ ସହ ତାଳ ଦେଇ ଅନେକ ଥର ଉତ୍ତପ୍ତ ଓ ଶୀତଳ ହେବାର ଇତିହାସ ରହିଛି। ନିଜ ଅକ୍ଷ ଚାରିପଟେ ବୁଲିବା ବେଳେ ସାମାନ୍ୟ ବ୍ୟତିକ୍ରମ ଯୋଗୁ କିମ୍ବା ସୂର୍ଯ୍ୟ ଠାରୁ ଗ୍ରହଣ କରୁଥିବା ସୌରଶକ୍ତିର ମାତ୍ରାରେ ଅଧିକ ହେଲେ ପୃଥିବୀ ଜଳବାୟୁରେ ସାମାନ୍ୟ ପରିବର୍ତ୍ତନ ହୋଇଥାଏ। କିନ୍ତୁ ବିଗତ କେତୋଟି ଶତାବ୍ଦୀରେ ଆଉ ଏକ କାରଣ ପୃଥିବୀର ତାପମାତ୍ରା ବଢ଼େଇବାରେ ଲାଗିଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ଯୋଗୁ ବିଶ୍ୱର ତାପମାତ୍ରା ବଢ଼ିଚାଲିଛି। ନିଜ ସୁଖ ସୁବିଧା ପାଇଁ ଗଢ଼ି ତୋଳିଥିବା କଳକାରଖାନା ଓ ଜୀବାଶ୍ମ ଜାଳେଣିର ବ୍ୟବହାର ଏହାର ମୁଖ୍ୟ କାରଣ। ଦୁଇ ଦଶନ୍ଧି ପୂର୍ବେ ଓଡ଼ିଶାର ଜଳବାୟୁ ଉପଭୋଗ୍ୟ ଥିଲା। ଏବେ ଗ୍ରୀଷ୍ମଋତୁରେ ଭୁବନେଶ୍ୱରର ତାପମାତ୍ରା ୪୫ ଡିଗ୍ରୀକୁ ଟପି ଯାଉଛି। ଲାଗୁଚି ଯେମିତି ନିଆଁ ବର୍ଷା ହେଉଛି। ଦୀପାବଳି ପରେ ପରେ ଦିଲ୍ଲୀରେ ନିଃଶ୍ୱାସ ନେବା ଦୁର୍ବିଷହ ହୋଇପଡୁଛି। ଏହା ହିଁ ଗ୍ଲୋବଲ ୱାର୍ମିଂର ପ୍ରଭାବ। ଆମେରିକୀୟ ମହାକାଶ ସଂସ୍ଥା 'ନାସା' ଅନୁଯାୟୀ ବିଶ୍ୱର ତାପମାତ୍ରା ୧୯୦୬ ରୁ ୨୦୦୫ ଭିତରେ ୦.୬ ରୁ ୦.୯ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଛି। କିନ୍ତୁ ବିଗତ ପଚାଶ ବର୍ଷ ଭିତରେ ତାପମାତ୍ରା ବୃଦ୍ଧି ପାଇବାର ବେଗ ଦୁଇଗୁଣ ବଢ଼ିଛି। ହଠାତ୍ ଏମିତି ଜଳବାୟୁରେ ପରିବର୍ତ୍ତନ ହୋଇ ତାପମାତ୍ରା ବୃଦ୍ଧି ହେବାର ମୁଖ୍ୟ କାରଣ ହେଲା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷଣକାରୀ ଅଂଶର ପରିମାଣରେ ବୃଦ୍ଧି। ଏହି ପ୍ରଦୂଷିତ ଗ୍ୟାସ ସୂର୍ଯ୍ୟର ତାପମାତ୍ରାକୁ ଧରି ରଖିବା ସଙ୍ଗେ ସଙ୍ଗେ ପୃଥିବୀ ଉପରୁ ବାହାରି ଯାଉଥିବା ତାପମାତ୍ରାକୁ ମଧ୍ୟ ଶୋଷଣ କରି ନିଜ ଭିତରେ ରଖନ୍ତି; ଯାହା ଫଳରେ ପୃଥିବୀ ପୃଷ୍ଠର ତାପମାତ୍ରା କମିବାର ନାଁ ଧରୁନାହିଁ। ଗ୍ଲୋବାଲ ୱାର୍ମିଂ ପାଇଁ ମୁଖ୍ୟତଃ ଫସିଲ ଫୁଏଲ ବା ଜୀବାଶ୍ମ ଇନ୍ଧନର ବ୍ୟବହାର ଓ ଜଙ୍ଗଲ ଅବକ୍ଷୟ ଦାୟୀ। ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବର୍ଷକୁ ୧.୭ ବିଲିୟନ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହୁଏ, ଯାହାଦ୍ୱାରା ଏହାର ପ୍ରଭାବ ସିଧାସଳଖ ପଡୁଛି ଗ୍ଲେସିୟର ଉପରେ। ୱାର୍ମିଂ ଯୋଗୁ ମେରୁ ଅଞ୍ଚଳର ବରଫ ମଧ୍ୟ ତରଳିବାରେ ଲାଗିଛି।

ଗ୍ଲୋବାଲ ୱାର୍ମିଂ ଏବେ ବିଶ୍ୱର ଅସ୍ତିତ୍ୱ ଉପରେ ପ୍ରଶ୍ନ ଚିହ୍ନ ଛିଡ଼ା କରିଛି। ଚାଇନା, ଆମେରିକା ଓ ଋଷିଆ ଭଳି ଶିଳ୍ପସମୃଦ୍ଧ ଦେଶ ବିଶ୍ୱର ସର୍ବାଧିକ କାର୍ବନ ନିର୍ଗମନ କରୁଥିବା ଦେଶ ଭାବରେ ଆଗରେ ଅଛନ୍ତି। ଏହି ସବୁ ଦେଶ ସ୍ୱେଚ୍ଛାକୃତ ଭାବରେ ନିଜ ନିଜର କାର୍ବନ ନିର୍ଗମନ କମ୍ କରିବାକୁ ଆଗେଇ ଆସିବା ଦରକାର। ଦିନକୁ ଦିନ କମି ଯାଉଥିବା ଜଙ୍ଗଲ ମଧ୍ୟ ଏକ ଚିନ୍ତାର ବିଷୟ। ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ଆମାଜନ ରେନ୍ ଫରେଷ୍ଟ ତଥା ଅନ୍ୟାନ୍ୟ ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ଅବକ୍ଷୟ ହେବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ, ଜଙ୍ଗଲ ନିଆଁ, ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ ଓ ଅନ୍ୟ ପ୍ରଦୂଷଣକାରୀ ଉପାଦାନ ଯୋଗୁ ବିଗତ କେଇ ଦଶନ୍ଧି ଭିତରେ ପୃଥିବୀର ତାପମାତ୍ରା ଏକ ଡିଗ୍ରୀ ବଢିଛି। ଗ୍ଲେସିୟରର ବରଫ ଦ୍ରୁତ ବେଗରେ ତରଳିବାରେ ଲାଗିଛି। ଗ୍ଲେସିୟରରେ ଲକ୍ଷ ଲକ୍ଷ ବର୍ଷ ଧରି ଥିବା ବରଫ ଖଣ୍ଡ ତରଳି ସମୁଦ୍ରରେ ପଶୁଛି ; ଫଳରେ ମାଲଦ୍ୱୀପ ପ୍ରଥମ ଦେଶ ଭାବରେ ଜଳମଗ୍ନ ହେବାର ସମ୍ଭାବନା ଅଛି। ମରିସସ, ଭାରତ, ଶ୍ରୀଲଙ୍କା ପ୍ରଭୃତି ଦେଶର ଉପକୂଳ ଅଞ୍ଚଳ ଜଳମଗ୍ନ ହେବାର ଭୟ ସୃଷ୍ଟି ହୋଇଛି। ଏହି ସମ୍ଭାବିତ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ବିକାଶଶୀଳ ଦେଶଗୁଡ଼ିକୁ ନିଜ ନିଜର କାର୍ବନ ଫୁଟପ୍ରିଣ୍ଟ କମେଇବାକୁ ପଡ଼ିବ। ୨୦୫୦ ମସିହା ସୁଦ୍ଧା ତିରିଶ କୋଟି ଲୋକ ସମୁଦ୍ର ଜଳରେ ଭାସିଯିବାର ଆଶଙ୍କା ରହିଛି ବୋଲି ନିକଟରେ ଅନୁଷ୍ଠିତ ଆସିଆନ ସମ୍ମିଳନୀରେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ ପ୍ରକାଶ କରିଛନ୍ତି। ସମୁଦ୍ର ପତନ ବଢ଼ିବାରୁ ଚାଇନା, ଭାରତ, ଶ୍ରୀଲଙ୍କା ଓ ବାଂଲାଦେଶ ଭଳି ଦେଶ ଅଧିକ ବିପଦର ସମ୍ମୁଖୀନ ହେବାର ଭୟ ରହିଛି। ଭୂପୃଷ୍ଠରେ ବି ହିମସ୍ଖଳନର ତୀବ୍ରତା ବୃଦ୍ଧି ପାଇବାର ଆଶଙ୍କା ରହିଛି।

ବିଶ୍ୱତାପନକୁ ନେଇ ନିକଟରେ ନେଚର୍ କମ୍ୟୁନିକେଶନରେ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ତାପମାତ୍ରା ଚଳିତ ଶତାବ୍ଦୀର ଶେଷସୁଦ୍ଧା ୧.୫ ଡିଗ୍ରୀ ବଢ଼ିପାରେ ବୋଲି ଏଥିରେ କୁହାଯାଇଛି। ଏହାର ମୁକାବିଲା କରିବା ପାଇଁ ବିଶ୍ୱର ଅଙ୍ଗାରକାମ୍ଳ ନିର୍ଗମନକୁ ଶତକଡା ୪୫ ଭାଗ କମେଇବାକୁ ପଡ଼ିବ। ମୁଖ୍ୟତଃ ଭାରତ ପାଇଁ ଏହା ଅଧିକ ଗୁରୁତ୍ୱ ରଖେ। ଅଙ୍ଗାରକାମ୍ଳ ଗ୍ୟାସ୍ କମାଇବା ଲାଗି ଆମକୁ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ହେବ। ବ୍ୟାଟେରି ଚାଳିତ କାର ଓ ମୋଟରସାଇକେଲର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ। ନ ହେଲେ ଏହାର ପ୍ରଭାବ ଗ୍ଲେସିୟର ଉପରେ ଆହୁରି ଭୟଙ୍କର ହେବା ସହ ଭବିଷ୍ୟତ ପିଢ଼ି ଚରମ ବିପଦର ସମ୍ମୁଖୀନ ହେବ,ଏଥିରେ ସନ୍ଦେହ ନାହିଁ।

ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା
କେନ୍ଦ୍ର ପରିବେଶ ନିରୀକ୍ଷଣ ପରୀକ୍ଷାଗାର,
ଯାଦୁଗୁଡ଼ା ପୂର୍ବ ସିଂଭୂମି, ଝାଡ଼ଖଣ୍ଡ,
ମୋ:୭୦୦୪୦୬୮୧୧୦

# ଦୁର୍ନୀତି, ମହାଦୁର୍ନୀତି ଓ ସାମୂହିକ ଦୁର୍ନୀତି

ହରିଶଙ୍କର ମିଶ୍ର

ଦୁର୍ନୀତି ହେଉଛି ନୀତିର ସାମାନ୍ୟ ବିଚ୍ୟୁତି, ଯାହାର ସର୍ବୋଚ୍ଚ ସୀମା ନ ଥାଏ। ସାମ୍ପ୍ରତିକ ସମାଜରେ ସଂଖ୍ୟାଧିକ ରାଜନେତା ରାଜକର୍ମଚାରୀ ଓ ସରକାରଙ୍କୁ ପ୍ରଭାବିତ କରିପାରୁଥିବା ଲୋକଙ୍କ ଆଭିଜାତ୍ୟ ଚଳଣି ପଛରେ କେବଳ ଦୁର୍ନୀତିଲବ୍ଧ ଅର୍ଥ ରହିଥିବା ନିଃସନ୍ଦେହ। ଦୁର୍ନୀତି ଶବ୍ଦଟି ସମାଜରେ ନିନ୍ଦନୀୟ ହେଲେ ବି ଏହାର ରୋଚକ ପ୍ରୟୋଗ ରାଜନେତାଙ୍କ ଦ୍ୱାରା ଭିନ୍ନ ଭାବରେ ହୋଇଥାଏ। ଦୁର୍ନୀତି ବିରୋଧୀ ଭାଷଣ ଦେଇ ସେମାନେ କ୍ଷମତାକୁ ଆସନ୍ତି। କ୍ଷମତା ବଳୟରେ ସେଇମାନେ ଦୁର୍ନୀତିର ପାହାଡ଼ ସୃଷ୍ଟି କରନ୍ତି। ଅନେକ ଅନିୟମିତତା ଏବଂ ସରକାରୀ କଳ ବଳ ଅପବ୍ୟବହାରରେ ପୁନଃ କ୍ଷମତା ପାଇଲେ ଦୁର୍ନୀତିର ଶୂନ୍ୟ ସହନଶୀଳତା ପାଇଁ ପ୍ରତିବଦ୍ଧତା ଘୋଷଣା କରନ୍ତି। ଏହା ସତ୍ୟ ଯେ ସ୍ୱାଧୀନୋତ୍ତର ଶାସନରେ ରାଜନେତାମାନଙ୍କର ଚଳଣି ଅତି ସାଧାରଣ ଥିଲା। ସରକାରୀ ଅର୍ଥ ଆତ୍ମସାତ୍ ବା ଅପବ୍ୟୟ ସେମାନଙ୍କ ବିବେକ ବିରୁଦ୍ଧ ଥିଲା। ଚରିତ୍ର ଓ ଆଚରଣର ଗୁପ୍ତ ତଦନ୍ତ ପରେ ନିଯୁକ୍ତ ରାଜକର୍ମଚାରୀ ମଧ୍ୟ ସଚ୍ଚୋଟ ଏବଂ ଦକ୍ଷ ଥିଲେ। ଗଣତନ୍ତ୍ରର ଏଇ ଦୁଇ ସ୍ତମ୍ଭର କାର୍ଯ୍ୟଧାରା ଅପରିବର୍ତ୍ତିତ ରହିଥିଲେ ଆମ ଦେଶ ଓ ରାଜ୍ୟ ବହୁ ପୂର୍ବରୁ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିଥାନ୍ତା। କିନ୍ତୁ କ୍ଷମତା ମୋହରେ ଭୋଟ ପାଇଁ ନୋଟର ଅମୋଘ ଅସ୍ତ୍ର ସଂଖ୍ୟାଧିକ ରାଜନେତାଙ୍କ ନୈତିକ ଚରିତ୍ରକୁ ପ୍ରଭାବିତ କଲା। କ୍ଷମତା ସହ ସେମାନଙ୍କର ଅର୍ଥ ଲାଳସା, ପ୍ରଶାସନର ସହଯୋଗ ବିନା ସମ୍ଭବ ନ ହେବାରେ ସାମାଜିକ ବିଭାଜନକୁ ଗୁରୁତ୍ୱ ଦେଇ କର୍ମଚାରୀମାନଙ୍କ ନିଯୁକ୍ତି, ପଦୋନ୍ନତି ଓ ବଦଳିକୁ ରାଜନୈତିକ ନିୟନ୍ତ୍ରଣାଧୀନ କରାଗଲା। ଫଳତଃ ଦକ୍ଷ ଓ ସଚ୍ଚୋଟ କର୍ମଚାରୀ ସଂଖ୍ୟା କ୍ରମଶଃ ସୀମିତ ହୋଇଗଲା। ଅନେକ ଅସାଧୁ ଅଧିକାରୀ ନିଜ ଚଉକି ସୁରକ୍ଷା ଏବଂ ଆର୍ଥିକ ଲାଭ ପାଇଁ ରାଜନେତାଙ୍କ ତୁଷ୍ଟୀକରଣ ନୀତି ଗ୍ରହଣ କଲେ। ରାଜନେତାଙ୍କ ଛତ୍ର ଛାୟାରେ ନିରାପଦ ରହି ସେଇ ଅଧିକାରୀମାନେ ଦୁର୍ନୀତିକୁ ବୃତ୍ତିଗତ ଅଧିକାର ସାବ୍ୟସ୍ତ କରିବାରେ ତାହା ପିସି ଭାବେ ନିର୍ଦ୍ଧାରିତ ଏବଂ ବାଧ୍ୟକତା ହୋଇଗଲା । ସରକାରୀ ଯୋଜନା, ଅନେକଙ୍କ ପାଇଁ ନିର୍ଦ୍ଦିଷ୍ଟ ଆୟ ଯୋଜନା ମଧ୍ୟ ହୋଇଗଲା। ପୂର୍ବରୁ ବ୍ଲକ, ରାଜସ୍ୱ, ପରିବହନ, ପୋଲିସ, ଯୋଗାଣ, ପୂର୍ତ୍ତ, ଜଳସେଚନ ଏବଂ ଜଙ୍ଗଲ ବିଭାଗ ଦୁର୍ନୀତି ତାଲିକାରେ ରହିଥିଲା। ଏବେ ଅନେକ ଅଧିକାରୀ ଓ କର୍ମଚାରୀଙ୍କ ସହ ଅଙ୍ଗନୱାଡି କର୍ମୀ, ଠିକା କର୍ମଚାରୀ, ଶିକ୍ଷକ, ପିଅନ, କମ୍ପ୍ୟୁଟର ଚାଳକଙ୍କର ଆୟ ବହିର୍ଭୂତ ସମ୍ପତ୍ତି କୋଟିରେ ହିସାବ ହେଉଛି। ବିଡ଼ମ୍ବନା ଏହି ଯେ, ଦୁର୍ନୀତି ପ୍ରତ୍ୟେକ ବିଭାଗକୁ କବଳିତ କରିସାରିଥିବା ବେଳେ ପ୍ରତିବର୍ଷ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି।

ଉପର ସ୍ତରର ଦୁର୍ନୀତି ତଳସ୍ତରକୁ ପ୍ରଭାବିତ କରିଥାଏ। ଦିନଥିଲା ଜନପ୍ରତିନିଧିଙ୍କ କର୍ତ୍ତୃତ୍ୱ ଯୋଗୁ ପ୍ରଶାସନର ଉପର ସ୍ତରରେ ଦୁର୍ନୀତି ସମ୍ମାନର ପ୍ରଶ୍ନ ଥିଲା। ପ୍ରଶାସନ ଯେବେଠାରୁ ସରକାରଙ୍କ ସ୍ଥାୟିତ୍ୱ ଏବଂ ଭୋଟକାରକ ଯୋଜନାରେ ନିୟୋଜିତ ହେଲା, ପାରସ୍ପରିକ ଶକ୍ତ ସହଯୋଗର ମଧୁଚନ୍ଦ୍ରିକାରେ ଶହ ଶହ କୋଟିର ଡାଲି, ଖଣି, ଓମ୍‌ଫେଡ, ଚାଇନାମିଟର, ବନୀକରଣରେ ଦୁର୍ନୀତି ମହାଦୁର୍ନୀତି ଭାବେ ଖବରର ଶିରୋନାମା ହୋଇଗଲା। ତାହାର ପର୍ଦ୍ଦାଫାଶ ମହଙ୍ଗା ସମ୍ଭାବନା ଯୋଗୁ ତଦନ୍ତକୁ ଏଡାଇ ଦିଆଗଲା ବା ବାଟବଣା କରାଗଲା। ନିକଟ ଅତୀତରେ ବହୁତ କୋଟିର ଦୁର୍ନୀତି ଗନ୍ଧ ଥିବା କରୋନା ପୋଷାକ ଓ ମାସ୍କ କିଣା ସମ୍ପର୍କରେ ଲୋକାୟୁକ୍ତ ଦୁଇ ମାସରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାର ଠିକ୍ ପରିପାଳନ ନ ହେବା ଏବଂ ପାଞ୍ଚବର୍ଷାଧିକ ଚିଟ୍‌ଫଣ୍ଡର ଅସମାହିତ ତଦନ୍ତ ତା'ର ଉଦାହରଣ ମାତ୍ର। କେବଳ ପାନରୁ ଚୂନ ଖସିଗଲେ କେତେ ଜଣ ଜେଲ୍ ଯାଉଥିବା ବେଳେ ଦୁର୍ନୀତିରେ ସମ୍ପୃକ୍ତ ଅନେକ ବରିଷ୍ଠ ପଦାଧିକାରୀଙ୍କୁ ଦଣ୍ଡିତ ପରିବର୍ତ୍ତେ ଭିନ୍ନ ଭାବରେ ପୁରସ୍କୃତ କରାଯାଉଥିବା ଅସତ୍ୟ ନୁହେଁ। ବରଂ ସରକାର ପ୍ରଶାସନ କର୍ତ୍ତୃତ୍ୱାଧୀନ ବିଶ୍ୱାସ ଦୃଢ଼ ହେଉଛି। ଆମର ଦୁର୍ନୀତି ସମ୍ପର୍କୀୟ ତଦନ୍ତ ଓ ବିଚାର ଏତେ କ୍ରିୟାଶୀଳ ଯେ ବହୁ ଅର୍ଥ ଓ ମାନବ ସମ୍ବଳ ବିନିଯୋଗ ସତ୍ତ୍ୱେ ବିଚାର ଶେଷ ବେଳକୁ ସମ୍ପୃକ୍ତ ବ୍ୟକ୍ତିର ଚାକିରି ବା ଜୀବନ ଚାଲିଯାଇଥାଏ। ସରକାର ଏବେ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ଚାକିରିରୁ ବିଦା କରୁଛନ୍ତି । ଏହା ଦୁର୍ନୀତି ଦୂର କରିବାରେ କେତେ ସହାୟକ ହେବ ତାହା ପରେ ଜଣାପଡିବ। ବାଧ୍ୟତାମୂଳକ ଅବସରରେ ପେନ୍‌ସନ ସହ ସମସ୍ତ ଆର୍ଥିକ ଲାଭ ଦିଆଯାଇ ଥାଏ ଓ ମାମଲା ବି ବନ୍ଦ ହୋଇଯାଏ। ବରଂ ଶତାଧିକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ନାମରେ ମାମଲା ପାଇଁ ଅନୁମତି ବର୍ଷାଧିକ କାଳ ନ ମିଳିବା ସ୍ୱଚ୍ଛ ଶାସନକୁ ଅଙ୍ଗୁଳି ଦେଖାଉଛି।

ଏବେ ଜନତା, ଜନନେତା, ମଧ୍ୟସ୍ଥ, କାର୍ଯ୍ୟନିର୍ବାହୀ ମଞ୍ଜୁରୀ ଦାତା, କର୍ମଚାରୀ ଅଧିକାରୀଙ୍କ ମଧ୍ୟରେ ଦୁର୍ନୀତିର ଯେଉଁ ସୁଷମ ବଣ୍ଟନ ହେଉଛି ତାହା ସାମୂହିକ ଦୁର୍ନୀତି ପଦବାଚ୍ୟ। ଇନ୍ଦିରା ଆବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଟଙ୍କିକିଆ ଚାଉଳ, ନିର୍ମାଣ ଶ୍ରମିକ ପାଣ୍ଠି, କାଳିଆ, ମନରେଗା, ମଧୁବାବୁ ପେନ୍‌ସନ, ଫସଲବୀମା ଭଳି ଅନେକ ଯୋଜନା ଏଥିରେ ଅନ୍ତର୍ଭୁକ୍ତ। ଏହି ଯୋଜନାରେ ନିର୍ମିତ ପ୍ରକଳ୍ପରୁ ଅର୍ଦ୍ଧାଧିକର ସ୍ଥିତି ନ ଥିବାବେଳେ ହିତାଧିକାରୀଙ୍କ ମଧ୍ୟରୁ ଶତପ୍ରତିଶତ ଚିହ୍ନଟ ବି ଅସମ୍ଭବ।

ବିଡମ୍ବନା ଏହି ଯେ ଆମ ରାଜ୍ୟର ଭୂମିହୀନମାନେ କୃଷକ ଭାବେ କାଳିଆ ଯୋଜନାରେ ଟଙ୍କା ପାଆନ୍ତି। ବିଲ ପଡ଼ିଆ ରଖି ଫସଲବୀମା ନେବା ଲୋକ ନିର୍ମାଣ ଶ୍ରମିକ ହୋଇପାରନ୍ତି। ସେଥିପାଇଁ ରାଜ୍ୟର ଗରିବ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ରାଜ୍ୟ ଲୋକସଂଖ୍ୟାର ଦେଢଗୁଣ ହୋଇଥିବା ସତ୍ତ୍ୱେ ଗରିବୀ କମୁନାହିଁ। ସବୁକୁ ବଳିଯାଇଛି ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ। ଏହି ଦୁର୍ନୀତି ବହୁ ହଜାର କୋଟି ହୋଇପାରେ। ଅର୍ଦ୍ଧାଧିକଲୋକ ବାହାରେ ମଳତ୍ୟାଗ କରୁଥିବା ବେଳେ ସହସ୍ରାଧିକ ଗ୍ରାମକୁ ବାହ୍ୟ ମଳତ୍ୟାଗ ଗ୍ରାମ ମାନ୍ୟତା ହିଁ ତା'ର ବଳିଷ୍ଠ ପ୍ରମାଣ। ଏହି ସବୁ ଦୁର୍ନୀତିର ପର୍ଦ୍ଦାଫାଶ ମେଣ୍ଢାବାଳ ଧୋଇବା ସହ ସମାନ ହୋଇପାରେ। ରାଜ୍ୟରେ ଦୁର୍ନୀତି ଅଘୋଷିତ ନୀତି ଏବଂ ବହୁ ସମ୍ପୃକ୍ତି ଯୋଗୁ ରାଜ୍ୟ ଦୁର୍ନୀତିମୁକ୍ତ ହେବା ଉଷୁନା ଧାନ ଗଜା ହେବାଭଳି ଅସମ୍ଭବ।

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

ନବମ ଶ୍ରେଣୀର ଛାତ୍ର ରିଶଭ ପ୍ରସୋଭଙ୍କ ମାନସିକତାକୁ ଲକ୍ଷ୍ୟ କଲେ ଆଶ୍ଚର୍ଯ୍ୟ ଲାଗେ। ବେଙ୍ଗାଲୁରୁର ୧୪ ବର୍ଷ ବୟସର ଏହି ଛାତ୍ର ଜଳ ଅପବ୍ୟୟ ରୋକିବାରେ ଲାଗିଛନ୍ତି। ତାଙ୍କ ଆଖପାଖ ଲୋକଙ୍କ ଘରେ ତଥା ଅନେକ ହଷ୍ଟେଲ ଓ ସ୍କୁଲରେ ଟ୍ୟାପ୍‌ଗୁଡ଼ିକରେ ଏରଟର ଲଗାଇ ଜଳ ସଂରକ୍ଷଣ କରିବାର ବାଟ ଦେଖାଉଛନ୍ତି। ୨୦୫୦ ସୁଦ୍ଧା ଜଳ ସଙ୍କଟ ଦେଖାଯିବ ଓ ଭାରତରେ ମୁଣ୍ଡପିଛା ଜଳ ବ୍ୟବହାର ବହୁତ କମିଯିବ ବୋଲି ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହାକୁ ଲକ୍ଷ୍ୟ କରି ରିଶଭ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ ଏକାଡେମୀ ଫର୍ ଲର୍ନିଂର ଛାତ୍ର ରିଶଭ 'ଜଳ ମିଶନ'ନାମରେ ତାଙ୍କ ଅଭିଯାନ ଚଳାଇଛନ୍ତି। ଏହା ମାଧ୍ୟମରେ ସେ ବର୍ଷକ ମଧ୍ୟରେ ୭୦ ଲକ୍ଷ ଲିଟର ପାଣି ବଞ୍ଚେଇସାରିଲେଣି। ଏରଟର ଲଗାଇବା ଦ୍ୱାରା ପ୍ରତି ମିନିଟରେ ଗୋଟିଏ ଟ୍ୟାପରୁ ଯେତିକି ପାଣି ବାହାରିବା କଥା ତା'ର ଅଧା ବାହାରୁଛି। ଏହାଦ୍ୱାରା ମାସକୁ ୧,୨୭୪ ଲିଟର ଜଳ ବଞ୍ଚାଯାଇପାରୁଛି। କେବଳ ସେ ରହୁଥିବା ଆପାର୍ଟମେଣ୍ଟରେ ୨୦ଲକ୍ଷ ଲିଟର ଜଳ ବଞ୍ଚାଇବା ସହ ୱାଟର ବିଲ୍ ବି କମାଇ ପାରିଛନ୍ତି। ରିଶଭ ଏହି ଅଭିଯାନକୁ ଦେଶର ବିଭିନ୍ନ ସହରର ସ୍କୁଲ, ହଷ୍ଟେଲ, ସିନେମା ଘର ଓ ମଲଗୁଡ଼ିକରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛନ୍ତି। କେବଳ ଏତିକି ନୁହେଁ, ବେଙ୍ଗାଲୁରୁ ଶୁଷ୍କ ଜଳଉତ୍ସଗୁଡ଼ିକରେ ଜଳ ସଂରକ୍ଷଣ ପାଇଁ ବି ଏକାଧିକ ଏନଜିଓ ସହ ଯୋଗାଯୋଗରେ ଅଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଫେବୃୟାରୀ ୧୯୯୬

- ନିରାପତ୍ତା କାରଣରୁ ବାଂଲାଦେଶର ରାଜଧାନୀ ଢାକାର ସହରତଳି ହିଂସା ଉପଦ୍ରୁତ ଅଞ୍ଚଳକୁ ନ ଯିବା ପାଇଁ ବିଦେଶୀ କୂଟନୀତିଜ୍ଞମାନଙ୍କୁ ବାରଣ କରାଯାଇଛି।
- ବୈଦେଶିକ ମୁଦ୍ରା ବିନିମୟ ବଜାରରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ।
- ଅମିତାଭ ବଚ୍ଚନଙ୍କୁ ତାଙ୍କ ଷ୍ଟରଟ୍ରେକ ଯୋଜନା ଚଳଚ୍ଚିତ୍ର ପାଇଁ ଟ୍ୟାଲେଣ୍ଟ ଖୋଜା ଯୋଜନା ଲାଗି ସ୍ଥାନୀୟ କୋର୍ଟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି।

## ଚିରନ୍ତନୀ

ଧରଣୀ ହେଲା କୋମଳତମ
ଆକାଶ କମନୀୟ
ମରଣ ହେଲା ମଧୁରତର
ଜୀବନ ହେଲା ପ୍ରିୟ। —(କୁହୁ ପ୍ରାସ)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | D | 9 | 3 | 1 | | | | | | | 7 | 0 |
| | | | | A | 7 | | | | B | | 3 | E | | 4 |
| | | | | 0 | 4 | B | | | | | | | 3 | 8 |
| | | 2 | | | 8 | | 6 | | | | | | | |
| | 6 | | E | | 5 | | 7 | | | A | | B | | |
| E | | | 0 | | | | | | D | | | | | |
| | | | | 7 | A | | 0 | 1 | | | | 5 | E | |
| | | 9 | C | 5 | | A | E | | | 4 | | | | 2 |
| 7 | | | 4 | 1 | | 2 | | 3 | | | 5 | 6 | | |
| D | 4 | | | | 6 | | | 5 | | 9 | 1 | | | |
| | 1 | 8 | A | | 9 | | 3 | 4 | | | | | D | |
| 5 | | | | 6 | | | | | | | 8 | 7 | 4 | |
| | | 3 | | | 2 | 7 | 5 | | | | | | | E |
| 9 | D | | | | | | | C | | | B | | 5 | |
| 4 | | A | | D | | | | | | | | | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 2 | 7 | 9 | 6 | C | 5 | 1 | 4 | D | 0 | E | 8 | A |
| 0 | E | 5 | 3 | 8 | D | 7 | 4 | A | 9 | 1 | 2 | 6 | B | C |
| C | 6 | D | 4 | A | 1 | E | 9 | B | 7 | 3 | 8 | 5 | 2 | 0 |
| 8 | 9 | 1 | 0 | E | C | 2 | 6 | D | A | 5 | B | 4 | 7 | 3 |
| 7 | A | 4 | 5 | B | 2 | 8 | 3 | 0 | E | C | 6 | D | 1 | 9 |
| A | C | E | B | 7 | 0 | 3 | 1 | 8 | 6 | 2 | 4 | 9 | 5 | D |
| 4 | 8 | 7 | D | 2 | A | 9 | E | 5 | 0 | B | 1 | 3 | C | 6 |
| 9 | 5 | B | 6 | C | 3 | 4 | D | 2 | 8 | A | E | 7 | 0 | 1 |
| 2 | 0 | 3 | 1 | 5 | E | A | 7 | 6 | D | 9 | C | 8 | 4 | B |
| D | 1 | 6 | 9 | 4 | 8 | 0 | B | C | 5 | 7 | 3 | A | E | 2 |
| B | 2 | 0 | A | 3 | 7 | 5 | 8 | 4 | 1 | 6 | D | C | 9 | E |
| E | 7 | 9 | 2 | 0 | 5 | 6 | C | 3 | B | 4 | A | 1 | D | 8 |
| 6 | 4 | A | E | 1 | B | D | 0 | 7 | C | 8 | 9 | 2 | 3 | 5 |
| 5 | D | C | 8 | 6 | 9 | 1 | 2 | E | 3 | 0 | 7 | B | A | 4 |
| 1 | 3 | 8 | C | D | 4 | B | A | 9 | 2 | E | 5 | 0 | 6 | 7 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ୟାର ପାହାଡ଼

ମହାଶୟ,

ଦେଶକୁ ରାଜସ୍ୱ ଦେବାରେ ତାଳଚେରର ଅବଦାନ କେତେ ତାହା ସମସ୍ତେ ଜାଣନ୍ତି। ହେଲେ ଏହି କଳାହୀରାର ସହରରେ ସମସ୍ୟାର ପାହାଡ ଏତେ ବଡ ହୋଇଗଲାଣି ଯେ ଏଠିକାର ଜନସାଧାରଣ ନାହିଁ ନ ଥିବା ସମସ୍ୟା ଭିତରେ ଜୀବନ ବିତାଉଛନ୍ତି। ସୂଚନାଯୋଗ୍ୟ ଯେ, ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ତଥ୍ୟ ଅନୁଯାୟୀ ଭାରତର ୬ଟି ପ୍ରଦୂଷିତ ସହର ମଧ୍ୟରେ ତାଳଚେର ଅନ୍ୟତମ। ଏଠାକାର ଜନସାଧାରଣ କୋଇଲା ପରିବହନ ନେଇ କୋଇଲା ଗୁଣ୍ଡ ଓ ଧୂଳି ଉଡ଼ିବା ଯୋଗୁ ଶ୍ୱାସ, ଚର୍ମଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତାଳଚେରରୁ ୭ଟି ରାଜ୍ୟକୁ ଏନ୍‌ଟିପିସି ବିଜୁଳି ଯୋଗାଣ ହେଉଥିବାବେଳେ ବିଜୁଳି ପାଇଁ ତାଳଚେର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଃଖର ବିଷୟ,ତାଳଚେରବାସୀଙ୍କ ଏହି ସମସ୍ୟାକୁ କେନ୍ଦ୍ର ସରକାରଙ୍କୁ ଚିନ୍ତା କରିବାକୁ ସମୟ ନାହିଁ । ଜନସାଧାରଣଙ୍କ ସୁବିଧା ପାଇଁ ରେଳ ଚଳାଚଳର ସୁବିଧା ହୋଇଛି। ହେଲେ ସହରଠାରୁ ୧୦ କି.ମି. ଦୂରରେ ନୂଆ ରେଳ ଷ୍ଟେଶନ କରିବା ଓ ଦ୍ରୁତଗାମୀ ସୁପର ଫାଷ୍ଟ ଟ୍ରେନ୍ ଏହି ଷ୍ଟେଶନ ଦେଇ ଯିବା, ତାଳଚେର ପୁରୁଣା ଷ୍ଟେଶନକୁ ନ ଆସିବା ଏହା ନ୍ୟାୟସଙ୍ଗତ କି ? ତୁରନ୍ତ ଏହି ବିଷୟରେ କେନ୍ଦ୍ର ସରକାର ପ୍ରତିକାର କରନ୍ତୁ। ପୂର୍ବରୁ ଭୂଗର୍ଭ କୋଇଲା ଖଣି ଯୋଗୁ ତାଳଚେର ସହରର ସ୍ଥାୟିତ୍ୱ ପ୍ରତି ବିପଦ ଦେଖାଦେଇଛି। ଭୂଗର୍ଭରୁ କୋଇଲା ଉତ୍ତୋଳନ ପରେ ଖାଲିସ୍ଥାନଗୁଡିକରେ ପର୍ଯ୍ୟାପ୍ତ ବାଲି ଭର୍ତ୍ତି ନ ହେବା ଯୋଗୁ ମାତ୍ର କେଇଟା କୋଇଲା ସ୍ତମ୍ଭ ଉପରେ ତାଳଚେର ସହର ଝୁଲି ରହିଛି ବୋଲି କୁହାଗଲେ ଅତ୍ୟୁକ୍ତି ହେବ ନାହିଁ। ଭୂଗର୍ଭର ପରିସ୍ଥିତି ଏବେ ଯାହା ଭବିଷ୍ୟତରେ ତାଳଚେର ସହରର ସ୍ଥାୟିତ୍ୱ ଉପରେ ଅନିଶ୍ଚିତତାର କଳାବାଦଲ ଘୋଟିଯାଇଛି। ଏହି ସମସ୍ୟାର ଉପଯୁକ୍ତ ସମାଧାନ ଅତିଶୀଘ୍ର କରିବା ପାଇଁ ତାଳଚେରବାସୀ ପ୍ରତିଦିନ ଆପତ୍ତି ଅଭିଯୋଗ ପ୍ରଶାସନ ପାଖରେ ଦାଖଲ କରୁଛନ୍ତି ହେଲେ ପ୍ରଶାସନ ନୀରବ।

—ସୌମ୍ୟ ସଞ୍ଜୀବ ମିଶ୍ର, ତାଳଚେର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଚଳନ୍ତା କାର୍‌ରେ ନିଆଁ

**୨ ଶିଶୁ ସମେତ ୬ ବର୍ତ୍ତିଗଲେ**



ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୮।୨(ସ୍ୱ.ପ୍ର.): କଟକ ଜିଲା ମାହାଙ୍ଗା ଥାନା ଅଧୀନ ମଧୁପୁର ମୁସଲ୍‌ମାନ ସାହିରେ ସୋମବାର ପୂର୍ବାହ୍ଣରେ ଏକ ଚଳନ୍ତା କାର୍‌ରେ ନିଆଁ ଲାଗିଯାଇଥିଲା। ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ବେଳେ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୨ ଶିଶୁ ସମେତ ପରିବାରର ୫ ସଦସ୍ୟ ବର୍ତ୍ତି ଯାଇଛନ୍ତି। ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ପରୀକ୍ଷିତ ବିଶ୍ୱାଳ ପରିବାର ସହ ମାହାଙ୍ଗାରେ ଥିବା ଭଉଣୀ ଘରକୁ ଯାଇଥିଲେ। ଫେରୁଥିବା ସମୟରେ ମଧୁପୁରଠାରେ ଶର୍ଟସର୍କିଟ ଯୋଗୁ ହଠାତ୍ କାର୍‌ରେ ନିଆଁ ଲାଗି ଯାଇଥିଲା। ଚାଳକ ଗାଡ଼ି ଅଟକାଇ ସ୍ଥାନୀୟ ଲୋକଙ୍କ ସହାୟତାରେ କାରରୁ ଅନ୍ୟମାନଙ୍କୁ ଉଦ୍ଧାର କରିଥିଲେ। ଖବରପାଇ କୁଆଁପାଳ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଷଣ୍ଢକୁଦ ବସ୍ତିରୁ ତେଲୁଗୁ ଲୋକ ଖାଲି

**ଆନ୍ଧ୍ରରେ ପଞ୍ଚାୟତ ନିର୍ବାଚନ**

ପାରାଦୀପ, ୮।୨(ସ୍ୱ.ପ୍ର.): ପାରାଦୀପ ପୌରାଞ୍ଚଳର ୧୭,୧୮,୧୯,ନଂ ୱାର୍ଡ ଷଣ୍ଢକୁଦ ବସ୍ତିରେ ଏବେ ନିର୍ବାଚନୀ ପରିବେଶ। ଆନ୍ଧ୍ରପ୍ରଦେଶରେ ପଞ୍ଚାୟତ ନିର୍ବାଚନ ଚାଲିଥିବା ବେଳେ ପ୍ରାର୍ଥୀମାନେ ବସ୍‌ରେ ଏହି ବସ୍ତିର ତେଲୁଗୁ ଭାଷୀ ଲୋକଙ୍କୁ ନିର୍ବାଚନରେ ଭାଗ ନେବା ପାଇଁ ନେଇଯାଉଛନ୍ତି। ଲୋକଙ୍କୁ ନେବା ପାଇଁ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଫଳରେ ଏଠାକାର ଅଧିକାଂଶ ଲୋକ ଘରେ ତାଲା ପକାଇ ଆନ୍ଧ୍ର ମୁହାଁ ହୋଇଛନ୍ତି। କୌତୂହଳର ବିଷୟ ହେଲା ଆନ୍ଧ୍ରପ୍ରଦେଶ ଯାଇଥିବା ବହୁ ଲୋକଙ୍କ ପାରାଦୀପ ପୌରପାଳିକାର ଭୋଟର ତାଲିକାରେ ନାମ ରହିଛି। ସେମାନେ ଆଧାର କାର୍ଡଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ସରକାରୀ ସୁବିଧା ସୁଯୋଗ ଓଡ଼ିଶା ସରକାରଙ୍କଠାରୁ ନେଇଛନ୍ତି। ଆନ୍ଧ୍ରରେ ମଧ୍ୟ ସମାନ ସୁବିଧା ସୁଯୋଗ ନେଇଥାଇପାରନ୍ତି। ଏ ସମ୍ପର୍କରେ ତେଲୁଗୁ ସମ୍ପ୍ରଦାୟର ଜଣେ ଆଗଧାଡିର ବ୍ୟକ୍ତି ଟି.ଭି. ରାମଣା କୁହନ୍ତି, ସମସ୍ତେ ସେପରି ନୁହନ୍ତି। କିନ୍ତୁ ସରକାରୀ ବିଧି ବ୍ୟବସ୍ଥାରେ ଯେପର୍ଯ୍ୟନ୍ତ ଠିକ୍ ଭାବେ ଯାଞ୍ଚ କରା ନ ଯିବ ଏପରି ଦ୍ୱୈତ୍ୟ ସୁବିଧା ଛାଡ଼ିବାକୁ ଲୋକେ ଚାହିଁବେ ନାହିଁ।

# ଅବୈଧ ସମ୍ପର୍କ ଲାଗି ବାଧ କରିବାରୁ ହତ୍ୟା

- ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା
- ମହିଳାଙ୍କ ସମେତ ୫ ଗିରଫ

ବାହାନଗା, ୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତର ଓଷଙ୍ଗ ଗ୍ରାମର ଜୟନ୍ତ ମଲିକଙ୍କ ମୃତଦେହ ସମୁଦ୍ର କୂଳ ବାଲିରୁ ଉଦ୍ଧାର ହେବା ଘଟଣାର ୧୫ଦିନ ପରେ ଖନ୍ତାପଡା ଥାନା ଓ ଗୋପାଳପୁର ଫାଣ୍ଡି ପୋଲିସ୍ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ବିବାହିତା ମହିଳାଙ୍କ ସହିତ ଅବୈଧ ସମ୍ପର୍କ ସ୍ଥାପନ ଲାଗି ଉଦ୍ୟମ କରିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୁକ୍ତମାନେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଖନ୍ତାପଡା ଥାନା ଅଧିକାରୀ ସୋମବାର ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଖନ୍ତାପଡା ଥାନା ଅଞ୍ଚଳର ଜଣେ ମହିଳାଙ୍କ ସହିତ ମୃତ ଜୟନ୍ତ ଅନୈତିକ ସମ୍ପର୍କ ରଖିବା ପାଇଁ ବାଧ କରିଥିଲେ। ମହିଳା ଏହାକୁ ବିରୋଧ କରି ତାଙ୍କ ସ୍ୱାମୀଙ୍କୁ କହିଥିଲେ। ସ୍ୱାମୀ ଜୟନ୍ତଙ୍କୁ ହତ୍ୟା କରିବା ଲାଗି ଅନ୍ୟ ୩ ଯୁବକ ଜୟନ୍ତ ମଳିକ, ବିଜୟ ମଳିକ ଓ ମହେଶ୍ୱର ମଳିକଙ୍କ ସହ ଯୋଜନା କରିଥିଲେ। ଜାନୁୟାରୀ ୨୩ ସନ୍ଧ୍ୟାରେ



ଗିରଫ ୫ ଅଭିଯୁକ୍ତ।

ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ, ଜୟନ୍ତ, ମହେଶ୍ୱର ଓ ବିଜୟ ମିଶି ମୃତ ଜୟନ୍ତଙ୍କୁ ଡାକି ମଦ୍ୟପାନ କରିଥିଲେ। ନିଶାସକ୍ତ ହୋଇ ସମସ୍ତେ ଘରକୁ ପଳାଇ ଯାଇଥିଲେ। ପରେ ଯୋଜନା ମୁତାବକ ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀ, ଜୟନ୍ତ, ମହେଶ୍ୱର, ବିଜୟ ମିଶି ଗ୍ରାମରେ ଥିବା ରେସୁଆଁ ପୋଖରୀ ଆଡି ନିକଟ ବିଲ ପାଖକୁ ଯାଇ ଲୁଚି ରହିଥିଲେ। ରାତି ପ୍ରାୟ ସାଢେ ୮ଟାରେ ସମ୍ପୃକ୍ତ ମହିଳା ଜଣକ ଫୋନ କରି ଜୟନ୍ତଙ୍କୁ ସେଠାକୁ ଡକାଇଥିଲେ। ଫୋନ ପାଇ ଜୟନ୍ତ ଘରୁ ଉକ୍ତ ପୋଖରୀ ନିକଟକୁ ଆସିଥିଲେ। ଆସିବାବେଳେ ସେ ସାଙ୍ଗରେ ଏକ ତେଲଙ୍ଗା କଟୁରି ଆଣିଥିଲେ। ସମ୍ପୃକ୍ତ ମହିଳାଙ୍କ ନିକଟରେ ସେ ପହଞ୍ଚିବା ପରେ ସେଠାରେ ଲୁଚି ରହିଥିବା ମହେଶ୍ୱର ପ୍ରଥମେ ଏକ ଲୁହା ହୋମଦସ୍ତାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ସେ ସାଥିରେ ଆଣିଥିବା କଟୁରି ବାହାର କରିବାକୁ ଉଦ୍ୟମ କରିବା ବେଳେ ସେଠାରେ ଲୁଚି ରହିଥିବା ଅନ୍ୟମାନେ ତାଙ୍କୁ କାବୁ କରି ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଜୟନ୍ତଙ୍କର ମୃତ୍ୟୁ ଘଟିଥିଲା। ପରେ ସେମାନେ ତାଙ୍କ ମୃତଦେହକୁ ଏକ ଦଉଡିରେ ହାତ ଗୋଡ ସହ ବାନ୍ଧି ଭାରକରି ଚିଙ୍ଗୁଡିଝିଲି ବନ୍ଧ ଉପର ଦେଇ ସମୁଦ୍ର କୂଳକୁ ନେଇଯାଇଥିଲେ। ସମ୍ପୃକ୍ତ ମହିଳା ଜଣକ ରାତିରେ ବନ୍ଧ ପର୍ଯ୍ୟନ୍ତ ସେମାନଙ୍କ ସହିତ ଯାଇଥିଲେ। ସମୁଦ୍ର ବାଲିରେ ଭିତରକୁ ପ୍ରାୟ ଦୁଇ କି.ମି. ଯିବା ପରେ ଗାତ ଖୋଳି ମୋବାଇଲ ଫୋନ ସହିତ ତାଙ୍କୁ ପୋତି ଦେଇଥିଲେ। ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ରଗୁଡିକୁ ଏକ ବନିଗଛ ମୂଳେ ପୋତବା ସହ ରକ୍ତଛିଟା ଲାଗିଥିବା ଜ୍ୟାକେଟକୁ ଅନ୍ୟ ଏକ ବନିଗଛ ପାଖରେ ପୋତି ଦେଇଥିଲେ। ଏସବୁ କାମ ରାତି ପ୍ରାୟ ସାଢେ ୧୦ଟା ଭିତରେ ସରିବା ପରେ ସମସ୍ତେ ଘରକୁ ପଳାଇ ଯାଇଥିଲେ। ଘଟଣା ପରେ ପୋଲିସ୍ ମୋବାଇଲ ଫୋନ ଟ୍ରାକିଂ ଓ ଲୋକଙ୍କୁ ପଚରାଉଚରା କରି ଅଭିଯୁକ୍ତମାନଙ୍କ ପାଖରେ ପହଞ୍ଚିଥିଲା। ସମସ୍ତ ତଥ୍ୟ ପ୍ରମାଣ ପାଇବା ପରେ ପୋଲିସ୍ ୫ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି।

# ବଡ଼ଝିଅ ଦେଲେ ମୁଖାଗ୍ନି



ବାପାଙ୍କ ଚିତାଗ୍ନିରେ ମୁଖାଗ୍ନି ଦେଉଛନ୍ତି ସଂଯୁକ୍ତା।

ମାଲକାନଗିରି,୮।୨ (ଡି.ଏନ୍.ଏ.)

ପୁଅ ପରି ମଧ୍ୟ ଜଣେ ଝିଅ ସବୁ କିଛି ଦାୟିତ୍ୱ ସୂଚାରୁରୂପେ ତୁଲାଇପାରେ। ଉଡାଜାହାଜରେ ଆକାଶରେ ଉଡିବାଠାରୁ ଆରମ୍ଭ କରି ପାଣିରେ ପହଁରିବା ପର୍ଯ୍ୟନ୍ତ ସବୁ ଅସମ୍ଭବକୁ ସମ୍ଭବ କରିପାରେ ଝିଅ। ଏପରି ଏକ ନଜିର ସୋମବାର ମାଲକାନଗିରି ଜିଲାରେ ଦେଖିବାକୁ ମିଳିଛି। ଝିଅ ସଂଯୁକ୍ତା ବାପାଙ୍କ ମୃତଦେହକୁ କାନ୍ଧରେ ଶ୍ମଶାନକୁ ବୋହିନେଇ ମୁଖାଗ୍ନି ଦେଇଛନ୍ତି। ତାଙ୍କର ଏପରି କାର୍ଯ୍ୟକୁ ସବୁ ମହଲରୁ ପ୍ରଶଂସା ମିଳିଛି। ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପ୍ରଧାନିଗୁଡା ଗ୍ରାମର ସତ୍ୟ ନାରାୟଣ ନାୟକ (୫୫)ଙ୍କ ରବିବାର ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ତାଙ୍କର ପୁଅ ନ ଥିଲେ। ମୃତକଙ୍କୁ କିଏ ମୁଖାଗ୍ନି ଦେବେ ସେନେଇ ପରିବାର ଲୋକେ ଚିନ୍ତାରେ ପଡିଥିଲେ। ବଡପୁଅ ମୁଖାଗ୍ନି ଦେବାର ପରମ୍ପରା ଆମର ରହିଛି। ମୃତ୍ୟୁ ପରେ ପୁଅ ପିଣ୍ଡପାଣି ଦେବ ଏହି ପାରମ୍ପରିକ ଚିନ୍ତାଧାରାରେ ବଡଝିଅ ସଂଯୁକ୍ତା ପୂର୍ଣ୍ଣଚ୍ଛେଦ ପକାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ସେ ବାପାଙ୍କ ମୃତଦେହକୁ କାନ୍ଧରେ ମଶାଣିକୁ ବୋହି ନେଇଥିଲେ। ସେଠାରେ ଅନ୍ୟ ସବୁ କାର୍ଯ୍ୟ ସମ୍ପନ୍ନ ହେବା ପରେ ସଂଯୁକ୍ତା ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ ସତ୍ୟ ନାରାୟଣ ଜଣେ ଅଟୋଚାଳକ ଥିଲେ। ଅଟୋ ଚଳାଇ ସେ ପରିବାର ଚଳାଉଥିଲେ।

# ଭୁବନେଶ୍ୱରରେ ମୁଣ୍ଡବିହୀନ ମୃତଦେହକୁ ନେଇ ବରୀରେ ଚର୍ଚ୍ଚା

ବରୀ, ୮।୨(ଡି.ଏନ.ଏ.)

ଗତ ୩ ତାରିଖରେ ଭୁବନେଶ୍ୱର ଚନ୍ଦକା ଥାନା ଅଧୀନରେ ମୁଣ୍ଡବିହୀନ ମହିଳାଙ୍କ ମୃତଦେହ ମିଳିବା ଘଟଣାକୁ ନେଇ ବରୀରେ ଚର୍ଚ୍ଚା ଜୋର ଧରିଛି। ବରୀ ବ୍ଲକ ରମ୍ପା ପଞ୍ଚାୟତର ଜଣେ ଠିକାଦାରଙ୍କ ଡ୍ରାଇଭର ଏବଂ ତାଙ୍କ ସ୍ତ୍ରୀ ଅଟିରା ପଞ୍ଚାୟତର ବକ୍ସିପାଟଣା ଗ୍ରାମରେ ଭଡ଼ା ଘରେ ରହୁଥିଲେ। ଘଟଣା ଘଟିବା ପୂର୍ବଦିନ ରାତି ୮ ଟାରେ ଡ୍ରାଇଭର ଏବଂ ତାଙ୍କ ସ୍ତ୍ରୀ ଏକ କାର ଯୋଗେ ଯିବା ଏବଂ ଏ ଯାଏ ଭଡ଼ା ଗୃହକୁ ନ ଫେରିବା, ମୁଣ୍ଡବିହୀନ ମୃତଦେହର ଡ୍ରେସ୍ ଏବଂ ହାତରେ ଥିବା ଟାଟୁ ଡ୍ରାଇଭରଙ୍କ ସ୍ତ୍ରୀଙ୍କର ବୋଲି ଏଠାରେ ଆଲୋଚନା ହେଉଛି। ବିଶେଷକରି ଠିକାଦାର ଜଣକ ଡ୍ରାଇଭର ଏବଂ ତାଙ୍କ ସ୍ତ୍ରୀ ରହୁଥିବା ଘରକୁ ବାରମ୍ବାର ଆସୁଥିବା ସ୍ଥାନୀୟ ଲୋକମାନେ ଦେଖିଆସୁଥିଲେ। କିନ୍ତୁ ଘଟଣା ଦିନଠାରୁ ଠିକାଦାର ଜଣକ ବରୀ ଅଞ୍ଚଳରେ ଅନୁପସ୍ଥିତ ରହିବା ସନ୍ଦେହ ଅଧିକ ଦୃଢୀଭୂତ କରୁଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱ ଦେଇ ପୋଲିସ ଠିକାଦାରଙ୍କ ସମେତ ଡ୍ରାଇଭର ଓ ତାଙ୍କ ସ୍ତ୍ରୀ ସମ୍ପର୍କରେ ଖୋଳତାଡ଼ କଲେ ଚର୍ଚ୍ଚାର ସତ୍ୟତା ଜଣାପଡ଼ନ୍ତା ବୋଲି ଆଲୋଚନା ହେଉଛି।

# ବ୍ରହ୍ମପୁର କୋର୍ଟରେ ହାଜର ହେବେ ଅଭୟକାନ୍ତ, ଆକାଶ

ବ୍ରହ୍ମପୁର ଅଫିସ, ୮।୨

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ହୋଇଥିବା ଠକେଇ ଘଟଣାରେ ଆଇଏଫଏସ୍ ଅଫିସର ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶ ପାଠକଙ୍କ ନାଁରେ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏବେ ବାପ ପୁଅଙ୍କର ମଧ୍ୟ ଏହି ମାମଲାରେ ସମ୍ପୃକ୍ତି ନେଇ ଗୋଳନ୍ଥରା ଥାନା ପୋଲିସ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବଶ୍ୟକ କାଗଜପତ୍ର ଦାଖଲ କରିଛି। ଏହି ମାମଲାରେ ବାପ-ପୁଅଙ୍କୁ ଯୋଡ଼ିବା ପାଇଁ ପୋଲିସ କୋର୍ଟରେ ଆବେଦନ କରିଛି। ଏହି ଆବେଦନକ୍ରମେ ବ୍ରହ୍ମପୁର ଏସ୍‌ଡିଜେଏମ୍ ଉଭୟ ବାପ-ପୁଅଙ୍କୁ ବ୍ରହ୍ମପୁର ଆଣିବା ପାଇଁ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଚିଠି ପଠାଇଥିବା ଜଣାପଡ଼ିଛି। ଏ ପଟେ ବ୍ରହ୍ମପୁର ପୋଲିସର ଏକ ଟିମ୍ ସୋମବାର ଭୁବନେଶ୍ୱର ଯାଇଛି। ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ ଅନୁମତିକ୍ରମେ ମଙ୍ଗଳବାର ବାପ-ପୁଅଙ୍କୁ ବ୍ରହ୍ମପୁର ଅଣାଯାଇ କୋର୍ଟରେ ହାଜର କରାଯିବ ବୋଲି ଜଣାପଡ଼ିଛି। କୋର୍ଟରେ ହାଜର କରାଗଲା ପରେ ଏସ୍‌ଡିଜେଏମ୍ ଜିତେନ୍ଦ୍ରୀୟ ପାଣିଗ୍ରାହୀ ଉଭୟ ବାପ-ପୁଅଙ୍କୁ ଗୋଳନ୍ଥରା ଥାନାରେ ପୃଥକ ଭାବେ ହୋଇଥିବା ୩ ମାମଲାରେ ଜଡିତ କରିବ।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଅଭୟଙ୍କୁ ଗିରଫ କରିଥିଲା। ପରେ ତାଙ୍କ ପୁଅ ଆକାଶ ମଧ୍ୟ ଗିରଫ ହୋଇଥିଲେ। ଏହି ମାମଲାରେ ବାପ-ପୁଅଙ୍କୁ ଜାମିନ ମିଳିଥିବା ବେଳେ ଉଭୟଙ୍କ ନାମରେ ଅନ୍ୟ ଏକ ମାମଲା ରହିଥିବାରୁ ବାପ-ପୁଅ ଏବେ ଭୁବନେଶ୍ୱର ଝାରପଡ଼ା ଜେଲରେ ଅଛନ୍ତି। ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା



ଅଭୟକାନ୍ତ ପାଠକ ଓ ପୁଅ ଆକାଶ।

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ**

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଝାରପଡ଼ା ଜେଲରେ ରହିଛନ୍ତି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନାରେ ପ୍ରଦୀପଙ୍କ ନାମରେ ୩ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଗତ ଗୁରୁବାର ପ୍ରଦୀପଙ୍କୁ ବ୍ରହ୍ମପୁର ନେବା ପାଇଁ ଭୁବନେଶ୍ୱର ଏସ୍‌ଡିଜେଏମ୍ ୩ଦିନ ଲାଗି ଅନୁମତି ଦେଇଥିଲେ। ପରେ ପ୍ରଦୀପଙ୍କୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଉକ୍ତ ୩ ମାମଲାରେ ତାଙ୍କୁ ଜଡିତ କରିଥିଲେ। ପରେ ପ୍ରଦୀପଙ୍କୁ ୩ ଦିନ ପର୍ଯ୍ୟନ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିବାକୁ ପଡିଥିଲା। ପୋଲିସ ତାଙ୍କ ନାମରେ ସେହି ୩ ଠକେଇ ମାମଲାରେ ରିମାଣ୍ଡ ଲଗାଇବା ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରବିବାର ସକାଳେ ତାଙ୍କୁ ପୁଣିଥରେ ଝାରପଡ଼ା ଜେଲକୁ ନିଆଯାଇଥିଲା।

# ନବମ, ଏକାଦଶ ପାଠପଢ଼ା ଆରମ୍ଭ



ସୋମବାର ଭୁବନେଶ୍ୱର ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟକୁ ପ୍ରବେଶ ସମୟରେ ଛାତ୍ରୀଙ୍କ ସ୍କ୍ରିନିଂ କରାଯାଉଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀମାନେ ପାଠ ପଢୁଛନ୍ତି।

### ସଡ଼କ ଦୁର୍ଘଟଣାରେ ମହିଳା ମୃତ

ଗୁଣପୁର,୮।୨(ଡି.ଏନ୍.ଏ.)

ଗୁଣପୁର-ଗୁମୁଡ଼ା ରାସ୍ତାର କପା ମିଲ୍ ଆଗରେ ସୋମବାର ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଗୁଣପୁର ବୃନ୍ଦାବତୀ ନଗର-୩ ଅଞ୍ଚଳର ଗୀତାଞ୍ଜଳି ସୁନାମୁହିଁ। ଏଥିରେ ତାଙ୍କ ଝିଅ ବର୍ଷାରାଣୀ ଆହତ ହୋଇଛନ୍ତି। ଗୁଡାରି ବ୍ଲକ୍ କାର୍ଯ୍ୟାଳୟରେ ସେକ୍ସନ ଅଫିସରଭାବେ କାର୍ଯ୍ୟରତ କୃଷ୍ଣଚନ୍ଦ୍ର ସୁନାମୁହିଁଙ୍କୁ ଅଫିସରେ ଛାଡ଼ିବା ପାଇଁ ଗୀତାଞ୍ଜଳି କାର୍ ନେଇ ଗୁଡାରୀ ଯାଇଥିଲେ। ସାଙ୍ଗରେ ଝିଅ ମଧ୍ୟ ଥିଲେ। ଫେରିବା ବାଟରେ କପା ମିଲ୍ ଆଗରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ଓଲାଶୁଣୀ ମେଳାରେ ୧୪୪ ଧାରା

**ମାନସିକ ପୋଡ଼ପିଠାକୁ ସମର୍ପଣ କରି ଫେରିଲେ ଭକ୍ତ**

ବାଲିଚନ୍ଦ୍ରପୁର,୮।୨(ସ୍ୱ.ପ୍ର.)

ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାମେଳା ରବିବାରଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ କୋଭିଡ଼ କଟକଣା ଯୋଗୁ ଭକ୍ତମାନଙ୍କୁ ମେଳାକୁ ଆସିବାକୁ ବାରଣ କରାଯାଇଥିଲା। କେବଳ ମହାପୁରୁଷଙ୍କ ପୂଜାବିଧି ଓ ନୀତିକାନ୍ତି ପାଳନ ହେବ ବୋଲି ନିଷ୍ପତ୍ତି ପ୍ରସ୍ତୁତି ବୈଠକରେ ନିଆଯାଇଥିଲା । ମାତ୍ର ରବିବାର ମହାପୁରୁଷଙ୍କ ମହାପ୍ରୟାଣ ଦିବସରେ ନୀତିକାନ୍ତି ହେବା ସହ ବହୁ ଭକ୍ତଙ୍କୁ ଦର୍ଶନ ଓ ଭୋଗ କରିବାର ସୁଯୋଗ ମିଳିଥିଲା। ସୋମବାର ଦିନ ୯ଟା ପର୍ଯ୍ୟନ୍ତ ସେହି ଧାରା ବଜାୟ ରହିଥିଲା। ଏହାପରେ ମେଳା ପଡ଼ିଆର ପ୍ରବେଶ ପଥରେ ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ କରାଯାଇ ପୋଲିସ ଜଗି ବସିଥିଲା। ଜଣେ ହେଲେ ଭକ୍ତଙ୍କୁ ପୋଲିସ ଦର୍ଶନ ପାଇଁ ଛାଡି ନ ଥିଲା । ଏଥିପାଇଁ ମାନସିକ ପୋଡ଼ପିଠା ଧରି ଆସିଥିବା ଶ୍ରଦ୍ଧାଳୁମାନେ ନିରାଶ ହୋଇଥିଲେ । ସେମାନେ ଆଣିଥିବା ପୋଡ଼ପିଠାକୁ ରାସ୍ତା ଉପରେ ଥୋଇ ମହାପୁରୁଷଙ୍କ ନାମରେ ପାଣି ବୁଲାଇ ଦୁଇ ହାତ ଟେକିଦେଇ ଫେରିଯାଉଥିବା ଦେଖିବାକୁ ମିଳିଥିଲା । ପ୍ରଥମ ଦିନ ୧୪୪ ଧାରା ସମ୍ପୂର୍ଣ୍ଣ କୋହଳ କରାଯାଇଥିବା ବେଳେ ସୋମବାର ଦ୍ୱିତୀୟ ଦିନ ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯାଇଛି। ପ୍ରଶାସନର ଏପରି ନିଷ୍ପତ୍ତିକୁ ସାଧାରଣରେ ନାପସନ୍ଦ କରାଯାଇଛି ।



ଜଣେ ଶ୍ରଦ୍ଧାଳୁ ମାନସିକ ପୋଡ଼ପିଠାକୁ ରାସ୍ତାରେ ଥୋଇ ସମର୍ପଣ କରୁଛନ୍ତି।

# ଗାଁରେ ବୁଲୁଛି କଲରାପତରିଆ

- ଦୁଇଦିନରେ ଖାଇଲାଣି ତିନି ବାଛୁରୀ
- ଭୟରେ ଗ୍ରାମବାସୀ, ସନ୍ଧ୍ୟା ହେଲେ ପଡୁଛି କବାଟ

ପାପଡ଼ାହାଣ୍ଡି/ମଇଦଲପୁର,୮।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଗାଦବାକତରା ଅଞ୍ଚଳରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ଦୁଇଦିନ ମଧ୍ୟରେ ଗ୍ରାମର ତିନି ଜଣଙ୍କ ଗୁହାଳରୁ ତିନୋଟି ବାଛୁରୀ ଖାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଏବେ ଗ୍ରାମରେ ଭୟର ବାତାବରଣ। ସନ୍ଧ୍ୟା ହେଲେ ଘରର ତାଟିକବାଟ ଦେଇ ଲୋକେ ରହୁଛନ୍ତି। ଖବର ପାଇ ମଇଦଲପୁର ବନ ବିଭାଗର ଏକ ଟିମ୍ ସୋମବାର ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଗ୍ରାମର ନରହରି ହରିଜନଙ୍କ ବାଛୁରୀ ୬ ତାରିଖ ରାତିରେ ନିଖୋଜ ହୋଇଯାଇଥିଲା। ଚାରିଆଡ଼େ ଖୋଜାଖୋଜି କରିବା ପରେ ବାଛୁରୀର କିଛି ଦେହାବଶେଷ ପାଇଥିଲେ। ଲୋକେ ବାଘ ସନ୍ଦେହକରି ବନ ବିଭାଗକୁ ଖବର ଦେଇଥିଲେ। ରବିବାର ରାତି ୧୦.୩୦ଟାରେ ହରିହର ସାହୁ ଓ ପୂର୍ଣ୍ଣ ନାୟକ ଏକ ଜରୁରୀ କାମରେ ତୁମ୍ପର୍ଲା ଯାଇ ଫେରିବା ସମୟରେ ଗ୍ରାମ ନିକଟ ପୋଲ ପାଖରେ କଲରାପତରିଆ ବାଘ ବସିଥିବା ଦେଖିଥିଲେ। ଦୁହେଁ ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସମସ୍ତେ ଏକାଠି ହୋଇ ସେଠାରେ ପାଟି କରିବାରୁ ବାଘଟି ଜଙ୍ଗଲକୁ ଚାଲିଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଉକ୍ତ ରାତିରେ ଦୁର୍ଯ୍ୟୋଧନ ହରିଜନ ଓ ଲାଇବାନ ହରିଜନଙ୍କ ଗୋଟିଏ ଲେଖାଏ ବାଛୁରୀ ପୁଣି ଗୁହାଳରୁ ଉଭାନ ହୋଇଯାଇଥିଲା। ଖୋଜାଖୋଜି କରିବା ପରେ ସେମାନଙ୍କ ମୁଣ୍ଡ ଓ ଗୋଡ଼ ମିଳିଥିଲା। ଖବରପାଇ ଡାବୁଗାଁ ରେଞ୍ଜର ସୁମତି ଗମାଙ୍ଗ, ଫରେଷ୍ଟର ଉମାକାନ୍ତ ପଟ୍ଟନାୟକ ଓ କର୍ମଚାରୀ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବାଛୁରୀଗୁଡ଼ିକର ଦେହାବଶେଷକୁ ପୋତାଯାଇଛି। ଗାଁର ଏକ ଜମିରେ ବାଘର ପାଦଚିହ୍ନ ଦେଖିବାକୁ ମିଳିଛି। ସୋମବାର ସନ୍ଧ୍ୟାରେ ମଧ୍ୟ ପାଣି ଟାଙ୍କି ପାଖ ଆମ୍ବ ଜଙ୍ଗଲରେ ବାଘଟି ଦେଖିବାକୁ ମିଳିଛି। ଗ୍ରାମବାସୀ ଠେଙ୍ଗା ବାଡ଼ି ଧରି ଜଗି ବସିଛନ୍ତି। ଗାଁରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଛି। ଲୋକେ ଆତଙ୍କିତ ନ ହେବାକୁ ଫରେଷ୍ଟର ଉମାକାନ୍ତ ପଟ୍ଟନାୟକ କହିଛନ୍ତି। ଗାଁକୁ ଅଧିକ ସଂଖ୍ୟକ କର୍ମଚାରୀ ପଠାଯିବ ବୋଲି ଡିଏଫ୍ଓ ମକର ଧନଜୀ ରାଓସୋ କହିଛନ୍ତି।



ଗାଁରେ ମିଳିଥିବା ବାଘ ପାଦଚିହ୍ନ।

## ୪ ଦୋକାନ ଜଳିଗଲା

ସାଲେପୁର,(ଡି.ଏନ୍.ଏ.): ସାଲେପୁର ବଜାରରେ ସୋମବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୪ଟି ଦୋକାନ ଜଳିଯିବା ସହ ଗୋଟିଏ ଚାଳ ଛପର ଘର ବଖରା ଜଳିଯାଇଛି। ଗୃହ ପଛପଟେ ଥିବା ଅଳିଆ ଗଦାରୁ କୌଣସି ପ୍ରକାରରେ ନିଆଁ ଲାଗି ଚାରିଆଡ଼େ ବ୍ୟାପି ଯାଇଥିଲା। ଖବରପାଇ ସାଲେପୁର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଅଶୋକ ଜେନାଙ୍କ ସାଇକେଲ ଦୋକାନ, ଅଶୋକ ମହାପାତ୍ରଙ୍କ ସାର ଦୋକାନ,ହିମାଂଶୁ ବାରିକଙ୍କ ଜଳଖିଆ ଦୋକାନ, ବୀରବର ମହାପାତ୍ରଙ୍କ ଫଳ ଦୋକାନ ସହ ନବ ଦାସଙ୍କ ଗୃହ ପୋଡ଼ି ଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### କୁନ୍ତଳା କୁମାରୀ ସାବତ ଓ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ

**କଟକ ଅଫିସ, ୮।୨:** ସାମାଜିକ ଅନୁଷ୍ଠାନ ସମୀଚୀନ ପକ୍ଷରୁ ମର୍କତନଗରଠାରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଓ ଗଡ଼ଜାତ ଆନ୍ଦୋଳନର ଅନ୍ୟତମ ସାରଥି ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏଥିରେ ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ପରିଣୀତା ଦାସ, ଡ. ଲୋପାମୁଦ୍ରା ପାତ୍ର, ସଂଯୁକ୍ତା ବେହେରା, ଅଶୋକ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସୋନାଲି ମହାରଣା ଧନ୍ୟବାଦ ଦେଇଥିଲେ।

### ସଚେତନତା ରଥ ଶୁଭାରମ୍ଭ

**ବାଙ୍କୀ,୮।୨(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଫାଇଲେରିଆ ନିରାକରଣ ପାଇଁ ସୋମବାର ସଚେତନତା ରଥ ଶୁଭାରମ୍ଭ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଏହାକୁ ଉଦ୍‌ଘାଟନ କରିଥିଲେ। ଫେବୃୟାରୀ ୧୦ରୁ ୩ ଦିନ ପର୍ଯ୍ୟନ୍ତ ସମସ୍ତ ଘରେ ଫାଇଲେରିଆ ଔଷଧ ବଣ୍ଟନ କରାଯିବ। ସେହିପରି ମାନସିକ ରୋଗୀଙ୍କ ଯତ୍ନ ନେବା ଉଦ୍ଦେଶ୍ୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ମାନସିକ ସଚେତନତା ରଥ ଶୁଭାରମ୍ଭ ହୋଇଛି।

### ସମବାୟବିତ୍‌ଙ୍କ ପରଲୋକ

**କଟକ ସଦର,୮।୨(ଡି.ଏନ.ଏ.):** କଟକ ସଦର ବ୍ଲକ ଅଧୀନ କୂଳସରିଚୁଆଁ ସେବା ସମବାୟ ସମିତିର ପୂର୍ବତନ ସଭାପତି ଅମିୟ ପ୍ରଧାନ(୪୨)ଙ୍କର ରବିବାର ରାତିରେ ପରଲୋକ ହୋଇଛି। କିଛିଦିନ ହେବ ସେ ଜଣ୍ଡିସ୍‌ରେ ପୀଡିତ ଥାଇ ଉକ୍ତ ବ୍ଲକ ଅଧୀନ ଭାରଗୋଳସ୍ଥିତ ନିଜ ବାସଭବନରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ସମବାୟ ସମିତି ଦାୟିତ୍ୱରେ ଥାଇ ସମବାୟବିତ୍ ହିସାବରେ ଚାଷୀଙ୍କୁ ସାହାଯ୍ୟ କରି ପ୍ରିୟଭାଜନ ହୋଇପାରିଥିଲେ।

### କଟକ ଜିଲା ଆଟିଆପାଟିଆ ୭ମ ଚାମ୍ପିୟନଶିପ୍ ଉଦ୍‌ଯାପିତ

**କଟକ ଅଫିସ, ୮।୨:** କଟକ ଜିଲା ଆଟିଆପାଟିଆ ଆସୋସିଏଶନ ପକ୍ଷରୁ ୭ମ କଟକ ଜିଲା ଆଟିଆପାଟିଆ ଚାମ୍ପିୟନଶିପ ଜଗତ୍‌ପୁରସ୍ଥିତ ନିମପୁର ଷ୍ଟାଡିୟମଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ମହିଳା ଓ ପୁରୁଷ ଟିମ୍ ଅଂଶଗ୍ରହଣ କରିଥିଲେ। ପୁରୁଷ ବିଭାଗରେ ଡିଏଭି ଷ୍ଟୁଡେଣ୍ଟ ଚାମ୍ପିୟନ ଓ ନେମାଳ ରନର୍ସ ଅପ ହୋଇଥିଲା। ସେହିପରି ମହିଳା ବିଭାଗରେ ନେମାଳ ଚାମ୍ପିୟନ ଓ ଜଗତ୍‌ପୁର ରନର୍ସ ଅପ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଟିମ୍‌ର ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ସଭାପତି ଜି. ସୁବାସ ସ୍ୱାମୀ ଅଧକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଖବରଦାତା ପି. ପ୍ରସାଦ ରାଓ, ପୂର୍ବତନ କର୍ପୋରେଟର ନବକିଶୋର ସ୍ୱାଇଁ, ଦୟାନିଧି ନାୟକ, ପ୍ରଭାତ ଜେନା ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ମହେଶ କୁମାର ମଲ୍ଲ ମଞ୍ଚ ପରିଚାଳନା ଓ କୋଷାଧକ୍ଷ ଧନଞ୍ଜୟ ବେହେରା ଧନ୍ୟବାଦ ଦେଇଥିଲେ।

# ଡକାୟତି ପାଇଁ ବସ୍ତିରେ ବ୍ଲୁ ପ୍ରିଣ୍ଟ

## ଡକାୟତି ଯୋଜନା: ବନ୍ଧୁକ ଜବତ, ୫ ଗିରଫ

ଭୁବନେଶ୍ୱର,୮।୨(ବ୍ୟୁରୋ)





### ଟ୍ୱିନ୍‌ସିଟିରେ ୨ ଦିନରେ ୪ ଯୋଜନା,୧୮ ଗିରଫ

କଟକ-ଭୁବନେଶ୍ୱରରେ ଗତ ୨ଦିନ ମଧ୍ୟରେ ୪ ଡକାୟତି ଯୋଜନା ହୋଇଛି। କଟକ ମାଲଗୋଦାମ ଥାନା ଓ ମଧୁପାଟଣା ଥାନା ପୋଲିସ ୨ଟି ଏବଂ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଓ ଶହୀଦନଗର ଥାନା ପୋଲିସ ୨ଟି ଯୋଜନା ପଣ୍ଡ କରିଛି। ପୋଲିସ ୧୮ ଜଣଙ୍କୁ ଗିରଫ କରି ଭୁଜାଲି, ଛୁରି, ବନ୍ଧୁକ ଆଦି ମାରଣାସ୍ତ୍ର ଜବତ କରିଛି।

ଅପରାଧପ୍ରବଣ ହୋଇପଡୁଛି ବସ୍ତି ବହୁଳ ଭୁବନେଶ୍ୱର। ଦିନକୁ ଦିନ ହତ୍ୟା, ଡକାୟତି, ଲୁଟ୍‌ଆଦି ବଢ଼ିଚାଲିଥିବାବେଳେ ବସ୍ତିଅଞ୍ଚଳରୁ ହେଉଛି ଏସବୁ ଅପରାଧର ବ୍ଲୁ ପ୍ରିଣ୍ଟ। ଜିଲା ଓ ରାଜ୍ୟ ବାହାର ଅପରାଧୀମାନେ ବସ୍ତିରେ ଆଡ୍ଡା ଜମାଇ ଗଞ୍ଜେଇ, ବ୍ରାଉନ୍‌ସୁଗାର ବେପାର କରିବା ସହ ସହରରେ ଉତ୍ପାତ କରୁଛନ୍ତି। କଟକରେ ମଧ ସମାନ ସ୍ଥିତି ଦେଖିବାକୁ ମିଳୁଛି। ଗତ କିଛିଦିନ ଧରି କମିଶନରେଟ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏକାଧିକ ଡକାୟତି ଗ୍ୟାଙ୍ଗକୁ ଧରିବା ସହ ବିପୁଳ ମାରଣାସ୍ତ୍ର ଜବତ କରିଛି। ବିଶେଷକରି ଭୁବନେଶ୍ୱରର ବସ୍ତି ଅଞ୍ଚଳରେ ଡକାୟତ ଯୋଜନାବେଳେ ପୋଲିସ ସେମାନଙ୍କୁ ଧରିବାବେଳେ ରବିବାର କମିଶନରେଟ୍ ପୋଲିସ ଆଉଏକ ଉଦ୍ୟମକୁ ପଣ୍ଡ କରିଛି। ବିଳମ୍ବିତ ରାତିରେ ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ଡକାୟତି ଯୋଜନା ଚାଲିଥିବାବେଳେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ମଞ୍ଜେଶ୍ୱର ଥାନା ଚକେଇସିଆଣିର ବିଶ୍ୱଜିତ୍ ସ୍ୱାଇଁ(୩୦), ପଥରବନ୍ଧ ବସ୍ତିରେ ରହୁଥିବା ଢେଙ୍କାନାଳ ସଦରର ରଞ୍ଜନ ସାହୁ(୪୫), ଭଦ୍ରକର ସିନା ଜେନା(୨୬), ଖୋର୍ଦ୍ଧା ଜଙ୍କିଆର ରଞ୍ଜନ କୁମାର ସାହୁ(୨୮) ଓ ନୟାପଲ୍ଲୀ ବେହେରାସାହିରେ ରହୁଥିବା ଜଗତ୍‌ସିଂପୁରର ବିଶ୍ୱଜିତ୍ ଡାଲୁଆ(୨୬)। ପୋଲିସ ସେମାନଙ୍କ ନିକଟରୁ ଏକ ୯ ଏମ୍‌ଏମ୍ ସେମି ଅଟୋମେଟେଡ୍ ବନ୍ଧୁକ, ୩ ଗୁଳି, ୧୬ ଏମ୍‌ଏମ୍‌ର ୪ ଲୁହା ରଡ ଓ ଏକ କାର ଜବତ କରିଛି। ଅଭିଯୁକ୍ତମାନେ ବ୍ରାଉନ୍‌ସୁଗାର ବେପାର ସହ ନାନା ଅପରାଧରେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ସେମାନେ ପୂର୍ବରୁ ଚୋରି, ଡକାୟତି ଅଭିଯୋଗରେ ଗିରଫ ହୋଇ ଜେଲ୍ ଯାଇଥିଲେ। ଜେଲ୍‌ରୁ ଫେରି ପୁଣି ଗ୍ୟାଙ୍ଗ୍ ଚଳାଉଥିବା ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ସୂଚନା ଅନୁଯାୟୀ, ରବିବାର ରାତିରେ ଶହୀଦନଗର ଥାନା ପିସିଆର୍ ପୋଲିସ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କେତେଜଣ ଅସାମାଜିକ ଯୁବକ ବସ୍ତି ନିକଟ ପଡିଆରେ ବସି କିଛି ଯୋଜନା କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ଅଧିକାରୀ ଓ କର୍ମଚାରୀ ପଡିଆର କିଛି ଦୂରରେ ଭ୍ୟାନ୍ ରଖି ଧୀରେ ଧୀରେ ଚାଲି ଚାଲି ସେମାନଙ୍କ ନିକଟତର ହେବା ସହ ପଛରୁ କାବୁ କରିଥିଲେ। ପରେ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାପରେ ଡକାୟତି ଯୋଜନା ନେଇ ଜଣାପଡିଥିଲା।

### ମାଳମାଳ ବନ୍ଧୁକ

କମିଶନରେଟ ପୋଲିସ ଇଲାକାରେ ଉତ୍ପାତ କରୁଥିବା ଅପରାଧୀଙ୍କ ହାତରେ ମାଳ ମାଳ ଚୋରା ବନ୍ଧୁକ। ପୋଲିସ କିଛି ଜବତ କରୁଥିବାବେଳେ ବନ୍ଧୁକ ଖଣି ଖୋଜୁନି। ରାଜ୍ୟ ବାହାରୁ ଆସୁଥିବା ଏହି ଚୋରା ବନ୍ଧୁକ ର୍‍ୟାକେଟ କେଉଁଠୁ ଓ କିପରି ଆସୁଛି, କେତେ ଟଙ୍କାରେ ବିକ୍ରି ହେଉଛି, ସବୁକିଛି ଜାଣି ମଧ କମିଶନରେଟ ପୋଲିସ ଏହାକୁ ରୋକିପାରୁନି। ବିଶେଷକରି ବିହାରରୁ ଚୋରା ବନ୍ଧୁକ ଆସୁଥିଲେ ମଧ ଓଡ଼ିଶା ପୋଲିସ ସେଠାକୁ ଯାଇ ବନ୍ଧୁକ କାରଖାନା ଠାବ କରିବାକୁ ସାହସ କରିପାରୁ ନାହିଁ। ବିହାର ବନ୍ଧୁକ ପାଇଁ ଓଡ଼ିଶାରେ ଅପରାଧ ବଢୁଥିଲେ ମଧ ପୋଲିସ ହାତବାନ୍ଧି ବସୁଛି।

### ଜେଲରୁ ଫେରି ଲୁଟୁଛନ୍ତି

ବିଭିନ୍ନ ସମୟରେ ଅଭିଯୁକ୍ତମାନେ ଅପରାଧ ଘଟାଇବା ପରେ ଧରାପଡି ଜେଲ୍ ଯାଉଛନ୍ତି। କିଛିଦିନ ଜେଲରେ ରହିବା ପରେ ପୁଣି ବେଲ୍‌ରେ ଆସି ପୂର୍ବଭଳି ଅପରାଧରେ ସାମିଲ ହେଉଛନ୍ତି। ଫଳରେ ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ଥାନାରେ ପୂର୍ବରୁ ମାଳ ମାଳ ଅଭିଯୋଗ ରହୁଛି। ତେବେ ପୋଲିସର ଦୁର୍ବଳ ଦଫା ଓ ଚାର୍ଜସିଟ୍ ଯୋଗୁ ଅପରାଧୀମାନେ ସହଜରେ ବେଲ୍ ପାଇଯାଉଛନ୍ତି ବୋଲି ଜଣେ ଆଇନ୍‌ଜୀବୀ କହିଛନ୍ତି।

## ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ
## କେନ୍ଦୁଝର ପୋଲିସ ଟିମ୍ ଚାମ୍ପିୟନ

ଆଠଗଡ଼, ୮।୨(ସ୍ୱ.ପ୍ର.)

ଆଠଗଡ଼ ଭଲିବଲ୍ ଆସୋସିଏଶନ୍ ଆନୁକୁଲ୍ୟରେ ସ୍ଥାନୀୟ ଝୁଲଣ ପଡ଼ିଆରେ ଦିନିକିଆ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ପୋଲିସ ଟିମ୍ ଚାମ୍ପିୟାନ ହୋଇଛି। ଫାଇନାଲ ମ୍ୟାଚ କେନ୍ଦୁଝର ଓ ନୟାଗଡ଼ ଜିଲା ଇଟାମାଟି ଭଲିବଲ୍ ଆସୋସିଏଶନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୨-୦ ସେଟ୍‌ରେ କେନ୍ଦୁଝର ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଚାମ୍ପିୟନ ଦଳକୁ ୩୦୦୦ ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୨୦୦୦ ଟଙ୍କା ସହ ଟ୍ରଫି ଦିଆଯାଇଥିଲା। ଜାତୀୟସ୍ତରର ଭଲିବଲ୍ ରେଫରୀ ମନୋରଞ୍ଜନ ପଣ୍ଡା, ରାଜେଶ ଦାସ, ଏବଂ ରୋଶନ କୁମାର ସାହୁ ମ୍ୟାଚ ପରିଚାଳନା କରିଥିଲେ। ଅରୁଣ କୁମାର ଦାସ, ଗଗନ ରଞ୍ଜନ ଦାସ ଓ ଶଶିକାନ୍ତ ସାମନ୍ତ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



କଟକ କିଲ୍ଲାଖାଇସ୍ଥିତ ବୁଖାରୀବାବାଙ୍କ ବାର୍ଷିକ ଉର୍ସୁ ଉତ୍ସବରେ ସମବେତ ଶ୍ରଦ୍ଧାଳୁ।

# ମୁହଁରେ କଳାପଟି ବାନ୍ଧି ଭାଜପାର ଧାରଣା

ନିଶ୍ଚିନ୍ତକୋଇଲି, ୮।୨ (ସ୍ୱ.ପ୍ର)

### ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିଶ୍ଚିନ୍ତକୋଇଲି ଗସ୍ତ

ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମନ୍ତ୍ରୀଙ୍କ ଗସ୍ତକୁ ନେଇ ଭାଜପା ପକ୍ଷରୁ କର୍ମୀମାନେ ମୁହଁରେ କଳାପଟି ବାନ୍ଧି ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଯାଜ୍ଞସେନୀ ଜେନା ଏହାର ନେତୃତ୍ୱ ନେଇଥିଲେ। ଜେନା ପ୍ରଥମେ ନିଶ୍ଚନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଦେଖିବା ସହ ଏକ ଆମ୍ବୁଲାନ୍ସ ଯୋଗାଇଦେବା ପାଇଁ ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ରମାକାନ୍ତ ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ମନ୍ତ୍ରୀ ଜେନା ଏକ ଶିଶୁ ପାର୍କର ଲୋକାର୍ପଣ କରି ବିରୋଧୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ମାହାଙ୍ଗାର ବିକାଶ ସେମାନଙ୍କ ଦେହର ଯାଉନି। ପରେ କେରିଲୋ ପଞ୍ଚାୟତ ଯାଇ କୃଷକ କେନ୍ଦ୍ର ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ନିର୍ମିତ ମହାସଙ୍ଘ କାର୍ଯ୍ୟାଳୟକୁ ଲୋକାର୍ପଣ କରିଥିଲେ। ଉକ୍ତ ପଞ୍ଚାୟତରେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ପରିବା ପ୍ରଦର୍ଶନୀ ବୁଲି ଦେଖିଥିଲେ। ପରେ ଜେନା କେରିଲୋର ବୈଷ୍ଣବ ଚରଣ ମେମୋରିଆଲ ଟୁର୍ନାମେଣ୍ଟରେ ଓ ନରେନ୍ଦ୍ରପୁରରେ ଏକ କ୍ରିକେଟ ଟୁର୍ନାମେଣ୍ଟରେ ଯୋଗଦେଇଥିଲେ। ମାତ୍ର ତାଙ୍କର ଏହି କାର୍ଯ୍ୟକ୍ରମକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି।

## ବାତଜ୍ୱର, କୃମି ନିୟନ୍ତ୍ରଣ ଲାଗି ସଚେତନତା ସଭା

କଟକ ଅଫିସ, ୮।୨

ବାତଜ୍ୱର ଓ କୃମି ନିୟନ୍ତ୍ରଣ ଲାଗି ସାମୂହିକ ଔଷଧ ସେବନ ନିମନ୍ତେ ଏକ ସଚେତନତା ସଭା ସିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ଯୁଗ୍ମ କମିଶନର ସୁନିତା ସରକାର ଅଧକ୍ଷତା କରି କହିଥିଲେ, ଆଶା ଓ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ବାତଜ୍ୱର ଓ କୃମି ବଟିକା ଖୁଆଇବେ। ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ। ଏହି ସଭାରେ ଡ. ଶୁଭାଶିଷ ମହାନ୍ତି, ସିଟି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ଡା. କସ୍ତୁରୀ ମିଶ୍ର, ଡା. ସମ୍ବିତ ପ୍ରଧାନ, ରାଜ୍ୟ ଏଣ୍ଟିମୋଲୋଜିଷ୍ଟ ଦୀପ୍ତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପୂଜା କମିଟି, ଶାନ୍ତି କମିଟି ସଭ୍ୟ, ବସ୍, ଟ୍ରକ, ଅଟୋ ସଂଘ, ନେହେରୁ ଯୁବ କେନ୍ଦ୍ର, ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସଭ୍ୟ, ଶିକ୍ଷସଂସ୍ଥାର କର୍ମକର୍ତ୍ତା ଯୋଗଦେଇଥିଲେ।

# କାର୍ଯ୍ୟକାରୀ ହେଉନି କେନ୍ଦ୍ରୀୟ ଯୋଜନା

କଟକ ଅଫିସ, ୮।୨

### ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନର ବାର୍ଷିକୋତ୍ସବ

ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ କଟକ ସହରାଞ୍ଚଳ-୨ ଶାଖାର ବାର୍ଷିକ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ମଜଦୁର ସଂଘ ରାଜ୍ୟ ଅସଙ୍ଗଠିତ କ୍ଷେତ୍ର ପ୍ରମୁଖ ବସନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, କେନ୍ଦ୍ର ସରକାର ଅଙ୍ଗନୱାଡି କର୍ମୀଙ୍କ ପାଇଁ ଯେଉଁସବୁ ଯୋଜନା କରିଛନ୍ତି, ତାହାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁନାହାନ୍ତି। ଏଣୁ ଅଙ୍ଗନୱାଡି କର୍ମୀମାନେ ଦାବି ହାସଲ ପାଇଁ ଆନ୍ଦୋଳନ ଲାଗି ପ୍ରସ୍ତୁତ ରହିବାକୁ ସାହୁ ଆହ୍ୱାନ ଦେଇଥିଲେ। ସଂଘ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଭାରତୀୟ ମଜଦୁର ସଂଘ କଟକ ଜିଲା ସମ୍ପାଦକ ଭାଗୀରଥି ବେହେରା, ଉପସଭାନେତ୍ରୀ ପୁଷ୍ପଲତା ମହାନ୍ତି, କୋଷାଧକ୍ଷ ସନ୍ତୋଷ କୁମାର ଭୂୟାଁ ଯୋଗଦେଇଥିଲେ। ସମ୍ପାଦିକା ଅନିତା ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କରୋନା ସଂକ୍ରମଣ ସମୟରେ ଉତ୍ସର୍ଗୀକୃତ ସେବା ପାଇଁ ଅଙ୍ଗନୱାଡି କର୍ମୀ ଛେନୁରାଣୀ ଚାଟାର୍ଜୀ, ଦୁଲାରାଣୀ ମାହାନା, ପୁଷ୍ପଲତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଫତେଶ୍ୱରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବି

କଟକ ଅଫିସ, ୮।୨

### ବିଇଓଙ୍କୁ ଦାବିପତ୍ର

କଟକ ଉପରତେଲେଙ୍ଗା ବଜାରସ୍ଥିତ ଫତେଶ୍ୱରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଫତେଶ୍ୱରୀ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ସୋମବାର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ଉପସ୍ଥାନ କମ୍ ଦର୍ଶାଇ ରାଜ୍ୟ ସରକାର କଟକ ମହାନଗର ନିଗମର ପ୍ରାୟ ୨୫ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଉପସ୍ଥାନ କମ୍ ହେବା ପଛରେ ସରକାରୀ ଅବହେଳା ଦାୟୀ। କାରଣ ଦୀର୍ଘବର୍ଷ ଧରି ସ୍କୁଲଗୁଡିକରେ ଶିକ୍ଷକ ପଦବୀ ଖାଲି ପଡିବା, ଗୁଣାତ୍ମକ ଶିକ୍ଷା ଭିତ୍ତିକ ପାଠ୍ୟ ଖସଡା ଅଭାବ, ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଥିବାରୁ ସରକାରୀ ସ୍କୁଲ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। କମିଟି ପକ୍ଷରୁ ଅଭିଭାବକ ପଞ୍ଚାନନ ଦାସ, ତ୍ରିନାଥ ଦାସ, ଝୁଲ ନାୟକ, ଅଞ୍ଜଳୀ ଦାସ, ଏଆଇଡିଏସ୍‌ଓ କଟକ ଜିଲା କମିଟି ସମ୍ପାଦକ ବିନୋଦ ସେଠୀ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଇଶା ଧର, ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ ଓ ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ବିଇଓଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଭଙ୍ଗାପୋଲ ନିର୍ମାଣ କଲେ ସାମାଜିକ କର୍ମୀ

ଖୁଣ୍ଟୁଣୀ,୮।୨(ଡି.ଏନ.ଏ.)

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଧୀନ ଭୋଗରା ପଞ୍ଚାୟତର ମୁଖ୍ୟରାସ୍ତାରେ ଗତ ୨ବର୍ଷ ହେବ ଭାଙ୍ଗିପଡ଼ିଥିବା ଏକ ପୋଲକୁ ଭୋଗରା ଗ୍ରାମର ସାମାଜିକ କର୍ମୀ ସଂଗ୍ରାମ ମହାନ୍ତି ନିର୍ମାଣ କରିଛନ୍ତି। ଯାହାଦ୍ୱାରା ଏବେ ଏହି ପଞ୍ଚାୟତର ଗ୍ରାମବାସୀଙ୍କୁ ଉକ୍ତ ରାସ୍ତା ଦେଇ ଯାତାୟାତରେ ସୁବିଧା ହୋଇପାରିବ। ସୂଚନାଯୋଗ୍ୟ, ଗତ ୮ବର୍ଷ ତଳେ ସରକାରୀ ଅନୁଦାନରେ ଭୋଗରା ଗ୍ରାମର ମୁଖ୍ୟରାସ୍ତାରେ କଂକ୍ରିଟ କରିବା ସହ ଏକ ପୋଲ ନିର୍ମାଣ ହୋଇଥିଲା। ଏହି ପୋଲ ହେବା ଦ୍ୱାରା ପଞ୍ଚାୟତର ଭୋଗରା, ତୋଟାପଡା ଓ ମଥୁରାପୁର ଗ୍ରାମବାସୀ ଯିବାଆସିବାରେ ସୁବିଧା ହୋଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ପୋଲଟି ଗତ ୨ ବର୍ଷ ତଳେ ଭାଙ୍ଗିଯିବାରୁ ଲୋକଙ୍କ ଚଳପ୍ରଚଳରେ ବାଧା ସୃଷ୍ଟି କରିଥିଲା। ପଞ୍ଚାୟତ ଅଫିସ ଓ ଗ୍ରାମକୁ ସଂଯୋଗ କରୁଥିବା ଏହି ମୁଖ୍ୟରାସ୍ତା ଉପରେ ଥିବା ପୋଲଟି ଉପରେ ଗ୍ରାମବାସୀ ନିର୍ଭର ଥିଲେ। ଏ ନେଇ ଗ୍ରାମବାସୀ ପ୍ରଶାସନଠାରୁ ଆରମ୍ଭ କରି ନେତା ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଦୀର୍ଘଦିନ ହେବ ରାସ୍ତା ମରାମତି ନ ହୋଇ ପଡ଼ିରହିଥିବାରୁ ଏହାକୁ ନିର୍ମାଣ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ ସାମାଜିକ କର୍ମୀ ସଂଗ୍ରାମ। ନିଜ ଗ୍ରାମର ମୁଖ୍ୟରାସ୍ତାର ଏଭଳି ଅବସ୍ଥାକୁ ସହ୍ୟ କରି ନ ପାରି ନିଜ ପାରିଶ୍ରମିକରୁ ଗତ ମାସରେ ଏହି ପୋଲ କାମ ଆରମ୍ଭ କରି ୪ ଦିନ ତଳେ ଶେଷ କରିଛନ୍ତି। କେବଳ ବାକି ଅଛି ଏହା ଉପରେ ତାଙ୍କ ଗ୍ରାମର ଲୋକେ କେବେ ଚାଲିବେ, ଏଥିରେ ସେ ଖୁବ ଆନନ୍ଦ ପାଇବେ ବୋଲି କହନ୍ତି ସଂଗ୍ରାମ। ସେ ଗ୍ରାମରେ ବହୁ ସାମାଜିକ ସେବା କରିଥିଲେ ମଧ ଗ୍ରାମର ଉନ୍ନତିରେ ବହୁ ଆନନ୍ଦ ମିଳିଥାଏ ବୋଲି କୁହନ୍ତି। ତାଙ୍କର ଏହି ଉଦାରତା ପାଇଁ ଗ୍ରାମବାସୀ ସାଧୁବାଦ ଜଣାଇଥିଲେ। ଯେତେବେଳେ ଗ୍ରାମର ଲୋକ ଏହି ପୋଲ ଉପରେ ଚାଲିବେ, ସେତେବେଳେ ସେ ତାଙ୍କ ଶ୍ରମ ସାର୍ଥକ ହେବ ବୋଲି ସେ କହିଛନ୍ତି।

# କେନାଲ ପୋଲ ନିର୍ମାଣ ସ୍ଥାନକୁ ନେଇ ବିବାଦ

କଣ୍ଟାପଡା, ୮।୨(ଡି.ଏନ୍.ଏ.)



ଧାରଣାରେ ବସିଥିବା ଗ୍ରାମବାସୀ।

### ବିଧାୟକ ଶିଳାନ୍ୟାସ କଲେ, ପ୍ରତିବାଦରେ ଗଣଧାରଣା

ପ୍ରତାପନଗରୀ ଜଳସେଚନ ବିଭାଗ ଅଧୀନରେ ଥିବା କାକଟପୁର ବ୍ରାଞ୍ଚ କେନାଲର ଗୋପାଳପୁର ଗ୍ରାମ ନିକଟରେ ଏକ ପୋଲ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ଉକ୍ତ ପୋଲ ନିର୍ମାଣ ପାଇଁ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ସୋମବାର ଶିଳାନ୍ୟାସ କରିଥିଲେ। ହେଲେ ଉକ୍ତ ପୋଲ ନିର୍ମାଣ ପାଇଁ ଅନୁପଯୁକ୍ତ ସ୍ଥାନ ଚୟନ ପ୍ରତିବାଦରେ ଅଭିମନ୍ୟୁ ସଙ୍ଗଠନର ଆବାହକ ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମବାସୀ ଧାରଣା ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଗୋପାଳପୁର ନିକଟସ୍ଥ ପୋଲଟି ଯାତାୟାତ ପାଇଁ ବିପଦ ସୃଷ୍ଟି କରୁଥିବାରୁ ୨୦୧୪ ଓ ୨୦୧୭ରେ ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ନୂତନ ପୋଲ ପାଇଁ ଧାରଣା ଦିଆଯାଇଥିଲା। ପ୍ରତାପନଗରୀ ଜଳସେଚନ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୨୬ ଲକ୍ଷ ଟଙ୍କା ବ୍ୟୟରେ ଏକ ପୋଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ତେବେ ଜନବସତିଠାରୁ ପ୍ରାୟ ୫୦୦ ମିଟର ଦୂରରେ ପୋଲ ନିର୍ମାଣ କାମ ଆରମ୍ଭ ହେବାରୁ ଗ୍ରାମବାସୀ ଏହାର ପ୍ରତିବାଦ କରିଥିଲେ। ତେବେ ଏହାର କୌଣସି ସମାଧାନ ହୋଇ ପାରି ନ ଥିଲା। ଫଳରେ ଅଭିମନ୍ୟୁଙ୍କ ନେତୃତ୍ୱରେ ସୋମବାର ଧାରଣା ଦିଆଯାଇଥିଲା। ସେହି ବାଟଦେଇ ଜଗତ୍‌ସିଂହପୁର ଏମ୍‌ପି ଯିବାବେଳେ ଧାରଣାସ୍ଥଳକୁ ଯାଇ ଆଲୋଚନା କରିଥିଲେ। ପରେ କଣ୍ଟାପଡା ଅତିରିକ୍ତ ତହସିଲଦାର ସୁଭ୍ରାଂଶୁ ସାହୁ ଧାରଣାସ୍ଥଳରେ ପହଞ୍ଚି ଏହି ବିବାଦର ସମାଧାନ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପାଠପଢ଼ାକୁ ନେଇ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ

କଟକ ଅଫିସ, ୮।୨



ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ନର୍ସିଂ କଲେଜ ମୁଖ୍ୟ ଗେଟ୍ ସମ୍ମୁଖରେ ଏକତ୍ରିତ ହୋଇଛନ୍ତି।

### ଏସ୍‌ସିବି ନର୍ସିଂ କଲେଜ
■ମୁଖ୍ୟ ଫାଟକ ସମ୍ମୁଖରେ ଏକାଠି ହେଲେ ଛାତ୍ରୀଛାତ୍ର, ଅଭିଭାବକ

ଏସ୍‌ସିବି ମେଡିକାଲ କଲେଜ ଅଧୀନରେ ଥିବା ଏସ୍‌ସିବି ନର୍ସିଂ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ସୋମବାର ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। କରୋନା ଯୋଗୁ ବନ୍ଦ ଥିବା ଉକ୍ତ କଲେଜର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ଅଭିଭାବକ ସେଠାରେ ଏକତ୍ରିତ ହୋଇଥିଲେ। କରୋନା ମହାମାରୀ ବ୍ୟାପିବା କାରଣରୁ କଲେଜ କର୍ତ୍ତୃପକ୍ଷ ପାଠପଢ଼ା ବନ୍ଦ କରିବା ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ନର୍ସିଂ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବନ୍ଦ ରହିଛି। ପୁନର୍ବାର ପାଠପଢା ଆରମ୍ଭ କରିବା ପାଇଁ ସୋମବାର ସମସ୍ତ ଛାତ୍ରୀଛାତ୍ର ଏସ୍‌ସିବି ଅଧୀକ୍ଷକଙ୍କ ନିକଟରେ ଦାବି କରିଥିଲେ। ଏ ନେଇ ନର୍ସିଂ କଲେଜ ତୃତୀୟ ବର୍ଷର ଛାତ୍ରୀ ଲୋପିତା ସାହୁ କହିଛନ୍ତି, ଏହି କଲେଜରେ ୩୦୦ ଛାତ୍ରୀଛାତ୍ର ପଢୁଛନ୍ତି। କରୋନା କଟକଣା ଯୋଗୁ ଆମ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଅନ୍‌ଲାଇନ୍ ଶିକ୍ଷାଦାନରେ ପାଠ ବୁଝିବାକୁ ସମସ୍ୟା ହେଉଛି। ବ୍ରହ୍ମପୁର ଓ ସମ୍ବଲପୁରଠାରେ ଥିବା ନର୍ସିଂ କଲେଜରେ ପାଠପଢା ଆରମ୍ଭ ହୋଇଥିବାବେଳେ ଏସ୍‌ସିବି ନର୍ସିଂ କଲେଜରେ କାହିଁକି ପାଠପଢ଼ା ଆରମ୍ଭ ହୋଇନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପାଇଁ ଏସ୍‌ସିବି ଅଧୀକ୍ଷକଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇନାହିଁ। ତେବେ ସକାଳ ୮ଟାରୁ ଆସିଥିବା ସମସ୍ତ ଛାତ୍ରୀଛାତ୍ର ଏସ୍‌ସିବି ଅଧୀକ୍ଷକଙ୍କ ନିକଟରୁ ପାଠପଢା ଆରମ୍ଭକୁ ନେଇ କୌଣସି ପ୍ରତିଶ୍ରୁତି ପାଇ ନ ଥିବା ବେଳେ ଛାତ୍ରୀମାନେ ହଷ୍ଟେଲର ତିନୋଟି ମହଲାରେ ଥିବା ରୁମ୍‌ଗୁଡିକରେ ନିଜ ଦାୟିତ୍ୱରେ ଥିବା ଜଣାପଡିଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସଙ୍କଟମୋଚନ ହନୁମାନ ଆଶ୍ରମରେ ରାମଚରିତ ମାନସ ପାରାୟଣ, ରସୁଲଗଡ଼ ଶିଳ୍ପାଞ୍ଚଳ, ସକାଳ ୬ଟାରୁ ଆରମ୍ଭ।
- ଆଦିବାସୀ ମେଳା, ଆଦିବାସୀ ପଡ଼ିଆ, ଅପରାହ୍ନ ୨ଟା।
- ଜାତୀୟ ହସ୍ତତନ୍ତ ମେଳା, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।

ବାଲିଅନ୍ତା
- ପୂର୍ବତନ ବିଧାୟକ ଗୋପୀନାଥ ଭୋଇଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ଗାନ୍ଧୀପୀଠ, ବାଲିଅନ୍ତା, ସକାଳ ୮ଟା ୩୦।
- ଶ୍ରୀରାମଚରିତ ମାନସ ପଠନ ଓ ପ୍ରବଚନ, ଶ୍ରୀ ରାଧାବଲ୍ଲଭ ଜୀଉ ମନ୍ଦିର, ବଙ୍ଗୁଆରୀ, ସନ୍ଧ୍ୟା ୭ଟା।
- ଅନନ୍ତମୁଖୀ ଭାଗବତ ପାରାୟଣ, ବନବିହାରୀ ଗାନ୍ଧୀପୀଠ, ପାରିବାସୁଦେଇପୁର, ସନ୍ଧ୍ୟା ୭ଟା ୩୦।


ଶାନ୍ତିସ୍ତୂପ ପାଦଦେଶରେ ଚାଲିଥିବା ୧୭ତମ ଧଉଳି–କଳିଙ୍ଗ ମହୋତ୍ସବର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ବାହାର ରାଜ୍ୟର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ନୃତ୍ୟରେ କୃଷ୍ଣଭକ୍ତି, ପ୍ରେମର ଝଲକ

### ସରିଲା ଧଉଳି-କଳିଙ୍ଗ ମହୋତ୍ସବ

ଭୁବନେଶ୍ୱର, ୮।୨(ବ୍ୟୁରୋ)

ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ଆର୍ଟ ଭିଜନର ମିଳିତ ଉଦ୍ୟମରେ ଧଉଳି ପାହାଡ଼ ପାଦଦେଶରେ ଚାଲିଥିବା ୧୭ତମ ଧଉଳି–କଳିଙ୍ଗ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତ୍ୟନ୍ତ ମନୋଜ୍ଞ ଓ ଚିତ୍ତାକର୍ଷକ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ନୈବେଦ୍ୟ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡ଼ିଶାର କଳା, ବୈଚିତ୍ର୍ୟ, ବିଭବ ଉପରେ ପର୍ଯ୍ୟବସିତ ଏକ ଅନନ୍ୟ ନୃତ୍ୟରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ନୃତ୍ୟର ସଂରଚନା କରିଥିଲେ ଗୁରୁ ଅରୁଣା ମହାନ୍ତି ଓ ବିଜୟ କୁମାର ସାହୁ। ପରେ ବାଙ୍ଗାଲୋରରୁ ଆସିଥିବା ସମ୍ଭାବୀ ସ୍କୁଲ ଅଫ୍ ଡ୍ୟାନ୍ସର କଳାକାରମାନେ କୁଚିପୁଡ଼ି ପରିବେଷଣ କରିଥିଲେ। ସେମାନେ ପ୍ରଥମେ ପ୍ରଭୁ ଭିଥୋବାଙ୍କ ଉପରେ ଭକ୍ତିପୂତ କୁଚିପୁଡ଼ି ନୃତ୍ୟ ପରିବେଷଣ କରିଥିଲେ। ପରେ ତାଳପାକ ଅନାମ ଚରଣଙ୍କ ରଚନାରୁ ଉଦ୍ଧୃତ ଆଦିବ ଅଲ୍ଲଦିବ ପରିବେଷଣ ହୋଇଥିଲା। ସେମାନଙ୍କର ପରବର୍ତ୍ତୀ ପ୍ରସ୍ତୁତି ଥିଲା ଶ୍ରୀକୃଷ୍ଣଙ୍କ ଲୀଳା ଉପରେ ପର୍ଯ୍ୟବେଶିତ ନୃତ୍ୟାଭିନୟ 'ନୀଳ ମେଘ ସରରେ'। ପରେ ପରେ ମହାଭାରତରୁ ଉଦ୍ଧୃତ ଜଣେ ଅସୁନ୍ଦର ନାରୀ କୁବୁଜା ଯିଏକି ଶ୍ରୀକୃଷ୍ଣଙ୍କ ଅଗାଢ଼ ଭକ୍ତି, ପ୍ରେମ ଓ ସମର୍ପଣରୁ ସୁନ୍ଦର ନାରୀରେ ପରିଣତ ହୋଇଥିଲେ ତାଙ୍କ ଉପରେ କଳାକାରମାନେ କୁଚିପୁଡ଼ି ନୃତ୍ୟ ମାଧ୍ୟମରେ ସୁନ୍ଦର ପରିବେଷଣ କରିଥିଲେ। ସମସ୍ତ ନୃତ୍ୟ ସଂରଚନା କରିଥିଲେ ଗୁରୁ ବୈଜୟନ୍ତୀ କାଶୀ।



ଅନ୍ତିମ ସନ୍ଧ୍ୟାର ତୃତୀୟ କାର୍ଯ୍ୟକ୍ରମ ଥିଲା ଓଡ଼ିଶୀ ନୃତ୍ୟ। ଅନୁଗୋଳରୁ ଆସିଥିବା ନୃତ୍ୟ ନିଳୟ ଅନୁଷ୍ଠାନର କଳାକାରମାନେ ଏହା ପରିବେଷଣ କରିଥିଲେ। ସେମାନେ ପ୍ରଥମେ ରାଗ ମାଳିକା ଓ ତାଳ ମାଳିକା ଉପରେ ନିବଦ୍ଧ ଅଗ୍ନି ସୁକ୍ତମ୍ ପରିବେଷଣ କରିଥିଲେ। ପରେ ରାଗ ଚକ୍ରବାକ ଓ ତାଳ ଏକତାଳୀ ଉପରେ ପର୍ଯ୍ୟବସିତ ପଲ୍ଲବୀ ପରିବେଷଣ କରାଯାଇଥିଲା, ଯାହା ଅତି ଚମତ୍କାର ଥିଲା। ଗୁରୁ ସ୍ୱପ୍ନାରାଣୀ ସିହ୍ନା ଏହାର ନୃତ୍ୟ ସଂରଚନା କରିଥିଲେ। ଅନ୍ତିମ ସନ୍ଧ୍ୟାର ଅନ୍ତିମ ପରିବେଷଣ ଥିଲା ସରେଇକଳା ଛଉ ନୃତ୍ୟ। ନୂଆଦିଲ୍ଲୀରୁ ଆସିଥିବା ଆଚାର୍ଯ୍ୟ ଛଉନୃତ୍ୟ ବିଚିତ୍ରା ଅନୁଷ୍ଠାନର ଶିଳ୍ପୀମାନେ ଏହାକୁ ପରିବେଷଣ କରିଥିଲେ। ସେମାନେ ପ୍ରଥମେ ରାଗ ଦେଶ ଓ ତାଳ ଷୋଳରେ ଯାତ୍ରାଘାଟ ଏବଂ ପରେ ସାମରିକ କଳା ଉପରେ ପର୍ଯ୍ୟବସିତ ନୃତ୍ୟ ପରିବେଷଣ କରିଥିଲେ। ପରେ ସେମାନେ ରାଗ ମିୟାଙ୍କ ମଲ୍ଲାର ଓ ଚାରୁକେଶୀ, ତାଳ ଆଠ ମାତ୍ରା ଉପରେ ଗରୁଡ଼ ବାସୁକୀ ଏବଂ ଶେଷରେ ଆଖଡ଼ା ନୃତ୍ୟ ପରିଖଣ୍ଡ ଖେଲୋ ଛଉନୃତ୍ୟରେ ସମରକଳା ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ, ଓଡ଼ିଶା ସରକାରଙ୍କ ମୋ' ସ୍କୁଲ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନ୍‌ର ସଚିବ ଇଲିୟାନା ଚିତାରିଷ୍ଟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ସାୟିଦ୍ ସଞ୍ଚାଳନ କରିଥିଲେ।

## ବସ୍ ଚକା ତଳେ ଯୁବକଙ୍କ ଜୀବନ ଗଲା

ଭୁବନେଶ୍ୱର,୮।୨(ବ୍ୟୁରୋ)

ଖଣ୍ଡଗିରି ଥାନା ଅଞ୍ଚଳରେ ସୋମବାର ଜଣେ ବାଇକ୍ ଆରୋହୀଙ୍କ ଉପରେ ଏକ ବସ୍ ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ବାଇକ ଚାଳକ ହେଲ୍‌ମେଟ୍ ପିନ୍ଧିଥିଲେ ମଧ୍ୟ ବସ୍ ଚକା ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତକ ହେଲେ, ନୟାଗଡ଼ ଜିଲାର ସତ୍ୟବାନ ସାହୁ। ରାତି ପ୍ରାୟ ୯ଟା ସମୟରେ ସତ୍ୟବାନ ନଂ.(ଓଡି ୩୩ ଏନ୍ ୫୬୧୦) ବିଶିଷ୍ଟ ବାଇକ୍‌ରେ ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ଖଣ୍ଡଗିରି ରମାମଣି ପେଟ୍ରୋଲ ପମ୍ପ ସାମ୍ନାରେ ପାରଳାଖେମୁଣ୍ଡି ଯାଉଥିବା ଏକ ଘରୋଇ ବସ୍(ଓଡି ୦୨ ଏଏଚ୍ ୫୩୫୫) ତାଙ୍କୁ ଧକ୍କା ଦେଇ ତାଙ୍କ ଉପରେ ଚଢ଼ିଯାଇଥିଲା। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

## ଯୁବତୀ ଚାଲାଣର ତଦନ୍ତ କରିବ ମହିଳା ଥାନା

### ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ସେକ୍ସ ରାକେଟ୍ ଘଟଣା

ଭୁବନେଶ୍ୱର, ୮।୨(ବ୍ୟୁରୋ)

ଏୟାରପୋର୍ଟ ଥାନା ଅନ୍ତର୍ଗତ ପଳାଶପଲ୍ଲୀସ୍ଥିତ ନିଖିଳ ଉତ୍କଳ ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ତାଲିମ କେନ୍ଦ୍ରରେ ଚାଲିଥିବା ସେକ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ପୋଲିସ। ରାଜ୍ୟ ଓ ବାହାରୁ ଯୁବତୀଙ୍କୁ ତାଲିମକେନ୍ଦ୍ରକୁ ଅଣାଯାଇ ଦେହବେପାରରେ ନିୟୋଜିତ କରାଯାଉଥିବା ନେଇ ପୋଲିସ ଜାଣିବାକୁ ପାଇଛି। ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ତଥା ତାଲିମକେନ୍ଦ୍ରର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ବେହେରାଙ୍କ ସମେତ ମୋଟ୍ ୭ ଜଣଙ୍କୁ ଗିରଫ କରିଥିବାବେଳେ ଆହୁରି ଅନେକ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରୁଛି। ତେଣୁ ଅଧିକ ତଦନ୍ତ ପାଇଁ ଏୟାରପୋର୍ଟ ଥାନାକୁ ମହିଳା ଥାନା ପୋଲିସ ସହାୟତା କରିବ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ମିଳିଛି। ମୁଖ୍ୟତଃ ମହିଳାଥାନା ପୋଲିସ ଯୁବତୀ ଚାଲାଣ ଉପରେ ତଦନ୍ତ କରିବ। କେଉଁ ଅଞ୍ଚଳରୁ ଯୁବତୀଙ୍କୁ ଅଣାଯାଉଥିଲା, ଆଉ କିଏ କିଏ ଏଥିରେ ସାମିଲ ଥିଲେ, କେଉଁ କେଉଁ ସରକାରୀ ଅଧିକାରୀ ଏଠାକୁ ଆସୁଥିଲେ ଏଭଳି ଅନେକ ଦିଗକୁ ନେଇ ଖୋଳତାଡ଼ ହେବ। ସବୁଠୁ ବଡ଼ କଥା ହେଉଛି ଏଥିରେ କେତେଜଣ ନେତାଙ୍କ ଲିଙ୍କ୍ ଥିବା ନେଇ ହେଉଥିବା ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ତାଲିମକେନ୍ଦ୍ରରେ ସେକ୍ସ ର୍‍ୟାକେଟ୍ ଚାଲିଥିବା ନେଇ ଏକ ଭିଡ଼ିଓ ଭାଇରାଲ ହୋଇଥିଲା। ଏହା ପରେ ଭିନ୍ନକ୍ଷମ କମିଶନ ନିଜଆଡୁ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ତଦନ୍ତ କରି ପ୍ରଥମେ ଉକ୍ତ ତାଲିମ କେନ୍ଦ୍ରର ଜଣେ ମହିଳା ପ୍ରଶିକ୍ଷିକା ମଧୁମଞ୍ଜରୀ ଧଳଙ୍କୁ ଗିରଫ କରିଥିଲା। ପରେ ଫେରାର ଥିବା ସୁରେଶ ଓ ଅନ୍ୟ ୫ଜଣଙ୍କୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୋସିଆଲ ସିକ୍ୟୁରିଟି ଅଫିସର (ଏସ୍‌ଏସ୍‌ଓ) ତଥା ଚନ୍ଦକା ମେଣ୍ଢାଶାଳ ଅଞ୍ଚଳର ସଂଗ୍ରାମ କେଶରୀ ଦାସ (୩୭) ରହିଛନ୍ତି। ସେ ରାତି କାଟିବାକୁ ଝିଅ ନେଇ ଅଡିଟ୍‌ରେ ହେରଫେର କରୁଥିଲେ।

# ଆଜି ସରିବ ଆଦିବାସୀ ମେଳା



ଭୁବନେଶ୍ୱର, ୮।୨(ବ୍ୟୁରୋ)

ଜନଜାତି ଜୀବନର କଥା କହୁଛି ଆଦିବାସୀ ମେଳା। ଭୁବନେଶ୍ୱର ଆଦିବାସୀ ପଡ଼ିଆରେ ଚାଲିଥିବା ଏହି ମେଳାରେ ଆଦିବାସୀଙ୍କ କଳା, ସଂସ୍କୃତି ଓ ପରମ୍ପରା ସହରବାସୀଙ୍କୁ ଆକୃଷ୍ଟ କରିବା ସହ ମନ ଜିଣୁଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଗତମାସ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ମଙ୍ଗଳବାର ଶେଷ ହେଉଥିବାରୁ ଭିଡ଼ ବଢୁଛି। ଲୋକେ ପ୍ରଦର୍ଶନୀ ବୁଲିବା ସହ ବିଭିନ୍ନ ଜନଜାତି ସାମଗ୍ରୀ କିଣାକିଣି କରି ଘରକୁ ନେଉଛନ୍ତି।

ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ କଳା, ହସ୍ତଶିଳ୍ପ, କୃଷିଜାତ ସାମଗ୍ରୀ ଓ ସେମାନଙ୍କ ଜୀବନଜୀବିକାକୁ ନେଇ ମୋଟ ୯୦ଟି ଷ୍ଟଲ ବା ମଣ୍ଡପ ଖୋଲିଛି। ବିଭିନ୍ନ ଜିଲାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡି.ଏ) ସହାୟତାରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ମେଳାକୁ ଆସି ବେପାର ବାଣିଜ୍ୟର ପସରା ମେଲାଇଛନ୍ତି। ସେମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟ ଯଥା- ବାସୁମତୀ ଚାଉଳ, ମୁଗ, ବିରି, ମାଣ୍ଡିଆ, ପାଲୁଅ, ରାଶି ଆଦି କିଣିବାକୁ ଲୋକଙ୍କ ଯେତିକି ଆଗ୍ରହ ପରିଲକ୍ଷିତ ହେଉଛି, ବଡ଼ି, ପାମ୍ପଡ଼, ଆଚାର, ହଳଦୀଗୁଣ୍ଡ ଓ ଫୁଲଝାଡୁ ଆଦି କିଣିବା ପାଇଁ ସେତିକି ଭିଡ଼ ଲାଗୁଛି। ମେଳାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଆଦିବାସୀ ଜନଜୀବନ ଉପରେ ଆଧାରିତ ଏକ ବିରଳ ଫଟୋଚିତ୍ରର ମଣ୍ଡପ। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଖୋଲାଯାଇଥିବା ଏହି ପ୍ରଦର୍ଶନୀରେ ୬୨ଟି ଆଦିବାସୀ ବର୍ଗର ସାମାଜିକ ଚଳଣି, ସାଂସ୍କୃତିକ ଜୀବନ, ପୋଷାକ ପରିଧାନ ଓ ଅଳଙ୍କାର ଆଦିର ଯେଉଁ ମନଲୋଭା ଫଟୋଚିତ୍ର ସ୍ଥାନିତ ହୋଇଛି। ଚଳିତବର୍ଷ କରୋନାକୁ ଦୃଷ୍ଟିରେ ରଖି ଆଦିବାସୀ ମେଳା ଅବସରରେ ଭର୍ଚୁଆଲ ମୋଡ୍‌ରେ ଆଦିବାସୀ ନୃତ୍ୟ ଦେଖିବାର ବ୍ୟବସ୍ଥା କରାଯାଇଛି। ଦର୍ଶକମାନେ ଆଦିବାସୀ ମେଳାର ୱେବ୍‌ସାଇଟ୍ http//:www.adivasimela2021.comରେ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ନୃତ୍ୟ ଦେଖୁଛନ୍ତି। ମଙ୍ଗଳବାର ସାନ୍ତାଳ ଜନଜାତିଙ୍କ ବୁଢ଼ି ଗଳି ନୃତ୍ୟ, ଭୂମିଜ ଓ ମୁଣ୍ଡା ଜନ ଜାତିଙ୍କର କରମା ନୃତ୍ୟ ପ୍ରଦର୍ଶିତ ହେବ।

## ଜାତୀୟ ଶିକ୍ଷାନୀତି କର୍ମଶାଳା ଉଦ୍‌ଯାପିତ

ବାଲକାଟୀ,୮।୨(ଡି.ଏନ୍.ଏ.)

ବାଲକାଟୀସ୍ଥିତ ରଥିଯେମା ପ୍ରାଥମିକ ବିଦ୍ୟାଳୟରେ ୨ଦିନ ଧରି ଚାଲିଥିବା ଜାତୀୟ ଶିକ୍ଷାନୀତି କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ସରପଞ୍ଚ ଭାଗ୍ୟଧର ନନ୍ଦୀ, ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସମିତି ସଭ୍ୟା ନୟନା ବେହେରା, ବିଦ୍ୟାଳୟର ସଭାପତି ଗୋପାଳ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିରଜବାଳା ନାୟକ ଜାତୀୟ ଶିକ୍ଷାନୀତି ଶିକ୍ଷକଙ୍କ ଜରିଆରେ ଶିକ୍ଷାର୍ଥୀଙ୍କ ନିକଟରେ ପହଞ୍ଚି ବାସ୍ତବ ରୂପରେଖ ହୋଇପାରିବ ବୋଲି କହିଥିଲେ। ସିଆର୍‌ସିସି ତପନ ମହାନ୍ତି ସଂଯୋଜନା କରିଥିଲେ।

## ଶହୀଦ ନଗରରେ ପବ୍ଲିକ୍ ଲାଇବ୍ରେରି ସୁବିଧା

ଭୁବନେଶ୍ୱର,୮।୨(ବ୍ୟୁରୋ)

ପଠନ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଶହୀଦନଗରସ୍ଥିତ ଇଣ୍ଟିଗ୍ରେଟେଡ୍ ପବ୍ଲିକ୍ ସର୍ଭିସ୍ ସେଣ୍ଟର (ଆଇପିଏସ୍‌ସି)ଠାରେ ଏକ ସାମୂହିକ ପାଠାଗାର ସ୍ଥାପନ ହୋଇଛି। ବର୍ତ୍ତମାନ ୨୦ ଖବରକାଗଜ, ୧୫ ମାଗାଜିନ୍‌ରୁ ଆରମ୍ଭ ହୋଇଛି ଏହି ପାଠାଗାର। ଏହାସହ ଓଡ଼ିଆ ଏବଂ ଇଂଲିଶ୍ ଭାଷାର ବିଭିନ୍ନ ବହି, କମ୍ପିଟିଟିଭ୍ ଏବଂ ଏଣ୍ଟ୍ରାନ୍ସ ପରୀକ୍ଷାର୍ଥୀଙ୍କ ପାଇଁ ବିଭିନ୍ନ ପତ୍ରିକା ଏବଂ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟରକ୍ଷା, ଇତିହାସ, ସମକାଳୀନ ଭାରତୀୟ ସାହିତ୍ୟ, ବିବିଧ ଧର୍ମତତ୍ତ୍ୱ ସାଙ୍ଗକୁ ଗୀତ କବିତା ଇତ୍ୟାଦି ପୁସ୍ତକ ଏଠାରେ ରହିଛି। ସ୍ଥାନୀୟ ବାସିନ୍ଦା, ବରିଷ୍ଠ ନାଗରିକ ଏବଂ ବିବିଧ ନିଯୁକ୍ତି ପରୀକ୍ଷା ଦେଉଥିବା ଆଶାୟୀ ପ୍ରାର୍ଥୀଙ୍କ ପାଇଁ ତଥା ନିକଟରେ ଥିବା ବସ୍ତିର ଆଗ୍ରହୀ ପାଠିକାପାଠକଙ୍କ ପାଇଁ ଏହା ଏକ ସମ୍ବଳ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲାଯିବ। ଆଗକୁ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ଏପରିକି ମେଡିକାଲ୍ ଏଣ୍ଟ୍ରାନ୍ସ ଇତ୍ୟାଦି ସମ୍ବନ୍ଧୀୟ ପୁସ୍ତକ ରଖାଯାଇ ଯୁବ ଆଶାୟୀଙ୍କୁ ପାଠାଗାରକୁ ଆକୃଷ୍ଟ କରିବାର ପଦକ୍ଷେପ ନିଆଯାଇଛି। ବିଏମ୍‌ସି କମିଶନର ତଥା ବିଏସ୍‌ସିଏଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରେମଚନ୍ଦ୍ର ଚୌଧାରୀ ବାପୁଜୀନଗରସ୍ଥିତ ଆଇପିଏସ୍‌ସିରେ ମଧ୍ୟ ଏହିପରି ଏକ ପାଠାଗାର ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଏସ୍‌ସିଏଲ୍‌ର ଜେନେରାଲ୍ ମ୍ୟାନେଜର୍ ଆଡମିନିଷ୍ଟ୍ରେଶନ୍ କମଲ୍‌ଜିତ୍ ଦାସ୍ କହିଛନ୍ତି, ଯୁବବର୍ଗଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଏହି କେନ୍ଦ୍ରର ଉପାଦେୟତାକୁ ବେଶ୍ ଅନୁଭବ କରିପାରିବେ ବୋଲି ଆଶା କରୁଛୁ।

# ଆର୍ଥିକ ସ୍ଥିତିର ଦ୍ରୁତ ଅଭିବୃଦ୍ଧି ଉପରେ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୮।୨(ବ୍ୟୁରୋ)

କୋଭିଡ୍ ପ୍ରଭାବିତ ରାଜ୍ୟର ଆର୍ଥିକ ସ୍ଥିତିର ଦ୍ରୁତ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ଘୋଷଣା କରିଥିବା ପ୍ୟାକେଜଗୁଡ଼ିକର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏହାକୁ ଗୁରୁତ୍ୱ ଦେବା ସହ ସେଗୁଡିକର ଆଗାମୀ କାର୍ଯ୍ୟଖସଡ଼ା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସୋମବାର ଲୋକ ସେବା ଭବନ ସଭାଗୃହରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଏବଂ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।


ବୈଠକରେ ଉପସ୍ଥିତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ଏହି ଅବସରରେ ଉନ୍ନୟନ କମିଶନର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମ ଓ ସହରାଞ୍ଚଳରେ ଜୀବିକା ନିର୍ବାହ ପନ୍ଥାର ସୁଧାର ଲାଗି ସମ୍ପୃକ୍ତ ବିଭାଗଗୁଡିକ ଦ୍ୱାରା ବିଭିନ୍ନ ପ୍ୟାକେଜ ଓ କାର୍ଯ୍ୟ ଯୋଜନା ଆରମ୍ଭ କରାଯାଇଛି। ଏଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ କୋଟି ଟଙ୍କାର ସହରାଞ୍ଚଳ ଦୈନିକ ନିଯୁକ୍ତି କାର୍ଯ୍ୟକ୍ରମ, ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ୯୪ ଲକ୍ଷ ଗରିବ ପରିବାର ଏବଂ ୨୨ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ନିମନ୍ତେ ୨୨୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ସେ ଆହୁରି କହିଛନ୍ତି, ଇତିମଧ୍ୟରେ ରାଜ୍ୟର ସମସ୍ତ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଦିଗରେ କାର୍ଯ୍ୟାରମ୍ଭ ହୋଇସାରିଛି। କୋଭିଡ୍ ଲକ୍‌ଡାଉନ ସମୟରେ ରାଜ୍ୟ ୧.୨୫ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ଆକର୍ଷଣ କରିଛି। ନୂତନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ କ୍ଷେତ୍ରସ୍ତରୀୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଓଡ଼ିଶା ଏକ କୋଭିଡ୍ ନିରାପଦ ପର୍ଯ୍ୟଟନ ରାଜ୍ୟ ଭାବେ ପର୍ଯ୍ୟଟକଙ୍କ ମଧ୍ୟରେ ଲୋକପ୍ରିୟ ହୋଇଛି ବୋଲି ସେ କହିଛନ୍ତି। ଲକ୍‌ଡାଉନ ପରବର୍ତ୍ତୀ ସମୟରେ କୃଷି, ପଶୁପାଳନ, ମତ୍ସ୍ୟଚାଷ, ପାନୀୟଜଳ ଯୋଗାଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ପର୍ଯ୍ୟଟନ, ଶିଳ୍ପାୟନ, ପରିବହନ ଆଦି କ୍ଷେତ୍ରରେ ହୋଇଥିବା ସୁଧାର ସହ ନୂଆ ସମ୍ଭାବନା ବିଷୟରେ କ୍ଷେତ୍ରଭିତ୍ତିକ ତଥ୍ୟର ବୈଜ୍ଞାନିକ ଅନୁଧ୍ୟାନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ବିଭାଗଗୁଡ଼ିକ ନିର୍ଦ୍ଦିଷ୍ଟ ମାନକ ନିର୍ଦ୍ଧାରଣ କରି ଆଗାମୀ କାର୍ଯ୍ୟଖସଡ଼ା ନିମନ୍ତେ ବାସ୍ତବବାଦୀ ପରାମର୍ଶ ଦେବା ପାଇଁ ମୁଖ୍ୟ ଶାସନ ସଚିବ ବୈଠକରେ ଉପସ୍ଥିତ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କୁ କହିଛନ୍ତି। ମାର୍ଚ୍ଚ ୧୫ ତାରିଖ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିପିନ


@ ବିଶ୍ୱଜିତ୍


@ ସୋହମ୍


@ ରାକେଶ


@ ସୁମନ୍ତ


@ ପ୍ରେମାନନ୍ଦ


@ ଶୁଭାଙ୍ଗିନୀ

## ଠକାମିରେ ପଡ଼ିଲେ କେଜ୍‌ରିୱାଲଙ୍କ ଝିଅ

ଅନ୍‌ଲାଇନ ଠକେଇର ଶିକାର ହୋଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଝିଅ ହର୍ଷିତା କେଜରିୱାଲ। ପୁରୁଣା ଜିନିଷ କ୍ରୟ-ବିକ୍ରୟ ହେଉଥିବା ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଓଏଲ୍‌ଏକ୍ସରେ ଏକ ସୋଫା ସେଟ୍ ବିକ୍ରି କରିବାକୁ ହର୍ଷିତା ଏକ ବିଜ୍ଞାପନ ଦେଇଥିଲେ। ଦୁର୍ବୃତ୍ତ ଜଣକ ସୋଫା କିଣିବାକୁ ହର୍ଷିତାଙ୍କ ସହ ଯୋଗାଯୋଗ କରିଥିଲେ। ଟଙ୍କା ପଠାଇବା ପାଇଁ ସମ୍ପୃକ୍ତ ବ୍ୟକ୍ତି ହର୍ଷିତାଙ୍କ ନିକଟକୁ ଏକ ବାର୍‌କୋଡ ପଠାଇଥିଲେ। ଏହାକୁ ସ୍କାନ କଲେ ଟଙ୍କା ପହଞ୍ଚିଯିବ ବୋଲି ସେ ହର୍ଷିତାଙ୍କୁ କହିଥିଲେ। ପ୍ରଥମେ କିଛି ଟଙ୍କା ପଠାଇବା ପରେ ଦୁର୍ବୃତ୍ତ ଜଣକ ୨ ଥରରେ ୩୪ ହଜାର ଟଙ୍କା ହର୍ଷିତାଙ୍କ ଆକାଉଣ୍ଟରୁ ନେଇଯାଇଥିଲେ।

# ଭବିଷ୍ୟତକୁ ବିପଦ ଭର୍ଚୁଆଲ ପାଣି ରପ୍ତାନି

**ଗତ ଦଶନ୍ଧିରେ ଭାରତରେ ଉତ୍କଟ ରୂପ ଧାରଣ କରିଛି ଜଳସଙ୍କଟ । କିନ୍ତୁ ପାନୀୟ ଜଳ ରପ୍ତାନିରେ ଦେଶ ଭଲ ଅର୍ଥ କମାଉଛି। ଏ କ୍ଷେତ୍ରରେ ଚାଇନା ସାଜିଛି ଭାରତର ପ୍ରଥମ ବଡ଼ ଗ୍ରାହକ । ମାଳଦ୍ୱୀପ ମଧ୍ୟ ପ୍ରଚୁର ପରିମାଣରେ ପାଣି ଆମଦାନୀ କରେ। କେବଳ ସିଧାସଳଖ ନୁହେଁ, ଭର୍ଚୁଆଲ ମାଧ୍ୟମରେ ରପ୍ତାନି ହେଉଥିବା ପାଣି ଭବିଷ୍ୟତରେ ନୂଆ ସମସ୍ୟା ସୃଷ୍ଟି କରିବ । ଭାରତ ଏହାର ଫାଇଦା ନେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।**



**ନୂଆଦିଲ୍ଲୀ:** ଭାରତ ଗତ ଏକ ଦଶନ୍ଧି ଭିତରେ ଭୟଙ୍କର ଜଳସଙ୍କଟର ସମ୍ମୁଖୀନ ହୋଇଛି। ୨୦୧୮ରେ ନୀତି ଆୟୋଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପାଖାପାଖି ୬୦ କୋଟି ଲୋକଙ୍କ ନିକଟରେ ବିଶୁଦ୍ଧ ପାନୀୟ ଜଳ ଅପହଞ୍ଚ ହୋଇ ରହିଛି। ଅନ୍ୟପଟେ ଦେଶର ସବୁଠାରୁ ଅଧିକ ପାଣି ପଡୋଶୀ ଚାଇନାକୁ ବିକ୍ରି କରାଯାଉଛି। ୨୦୨୦ରେ ଭାରତ ମିନେରାଲ ୱାଟର ବ୍ୟବସାୟରେ ଭଲ କମାଣି କରିଛି। ପୃଥିବୀର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଚାଇନା ଏହାର ବଡ଼ କ୍ରେତା ପାଲଟିଛି। ଏହିକ୍ରମରେ ମାଳଦ୍ୱୀପ ଦ୍ୱିତୀୟ ସ୍ଥାନରେ ରହିଛି। ଲୋକ ସଭାରେ ହୋଇଥିବା ଆଲୋଚନାରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୫-୧୬ରୁ ୨୦୨୦-୨୧ (ଏପ୍ରିଲରୁ ନଭେମ୍ବର) ମଧ୍ୟରେ ଭାରତରୁ ୩୮,୫୦,୪୩୧ ଲିଟର ପାଣି ରପ୍ତାନି କରାଯାଇଛି। କେବଳ ମିନେରାଲ ୱାଟର ନୁହେଁ, ଏଥିରେ ନାଚୁରାଲ ୱାଟର ମଧ୍ୟ ସାମିଲ ରହିଛି। ଏହି ୫ ବର୍ଷ ଭିତରେ ହାରାହାରି ୨୩,୭୮,୨୨୭ ଲିଟର ମିନେରାଲ ୱାଟର, ୮,୬୯,୮୧୫ ଲିଟର ନେଚୁରାଲ ୱାଟର ରପ୍ତାନି ହୋଇଛି। ଚାଇନା ଏହାର ବଡ଼ ଗ୍ରାହକ ରହିଛି। କେବଳ ମିନେରାଲ ୱାଟର ରପ୍ତାନିରୁ ୩୧ ଲକ୍ଷ ଟଙ୍କା ମିଳିଛି। ଚାଇନାକୁ ବାଦଦେଲେ ମାଳଦ୍ୱୀପ, ସାଉଦିଆରବ, ୟୁଏଇକୁ ମଧ୍ୟ ପାଣି ରପ୍ତାନି ହେଉଛି। ଭାରତରେ ବିଶୁଦ୍ଧ ପାଣି ନିର୍ମାଣ ଉଦ୍ୟୋଗ କେତେ ବୃହତ୍ ତାହାର ଅନୁମାନ କେବଳ ଟାଟା କମ୍ପାନୀରୁ କରାଯାଇପାରେ। ଗତବର୍ଷ କରୋନା ମହାମାରୀ ସମୟରେ କଟକଣା ଯୋଗୁ ବ୍ୟବସାୟ ବାଣିଜ୍ୟ ଗଭୀର ପ୍ରଭାବିତ ହୋଇଥିଲା। ଅଧିକାଂଶ ଦେଶର ସୀମା ବନ୍ଦ କରିଦିଆଯିବା କାରଣରୁ ରପ୍ତାନି, ଆମଦାନୀ ସ୍ୱାଭାବିକ ହୋଇପାରି ନ ଥିଲା। ତଥାପି ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତ ବିଭିନ୍ନ ଦେଶକୁ ପାଣି ରପ୍ତାନି କରି ୧୫୫.୮୬ ଲକ୍ଷ ଟଙ୍କା ଅର୍ଜନ କରିଛି।

## କ'ଣ ଏହି ଭର୍ଚୁଆଲ ରପ୍ତାନି

କରୋନା ସମୟରେ ବହୁଳ ବ୍ୟବହୃତ ଶବ୍ଦ ମଧ୍ୟରେ ଗୋଟିଏ ହେଉଛି ଭର୍ଚୁଆଲ। କୋଭିଡ୍-୧୯ କଟକଣା ପାଇଁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଡିଜିଟାଲ ମୋଡ୍‌ରେ ହେଉଥିବା ବୈଠକ, କାର୍ଯ୍ୟକ୍ରମ, ସମ୍ମିଳନୀ, ଆଲୋଚନାଚକ୍ର ଏହାର ଅଂଶବିଶେଷ। ହେଲେ ଏହା ଆଶ୍ଚର୍ଯ୍ୟ ଲାଗିପାରେ ଯେ, ଭାରତରୁ ବିପୁଳ ପରିମାଣର ପାଣି ଭର୍ଚୁଆଲ୍ ପ୍ରକ୍ରିୟାରେ ବାହାରକୁ ଚାଲିଯାଉଛି। ଭାରତ ଏ କ୍ଷେତ୍ରରେ ଅଗ୍ରଣୀ ଦେଶ ପାଲଟିଛି। ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ କ'ଣ ଏହି ଭର୍ଚୁଆଲ ରପ୍ତାନି। ସିଧାସଳଖ କହିଲେ, ଏହା ଫସଲ ଉତ୍ପାଦନ ସହ ସମ୍ପର୍କିତ। ଜଳକଷ୍ଟ ସହି ଆସୁଥିବା ଦେଶଗୁଡ଼ିକ ଅଧିକ ପାଣି ଆବଶ୍ୟକ କରୁଥିବା ଫସଲ ପ୍ରାୟତଃ ଉତ୍ପାଦନ କରନ୍ତି ନାହିଁ। ସେମାନେ ଏହାକୁ ଅନ୍ୟ ଦେଶରୁ ଆମଦାନୀ କରିଥାନ୍ତି। ଭାରତ ଭଳି ବିଶାଳକାୟ ଦେଶରେ ଧାନ ଅଧିକ ମାତ୍ରାରେ ଉତ୍ପାଦନ କରାଯାଏ। ଏକ କିଲୋଗ୍ରାମ ଚାଉଳ ଉତ୍ପାଦନ ଲାଗି ହାରାହାରି ୨୧୭୩ ଲିଟର ପାଣି ଆବଶ୍ୟକ। ଉଦାହରଣ ସ୍ୱରୂପ ଭାରତ ୨୦୧୪-୧୫ରେ ୩୭.୨ ଲକ୍ଷ ଟନ ବାସୁମତି ଚାଉଳ ବିଭିନ୍ନ ଦେଶକୁ ରପ୍ତାନି କରିଥିଲା। ଏହାର ଉତ୍ପାଦନରେ ହାରାହାରି ୧୦ ଟ୍ରିଲିୟନ ଲିଟର ପାଣି ଖର୍ଚ୍ଚ ହୋଇଥିଲା। ଦୃଶ୍ୟମାନ ହେଉ ନ ଥିଲେ ମଧ୍ୟ ଚାଉଳ ସହିତ ପାଣି ମଧ୍ୟ ବିଦେଶକୁ ଯାଇଛି। ହେଲେ ଏଥିଲାଗି ଭାରତକୁ ଯେତେ ଫାଇଦା ମିଳିବା କଥା ତାହା ମିଳୁନାହିଁ। ଚାଉଳ ରପ୍ତାନିରେ ପାଣିର ମୂଲ୍ୟ ମିଶାଗଲେ ରପ୍ତାନି ଦର ଆକାଶଛୁଆଁ ହେବ।

## ୬୦ କୋଟି ଜଳକଷ୍ଟର ଶିକାର

ଦେଶରେ ପାଣିସଙ୍କଟ ଉତ୍କଟ ରୂପ ଧାରଣ କରିବାରେ ଲାଗିଛି। ତେଣୁ ଭର୍ଚୁଆଲ ପାଣି ବିଷୟରେ ଭାବିବାର ସମୟ ଆସିଛି। ନୀତି ଆୟୋଗ ପକ୍ଷରୁ ପ୍ରକାଶିତ କମ୍ପୋଜିଟ୍ ୱାଟର ମ୍ୟାନେଜମେଣ୍ଟ ଇଣ୍ଡେକ୍ସ (ସିଡବ୍ଲ୍ୟୁଏମ୍ଆଇ)ର ଏକ ରିପୋର୍ଟରେ କୁହାଯାଇଛି, ଦେଶର ୬୦ କୋଟି ଲୋକ ଜଳକଷ୍ଟର ଶିକାର ହୋଇଛନ୍ତି। ସ୍ୱଚ୍ଛ ପାଣି ଅଭାବରୁ ବାର୍ଷିକ ୨ ଲକ୍ଷ ଜୀବନ ଯାଉଛି। ଭୂତଳ ଜଳସ୍ତର କମିବାରେ ଲାଗିଛି। ଏହାସତ୍ତ୍ୱେ ଭୂତଳ ଜଳସ୍ତରକୁ ସିଧାସଳଖ ଏବଂ ପରୋକ୍ଷ ଭାବରେ ରପ୍ତାନି ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ୨୦୩୦ ସୁଦ୍ଧା ଅବସ୍ଥା ଆହୁରି ବିଗିଡ଼ିଯିବ, ଯାହାର ସିଧାସଳଖ ପ୍ରଭାବ ଜିଡିପି ଉପରେ ପଡ଼ିବ ବୋଲି ଏଥିରେ ସତର୍କ କରାଯାଇଛି। ଅନ୍ୟପଟେ ସମସ୍ୟାକୁ ନଜରରେ ରଖି ସରକାର ୨୦୧୯ରେ ଜଳଜୀବନ ମିଶନ ଆରମ୍ଭ କରିଛନ୍ତି। ଏ ଦିଗରେ କାମ ମଧ୍ୟ ଆରମ୍ଭ ହେଲାଣି। ହେଲେ ଏହା କେତେ ସୁଦୂରପ୍ରସାରୀ ହେବ ତାହାର ଠିକ୍ ଚିତ୍ର ଏବେଯାଏ ସାମ୍ନାକୁ ଆସିପାରି ନାହିଁ।

# ହିନାଙ୍କ ବୋଲ୍ଡ ଅବତାର



**ମୁମ୍ବାଇ:** ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରି ସାରିଥିବା ହିନା ଖାନ୍ ଦେଖିବାକୁ ତ ସୁନ୍ଦର ହେଲେ ତାଙ୍କର ଗ୍ଲାମର୍ସ ଫଟୋ ଫ୍ୟାନ୍ସଙ୍କ ମନ କିଣିବାରେ ଏକ ନମ୍ବର ବୋଲି କୁହାଯାଏ। ନିକଟରେ ଇନଷ୍ଟାରେ ସେ ପୋଷ୍ଟ କରିଥିବା ଫଟୋ ଏବେ ଖୁବ ଚର୍ଚ୍ଚାରେ। ତାଙ୍କ ସୁନ୍ଦରତା ପାଇଁ ତାଙ୍କୁ ଟାଇମ୍ସର ଟପ୍ ୨୦ ମୋଷ୍ଟ ଡିଜାରେବଲ ଓମେନ ପୁରସ୍କାର ମିଳିଛି। ଇନଷ୍ଟାଗ୍ରାମରେ କେବେ ଇଣ୍ଡିଆନ ତ ପୁଣି କେବେ ୱେଷ୍ଟର୍ନ ଡ୍ରେସରେ ଫଟୋ ପୋଷ୍ଟ କରି ଫ୍ୟାନଙ୍କ ମନ ଜିତିଥା'ନ୍ତି। ପ୍ରଶଂସକ ତାଙ୍କର ପ୍ରାୟ ସବୁ ଲୁକ୍ସକୁ ଖୁବ ପ୍ରଶଂସା କରିଥା'ନ୍ତି। ନିକଟରେ ଆନିମଲ ପ୍ରିଣ୍ଟ ବ୍ଲାକ ଆଣ୍ଡ ହ୍ୱାଇଟ ଡ୍ରେସ ପିନ୍ଧିଥିବାର ଫଟୋ ହିନା ଶେୟାର କରିଥିଲେ। ଏଥିରେ ସେ କେଶ ଖୋଲା ରଖିଥିଲେ ଯାହାକୁ ତାଙ୍କ ପ୍ରଶଂସକ ଖୁବ ପସନ୍ଦ କରିଛନ୍ତି । ଏଥିରେ ତାଙ୍କୁ ୩ ଲକ୍ଷରୁ ଅଧିକ ଲାଇକ୍ସ ମିଳିଛି। ଆଉ ଏକ ଫଟୋରେ ସେ ବଡ ବ୍ଲାକ କଲର କ୍ୟାପ ପିନ୍ଧିବା ସହ ହାତରେ ନେଟ ଗ୍ଲୋଭ୍ସ ପିନ୍ଧି ହଲିଉଡ୍ ଅଭିନେତ୍ରୀଙ୍କ ପରି ନଜର ଆସିଛନ୍ତି। ତେବେ ହିନାଙ୍କ ଫଟୋ ଦେଖି ଖୁବ କମେଣ୍ଟ କରିଛନ୍ତି ତାଙ୍କ ପ୍ରଶଂସକ। ଆଉ ଏହାକୁ ଦେଖିବା ପରେ ରୋହିତ ରୟ କହିଛନ୍ତି ପ୍ରଶଂସା ପାଇଁ ଶବ୍ଦ ବୋଧହୁଏ କମ ପଡିଗଲା ।

# ଅନାଥଙ୍କ ବନ୍ଧୁ ହିମଜା



ହାଇଦ୍ରାବାଦ: ସେ ନିଜେ ଜଣେ ଅନାଥ ପିଲା। ସେଥିପାଇଁ ତ ସେ ଅନାଥ ହେବାର ଦୁଃଖକୁ ବୁଝି ପାରିଛନ୍ତି। ଅନାଥ ପିଲାଙ୍କୁ ସାହାଯ୍ୟ କରିବା ପାଇଁ ଏବେ ସେ ଆଗେଇ ଆସିଛନ୍ତି। ମାଗଣାରେ ପାଠ ପଢ଼ାଇବାଠାରୁ ଆରମ୍ଭ କରି ସେମାନଙ୍କୁ ସବୁ ପ୍ରକାରର ସାହାଯ୍ୟ ସହଯୋଗ ପାଇଁ ଆଗେଇ ଆସିଛନ୍ତି ହାଇଦ୍ରାବାଦର ହିମଜା ରେଡ୍ଡୀ।

ହାଇଦ୍ରାବାଦର 'ହୋପ୍ ଫର୍ ଲାଇଫ୍' ଅନୁଷ୍ଠାନରେ ଅନାଥ ଓ ଗରିବ ପିଲାଙ୍କୁ ମାଗଣାରେ ପାଠ ପଢ଼ାଇବାର ସୁବିଧା ଦେଉଛନ୍ତି ହିମଜା ରେଡ୍ଡୀ। ହିମଜା ନିଜେ ଜଣେ ଅନାଥ। ତେଣୁ ଛୋଟବେଳୁ ସେ ବି ପାଠ ପଢ଼ିବା ପାଇଁ ବହୁ କଷ୍ଟ କରିଛନ୍ତି। ଜୀବନରେ ଶିକ୍ଷାର ମହତ୍ତ୍ୱ କେତେ ଅଧିକ ରହିଛି ସେ ପିଲାବେଳରୁ ସେହି କଥା ଅନୁଭବ କରିଛନ୍ତି। ପାଠ ପଢ଼ି ମଣିଷ ହେବା ପାଇଁ ସେ ବହୁ କଷ୍ଟ ସ୍ୱୀକାର କରିଛନ୍ତି। କିନ୍ତୁ ହାର୍ ମାନି ନାହାନ୍ତି। ତେଣୁ ନିଜେ ଭଲ ଚାକିରି କରିବା ପରେ ତାଙ୍କର ସଞ୍ଚିତ ଅର୍ଥରେ ତିଆରି କରିଛନ୍ତି ହୋପ୍ ଫର୍ ଲାଇଫ୍। ଏହି ମାଧ୍ୟମରେ ସେ ଅନାଥ ତଥା ଗରିବ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଏବେ ସୁଦ୍ଧା ସେ ୪୦୦୦ ପିଲାଙ୍କୁ ପାଠ ପଢାଇ ସାରିଲେଣି। ତାଙ୍କଠାରୁ ସାହାଯ୍ୟ ପାଇ ଅନେକ ସମାଜରେ ପ୍ରତିଷ୍ଠିତ ବି ହୋଇପାରିଛନ୍ତି। ୨୦୧୫ ମସିହାରୁ ସେ ଏହି ଅନୁଷ୍ଠାନ ତିଆରି କରି କାମ କରି ଆସୁନ୍ତି। ଏବେ ତାଙ୍କ ଅନୁଷ୍ଠାନରେ ୩ଜଣ ସଦସ୍ୟ ଅଛନ୍ତି ଏବଂ ବିଭିନ୍ନ ରାଜ୍ୟରେ ସେ ଏହି ଅନୁଷ୍ଠାନ ଗଢି ପିଲାଙ୍କ ପାଇଁ କାମ କରୁଛନ୍ତି। ପିଲାମାନଙ୍କୁ ସେ କେବଳ ଯେ ମାଗଣା ଶିକ୍ଷା ଦେଉଛନ୍ତି ତା' ନୁହେଁ, ସେମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ସେ ଅନେକ ସମୟରେ ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରି ଲୋକଙ୍କ ଚିକିତ୍ସା ବି କରିଥାନ୍ତି। ଏଭଳି କାମ ପାଇଁ ଏବେ ତାଙ୍କୁ ବିଭିନ୍ନ ଅଞ୍ଚଳର ଲୋକେ ପ୍ରଶଂସା କରିଛନ୍ତି।

# ବିରିୟାନୀର ଦାମ୍ ୨୦ ହଜାର



**ଦୁବାଇ:** ବିରିୟାନୀ ନାଁ ଶୁଣିଲେ ଅନେକଙ୍କ ପାଟିରୁ ଲାଳ ବାହାରେ। ବିଶେଷ କରି ଭାରତୀୟଙ୍କ ବିରିୟାନୀ ପ୍ରତି ବେଶ ଦୁର୍ବଳତା ରହିଛି। ହାଇଦ୍ରାବାଦୀ ବିରିୟାନି ବହୁତ ଲୋକପ୍ରିୟ। ଶସ୍ତାରେ ଅତିକମ୍‌ରେ ୫୦ ଟଙ୍କା ଏବଂ ମହଙ୍ଗା ରେଷ୍ଟୁରାଣ୍ଟରେ ୧ରୁ ୨ ହଜାର ଟଙ୍କା ମଧ୍ୟରେ ଏହା ମିଳିଥାଏ। କିନ୍ତୁ ଏକ ପ୍ଲେଟ ବିରିୟାନୀର ଦାମ୍ ୨୦ ହଜାର ଟଙ୍କା ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ଏହି ବିରିୟାନିରେ ଚିକେନ, ମଟନ୍ ସାଙ୍ଗକୁ ସୁନା ପରସା ଯାଇଥାଏ। ଦୁବାଇର ବମ୍ବେ ବ୍ରୋଚ୍ ନାମରେ ଥିବା ରେଷ୍ଟୁରାଣ୍ଟ ଏହି ଦାମୀ ବିରିୟାନୀ ପରସା ଯାଇଥାଏ। ୨୩ କ୍ୟାରେଟ ସୁନାରେ ବିରିୟାନୀ ପ୍ଲେଟ ସଜ୍ଜିତ କରାଯାଇଥାଏ। ଗୋଟିଏ ପ୍ଲେଟ୍ ବିରିୟାନୀକୁ ୫ ଜଣ ଲୋକ ଖାଇପାରିବେ।

# କଙ୍ଗନାଙ୍କ 'ଧାକଡ'ଲୁକ୍



**ମୁମ୍ବାଇ:** ନିଜର ଦମଦାର ଅଭିନୟ ପାଇଁ ବଲିଉଡ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଙ୍ଗନା ରାଣାୱତ ଏବେ ତାଙ୍କ ଆଗାମୀ ଫିଲ୍ମ 'ଧାକଡ'କୁ ନେଇ ଖୁବ ଚର୍ଚ୍ଚାରେ । ଏବେ ଏହି ଫିଲ୍ମର ଶୁଟିଂ ମଧ୍ୟପ୍ରଦେଶରେ ଚାଲିଛି । ଏହାକୁ ନେଇ କଙ୍ଗନା ଖୁବ ଉତ୍ସାହିତ ଅଛନ୍ତି । କାରଣ ଏଥିରେ ତାଙ୍କ ଚରିତ୍ର ଖୁବ ଆକର୍ଷଣୀୟ ରହିଛି । ଯାହା ପାଇଁ ଖୁବ ପରିଶ୍ରମ ବି କରୁଛନ୍ତି କଙ୍ଗନା । ଏବେ ଏହି ଫିଲ୍ମ ଓ ଏହାସହ ଜଡିତ କିଛି ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଛି । ଏହି କ୍ରମରେ କଙ୍ଗନା ତାଙ୍କ ସୋସିଆଲ ମିଡିଆରେ ଫିଲ୍ମରେ ତାଙ୍କ ଲୁକ ଶେୟାର କରିଛନ୍ତି । 'ଧାକଡ'ର ଜବରଦସ୍ତ ନୂଆ ପୋଷ୍ଟର ଶେୟାର କରିଛନ୍ତି କଙ୍ଗନା । ଏଥିରେ ତାଙ୍କର ଦମଦାର ଲୁକ୍ସ ଦେଖିବାକୁ ମିଳିଛି । ଫିଲ୍ମରେ ସେ ଜଣେ ଏଜେଣ୍ଟ ଭୂମିକାରେ ଦେଖା ଦେଇଛନ୍ତି । ହାତରେ ମେଶିନ୍ ଗନ ଧରି ପ୍ରଶଂସକଙ୍କୁ ପ୍ରଭାବିତ କରିଛନ୍ତି ନାୟିକା। ପୋଷ୍ଟରେ ତାଙ୍କ ନିକଟରେ ଗାଡି ଜଳୁଥିବା ଦେଖାଯାଇଛି । ଏହା ଏକ ସ୍ପାଇ-ଆକ୍ସନ ଫିଲ୍ମ ଆଉ ଏଥିରେ କଙ୍ଗନା ଜଣେ ସିକ୍ରେଟ ଏଜେଣ୍ଟ ଭୂମିକାରେ ନଜର ଆସିବେ। ଏହାର ନିର୍ଦ୍ଦେଶନା ରଜନୀଶ ରାଜି ଘଇ ଦେଇଥିବା ବେଳେ ଏହା ଚଳିତ ବର୍ଷ ଅକ୍ଟୋବର ୧ ରେ ରିଲିଜ ହେବାର ଯୋଜନା ରହିଛି। ପୂର୍ଣ୍ଣ କ୍ଷମତାରେ ସିନେମା ହଲ୍ ଚାଲିବା ନେଇ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ପରେ ଚଳିତ ବର୍ଷ ଏକାଧିକ ଚଳଚ୍ଚିତ୍ର ମୁକ୍ତିଲାଭ ଅପେକ୍ଷାରେ ରହିଛି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GLOBAL FINANCE
(କରୋନା ମହାମାରୀ ରେ online ସୁବିଧା)
ଭାରତର ଏକମାତ୍ର ବିଶ୍ୱସନୀୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
2% ସୁଧ ଏବଂ 40% ଛାଡ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9473500149

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ
ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore , Karnataka-400021.
9485687401
8901064681

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପୋଖରୀରେ ବୁଡ଼ି ଯୁବକ ମୃତ

କଟକ ସଦର,(ଡି.ଏନ.ଏ.): ପୋଖରୀରେ ବୁଡି କଟକ ସଦର ବ୍ଲକ ଅଧୀନ ସାମନ୍ତରାପୁର ଗ୍ରାମର ଚିନ୍ତାମଣୀ ବେହେରା(୩୦)ଙ୍କ ମୃତ୍ୟୁ ଘଟିଛି। କିଶୋର ନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୪/୨୧) ରୁଜୁ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଚିନ୍ତାମଣୀ ଶୌଚ ହେବା ପାଇଁ ପୋଖରୀକୁ ଯାଇଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲେ। ଚିକିତ୍ସାଲାଗି ତାଙ୍କୁ କିଶୋରନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୧୦୦୨ ପୋଲିସ ଦେଇଛନ୍ତି ପ୍ଲାଜ୍ମା

## ପ୍ରଶଂସା ସ୍ମାରକୀ ପ୍ରଦାନ କଲେ ଡିଜିପି



ପ୍ଲାଜ୍ମା ଦାନ କରିଥିବା ମହିଳା ପୋଲିସ କର୍ମଚାରୀଙ୍କୁ ଡିଜିପି ଅଭୟ ସମ୍ବର୍ଦ୍ଧିତ କରୁଛନ୍ତି।

କଟକ ଅଫିସ, ୮।୨

ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଇତିମଧ୍ୟରେ ରାଜ୍ୟର ସମସ୍ତ ଜିଲା, ବାଟାଲିୟନ ଓ ପୋଲିସ ପ୍ରତିଷ୍ଠାନରୁ ୧୦୦୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ କରୋନାରୁ ସୁସ୍ଥ ହେବା ପରେ ପ୍ଲାଜ୍ମା ଦାନ କରିଛନ୍ତି। ଓଡ଼ିଶା ପୋଲିସ କର୍ମଚାରୀଙ୍କ ପକ୍ଷରୁ ଦାନ କରାଯାଇଥିବା ପ୍ଲାଜ୍ମା ରାଜ୍ୟର ପ୍ଲାଜ୍ମା ସଂଗ୍ରହର ୪୬ ପ୍ରତିଶତ। ରାଜ୍ୟରେ ୨୧୬୬ ଜଣ ପ୍ଲାଜ୍ମା ଦାନ କରିଥିବାବେଳେ ସେଥିମଧ୍ୟରୁ ଓଡ଼ିଶା ପୋଲିସର ୧୦୦୨ ଜଣ ଅଛନ୍ତି। ଏହି କାର୍ଯ୍ୟ ପାଇଁ ଡିଜିପି ଅଭୟ ସମସ୍ତ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି। ଏହି ଅବସରରେ କଟକ ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟ ପରିସରରେ ସୋମବାର ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ପ୍ଲାଜ୍ମା ଦାନ କରିଥିବା ପୋଲିସ କର୍ମଚାରୀମାନଙ୍କୁ ଡିଜିପି ପ୍ରଶଂସା ସ୍ମାରକୀ ପ୍ରଦାନ କରିଛନ୍ତି। ଏହି ଅବସରରେ ଡିଜିପି କହିଛନ୍ତି, କୋଭିଡ୍ ମହାମାରୀ ସମୟରେ ୪୮ ଜଣ କର୍ମଚାରୀ ପ୍ରାଣବଳି ଦେଇଥିଲେ। ସେମାନଙ୍କ ତ୍ୟାଗ ପାଇଁ ଓଡ଼ିଶା ପୋଲିସ ଖୁବ୍ ଗର୍ବିତ। ପ୍ଲାଜ୍ମା ଦାନ କରିଥିବା କର୍ମଚାରୀମାନେ ନିଶ୍ଚିତ ଧନ୍ୟବାଦର ପାତ୍ର। ସେମାନଙ୍କର ଏହି ନିଃସ୍ୱାର୍ଥପର ସେବା ଅନ୍ୟ ଯବାନ, କର୍ମଚାରୀଙ୍କୁ ଅଧିକ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିବ ବୋଲି ଡିଜିପି କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ପୋଲିସ ପକ୍ଷରୁ ଗତ ଜୁଲାଇ ୨୪ରେ ପ୍ରଥମେ ପ୍ଲାଜ୍ମା ଦାନ କରାଯାଇଥିଲା। ଉକ୍ତଦିନ ଓଏସ୍ଏପି ତୃତୀୟ ବାଟାଲିୟନ, କୋରାପୁଟର ୨ ଜଣ ଯବାନ କଟକ ଏସ୍‌ସିବି ମେଡିକାଲରେ ସର୍ବପ୍ରଥମେ ପ୍ଲାଜ୍ମା ଦାନ କରିଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ପ୍ଲାଜ୍ମା ଦାନ କରିଥିବା ପୋଲିସ କର୍ମଚାରୀ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶିଶୁ ମୃତ୍ୟୁ ଘଟଣା ପୀଡ଼ିତ ପରିବାରକୁ କ୍ଷତିପୂରଣ ଦେବାକୁ ଏନ୍‌ଏଚଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୮।୨(ବ୍ୟୁରୋ): ରାୟଗଡ଼ା ଜିଲା କୋଲନାରା ଥାନା ଅନ୍ତର୍ଗତ ସିକବାଡ଼ିର ଜଣେ ୪ ବର୍ଷୀୟ ଶିଶୁଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ପୀଡିତାଙ୍କ ପରିବାରକୁ ୨ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆସନ୍ତା ୨୬ ତାରିଖ ସୁଦ୍ଧା କ୍ଷତିପୂରଣ ପ୍ରଦାନ ସମ୍ପର୍କିତ ପ୍ରମାଣପତ୍ର ଦାଖଲ କରିବାକୁ ମଧ୍ୟ କୁହାଯାଇଛି। ୨୦୧୮ ଜୁଲାଇ ୩୧ରେ ପବିତ୍ର ବିଦିକା ନାମକ ଶିଶୁ ରାସ୍ତାରେ ଖେଳୁଥିବା ସମୟରେ ତଳେ ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଆଇନଜୀବୀ ରାଧାକାନ୍ତ ମହାନ୍ତି ଏନ୍‌ଏଚ୍‌ଆର୍‌ସିରେ ଏକ ପିଟିଶନ କରିଥିଲେ। ସେ ପିଟିଶନରେ ଉଲ୍ଲେଖ କରିଥିଲେ, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ବେପରୁଆ କାର୍ଯ୍ୟକଳାପ ଯୋଗୁ ଏଭଳି ଅଘଟଣା ଘଟିଥିବା ସତ୍ତ୍ୱେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାଦ୍ୱାରା ମାନବାଧିକାର ଉଲ୍ଲଂଘନ ହୋଇଥିବାରୁ ଆବଶ୍ୟକ ପଦକ୍ଷେପ ସହ କ୍ଷତି ପୂରଣ ପାଇଁ ଆଦେଶ ଦେବାକୁ ରାଧାକାନ୍ତ ନିବେଦନ କରିଥିଲେ।

### ୪୨ ମୌଜାରେ ବସ୍ତିବାସିନ୍ଦାଙ୍କ ଥଇଥାନ ଯୋଜନା

କଟକ ସଦର,୮।୨(ଡି.ଏନ.ଏ.): କଟକ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ଯୋଗୁ ସରକାରୀ ଜାଗାରେ ରହିଆସୁଥିବା ବସ୍ତିବାସିନ୍ଦା ବିସ୍ଥାପିତ ହୋଇଛନ୍ତି। ସେମାନଙ୍କୁ ଥଇଥାନ କରିବା ଦାୟିତ୍ୱ ସହରାଞ୍ଚଳ ବିକାଶ ବିଭାଗ ଗ୍ରହଣ କରିଛି। ସିଏମ୍‌ସି ଅଞ୍ଚଳରେ ବାସପୋଯୋଗୀ ଜମିର ଅଭାବକୁ ଦୃଷ୍ଟିରେ ରଖି ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ୪୨ ମୌଜା ଅଞ୍ଚଳରେ ଜାଗା ଖୋଜା ଚାଲିଛି। ସିଏମ୍‌ସି ୫୧ ଓ ୫୨ନଂ. ୱାର୍ଡ ସନ୍ନିକଟ ୪୨ ମୌଜାରେ ଆବାଦଯୋଗ୍ୟ ଜମି ରହିଥିବାରୁ ଜିଲା ପ୍ରଶାସନ ଚିହ୍ନଟ ଆରମ୍ଭ କରିଦେଇଛି। ଜନ ଆନ୍ଦୋଳନ ମୁଣ୍ଡ ଟେକିବା ଆଶଙ୍କା କରି ଜମି ଅଧିଗ୍ରହଣ କାର୍ଯ୍ୟ ଗୋପନରେ ଚାଲିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। କାରଣ ଚାଉଳିଆଗଞ୍ଜରେ ଥିବା ସରକାରୀ ଜମିରେ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ସରକାରୀ ନିଷ୍ପତ୍ତିକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ସେଥିପାଇଁ ଗତ ଜାନୁୟାରୀ ୨୯ରେ ଆନ୍ଦୋଳନ ହୋଇଥିଲା। ଝିଙ୍କିରିଆ, ମଣିବାଡ, ଶ୍ରୀରାମ, କୂଳସରିଚୁଆଁ ଓ ବସନ୍ତକୁଣ୍ଡଳ ମୌଜାରେ ଥିବା ସରକାରୀ ଜମିରେ ଫ୍ଲାଟ୍ କରାଯାଇ ବସ୍ତିବାସିନ୍ଦାଙ୍କୁ ରଖାଯିବ। ଏହି ସବୁ ମୌଜାରେ ଥିବା ସରକାରୀ ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ ରଖିଥିବାରୁ ତାହାକୁ ଉଚ୍ଛେଦ କରି ବିସ୍ଥାପିତଙ୍କୁ ଥଇଥାନ କରିବାକୁ ସରକାର ଯୋଜନା କରିଥିବା ଜଣାପଡିଛି। ଜମି ଅଧିଗ୍ରହଣ ସମ୍ପର୍କରେ କଟକ ସଦର ତହସିଲଦାର ସମ୍ବିତ୍ ଗଡନାୟକଙ୍କୁ ପଚାରିବାରୁ ସେ ଏ ନେଇ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ।

## ଡିଆରଡିଏ କର୍ମଚାରୀ ପରିଚୟ ଦେଇ ଠକେଇ

ନିଶ୍ଚିନ୍ତକୋଇଲି,୮।୨(ସ୍ୱ.ପ୍ର.)

ଡିଆରଡିଏ କର୍ମଚାରୀ ବୋଲି ପରିଚୟ ଦେଇ ଆବାସ ଯୋଜନା ହିତାଧିକାରୀଙ୍କଠାରୁ ଟଙ୍କା ଠକି ନିଆଯାଉଛି। ଏନେଇ ସୋମବାର କଟକ ଜିଲା ନିଶ୍ଚିନ୍ତକୋଇଲି ବିଡିଓ ଏବଂ ଅଧକ୍ଷାଙ୍କ ନିକଟରେ ଅଭିଯୋଗ ହୋଇଛି। ବନ୍ଧକାଠିଆ ପଞ୍ଚାୟତ ହରିରାଜପୁର ଗ୍ରାମ ଶରତ କୁମାର ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ୩ ଦିନ ପୂର୍ବେ ଜଣେ ବ୍ୟକ୍ତି ତାଙ୍କ ଘରକୁ ଆସି ନିଜକୁ ଡିଆରଡିଏ କର୍ମଚାରୀ ବୋଲି ପରିଚୟ ଦେଇଆବାସ ଯୋଜନାରେ ପୁନର୍ବାର ଘର କରିଦେବାକୁ ପ୍ରଲୋଭନ ଦେଖାଇଥିଲେ। ଏନେଇ ଶରତଙ୍କଠାରୁ ଏକ ଫର୍ମ ପୂରଣ କରି ୩୨୮୪ ଟଙ୍କା ନେଇଥିଲେ। ଶରତ ଏହାପରେ କଟକସ୍ଥିତ ଡିଆରଡିଏ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ସେହିପରି ରାମକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ୩ ନମ୍ବର ୱାର୍ଡର ମାଧବାନନ୍ଦ ବାରିଙ୍କଠାରୁ ଜଣେ ଯୁବକ ସମାନ କଥା କହି ୨ ହଜାର ଟଙ୍କା ଠକିନେଇଥିବା ଅଧକ୍ଷାଙ୍କ ନିକଟରେ ଅଭିଯୋଗ ହୋଇଛି। ଏସଂକ୍ରାନ୍ତରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର ହିତାଧିକାରୀଙ୍କୁ ସତର୍କ ରହିବା ସହ ଠକଙ୍କ ସୂଚନା ପାଇଲେ ତୁରନ୍ତ ଥାନା କିମ୍ବା ପ୍ରଶାସନକୁ ଅବଗତ କରିବାକୁ ପରାମର୍ଶ ଦେଇଛନ୍ତି।

# ୪ ନବନିର୍ମିତ ବିଲ୍ଡିଂ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୮।୨(ବ୍ୟୁରୋ)

**ରମାଦେବୀ ବିଶ୍ୱବିଦ୍ୟାଳୟ**
- ପୁରୁଣା ଭିତ୍ତିଭୂମିର ବିକାଶ ପାଇଁ ୧୮କୋଟି ଘୋଷଣା
- କରୋନା ପରଠୁ ପ୍ରଥମଥର ଛାତ୍ରୀଙ୍କୁ ଭେଟିଥିବାରୁ ଖୁସିବ୍ୟକ୍ତ କଲେ
- ଶିକ୍ଷାର ବିକାଶ ପାଇଁ ଆଗକୁ ଆସିବାକୁ ଆହ୍ୱାନ ଦେଲେ

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ନବନିର୍ମିତ ୪ ବିଲ୍ଡିଂ ସୋମବାର ଉଦ୍‌ଘାଟିତ ହୋଇଛି। ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜନ୍ମତିଥିରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁନ୍ତଳା କୁମାରୀ ଗ୍ରନ୍ଥାଗାର ସହିତ ଏକାଡେମିକ୍ ବ୍ଲକ୍-୨, ଏକାଡେମିକ ବ୍ଲକ୍-୩ ଓ ଅନ୍ୱେଷା ଛାତ୍ରୀନିବାସକୁ ଲୋକାର୍ପଣ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ରମାଦେବୀ ବିଶ୍ୱବିଦ୍ୟାଳୟ ପାଇଁ ୧୮ କୋଟି ଟଙ୍କାର ପ୍ୟାକେଜ ମଧ୍ୟ ଘୋଷଣା କରିଛନ୍ତି। ବିଶ୍ୱବିଦ୍ୟାଳୟରେ ଥିବା ପୁରୁଣା ଏକାଡେମିକ ବିଲ୍ଡିଂ, ଛାତ୍ରୀ ନିବାସ ଓ ଖୋଲା ମୁକ୍ତମଞ୍ଚର ନବୀକରଣ ପାଇଁ ଏହା ଖର୍ଚ୍ଚ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କରୋନା ପରେ ଆଜି ମୁଁ ପ୍ରଥମଥର ପାଇଁ ପିଲାମାନଙ୍କୁ ଭେଟୁଛି। ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟକୁ ଆସିଥିବାରୁ ମୁଁ ବହୁତ ଖୁସି। ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ସେ କହିଲେ, ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ଆମର ଉଦ୍ୟମ ଜାରି ରହିବ। ଉଦ୍‌ଘାଟିତ ନୂଆ ବିଲ୍ଡିଂ ବିଶ୍ୱବିଦ୍ୟାଳୟର ଗରିମାକୁ ଆହୁରି ବୃଦ୍ଧି କରିବା ସହ ତୁମମାନଙ୍କ ଆବଶ୍ୟକତା ପୂରଣ କରିବ। ରାଜ୍ୟର ଶିକ୍ଷା ବିକାଶ ସହ ସମାଜର ପରିବର୍ତ୍ତନରେ ଆଗେଇ ଆସିବାକୁ ଉପସ୍ଥିତ ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସେ ଜର୍ମାନର ମହିଳା ଚାନ୍ସେଲର ଆଞ୍ଜେଲା ମର୍କେଲ, ଭାରତର କ୍ଷେପଣାସ୍ତ୍ର ନାରୀ ଟି. ଥୋମାସ, ଅଲିମ୍ପିଆନ ପି.ଭି. ସିନ୍ଧୁ, ଆମେରିକା ଉପରାଷ୍ଟ୍ରପତି ଭାରତୀୟ ବଂଶୋଦ୍ଭବ କମଲା ହାରିସ୍ ପ୍ରମୁଖଙ୍କ ଉଦାହରଣ ଦେଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ ଭବିଷ୍ୟତରେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସବୁ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ। ନାରୀ ଶିକ୍ଷା ବିନା ରାଜ୍ୟ ତଥା ଦେଶର ବିକାଶ ସମ୍ଭବ ନୁହେଁ। ଛାତ୍ରୀମାନେ ନିଜ ଭବିଷ୍ୟତ ନିର୍ମାଣ କରିବା ସହିତ ସମାଜର ଅଗ୍ରଗତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନାରୀ ଶିକ୍ଷାକୁ ଯଥେଷ୍ଟ ଗୁରୁତ୍ୱ ଦେଉଥିବା କହିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ, ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ଆଗକୁ ଅଗ୍ରସର ହେବା ପାଇଁ ଅଙ୍ଗୀକାରବଦ୍ଧ। ବିଶ୍ୱବିଦ୍ୟାଳୟ କୁଳସଚିବ ଶ୍ୟାମଳୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ନବନୀତ କଉର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ୩୩ କୋଟି ୯ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ୪ଟି କୋଠା ନିର୍ମାଣ କରାଯାଇଛି। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା) ଅନୁଦାନରେ ୩ଟି ଓ ରାଜ୍ୟ ଭିତ୍ତିଭୂମି ଫଣ୍ଡରୁ ଏକାଡେମିକ୍ ବ୍ଲକ-୩ ପ୍ରତିଷ୍ଠା ହୋଇଛି।





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪ ବିଲ୍ଡିଂକୁ ଉଦ୍‌ଘାଟନ କରୁଛନ୍ତି (ଉପର)। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧ୍ୟାପିକା, ଛାତ୍ରୀ ଓ ଅନ୍ୟମାନେ।

# ଆଜିଠୁ ଅନ୍ତର୍ଜାତୀୟ ଜନଜାତି ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର, ୮।୨(ବ୍ୟୁରୋ)

**ଯୋଗଦେବେ ୭ ଦେଶର ୩୯ ଚିତ୍ରଶିଳ୍ପୀ**

ରାଜ୍ୟ ସଂଗ୍ରହାଳୟ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହେଉଛି ଅନ୍ତର୍ଜାତୀୟ ଲୋକକଳା ଓ ଜନଜାତି ଚିତ୍ରକଳା ପ୍ରଦର୍ଶନୀ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୂର୍ବାସା ଲୋକକଳା ଓ ଜନଜାତି ସଂଗ୍ରହାଳୟ ପକ୍ଷରୁ ଏହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସାରା ବିଶ୍ୱର ଲୋକକଳା ଓ ଜନଜାତି ସମ୍ପର୍କରେ ଜାଣିବାର ସୁଯୋଗ ଦେବ ଚିତ୍ରକଳା। ଦାଶକାଠିଆ, ପାଲା ଓ ଯୋଡ଼ି ଶଙ୍ଖ ଆଦି ଲୋକକଳା ମଧ୍ୟ ଚିତ୍ରରେ ଝଲସିବ। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ଭାରତ ସମେତ ୭ଦେଶରୁ ୩୯ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିବେ। ଭାରତର ୨୪ ଜଣଙ୍କ ମଧ୍ୟରେ ଓଡ଼ିଶାର ୩ଜଣ ଚିତ୍ରଶିଳ୍ପୀ ରହିଛନ୍ତି। ପଟ୍ଟଚିତ୍ରକୁ ନେଇ ଚିତ୍ରଶିଳ୍ପୀ ବିଜୟ ପରିଡ଼ା ଓ ସୁଧୀର ମହାରଣା ଏବଂ ସଉରା ଚିତ୍ରକୁ ନେଇ ଜୁନେଶ୍ ଗମାଙ୍ଗ ଏଥିରେ ଅଂଶଗ୍ରହଣ କରିବେ। ସୋମବାର ସଂଗ୍ରହାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ ଏହି ସୂଚନା ଦେଇଛନ୍ତି। ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ, ବାସୁଦେବ ମାଲବିଶୋଇ ଓ ସ୍ୱଦେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଗତ ଡିସେମ୍ବର ୯ରୁ ଜାନୁୟାରୀ ୧୦ ପର୍ଯ୍ୟନ୍ତ ଚିଲିକାସ୍ଥିତ ପୂର୍ବାସା ଲୋକକଳା ଓ ଜନଜାତି ସଂଗ୍ରହାଳୟ ପରିସରରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଆସନ୍ତା ଏପ୍ରିଲ ୧ରୁ ୩୦ ପର୍ଯ୍ୟନ୍ତ ଦିଲ୍ଲୀସ୍ଥିତ କ୍ରାଫ୍ଟ କାଉନ୍ସିଲଠାରେ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି।



ଖବରଦାତା ସମ୍ମିଳନୀରେ ଚିତ୍ରକଳା ପ୍ରଦର୍ଶନୀ ସମ୍ପର୍କରେ ସୂଚନା ଦିଆଯାଉଛି।

# ଡକାୟତି ଯୋଜନା, ୫ ଗିରଫ

କଟକ ଅଫିସ, ୮।୨

**ମୋବାଇଲ, ବାଇକ, ମାରଣାସ୍ତ୍ର ଜବତ**

ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗର ୫ ଜଣ ସଦସ୍ୟଙ୍କୁ ମାଲଗୋଦାମ ପୋଲିସ ଗିରଫ କରିଛି। ସେମାନେ ହେଲେ ବିଡାନାସୀ ତୁଳସୀପୁରର ସେକ୍ ତାଜୁ ଅଲ୍ଲୀ, ଯୋବ୍ରା ମଖିସାହିର ମାନସ ଓରଫ ରାକେଶ ନାୟକ, ସୁବାସ ସେଠୀ, ଯୋବ୍ରା ନଦୀକୂଳସାହିର ନଣ୍ଡା ଓରଫ ବିଜୟ ରାଓ, ଯୋବ୍ରା ସମାଧିପୀଠର ଲିଟୁ ଓରଫ ମିଳନ ଲେଙ୍କା। ସେମାନଙ୍କଠାରୁ ୫ଟି ଛୁରି, ଦୁଇଟି କଟୁରି, ଲୁହାରଡ, ଲଙ୍କାଗୁଣ୍ଡ, ୨୭୬୦ଟଙ୍କା, ୪ଟି ମୋବାଇଲ ଓ ବାଇକ ଜବତ କରିଛି।

ପୋଲିସ ସୂଚନାନୁଯାୟୀ, ରବିବାର ବିଳମ୍ବିତ ରାତିରେ କଟକ ମହାନଦୀକୂଳରେ ଥିବା ତଉବଟ ନିକଟରେ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା। ବିଳମ୍ବିତ ରାତିରେ ମାଲଗୋଦାମକୁ ଆସୁଥିବା ଟ୍ରକ୍‌ରୁ ଡକାୟତି କରିବାକୁ ଯୋଜନା କରାଯାଉଥିବା ଅଭିଯୁକ୍ତମାନେ ପୋଲିସକୁ କହିଥିଲେ। ତେବେ ଅଭିଯୁକ୍ତମାନେ ଜଗତପୁର, ମର୍କତନଗର, ବିଡାନାସୀ, ଚୌଦ୍ୱାର, ମାଲଗୋଦାମ, ଚାଉଳିଆଗଞ୍ଜ, ସଦର ଥାନା ଅଞ୍ଚଳରେ ଏକାଧିକ ଡକାୟତି କରିଥିବା ଓ ସେମାନଙ୍କ ନାଁରେ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।



# ଏଟିଏମ୍ ଲୁଟେରା ଗ୍ୟାଙ୍ଗ୍ ଠାବ, ୪ ଗିରଫ

କଟକ ଅଫିସ, ୮।୨

ମଧୁପାଟଣା ପୋଲିସ ରବିବାର ଏକ ଏଟିଏମ୍ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଏଥିସହ ଉକ୍ତ ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ କାନପୁରର ଦିବକାନ୍ତ ଯାଦବ, କାନପୁର ଚେକେରୀର ସୁନୀଲ ତ୍ରିପାଠୀ, ଅମନ ବାଜପେୟୀ ଓ ହିମାଂଶୁ କୁମାର ଦୁବେ। ସେମାନଙ୍କଠାରୁ ଏଟିଏମ୍ କଟର ମେଶିନ, ଗ୍ୟାସ୍ ସିଲିଣ୍ଡର, ୨୨ଟି ଏଟିଏମ୍ କାର୍ଡ, ୩୮,୫୦୦ ଟଙ୍କା, ୫ଟି ମୋବାଇଲ ଫୋନ, ଭୁଜାଲି ଓ କାର ଜବତ କରାଯାଇଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ନୂଆପାଟଣା ଲେବର କଲୋନିରେ କେତେଜଣ ଯୁବକ ସନ୍ଦେହଜନକ ଭାବେ ବସିଥିବାବେଳେ ମଧୁପାଟଣା ପୋଲିସ ସେମାନଙ୍କୁ ଠାବ କରିଥିଲା। ପଚରାଉଚରାବେଳେ ସେମାନେ ଓଡ଼ିଶା, ବିହାର, ଛତିଶଗଡ, ୟୁପି, ପଶ୍ଚିମବଙ୍ଗର ବିଭିନ୍ନ ଏଟିଏମ୍ ଭାଙ୍ଗି ଟଙ୍କା ଚୋରି କରିଥିବା ଜଣାପଡିଥିଲା।



## ଏସ୍‌ବିଟିସିର ପ୍ରଥମ ନିର୍ଦ୍ଦେଶକଙ୍କ ପରଲୋକ

ଭୁବନେଶ୍ୱର,୮।୨

ଓଡିଶା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ (ଏସ୍‌ବିଟିସି)ର ପ୍ରଥମ ନିର୍ଦ୍ଦେଶକ ତଥା ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘର ଉପଦେଷ୍ଟା ଡାକ୍ତର ଲୋକନାଥ ହାତୀଙ୍କ ସୋମବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କ ମରଶରୀରକୁ ଚନ୍ଦ୍ରଶେଖରପୁର ଶୈଳଶ୍ରୀ ବିହାରସ୍ଥିତ ବାସଭବନକୁ ଅଣାଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାର ନେଇ ଦାହ କରାଯାଇଥିଲା। ଡ. ହାତୀଙ୍କ ପରଲୋକରେ ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘର ପ୍ରତିଷ୍ଠାତା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ଶୋକ ପ୍ରକାଶ କରିଛନ୍ତି। ଦାଶଶର୍ମା କହିଛନ୍ତି, ଆମ ରାଜ୍ୟରେ ଯେତେବେଳେ ସ୍ୱେଚ୍ଛାକୃତ ରକ୍ତଦାନର ହାର ମାତ୍ର ପାଖାପାଖି ୧୦ ପ୍ରତିଶତ ଥିଲା, ସେହି ସମୟରେ ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ ଗଠିତ ହୋଇଥିଲା। ଏହାର ପ୍ରଥମ ନିର୍ଦ୍ଦେଶକ ଡ. ହାତୀଙ୍କ ଦିଗ୍‌ଦର୍ଶନରେ ସାରା ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ଗଠନ କରି ରାଜ୍ୟର ସ୍ୱେଚ୍ଛାକୃତ ରକ୍ତଦାନର ହାର ବଢାଯାଇ ପାରିଥିଲା।

# ପବିତ୍ର ମୋହନଙ୍କ ନାଁରେ ପୁସ୍ତକ, ରାସ୍ତା ହେଉ




ଉତ୍ସବରେ ଉପସ୍ଥିତ ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂ ଓ ଅନ୍ୟମାନେ।

ଭୁବନେଶ୍ୱର, ୮।୨(ବ୍ୟୁରୋ)

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନ ଜଣେ ଆଦର୍ଶ ଜନନାୟକ ଓ ଅନନ୍ୟ ସାଂଗଠନିକ ଶକ୍ତିର ଅଧିକାରୀ ଥିଲେ। ଯେତେବେଳେ ବ୍ରିଟିଶ ଶାସନର ଆଧିପତ୍ୟରେ ରାଜତନ୍ତ୍ର ଓ ଜମିଦାରି ଶୋଷଣ ଓଡ଼ିଶାବାସୀଙ୍କୁ ଅତିଷ୍ଠ କରିଥିଲା, ଏହା ବିରୋଧରେ ରାଜତନ୍ତ୍ରକୁ ସମାଧି ଦେଇ ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ଯେଉଁ ଜନନାୟକମାନଙ୍କ ପ୍ରମୁଖ ଯୋଗଦାନ ରହିଥିଲା, ସେମାନଙ୍କ ମଧ୍ୟରେ ପବିତ୍ର ମୋହନ ଅନ୍ୟତମ ଥିଲେ। ସୋମବାର ସ୍ଥାନୀୟ ଜୟଦେବ ଭବନଠାରେ ତାଙ୍କ ୧୧୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂ ଏହା କହିଛନ୍ତି। ଏଥିସହ ପବିତ୍ର ମୋହନଙ୍କ କୃତି ଓ ବିଭିନ୍ନ ସ୍ଥାନରେ ଗଡ଼ଜାତ ଆନ୍ଦୋଳନର ସ୍ଥିତିକୁ ନେଇ ପୁସ୍ତକ ପ୍ରକାଶନ ପାଇଁ ସେ ମତ ରଖିଛନ୍ତି।

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜୟନ୍ତୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଏମ୍‌ପି ମହେଶ ସାହୁ କହିଛନ୍ତି, ସ୍ୱର୍ଗତ ପବିତ୍ର ମୋହନ ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କର ଭାବନା ସର୍ବଦା ରାଜନୈତିକ ଉଦ୍ଦେଶ୍ୟର ଊର୍ଦ୍ଧ୍ୱରେ ରହି ସମାଜର ସାମଗ୍ରିକ ଉନ୍ନତି ପାଇଁ ଉଦ୍ଦିଷ୍ଟ ଥିଲା । ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ କହିଛନ୍ତି, ଗଡ଼ଜାତ ଅଞ୍ଚଳରୁ ରାଜତନ୍ତ୍ରର ବିଲୋପ ପାଇଁ ପବିତ୍ର ମୋହନଙ୍କ କାର୍ଯ୍ୟଶୈଳୀ ଅବିସ୍ମରଣୀୟ। ତାଙ୍କର ଏକ ପ୍ରତିମୂର୍ତ୍ତି କିମ୍ବା ତାଙ୍କ ନାମରେ ରାଜଧାନୀରେ କୌଣସି ରାସ୍ତାର ନାମକରଣ ପାଇଁ ସେ ପ୍ରସ୍ତାବ ରଖିଛନ୍ତି । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସେରେନାଙ୍କ ସହଜ ବିଜୟ

ମେଲବୋର୍ନ, ୮।୨ (ଏପି)

ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଅଷ୍ଟ୍ରେଲିଆନ ଓପନ୍ ସୋମବାର ଆରମ୍ଭ ହୋଇଛି। ରେକର୍ଡ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ରହିଥିବା ସେରେନା ୱିଲିୟମ୍ସ ସହଜ ବିଜୟ ହାସଲ କରିଛନ୍ତି। ଜର୍ମାନୀର

**ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଆରମ୍ଭ**

ଲାଉରା ସିଜମଣ୍ଡଙ୍କୁ ସେ ୬-୧, ୬-୧ ସିଧାସଳଖ ସେଟରେ ହରାଇ ଦେଇଛନ୍ତି। ସେରେନାଙ୍କ ଭଉଣୀ ଭେନସ ମଧ୍ୟ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ସେ କିରଷ୍ଟେନ୍ ଫ୍ଲିପ୍‌କେନ୍ସଙ୍କୁ ୭-୫, ୬-୨ରେ ହରାଇ ଦେଇଛନ୍ତି। ଚଳିତ ବର୍ଷ ଟୁର୍ନାମେଣ୍ଟରେ ସେ ହେଉଛନ୍ତି ସବୁଠାରୁ ବୟସ୍କା ଖେଳାଳି। ୪୦ ବର୍ଷ ବୟସରେ ଏହି ଗ୍ରାଣ୍ଡସ୍ଲାମରେ ଭାଗ ନେବାରେ ସେ ହେଉଛନ୍ତି ୫ମ ଖେଳାଳି। ୩ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଓମି ଓସାକା ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ୬-୧, ୬-୨ରେ ଆନାସ୍ତାସିଆ ପାଭଲ୍ୟୁଚେନ୍‌କୁ ପରାସ୍ତ କରିଛନ୍ତି। ଓସାକା ଦୁଇ ବର୍ଷ ପୂର୍ବେ ମେଲବୋର୍ନରେ ଟାଇଟଲ ଜିତିଥିଲେ। ଇଞ୍ଜୁରି ପାଇଁ ୧୫ ସପ୍ତାହ ଅନୁପସ୍ଥିତ ରହିବା ପରେ ୨୦୧୯ ୟୁଏସ୍ ଓପନ ଚାମ୍ପିୟନ ବାଏଙ୍କା ଆଣ୍ଡ୍ରେସ୍କ୍ୟୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ମିହେଲା ବଜାରନେସ୍କୁଙ୍କୁ ୬-୨, ୪-୬, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। କାନାଡାର ଅନ୍ୟ ଜଣେ ଖେଳାଳି ରେବିକା ମାରିନୋ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୂର୍ବତନ ଟପ୍ ୪୦ ଖେଳାଳି ୮ ବର୍ଷରେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ସେ ୱାଇଲ୍ଡକାର୍ଡ ଏଣ୍ଟ୍ରି କିମ୍ବର୍ଲି ବିରେଲଙ୍କୁ ୬-୦, ୭-୬ (୯) ସେଟରେ ହରାଇ ଦେଇଛନ୍ତି। ୨୩ ନମ୍ବର ର୍‌ୟାଙ୍କିଙ୍ଗପ୍ରାପ୍ତ, ୩ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ତଥା ୨୦୧୬ ଅଷ୍ଟ୍ରେଲିଆନ ଓପନ୍ ବିଜୟିନୀ ଆଞ୍ଜେଲିକ୍ କର୍ବର କିନ୍ତୁ ତାଙ୍କ ମ୍ୟାଚରେ ହାରିଯାଇଛନ୍ତି। ଆମେରିକାର ବର୍ନାଡା ପେରା ତାଙ୍କୁ ୬-୨, ୬-୪ରେ ପରାସ୍ତ କରିଛନ୍ତି।


ରିଟର୍ନ ଶଟ୍ ଖେଳିବା ଅବସରରେ ସେରେନା ୱିଲିୟମ୍ସ।

### ଥିମ୍, ଜୋକୋଭିଚ୍ ଦ୍ୱିତୀୟ ରାଉଣ୍ଡରେ

ରଡ୍ ଲାଭର ଆରେନାଠାରେ ପୁରୁଷ ଟପ୍ ସିଡ୍ ନୋଭାକ ଜୋକୋଭିଚ୍ ୬-୩, ୬-୧, ୬-୨ ସେଟ୍‌ରେ ଜର୍ମ ଚାର୍ଡିଙ୍କୁ ପରାସ୍ତ କରିଛନ୍ତି। ଡୋମିନିକ୍ ଥିମ୍ ଭେଟେରାନ ମାଖାଇଲ କୁକୁସ୍କିନ୍‌ଙ୍କ ବିପକ୍ଷରେ ୭-୬ (୨), ୬-୨, ୬-୩ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ବିଶ୍ୱର ୬ ନମ୍ବର ର୍‌ୟାଙ୍କିଙ୍ଗପ୍ରାପ୍ତ ଆଲେକ୍‌ଜାଣ୍ଡର ଜେଭରେଭ୍ ପ୍ରଥମ ସେଟ୍‌ରେ ପରାଜିତ ହୋଇଥିଲେ ମଧ୍ୟ ଜିରୋନଙ୍କ ବିପକ୍ଷ ତାଙ୍କ ମ୍ୟାଚକୁ ୬-୭ (୮), ୭-୬(୪), ୬-୩, ୬-୨ରେ ଜିତିଛନ୍ତି।

# ଓଡ଼ିଶାର ବିଜୟ ଅଭିଯାନ

ଭୁବନେଶ୍ୱର, ୮।୨(କ୍ରୀଡ଼ା ପ୍ରତିନିଧି)

ବେଙ୍ଗାଲୁରୁଠାରେ ସୋମବାରଠାରୁ ୩ୟ ନଗେଶ ଟ୍ରଫି ଜାତୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ମଧ୍ୟପ୍ରଦେଶକୁ ୧୩୯ ରନରେ ହରାଇ ଅଭିଯାନ ଆରମ୍ଭ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନକୁଳ ବଡ଼ନାୟକ(୫୯ ବଲ୍‌ରୁ ୧୦୧ ରନ)ଙ୍କ ଦ୍ରୁତ ଅପରାଜିତ ଶତକ, ସୁଖରାମ

**ଜାତୀୟ ନଗେଶ ଟ୍ରଫି ଦୃଷ୍ଟିହୀନ କ୍ରିକେଟ**

ମାଝିଙ୍କ ୭୨*(୩୯ ବଲ)ଓ ଅଧିନାୟକ ଜାଫର ଇକବାଲଙ୍କ ୩୬(୧୭ ବଲ) ରନ ବଳରେ ୨୦ ଓଭରରେ ୨ ଉଇକେଟ ହରାଇ ୨୪୯ ରନ କରିଥିଲା। ଜବାବରେ ମଧ୍ୟପ୍ରଦେଶ ୨୦ ଓଭରରେ ୯ ଉଇକେଟ ହରାଇ ୧୧୦ ରନ କରି ପାରିଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁଖରାମ ୩ଟି, ପଙ୍କଜ ଭୁଏ ୨ଟି ଏବଂ ନକୁଳ, ତପନ କୁମାର ଗୌଡ଼ା ଓ ରଘୁରାମ ନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସୁଖରାମ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଓଡ଼ିଶା ମଙ୍ଗଳବାର ପଶ୍ଚିମବଙ୍ଗକୁ ଭେଟିବ।



ସୁଖରାମ ମାଝି ଓ ନକୁଳ ବଡ଼ନାଏକ।

# ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ୍



ଚାମ୍ପିୟନ ୟୁନିୟନ୍ସ ସ୍ପୋର୍ଟିଂ ଦଳକୁ ସିନେ ଅଭିନେତା ଅରିନ୍ଦମ ଟ୍ରଫି ପ୍ରଦାନ କରୁଛନ୍ତି।

ଯାଜପୁର ଟାଉନ,୮।୨(ଡି.ଏନ.ଏ.)

ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ୯ମ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ କଟକ ସୋଲାର କ୍ଲବ୍‌କୁ ହରାଇ ୟୁନିୟନ୍ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ପ୍ରଥମେ ସୋଲାର କ୍ଲବ୍ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୯.୧ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୩୦ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌଭାଗ୍ୟ ମିଶ୍ର ୪୭ରନ୍ ଓ ତନ୍ମୟ ମହାନ୍ତି ୪୦ର୍ ସଂଗ୍ରହ କରିଥିଲେ । କଟକ ୟୁନିୟନ୍ ସ୍ପୋର୍ଟିଂ ଦଳ ତରଫରୁ ତପେନ୍ଦ୍ର ସିଂ ୬ ଓଭର ବୋଲିଂ କରି ୧୬ରନ୍ ଦେଇ ୬ ଓ ଅନୁରାଗ କାନୋଜିଆ ୫ ଓଭର ବୋଲିଂ କରି ୨ ଉଇକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ୟୁନିୟନ୍ ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରୁ ୧୭.୨ ଓଭର ଖେଳି ଗୋଟିଏ ଉଇକେଟ୍ ହରାଇ ୧୩୧ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ୟୁନିୟନ୍ ସ୍ପୋର୍ଟିଂ ଦଳ ତରଫରୁ ଜ୍ୟୋତି ରଞ୍ଜନ ଦଳେଇ ୫୮ରନ୍ ଓ ଅନୁରାଗ କାନୋଜିଆ ୫୩ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ତପେନ୍ଦ୍ର ସିଂ ବିବେଚିତ ହୋଇଥିଲେ।

ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍‌ର ସଭାପତି ପଙ୍କଜ ଲୋଚନ ମହାନ୍ତି, ଓଡ଼ିଶା ସିନେ ତାରକା ଅରିନ୍ଦମ୍ ରାୟ, ଓସିଏର ମେମ୍ବର ସନ୍ତୋଷ ଦାସ, ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ଜିଲା କ୍ରିକେଟ୍ ଆସୋସିଏଶନର ଯୁଗ୍ମ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର, ପଦାରବିନ୍ଦ ପରିଡ଼ା, ଅଭୟ ବଲ୍ଲଭ ପଣ୍ଡା ପ୍ରମୁଖ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ।

ସୂଚନାଯୋଗ୍ୟ,୨୦୨୦ର ଅଶୋକ ଦାସ ୮ମ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ବିଗତ ବର୍ଷ କରୋନା ଯୋଗୁ ସ୍ଥଗିତ ରହିଥିଲା । ଚଳିତ ବର୍ଷ ଫାଇନାଲ୍ ମ୍ୟାଚ୍ ୟୁନିୟନ୍ ସ୍ପୋର୍ଟିଂ କଟକ ଓ ଛତିଶଗଡ଼ ଫରେଷ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲ୍ ମ୍ୟାଚ୍‌ରେ ୟୁନିୟନ୍ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭର ମଧ୍ୟରୁ ୨୮.୧ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୬୨ରନ୍ ସଂଗ୍ରହ କରିଥିଲା । ଜବାବରେ ଛତିଶଗଡ଼ ଫରେଷ୍ଟ ନିର୍ଦ୍ଧାରିତ ୩୦ଓଭରରୁ ୨୫.୪ ଓଭର ଖେଳି ୩ ଉଇକେଟ୍ ହରାଇ ୧୬୩ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା।

# ସେମିରେ ନିମପୁର ସ୍ପୋର୍ଟିଂ


ଗିରିଜା ରାଉତଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ରାଜନଗର,୮।୨(ଡି.ଏନ.ଏ.)

ରାଜନଗର ବ୍ଲକ ବଡପଲ୍ଲୀସ୍ଥିତ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ଦ୍ୱିତୀୟ କ୍ୱାର୍ଟରରେ କଟକର ଦୁଇ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ସୋଲାର କ୍ରିକେଟ କ୍ଲବକୁ ୧୧ ରନରେ ହରାଇ ନିମପୁର ସ୍ପୋର୍ଟିଂ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ନିମପୁର ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିଥିଲା। ଦଳର ଗିରିଜା ରାଉତ ୪୬ ବଲରୁ ୨ ଛକା ଓ ୪ ଚଉକା ସହାୟତାରେ ୫୩ ରନ ଓ ଦିବ୍ୟଜ୍ୟୋତି ୧୯ ରନ କରିଥିଲେ। ସୋଲାର କ୍ରିକେଟ କ୍ଲବର ସ୍ନେହାଶିଷ ଚାନ୍ଦ ୫ ଓଭରରେ ୨୮ ରନ ଦେଇ ୩ ଉଇକେଟ ନେଇଥିଲେ। ୧୭୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ସୋଲାର କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୬୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ପ୍ରଦୀପ୍ତ ଦାସ ୪୪ ବଲରୁ ୫ ଛକା ଓ ୩ ଚଉକା ସହାୟତାରେ ୫୨ ରନ, ଶ୍ରୀହରି ଦଳାଇ ୧୫ ବଲରୁ ୨୦ ରନ କରିଥିଲେ। ନିମପୁର ସ୍ପୋର୍ଟିଂର ରାଜେଶ ଦାସ ୫ ଓଭରରେ ୨୮ ରନ ଦେଇ ୨ ଉଇକେଟ ନେଇଥିଲେ। ସୁନିତୀ ପଞ୍ଚାୟତର ସମିତିସଭ୍ୟ ପ୍ରଶାନ୍ତ ପ୍ରଧାନ ଓ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ଅତିଥି ଭାବେ ଯୋଗଦେଇ ନିମପୁର ସ୍ପୋର୍ଟିଂର ବ୍ୟାଟ୍ସମ୍ୟାନ ଗିରିଜା ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ସୁବାସ ପ୍ରଧାନ, ବଂଶୀଧର ସ୍ୱାଇଁ, ଖେଳ ପରିଚାଳନା କରିଥିବା ବେଳେ ତପନ ପରିଡା, ହଳଧର ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ସହ ପରାଦୀପ ଏକାଡେମୀ ମଧ୍ୟରେ ମୁକାବିଲା ହେବ।

# ପାକିସ୍ତାନ ସିରିଜ ବିଜୟୀ

ରାୱଲପିଣ୍ଡି, ୮।୨ (ଏପି)

ଫାଷ୍ଟ ବୋଲର ହସନ ଅଲୀଙ୍କ ପ୍ରଥମ ଟେଷ୍ଟ ୧୦ ଉଇକେଟ ସଫଳତା ସହାୟତାରେ ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପାକିସ୍ତାନ ୯୫ ରନରେ ବିଜୟ ହାସଲ କରିଛି। ଏଥିସହିତ ୧୮ ବର୍ଷରେ ଭ୍ରମଣକାରୀ ଦଳ ବିପକ୍ଷରେ ପ୍ରଥମ ସିରିଜ ବିଜୟ ହାସଲ କରିଛି। ପ୍ରଥମ ଇନିଂସରେ ୫ଉଇକେଟ ନେଇଥିବା ହସନ ପୁନଶ୍ଚ ୬୦ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିବାରୁ ୩୭୦ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଦକ୍ଷିଣଆଫ୍ରିକା ଅନ୍ତିମ ଦିବସ ଖେଳ ମଧ୍ୟାହ୍ନଭୋଜନ ପରେ ୨୭୪ ରନରେ ଅଲଆଉଟ ହୋଇଯାଇଥିଲା। ଭ୍ରମଣକାରୀ ଦଳ ସୋମବାର ଏହାର ପୂର୍ବଦିନର ଅସମାପ୍ତ ସ୍କୋର ୧୨୯/୧ ସ୍କୋରରୁ ଖେଳ ଆରମ୍ଭ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୨୭୨
ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୦୧
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୯୮
ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୭୪ (ମାରକ୍ରାମ-୧୦୮, ବାଭୁମା-୬୧, ଡୁସେନ-୪୮ ; ହସନ ଅଲୀ-୫/୬୦, ସାହିନ ଆଫ୍ରିଦି-୪/୫୧)।

# ରାଉରକେଲା, ସୁନ୍ଦରଗଡ଼, କୋରାପୁଟ, ବରଗଡ଼ ବିଜୟୀ

ସୁନ୍ଦରଗଡ଼, ୮।୨(ଡି.ଏନ୍.ଏ.)

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସୁନ୍ଦରଗଡ଼ରେ ଚାଲିଥିବା ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପର ତୃତୀୟ ଦିବସ ସୋମବାର ୮ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କିଞ୍ଜିର୍ମା ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମ ଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ପାରାଦୀପ ପୋର୍ଟ ଟ୍ରଷ୍ଟ ଏବଂ କନ୍ଧମାଳ ମଧ୍ୟରେ ହୋଇଥିଲା। ଏଥିରେ କନ୍ଧମାଳ ଦଳ ୪-୧ ଗୋଲରେ ବିଜୟୀ ହୋଇଛି। ଏଠାରେ ଅନୁଷ୍ଠିତ ୨ୟ ମ୍ୟାଚ୍ ଭଦ୍ରକ ଓ ଢେଙ୍କାନାଳ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ଭଦ୍ରକ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ସେପତିବାହାଲ ଗୋପବନ୍ଧୁ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ କଳାହାଣ୍ଡି ଓ ମାଲକାନଗିରି ମଧ୍ୟର ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଦଳ ବିଜୟୀ ହୋଇଛି। ଏଠାରେ ଅନୁଷ୍ଠିତ ୨ୟ ମ୍ୟାଚ ରାଉରକେଲା ଓ ନୂଆପଡା ମଧ୍ୟରେ ହୋଇଥିଲା। ଏଥିରେ ରାଉରକେଲା ଦଳ ୫-୦ ଗୋଲରେ ବିଜୟୀ ହୋଇଛି। ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ନବରଙ୍ଗପୁର ଓ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଝାରସୁଗୁଡା ୨-୦ ଗୋଲରେ ବିଜୟୀ ହୋଇଛି। ସେଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ଼ ଓ ଦେବଗଡ଼ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ସୁନ୍ଦରଗଡ଼ ଦଳ ୫-୦ ଗୋଲରେ ବିଜୟୀ ହୋଇଛି। ତସଲାଡିହି ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ପୁରୀ ଏବଂ କୋରାପୁଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌କୁ ଡାକ୍ତର ନାରାୟଣ ପଟେଲ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କମଳଲୋଚନ ପଟେଲ, ରଘୁବୀର ପାଣ୍ଡେ, ଆଡ୍‌ଭୋକେଟ ପ୍ରଦୀପ ମହାନ୍ତି, ଲଳିତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ କୋରାପୁଟ ଦଳ ପୁରୀକୁ ୫-୧ରେ ପରାସ୍ତ କରିଥିଲା। ଏଠାରେ ଅନୁଷ୍ଠିତ ୨ୟ ମ୍ୟାଚ୍ ବରଗଡ଼ ଓ ଗଜପତି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡର ପୂର୍ବତନ ବିଧାୟିକା ସୁଷମା ପଟେଲ ମୁଖ୍ୟ ଅତିଥି ଏବଂ ଆଡ୍‌ଭୋକେଟ ଗିରୀଶ ଚନ୍ଦ୍ର ସାହୁ, ଉମାଶଙ୍କର ପଟେଲ , ନରେଶ ଷଡଙ୍ଗୀ ଓ ବିଜୟ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବରଗଡ଼ ଦଳ ୯-୧ ଗୋଲରେ ବିଜୟୀ ହୋଇଛି।

# ବିବିସି ପୁରସ୍କାର ଦୌଡ଼ରେ ଦୂତୀ

**ନୂଆଦିଲ୍ଲୀ, ୮।୨(ପି.ଟି.):** ଚଳିତବର୍ଷର ବିବିସି 'ଇଣ୍ଡିଆନ୍ ସ୍ପୋର୍ଟ୍ସ ଓମ୍ୟାନ ଅଫ୍ ଦି ଇୟର' ପୁରସ୍କାର ପାଇଁ ୫ଜଣଙ୍କ ନାମ ସୁପାରିସ କରାଯାଇଛି। ତନ୍ମଧ୍ୟରେ ଏସିଆନ ଗେମ୍ସ ୧୦୦ମିଟର ରୌପ୍ୟ ବିଜୟିନୀ ଓଡ଼ିଶାର ଦୂତୀ ଚାନ୍ଦଙ୍କ ନାମ ରହିଛି। ଅନ୍ୟମାନେ ହେଲେ ଭାରତୀୟ ମହିଳା ହକି ଅଧିନାୟିକା ରାଣୀ ରାମପାଲ, ଚେସ୍ ତାରକା କୋନେରୁ ହମ୍ପି, ଶୁଟର ମନୁ ଭାକର, ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଥିବା ରେସ୍‌ଲର ଭିନେଶ ଫୋଗତ। ବିବିସି 'ଇଣ୍ଡିଆନ୍ ସ୍ପୋର୍ଟ୍ସ ଓମ୍ୟାନ ଅଫ୍ ଦି ଇୟର' ଗତବର୍ଷଠାରୁ ଦିଆଯାଇ ଆସୁଛି। ୪୦ଜଣିଆ ଜୁରି ପ୍ୟାନେଲ ଖେଳାଳିମାନଙ୍କ ନାମ ସୁପାରିସ କରିଛନ୍ତି। ପବ୍ଲିକ ଭୋଟିଂ ଦ୍ୱାରା ବିଜେତା ବଛା ହେବେ। ପ୍ରଶଂସକମାନେ ସେମାନଙ୍କ ଫେଭରାଇଟ୍ ଷ୍ଟାରଙ୍କ ସପକ୍ଷରେ ଭୋଟ ଦେଇପାରିବେ। ବିବିସିପକ୍ଷରୁ ଏଥିଲାଗି ୬ଟି ଭାଷାର ପ୍ଲାଟଫର୍ମ ବ୍ୟବସ୍ଥା କରାଯାଇଛି।


ଦୂତୀ ଚାନ୍ଦ

# ଶକ୍ତି ଉତ୍ତୋଳନ ସଂଘର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର, ୮।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ସଭାପତି, ଇଂ. ଚିତ୍ତରଞ୍ଜନ ସ୍ୱାଇଁ, କୀର୍ତ୍ତନ ବେହେରା ଓ ରମେଶଚନ୍ଦ୍ର ବିଡ଼ିକା ପ୍ରମୁଖ ଉପସଭାପତି, ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ, ନବକୁମାର ସାହୁ ଓ ଗୌରୀ ମହାନ୍ତି ଯୁଗ୍ମ ସମ୍ପାଦକ, ପ୍ରଦୀପ କୁମାର ପାତ୍ର କୋଷାଧ୍ୟକ୍ଷ ଏବଂ ଚନ୍ଦ୍ରଶେଖର ସାହୁ, ସମରେନ୍ଦ୍ର ରାଉତରାୟ, ରାକେଶ କୁମାର ଶତପଥୀ, ଚିତ୍ତରଞ୍ଜନ ମିଶ୍ର, ଶକ୍ତିରଞ୍ଜନ ବାରିକ, ପବିତ୍ର ମୋହନ ନାଥ ଓ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ପୋଲିସ ବିଭାଗରୁ ନିରୀକ୍ଷକ ଭାବେ ଶୈଳେନ୍ଦ୍ର ପ୍ରସନ୍ନ ବର୍ମା ଓ ଅବିନାଶ ପୁହିର ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଆୟୋଜିତ ଏକ ସଭାରେ ଭୁବନେଶ୍ୱରରେ ରାଜ୍ୟ ପ୍ରତିଯୋଗିତା ମାର୍ଚ୍ଚ ୧୨, ୧୩ ଓ ୧୪ ତାରିଖରେ ଆୟୋଜନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।


ରାଜ୍ୟ ଶକ୍ତିଉତ୍ତୋଳନ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ।

# ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ ଆଜିଠାରୁ

ପୁରୁଣା ଭୁବନେଶ୍ୱର, ୮।୨(ଡି.ଏନ.ଏ.)

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ୭ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ବିଜେବି ଖେଳ ପଡ଼ିଆରେ ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ଜଜ୍ ଲୋକନାଥ ମହାପାତ୍ର, ବିଜେବି କଲେଜ ଅଧ୍ୟକ୍ଷା ସୁଷମା ତ୍ରିପାଠୀ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଏହାକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଭୁବନେଶ୍ୱର ବାର୍ ଆସୋସିଏଶନ, ଭୁବନେଶ୍ୱର ରେଡ୍ସ, ପୁରୀ ବାର୍ ଆସୋସିଏଶନ ଓ ଢେଙ୍କାନାଳ ବାର୍ ଆସୋସିଏଶନ ଦଳ ରହିଛି। ଗ୍ରୁପ 'ବି'ରେ ହାଇକୋର୍ଟ ବାର୍ ଆସୋସିଏଶନ, ବୋର୍ଡ ଅଫ୍ ରେଭିନ୍ୟୁ(କଟକ), କ୍ରିମିନାଲ ବାର୍ ଆସୋସିଏଶନ (କଟକ) ଓ ବ୍ରହ୍ମପୁର ବାର୍ ଆସୋସିଏଶନ ସ୍ଥାନ ପାଇଛି। ୯ ଓ ୧୦ରେ ଲିଗ୍ ମ୍ୟାଚ ପରେ ୧୧ ତାରିଖ ବିଶ୍ରାମ ଦିବସ ରହିଛି। ୧୨ ତାରିଖରେ ସେମିଫାଇନାଲ ଏବଂ ୧୪ରେ ଫାଇନାଲ ଅନୁଷ୍ଠିତ ହେବ। ୧୩ ତାରିଖରେ ୨ଟି ପ୍ରଦର୍ଶନୀ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚରେ ପ୍ରେସ୍ ଏକାଦଶ ସହିତ କମିଶନରେଟ ପୋଲିସ ଏବଂ ଦ୍ୱିତୀୟ ମ୍ୟାଚ ଜିଲା ପ୍ରଶାସନ ଏକାଦଶ ଓ ଭୁବନେଶ୍ୱର ସେକ୍ରେଟାରି ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ଫାଇନାଲ ପୂର୍ବରୁ ୧୪ ତାରିଖ ପୂର୍ବାହ୍ନରେ ଏକ ପ୍ରଦର୍ଶନୀ ମ୍ୟାଚ ହେବ। ଏଥିରେ ଜଜ୍ ଏକାଦଶକୁ ଭେଟିବ ପ୍ରେସିଡେଣ୍ଟ୍ସ ଏକାଦଶ। ଏଥିପାଇଁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ମହମ୍ମଦ ଜିଆ ଉଲ୍ ହକ୍, ଉପସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ସୁମନ ରାଉତରାୟ, ସନ୍ତୋଷ ଚୌଧୁରୀ, ରମାକାନ୍ତ ରାଉତରାୟ, ତାପସ ଦାସ, ଜୟନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଜର୍ସି ଉନ୍ମୋଚନ କରୁଛନ୍ତି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ୨୪କୁ ଖସିପାରେ



- ଘରୋଇକରଣ ନୀତି ଉପରେ ସରକାରଙ୍କ ଫୋକସ୍
- ବନ୍ଦ ହେବ କ୍ଷତିରେ ଚାଲୁଥିବା ୟୁନିଟ୍
- ମୋଟ ରାଷ୍ଟ୍ରାୟତ୍ତ କମ୍ପାନୀ ୩୪୮
- ଷ୍ଟ୍ରାଟେଜିକ୍ କ୍ଷେତ୍ରରେ ରହିବେ ନିର୍ଦ୍ଦିଷ୍ଟ କମ୍ପାନୀ

ନୂଆଦିଲ୍ଲୀ,୮।୨

ଦେଶ ମଧ୍ୟରେ ବର୍ତ୍ତମାନ ୩୦୦ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରହିଥିବା ବେଳେ ଏହା ୨୪କୁ ଖସିପାରେ। ସରକାର ବର୍ତ୍ତମାନ ଅଣକୋର୍ ସେକ୍ଟରଗୁଡିକୁ ଘରୋଇକରଣ କରିବା ଦିଗରେ ନୂଆ ନୀତି ଦ୍ୱାରା ଫୋକସ୍ କରୁଛନ୍ତି। ସେହିଭଳି କ୍ଷତିରେ ଚାଲୁଥିବା ୟୁନିଟ୍‌ଗୁଡିକୁ ବନ୍ଦ କରିବା ଲାଗି ପ୍ରକ୍ରିୟା ଜାରି କରାଯାଇଛି। ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂଖ୍ୟା କେତେକୁ କମିବ ସେ ନେଇ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ଗ୍ରହଣ କରିବ। ନୀତି ଆୟୋଗର ସୁପାରିସ ଆଧାରରେ ଏଭଳି ପଦକ୍ଷେପ ହାତକୁ ନିଆଯିବ। କେଉଁ କମ୍ପାନୀଗୁଡିକରୁ ଅଂଶଧନ ବିକ୍ରି ହେବ ସେ ନେଇ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରିବାକୁ ନୀତି ଆୟୋଗକୁ କାର୍ଯ୍ୟଭାର ପ୍ରଦାନ କରାଯାଇଛି।

ବଜେଟରେ ସରକାର ସ୍ପଷ୍ଟ ଭାବେ କହିଛନ୍ତି ଯେ, କେବଳ ୪ଟି ଷ୍ଟ୍ରାଟେଜିକ ସେକ୍ଟର ରହିବ। ଏହାବାଦ୍ କେତେକ ବଛାବଛା ସେଗ୍‌ମେଣ୍ଟକୁ ମଧ୍ୟ ସରକାର ନିଜ ପାଖରେ ରଖିବେ। ଅଣ ଷ୍ଟ୍ରାଟେଜିକ ସେକ୍ଟରରେ ରହିଥିବା କମ୍ପାନୀଗୁଡିକୁ ଘରୋଇକରଣ କିମ୍ବା ବନ୍ଦ କରିଦେବେ ବୋଲି ସରକାର କହିଛନ୍ତି। ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ଆଣବିକ ଶକ୍ତି, ମହାକାଶ, ପ୍ରତିରକ୍ଷା, ପରିବହନ, ଟେଲି କମ୍ୟୁନିକେଶନ, ଶକ୍ତି, ପେଟ୍ରୋଲିୟମ, କୋଇଲା ଏବଂ ଅନ୍ୟ ଖଣିଜ, ବ୍ୟାଙ୍କିଙ୍ଗ୍, ବୀମା ଏବଂ ଆର୍ଥିକ ସେବା କ୍ଷେତ୍ର ଷ୍ଟ୍ରାଟେଜିକ ସେକ୍ଟର ମଧ୍ୟରେ ଆସୁଛି। ଷ୍ଟ୍ରାଟେଜିକ କ୍ଷେତ୍ରରେ ମାତ୍ର କିଛି ରାଷ୍ଟ୍ରାୟତ୍ତ କମ୍ପାନୀ କାମ କରିବେ। ଷ୍ଟ୍ରାଟେଜିକ କ୍ଷେତ୍ରରେ ଥିବା ଅନ୍ୟ କମ୍ପାନୀଗୁଡିକୁ ଘରୋଇକରଣ କିମ୍ବା ମିଶ୍ରଣ କିମ୍ବା ଅନ୍ୟ ରାଷ୍ଟ୍ରାୟତ୍ତ କମ୍ପାନୀର ସହାୟକ କମ୍ପାନୀ କିମ୍ବା ବନ୍ଦ କରିବା ଭଳି ପଦକ୍ଷେପ ନେଇପାରନ୍ତି। ଅଣ ଷ୍ଟ୍ରାଟେଜିକ କ୍ଷେତ୍ରରେ ଥିବା କମ୍ପାନୀ ଘରୋଇକରଣ ନଚେତ୍ ବନ୍ଦ କରାଯିବ।

ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକୁ ଘରୋଇକରଣ କରିବା ପ୍ରକ୍ରିୟାକୁ ସରକାର ତ୍ୱରାନ୍ୱିତ କରିଛନ୍ତି। କୋଭିଡ୍ ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ସରକାର ବିଭିନ୍ନ କ୍ଷେତ୍ରରେ ଘରୋଇ କ୍ଷେତ୍ର ଏବଂ ବିଶ୍ୱସ୍ତରୀୟ ନିବେଶକଙ୍କୁ ସୁଯୋଗ ପ୍ରଦାନ କରାଯିବ ବୋଲି କହିଛନ୍ତି। ୨୦୧୮-୧୯ର ପବ୍ଲିକ ଏଣ୍ଟରପ୍ରାଇଜ ସର୍ଭେ ମୁତାବକ, ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଦେଶରେ ୩୪୮ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରହିଛି। ଏହା ମଧ୍ୟରୁ ୨୪୯ ଚାଲୁ ରହିଛି। ୮୬ ନିର୍ମାଣାଧୀନ ସ୍ଥିତିରେ ରହିଥିବା ବେଳେ ୧୩ ବନ୍ଦ କିମ୍ବା ଲିକ୍ୟୁଡେଶନ ସ୍ଥିତିରେ ରହିଛି। ସରକାରଙ୍କ ଏହି ନୀତିରେ ଅନେକ ଚ୍ୟାଲେଞ୍ଜ ରହିଥିବା ଅଧିକାରୀ କହିଛନ୍ତି। ବିଭିନ୍ନ କ୍ଷେତ୍ରକୁ ଦେଖି ସେହି ଅନୁସାରେ କୌଶଳ ଅବଲମ୍ବନ କରିବାର ଆବଶ୍ୟକତା ରହିଛି ବୋଲି ଅଧିକାରୀ ଜଣକ ମତ ପ୍ରକାଶ କରିଛନ୍ତି।

# ସିଙ୍ଗାପୁର ହାଇକୋର୍ଟ ଗଲେ ଭାରତ ସରକାର

**ଭୋଡାଫୋନ ଟିକସ ମାମଲା**




ମୁମ୍ବାଇ,୮।୨

ଭୋଡାଫୋନ ଟିକସ ମାମଲାରେ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲଙ୍କ ରାୟ ଭାରତ ସରକାରଙ୍କ ସପକ୍ଷରେ ଯାଇ ନ ଥିଲା। ଭୋଡାଫୋନ ଗ୍ରୁପ୍ ପିଏଲ୍‌ସିଠାରୁ ଭାରତ ୨୨ ହଜାର କୋଟି ଟଙ୍କାର ଟିକସ ଡିମାଣ୍ଡ ରଖିଥିଲା। ଏହି ମାମଲାରେ ସରକାର ସିଙ୍ଗାପୁର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ରିଟିଶ ଟେଲିକମ୍ ଫାର୍ମ ଭୋଡାଫୋନ ୨୦୦୭ରେ ଭାରତର ଏକ ଅପରେଟକୁ ଅଧିଗ୍ରହଣ କରିବା ପରେ ସ୍ଥାନୀୟ ଟିକସ କର୍ତ୍ତୃପକ୍ଷ ୨୨ ହଜାର କୋଟି ଟଙ୍କା ଦେବାକୁ ଦାବି କରିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଏହି ଟିକସ ଦାବିକୁ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଅଦାଲତ ଖାରଜ କରିଥିଲେ। ହଟିସନ ୱାମ୍ପୁଆର ୬୭% ଅଂଶଧନ କ୍ରୟ ଲାଗି ଭୋଡାଫୋନ ୧୧ ବିଲିୟନ ଡଲାରର ଏକ ଚୁକ୍ତିରେ ସାମିଲ ହୋଇଥିଲା।

ସେହିଭଳି ଗତ ଡିସେମ୍ବରରେ ହେଗ୍ ସ୍ଥିତ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲ ବ୍ରିଟିଶ ତୈଳ କମ୍ପାନୀ କେୟର୍ନ ଏନର୍ଜି ପିଏଲ୍‌ସିକୁ ଭାରତ ସରକାର ଦାବି କରୁଥିବା ୧୦,୨୪୭ କୋଟି ଟଙ୍କାର ଟିକସ ମାମଲାକୁ ମଧ୍ୟ ଖାରଜ କରିଦେଇଥିଲେ। ଭୋଡାଫୋନ ମାମଲାରେ ସରକାର ସିଙ୍ଗାପୁର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ କେୟର୍ନ ମାମଲାରେ ଆଗକୁ କ'ଣ କରାଯିବ ସେ ନେଇ ସରକାର ବିଚାର କରୁଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ସୋମବାର ସୂଚନା ଦେଇଛନ୍ତି। ସରକାର ଏହି କମ୍ପାନୀଗୁଡିକ ଟ୍ରେଟ୍ରୋସ୍ପେକ୍ଟିଭ ଟିକସ ସହ ଜଡିତ ଅର୍ଥ ଫେରାଇବେ କି ନାହିଁ ସେ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ସରକାର ବିଭିନ୍ନ ଦିଗକୁ ଏବେ ବିଚାର କରୁଛନ୍ତି।

## ସଂକ୍ଷେପରେ

### ଫ୍ୟୁଚର-ରିଲାଏନ୍ସ ଆବେଦନ ଉପରେ ହାଇକୋର୍ଟଙ୍କ ଶୁଣାଣି

ନୂଆଦିଲ୍ଲୀ,୮।୨: ରିଲାଏନ୍ସ ରିଟେଲ ଏବଂ ଫ୍ୟୁଚର ଗ୍ରୁପ୍ ମଧ୍ୟରେ ହୋଇଥିବା ୨୪,୭୧୩ କୋଟି ଟଙ୍କାର ଡିଲ୍ ଆଗକୁ ନ ବଢ଼ାଇବା ଲାଗି ଦିଲ୍ଲୀ ହାଇକୋର୍ଟଙ୍କ ସିଙ୍ଗଲ ଜଜ୍ ବେଞ୍ଚ ନିର୍ଦ୍ଦେଶ ଦେଇଥିଲେ। ଏହି ଡିଲ୍ ସଂକ୍ରାନ୍ତ ନିଷ୍ପତ୍ତି ଉପରେ ପୁଣି ଶୁଣାଣି କରିବା ଲାଗି ଫ୍ୟୁଚର ଗ୍ରୁପ୍ ପକ୍ଷରୁ ଆବେଦନ କରାଯାଇଥିଲା। ଏହାର ଶୁଣାଣି କରି କୋର୍ଟ ଏକକ ଜଜ୍ ଖଣ୍ଡପୀଠ ଦେଇଥିବା ନିଷ୍ପତ୍ତି ଉପରେ ରହିତାଦେଶ ଲଗାଇଛନ୍ତି। ମୁଖ୍ୟ ବିଚାରପତି ଡି.ଏନ୍.ପଟେଲ ଏବଂ ଜଷ୍ଟିସ ଜ୍ୟୋତି ସିଂ ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହି ମାମଲାରେ ଅଧିକ ସମୟ ଦେବାକୁ ଆମାଜନ ପକ୍ଷରୁ ନିବେଦନ କରାଯାଇଥିବା ବେଳେ ଏହାକୁ କୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଫେବୃଆରୀ ୨ରେ ଆସିଥିବା ନିର୍ଦ୍ଦେଶ ଉପରେ କୋର୍ଟ ରହିତାଦେଶ ଜାରି କରିଛନ୍ତି। ସେହିଭଳି ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ, ସିସିଆଇ ଏବଂ ସେବି ଭଳି ଏଜେନ୍ସି ଶୁଣାଣି ପ୍ରକ୍ରିୟାରୁ ବାଦ୍ ପଡିବେ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶରେ କହିଛନ୍ତି। ସେହିଭଳି ଫ୍ୟୁଚର ଗ୍ରୁପ୍ ପକ୍ଷରୁ ହୋଇଥିବା ଆବେଦନର ପକ୍ଷ ଚଳିତ ମାସ ରଖିବାକୁ ଆମାଜନକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରିଲାଏନ୍ସ ରିଟେଲ ଏବଂ ଫ୍ୟୁଚର ଗ୍ରୁପ୍ ଡିଲ୍ ଆଗକୁ ନ ବଢାଇବା ପାଇଁ ଆମାଜନର ଆବେଦନର ଶୁଣାଣି କରି କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

### ଏଏମ୍‌ଏନ୍‌ଏସ୍ ପୋସ୍କୋ ମହାରାଷ୍ଟ୍ର ସହ ଚୁକ୍ତି

ଭୁବନେଶ୍ୱର,୮।୨: ଆର୍ସେଲର ମିତ୍ତଲ ଓ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍) ଚଳିତ ବର୍ଷ ହଟ୍ ରୋଲଡ୍ କଏଲସ୍ ଉପଲବ୍ଧ କରାଇବା ନିମନ୍ତେ ପୋସ୍କୋ ମହାରାଷ୍ଟ୍ର ସହ ଏକ ଚୁକ୍ତିରେ ସାମିଲ ହୋଇଛନ୍ତି। ଚଳିତ ମାସରେ ୫୦୦୦କୋଟି ଟଙ୍କାର ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ ଏଏମ୍‌ଏନ୍‌ଏସ୍ ଓ ପୋସ୍କୋ ମହାରାଷ୍ଟ୍ର ଗ୍ରାହକଙ୍କୁ ଉଚ୍ଚମାନର ଇସ୍ପାତ ନିର୍ମିତ ପ୍ରଡକ୍ଟ ଯୋଗାଇଦେବା ଲକ୍ଷ୍ୟରେ କାର୍ଯ୍ୟ କରିବାର ମଧ୍ୟ ପ୍ରସ୍ତାବ ରହିଛି। ସେହିଭଳି ଏହି ଚୁକ୍ତି ସ୍ୱାକ୍ଷର ବିଷୟରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଇଓ ଦିଲୀପ ଓମେନ୍ କହିଛନ୍ତି, ପୋସ୍କୋ ମହାରାଷ୍ଟ୍ର ଅନେକଦିନ ଧରି ଆମର ଏକ ଭଲ ଗ୍ରାହକ ରହିଆସିଛି। ଏହି ଚୁକ୍ତି ସ୍ୱାକ୍ଷର ହେବା ପରେ ଆମ ସମ୍ପର୍କ ଆହୁରି ଦୃଢ଼ୀଭୂତ ହେବା ସହ ଉଚ୍ଚମାନର ଷ୍ଟିଲ ଯୋଗାଇବାକୁ ଆମେ ଚୁକ୍ତିବଦ୍ଧ ହୋଇଛୁ। ପୋସ୍କୋ ମହାରାଷ୍ଟ୍ରର ସମସ୍ତ ଉଦ୍ୟୋଗକୁ ଆମେ ସମ୍ପୂର୍ଣ୍ଣ ସହଯୋଗ କରିବୁ। ଆତ୍ମନିର୍ଭର ଭାରତ ମିଶନ ଅନୁଯାୟୀ ପୋସ୍କୋ ମହାରାଷ୍ଟ୍ରକୁ ଉଚ୍ଚମାନର ହଟ୍‌ରୋଲଡ୍ କଏଲ ଦେବା ନିମନ୍ତେ ବର୍ତ୍ତମାନ ଆମେ ଚୁକ୍ତିବଦ୍ଧ।

### ମେଡିକଭର ହସ୍ପିଟାଲରେ ବିରଳ ଚିକିତ୍ସା

ବିଶାଖାପାଟଣା, ୮।୨: ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ମେଡିକଭର ହସ୍ପିଟାଲ ପକ୍ଷରୁ ଏକ ବିରଳ ଚିକିତ୍ସା ସଫଳତାର ସହ ସମ୍ପନ୍ନ କରାଯାଇଛି। ଏକ ଖୁବ୍ ଅପରିପକ୍ୱ ଶିଶୁ ୨୩ ସପ୍ତାହର ଗର୍ଭ ଧାରଣ ପରେ ଜନ୍ମ ହୋଇଥିଲା। ଆଇଭିଏଫ୍ ପଦ୍ଧତିରେ ଏହି ଗର୍ଭଧାରଣ ହୋଇଥିବାରୁ ଶିଶୁର ଜୀବନ ବଞ୍ଚାଇବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡିଥିଲା। ସେହିଭଳି ଦମ୍ପତି ନବଜାତକ ସ୍ୱାସ୍ଥ୍ୟ ପରିସ୍ଥିତି ସମ୍ପର୍କରେ ବିଶେଷଜ୍ଞଙ୍କ ସହାୟତା ପାଇଁ ଆଲୋଚନା ସହ ମେଡିକଭର ହସ୍ପିଟାଲର ଡ. ସାଇ ସୁନୀଲ କିଶୋର ଏବଂ ତାଙ୍କ ଟିମ୍ ସହ ଯୋଗାଯୋଗ ସ୍ଥାପନ କରାଯାଇଥିଲା। ଡକ୍ଟରଙ୍କ ପରାମର୍ଶ ଅନୁସାରେ ଶିଶୁଟିକୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଆବଶ୍ୟକ ସେବା ଓ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଡ. ସାଇଙ୍କ ସହ ଡ. ବିଜୟ ଓ ଡ. ଇନ୍ଦୁଶ୍ରୀଙ୍କୁ ନେଇ ଚିକିତ୍ସକ ଦଳ ଏହି ଶିଶୁଟିର ଚିକିତ୍ସା କରିଥିଲେ। ପ୍ରାୟ ୨୫ ଦିନ ପାଇଁ ଶିଶୁଟିକୁ ଇଣ୍ଟେନସିଭ ଭେଣ୍ଟିଲେଶନ ଏବଂ ଆଉ ୩୦ ଦିନ ପାଇଁ ନନ୍-ଇଣ୍ଟେନସିଭ ଭେଣ୍ଟିଲେଶନରେ ରଖାଯାଇଥିଲା। ସେହିପରି ଶିଶୁଟି ମୋଟ ଉପରେ ୧୭୦ ଦିନର ହସ୍ପିଟାଲରେ ରହି ଚିକିତ୍ସା ସହିତ ସୁସ୍ଥ ହୋଇ ଡିସ୍‌ଚାର୍ଜ ହୋଇଥିଲା।

# ହୋଣ୍ଡା ୨୦୨୧ ଆଫ୍ରିକା ଟ୍ୱିନ୍‌ର ଡେଲିଭରି



ଭୁବନେଶ୍ୱର,୮।୨

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭାରତରେ ୨୦୨୧ ଆଫ୍ରିକା ଟ୍ୱିନ୍‌ର ଡେଲିଭରି ଆରମ୍ଭ କରାଯାଇଛି। ମୁମ୍ବାଇର ଅନ୍ଧେରୀରେ ଥିବା ହୋଣ୍ଡାର ସ୍ୱତନ୍ତ୍ର ପ୍ରିମିୟମ ବାଇକ ଶୋ'ରୁମ୍ ହୋଣ୍ଡା ବିଗ୍‌ୱିଙ୍ଗ୍ ଟପ୍‌ଲାଇନ୍‌ରେ ପ୍ରଥମ ଗ୍ରାହକଙ୍କୁ ଚାବି ହସ୍ତାନ୍ତର କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବାଇକ୍‌ରେ ଥିବା ୧୦୮୪ ସିସିର ପାରାଲାଲ୍ ଟ୍ୱିନ୍ ଇଞ୍ଜିନ ରାସ୍ତାରେ ଦୌଡ଼ିବାକୁ ପ୍ରସ୍ତୁତ ରହିଛି। ନୂତନ ସ୍ଥାନ ଅନୁସନ୍ଧାନ କରିବାକୁ ଆଗ୍ରହୀ ଥିବା ବାଇକ୍‌ପ୍ରେମୀଙ୍କୁ ଏହା ଅନୁପ୍ରାଣିତ କରିବ। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ସାରା ବିଶ୍ୱର ରୋମାଞ୍ଚ ପ୍ରେମୀମାନେ ପସନ୍ଦ କରୁଥିବା ବାଇକ ହେଉଛି ଆଫ୍ରିକା ଟ୍ୱିନ୍। ସବୁଠୁ କଠିନ ରାସ୍ତାକୁ ଅତିକ୍ରମ କରିବାର ମୂଳ ତତ୍ତ୍ୱରୁ ଜନ୍ମ ନେଇଥିବା ଆଫ୍ରିକା ଟ୍ୱିନ୍‌ର ଭାବକୁ ନିକଟରେ ଡାକାର ରାଲିରେ ମିଳିଥିବା ବିଜୟ ଉତ୍ସବ ପାଳନ କରୁଛି। ଭାରତରେ ଏହି ବିଶ୍ୱସ୍ତରୀୟ ଉତ୍ପାଦର ସଦ୍ୟତମ ବର୍ଷ ସଂସ୍କରଣକୁ ଉପସ୍ଥାପନ କରୁଥିବା ହୋଣ୍ଡା ୨ହ୍ୱିଲର୍ସ ଇଣ୍ଡିଆ ଗର୍ବିତ। ଏଥିରେ ୫ ଷ୍ଟେଜ୍ ଆଡଜଷ୍ଟେବଲ୍ ୱିଣ୍ଡସ୍କ୍ରିନ୍, ଆଡଜଷ୍ଟେବଲ୍ ସିଟ୍, ହିଟେଡ୍ ଗ୍ରିପ୍, ଟ୍ୟୁବ୍‌ଲେସ୍ ଟାୟାର, ଡୁଆଲ ଏଲ୍‌ଇଡି ଲ୍ୟାମ୍ପ, କ୍ରୁଜ୍ କଣ୍ଟ୍ରୋଲ ଓ ୨୪.୫ ଲିଟରର ଇନ୍ଧନ ଟାଙ୍କି ରହିଛି। ଏହାସହିତ ଟପ୍ ବକ୍ସ, ରିୟର କ୍ୟାରିୟର, ରାଲି ଷ୍ଟେପ୍, ଡିସିଟି ପେଡାଲ ସିଫ୍‌ଟର୍, ଫଗ୍ ଲ୍ୟାମ୍ପ, ଫଗ୍ ଲ୍ୟାମ୍ପ ଏଟିଟି ଓ ସାଇଡ୍ ପାଇପ୍ ରହିଛି। ୨୦୨୧ ଆଫ୍ରିକା ଟ୍ୱିନ୍ ଆଡଭେଞ୍ଚର ସ୍ପୋର୍ଟସ୍‌ର ମାନୁଆଲ ଟ୍ରାନ୍ସମିସନର ଦାମ୍ ୧୫,୯୬,୫୦୦ ଟଙ୍କା ଓ ତାହା ଡାର୍କନେସ୍ ବ୍ଲାକ୍ ମେଟାଲିକ୍ ରଙ୍ଗରେ ଏବଂ ଡୁଆଲ୍ କ୍ଲଚ୍ ଟ୍ରାନ୍ସମିସନ୍ ଦାମ୍ ୧୭,୫୦,୫୦୦ ଟଙ୍କା ଯାହା ପର୍ଲ ଗ୍ଲେୟାର ହ୍ୱାଇଟ୍ ରଙ୍ଗରେ ଉପଲବ୍ଧ ହୋଇଛି। ଏହା ହୋଣ୍ଡାର ବିଗ୍ ୱିଙ୍ଗ ଟପ୍‌ଲାଇନ୍ ଆଉଟ୍‌ଲେଟ୍‌ରେ ମିଳୁଛି।

## ୩ ଲକ୍ଷ କୋଟି ଟଙ୍କାର ବଣ୍ଡ୍ କିଣିବ ଆର୍‌ବିଆଇ

ନୂଆଦିଲ୍ଲୀ,୮।୨: ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୩ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସଭରେନ୍ ବଣ୍ଡ କିଣିବା ଲାଗି ଯୋଜନା ରଖିଛି। ଏହାର ବେଞ୍ଚମାର୍କ ଇଲଡ୍ ବା ରିଟର୍ନ ପ୍ରାୟ ୬% ରହିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ଆର୍‌ବିଆଇ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ବଣ୍ଡ କ୍ରୟ କରିଛି। ଚଳିତ ବର୍ଷର ନେଟ୍ ଋଣ ବାବଦ ଏହି ବଣ୍ଡ ବା ପ୍ରତିଭୂତି କ୍ରୟ କରାଯାଇଛି। ସୂଚନାଯୋଗ୍ୟ, ନିକଟରେ ରିଜର୍ଭ ବ୍ୟାଙ୍କ ଏହାର ରେପୋ ହାରକୁ ଅପରିବର୍ତ୍ତିତ ରଖିଛି। ସେହିଭଳି ରିଟେଲ ନିବେଶକଙ୍କୁ ସରକାରୀ ପ୍ରତିଭୂତି କିଣିବାର ପ୍ରତ୍ୟକ୍ଷ ସୁଯୋଗ ପ୍ରଦାନ କରାଯାଇଛି। କରୋନା ଯୋଗୁ ରାଜକୋଷ ଉପରେ ପ୍ରଭାବ ପଡିଛି। ଚଳିତ ଆର୍ଥିକ ବର୍ଷରେ ସରକାର ୧୨ ଲକ୍ଷ କୋଟି ଟଙ୍କାର ଋଣ କରିବେ। ସରକାରଙ୍କ ଋଣ କାର୍ଯ୍ୟକ୍ରମକୁ ପରିଚାଳନା କରିବା ଲାଗି ଆର୍‌ବିଆଇକୁ ଦାୟିତ୍ୱ ଦିଆଯାଇଛି।

# ଏମ୍ ଆଧାର ଆପ୍‌ରେ ୩୫ ସେବା

ଭୁବନେଶ୍ୱର,୮।୨

ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ପତ୍ର ପାଇଁ ୨୦୧୫-୧୬ ରେ ଆଧାର କାର୍ଡର ପ୍ରଚଳନ କରାଯାଇଥିଲା। ଏହି ପରିଚୟ ପତ୍ର ପ୍ରଦାନକାରୀ ସଂସ୍ଥା ୟୁନିକ୍ ଆଇଡେଣ୍ଟିଫିକେଶନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପକ୍ଷରୁ ଗ୍ରାହକମାନଙ୍କ ପାଇଁ ସ୍ମାର୍ଟ ମୋବାଇଲ୍ ଫୋନ ଜରିଆରେ ୩୫ ପ୍ରକାର ଅନ୍‌ଲାଇନ ସେବା ପ୍ରଦାନ କରାଯାଉଛି। ସେହି ସେବା ଗୁଡ଼ିକ ମଧ୍ୟରୁ ଏମ୍ ଆଧାର ଆପ୍ ଅନ୍ୟତମ । ଏହାକୁ ବ୍ୟବହାରକରି ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିଜର ଆବଶ୍ୟକତା ଓ ବ୍ୟବହାର କରାଯାଇପାରିବ। ଏହି ଆପ୍ ଜରିଆରେ ବ୍ୟବହାରକାରୀମାନେ ୩୫ ପ୍ରକାର ଆଧାର ସେବା ପାଇପାରିବେ। ଏମ୍ ଆଧାର ଆପ୍ ବର୍ତ୍ତମାନ ସମୟରେ ରେଳ ଷ୍ଟେଶନ ଓ ବିମାନ ବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏକ ବୈଧ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଉଛି। ଅନ୍ୟପକ୍ଷରେ ଇ-କେୱାଇସି ଓ କ୍ୟୁଆର୍ କୋଡ୍ ପାଇଁ ବିଭିନ୍ନ ସମୟରେ ଆବଶ୍ୟକ ପଡୁଥିବା ପରିଚୟ ପତ୍ର କ୍ଷେତ୍ରରେ ବି ଏମ୍ ଆଧାରକାର୍ଡର ବ୍ୟବହାର କରିପାରିବେ ବୋଲି ସୂଚନା ମିଳିଛି।




# ଡଲାର ଇଣ୍ଡଷ୍ଟ୍ରିଜର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୮।୨

DOLLAR
WEAR THE CHANGE

ଡଲାର ଇଣ୍ଡଷ୍ଟ୍ରିଜ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ତ୍ରୈମାସରେ କମ୍ପାନୀର କାରବାର ପ୍ରଥମ ଥର ଲାଗି ୩୦୦ କୋଟି ଟଙ୍କା ଟପିଛି। କମ୍ପାନୀ ଏହାର ଅଭିବୃଦ୍ଧି ଲାଗି ପ୍ରୟାସ ଜାରି ରଖିଛି। ବିତରଣ ଧାରାକୁ ଦୃଢ କରିବା ସହ ଏହା ଡିଜିଟାଇଜେଶନ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। କମ୍ପାନୀ ବର୍ତ୍ତମାନ ଏକ ପ୍ରମୁଖ ମାନୁଫାକ୍‌ଚର ଭାବେ ବିବେଚିତ ହେଉଛି। ବେସିସ୍‌ୱେରଠାରୁ ଆଉଟରୱେର ଯାଏ ବିଭିନ୍ନ ବର୍ଗର ପୋଷାକପତ୍ର ଏହା ପ୍ରସ୍ତୁତ କରୁଛି। ଚାହିଦା ଏବଂ ଗ୍ରାହକ ସନ୍ତୁଷ୍ଟିକୁ କମ୍ପାନୀ ଅଗ୍ରାଧିକାର ଦେଇଛି। ଗୁଣବତ୍ତା ପ୍ରଡକ୍ଟ, ଷ୍ଟାଇଲ ଏବଂ ସଦ୍ୟତମ ପୋଷାକ ଯୋଗାଣ କ୍ଷେତ୍ରରେ କମ୍ପାନୀ କାର୍ଯ୍ୟ କରୁଥିବା କହିଛି। ତୃତୀୟ ତ୍ରୈମାସ ଫଳାଫଳକୁ ନେଇ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଲୋକଙ୍କୁ ଉପଯୁକ୍ତ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ ଧାରା ଜାରି ରହିବ। କେବଳ ଭାରତ ବଜାର ନୁହେଁ, ବିଶ୍ୱ ବଜାରରେ କମ୍ପାନୀ ଏହାର ଉପସ୍ଥିତି ଜାହିର କରିବାକୁ ସକ୍ଷମ ହୋଇଛି। ୟୁନାଇଟେଡ୍ ଆରବ ଏମିରେଟ୍ସ, ଓମାନ, କାତାର, ଜୋର୍ଡାନ, କୁଏତ, ବାହାରିନ, ୟେମେନ, ଇରାକ, ନେପାଳ ଏବଂ ସୁଦାନ ଭଳି ଦେଶରେ କମ୍ପାନୀ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଥିବା ଗୁପ୍ତା କହିଛନ୍ତି।

# ବେଦାନ୍ତ ଝାରସୁଗୁଡ଼ା ୟୁନିଟ୍ ପୁରସ୍କୃତ

ଭୁବନେଶ୍ୱର,୮।୨

ବେଦାନ୍ତର ଝାରସୁଗୁଡ଼ା ୟୁନିଟ୍ ଓଡ଼ିଶା ସରକାରଙ୍କଠାରୁ ଶ୍ରେଷ୍ଠ ରପ୍ତାନିକାରୀ ପୁରସ୍କାର ହାସଲ କରିଛି। ୨୦୧୭-୧୮ ଏବଂ ୨୦୧୮-୧୯ ବର୍ଷଲାଗି ସର୍ବୋତ୍ତମ ରପ୍ତାନିକାରୀ ଭାବେ କମ୍ପାନୀ ପୁରସ୍କୃତ ହୋଇଛି। ରାଜ୍ୟ ରପ୍ତାନି ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶାଳୟ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ସମାରୋହରେ କମ୍ପାନୀକୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ବେଦାନ୍ତର ଆଲୁମିନିୟମ ସିଓଓ ଜି.ଜି. ପାଲ୍ ଏହି ପୁରସ୍କାର ଗ୍ରହଣ କରିଥିଲେ। କମ୍ପାନୀର ଝାରସୁଗୁଡା ୟୁନିଟ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାର ଲାଗି ଇନ୍‌ଗଟ୍ ବିଲେଟ, ୱାୟାର୍‌ରଡ, ପ୍ରାଥମିକ ଫାଉଣ୍ଡ୍ରି ଆଲଏ, ସ୍ଲାବ୍ ଏବଂ ଅନ୍ୟାନ୍ୟ ଉତ୍ପାଦ ପ୍ରସ୍ତୁତ କରୁଛି। ସର୍ବୋତ୍ତମ ରପ୍ତାନିକାରୀ ପୁରସ୍କାର ପ୍ରଦାନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏବଂ ରପ୍ତାନି ପ୍ରୋତ୍ସାହନ ଓ ମାର୍କେଟିଂ ନିର୍ଦ୍ଦେଶାଳୟକୁ କମ୍ପାନୀର ଝାରସୁଗୁଡା ୟୁନିଟ ସିଇଓ ସି.ଏନ୍.ସିଂ ଧନ୍ୟବାଦ ଦେଇଛନ୍ତି।



# ନିବେଶକଙ୍କ ସମ୍ପତ୍ତି ୧୬.୭୦ ଲକ୍ଷ କୋଟି ବୃଦ୍ଧି

- ବଜେଟ ପରଠୁ ବଢୁଛି ସେନ୍‌ସେକ୍ସ
- ୫୧ ହଜାର ପଏଣ୍ଟ ଟପିଲା
- ବଜାର ପୁଞ୍ଜୀକରଣ ୨୦୨ ଲକ୍ଷ କୋଟି



ମୁମ୍ବାଇ,୮।୨

ଗତ ୬ ଦିନ ହେବ ଭାରତୀୟ ଶେୟାର ବଜାର କାରବାର ଉର୍ଦ୍ଧ୍ୱଗାମୀ ହୋଇ ଚାଲିଛି। ୬ ସେସନ ହେବ ଲଗାତର ବଜାର ବଢ଼ିବା ଯୋଗୁ ନିବେଶକଙ୍କ ସମ୍ପତ୍ତି ୧୬.୭୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସୂଚକାଙ୍କ ୬୧୭.୧୪ ପଏଣ୍ଟ ବଢିବା ୧.୨୨% ଯୋଗୁ ସୋମବାର ସେନ୍‌ସେକ୍ସ ପ୍ରଥମଥର ଲାଗି ୫୧ ହଜାରରୁ ଉର୍ଦ୍ଧ୍ୱ ସ୍ତରରେ ରହିଛି। ଦିନ ମଧ୍ୟରେ ସେନ୍‌ସେକ୍ସ ସର୍ବକାଳୀନ ରେକର୍ଡ ସ୍ତର ୫୧,୫୨୩.୩୮ ପଏଣ୍ଟ ସ୍ତର ଛୁଇଁଥିଲା।

ବଜେଟ ଆସିବା ଦିନ ପରଠାରୁ ସେନ୍‌ସେକ୍ସରେ ବୃଦ୍ଧି ଧାରା ପରିଲକ୍ଷିତ ହେଉଛି। ବଜେଟ ଉପସ୍ଥାପନା ହେବା ପରଠାରୁ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୧୬.୭୦ ଲକ୍ଷ କୋଟି ବଢିବା ଯୋଗୁ ୨୦୨ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ନୂଆ ରେକର୍ଡ ସ୍ତର ବୋଲି କୁହାଯାଉଛି। ଏହି ଅବଧି ମଧ୍ୟରେ ସେନ୍‌ସେକ୍ସ ୫୦୬୩ ପଏଣ୍ଟ ବା ୧୦.୯୩% ବଢିଛି। ବିଶ୍ୱ ବଜାରର ସ୍ଥିତି ଉନ୍ନତ ରହିବା ଯୋଗୁ ଭାରତୀୟ ଶେୟାର ବଜାର ଉପରେ ଏହାର ଲାଭ ଉନ୍ନତ ରହିଥିବା ରେଲିଗାରେ ବ୍ରୋକିଂ ଲିମିଟେଡର ରିସର୍ଚ୍ଚ ବିଭାଗ ଉପସଭାପତି ଅଜୀତ ମିଶ୍ର କହିଛନ୍ତି। ଶେୟାର ବଜାରରେ ଅଟୋମୋବାଇଲ, ଆଇଟି ଏବଂ ମେଟାଲ ସହ ଅନ୍ୟ କେତେକ ବର୍ଗରେ ଶେୟାର ଉନ୍ନତ ରହିଛି। ସୂଚନା ଯୋଗ୍ୟ, ୨୦୧୪ ନଭେମ୍ବର ୨୮ରେ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୧୦୦ ଲକ୍ଷ କୋଟି ଟଙ୍କା ଛୁଇଁଥିଲା।

ସୌନ୍ଦର୍ଯ୍ୟ

# ତ୍ୱଚାର ଘରୋଇ ଉପଚାର



ବିୟୁଟି ପାର୍ଲର ଯାଇ ମହିଳାମାନେ ନିଜ ନିଜର ବିୟୁଟି ଟ୍ରିଟମେଣ୍ଟ କରାଇଥାନ୍ତି। କିନ୍ତୁ ପାର୍ଲରକୁ ନ ଯାଇ ବିଭିନ୍ନ ଘରୋଇ ସାମଗ୍ରୀ ବ୍ୟବହାର କରି ଆପଣ ନିଜର ବିୟୁଟି ଟ୍ରିଟମେଣ୍ଟ କରିପାରିବେ। ଏଥିପାଇଁ କ'ଣ କରିବେ ଜାଣି ରଖନ୍ତୁ...

- ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବାକୁ ଚାହୁଁଥିଲେ ଆଳୁକୁ ବାଟି ତା'ର ରସ ବାହାର କରି ମୁହଁରେ ଲଗାନ୍ତୁ। କିଛି ସମୟ ରହିବା ପରେ ଟିସୁ ପେପରରେ ପୋଛି ତା'ପରେ ଧୋଇ ଦିଅନ୍ତୁ।
- ମୁହଁରେ ଯଦି ବ୍ରଣ ସମସ୍ୟା ଥାଏ ଓ ତ୍ୱଚାରେ କୁଞ୍ଚନ ପଡ଼ି ଆସୁଥାଏ ତେବେ ତୁଳସୀ ପତ୍ରକୁ ବାଟି ମୁହଁରେ ଲଗାନ୍ତୁ। ଲଗାତର ଏହାର ବ୍ୟବହାର କରିବା ଫଳରେ ତ୍ୱଚାର ସମସ୍ତ ପ୍ରକାରର ଦାଗ ଦୂର ହେବା ସହ ଅନ୍ୟ ସମସ୍ୟା ବିଦୂର ହେବ।
- ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ ଭଲଭାବରେ ଘଷନ୍ତୁ। ଲଗାତର କିଛି ସମୟ ଏପରି କରିବା ଫଳରେ ମୁହଁରେ ଥିବା ସମସ୍ତ ପ୍ରକାରର ମଇଳା ସଫା ହୋଇଥାଏ ଏବଂ ସମସ୍ତ ଦାଗ ମଧ୍ୟ କିଛିଦିନ ପରେ ଚାଲି ଯାଇଥାଏ। ଏପରି କରିବା ଫଳରେ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯାଏ ଓ କୋମଳ ମଧ୍ୟ ହୋଇଥାଏ।
- ଚନ୍ଦନ ପାଉଡରକୁ ଗୋଲାପ ଜଳରେ ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।
- ତ୍ୱଚାରେ ଯଦି ବୟସର ଛାପ ଦେଖାଗଲାଣି ତେବେ ଆଳୁର ପେଷ୍ଟ କରି ସେଥିରେ ଅଣ୍ଡାର ଧଳା ଅଂଶ ମିଶାଇ ପ୍ୟାକ୍ ତିଆରି କରି ମୁହଁ ଏବଂ ବେକରେ ଲଗାନ୍ତୁ।
- ଆଳୁକୁ ବାଟି ସେଥିରେ ହଳଦୀ ମିଶାଇ ଲଗାଇଲେ ତ୍ୱଚାର ଉଜ୍ଜ୍ୱଳତା ବଢ଼ିବ।
- ବ୍ରଣ ସମସ୍ୟାରୁ ମୁକ୍ତି ପାଇଁ ଆଳୁକୁ ବାଟି ସେଥିରେ ଅଳ୍ପ ମୁଲତାନୀ ମାଟି ଏବଂ ଗୋଲାପ ଜଳ ମିଶାଇ ଫେସ୍ ପ୍ୟାକ୍ କରି ଲଗାନ୍ତୁ।



# କର୍ମଜୀବୀ ହୋଇଥିଲେ...



ଏଣେ ଘର କାମ ଆଉ ପିଲାମାନଙ୍କର ଦାୟିତ୍ୱ। ସବୁକିଛି ଠିକ୍ ସମୟରେ ଶେଷ କରି ଅଫିସ୍ ବି ଯିବାକୁ ହେବ। ତେଣୁ କେତେବେଳେ କେଉଁ କାମ କରିବାକୁ ହେବ, କେମିତି ପ୍ରସ୍ତୁତ ହେବାକୁ ହେବ ସେସବୁ ପାଇଁ ବ୍ୟସ୍ତ ହୋଇ ପଡ଼ିଥାନ୍ତି କର୍ମଜୀବୀ। କିନ୍ତୁ ଠିକ୍ ଭାବରେ ପ୍ଲାନିଂ କରି ସବୁ କାମ କଲେ ବେଶ୍ ସହଜରେ ଘର ପରିବାର ଭିତରେ ସନ୍ତୁଳନ ରକ୍ଷା କରିହେବ...

**ଆଗରୁ ପ୍ରସ୍ତୁତି:** କର୍ମଜୀବୀ ମହିଳା ସବୁ କାମ ପାଇଁ ପୂର୍ବରୁ ପ୍ରସ୍ତୁତ ରୁହନ୍ତୁ। ଆସନ୍ତାକାଲି ପାଇଁ ପୂର୍ବ ଦିନ ରାତିରୁ ହିଁ ସବୁକିଛି କାମ ପାଇଁ ପ୍ରସ୍ତୁତି କରି ଦିଅନ୍ତୁ। ଅର୍ଥାତ୍ ଆସନ୍ତାକାଲି ସକାଳେ କ'ଣ ରୋଷେଇ କରିବାକୁ ହେବ କିମ୍ବା କ'ଣ ଜଳଖିଆ କରିବାକୁ ହେବ ସେ ନେଇ ସ୍ଥିର କରିବା ସହିତ ସେଥିପାଇଁ ପରିବା ଓ ଅନ୍ୟ ସାମଗ୍ରୀ ଅଲଗା କରି ରଖନ୍ତୁ। ଆବଶ୍ୟକ ହେଲେ ପରିବା କିଛି କାଟି ପୂର୍ବରୁ ରଖିପାରିବେ। କେବଳ ରୋଷେଇ ନୁହେଁ ବରଂ କ'ଣ ପିନ୍ଧି ଅଫିସ ଯିବେ ପୋଷାକ ମଧ୍ୟ ପୂର୍ବରୁ ବାହାର କରି ରଖନ୍ତୁ।



**କାମ ବାଣ୍ଟନ୍ତୁ:** ଆପଣଙ୍କ ନିର୍ଦ୍ଦିଷ୍ଟ ସମୟରେ ଅଫିସ ଯିବାକୁ ହେବ। ତେଣୁ ତା' ପୂର୍ବରୁ ହିଁ ସବୁ ଘର କାମ ଶେଷ କରିବାକୁ ହେବ। ଏଥିପାଇଁ ଘରର ସବୁ କାମ କେବଳ ଆପଣ କରିଲେ ଠିକ୍ ସମୟରେ ଶେଷ ହେବ ନାହିଁ। ତେଣୁ ଘରର ଅନ୍ୟ ସଦସ୍ୟଙ୍କଠାରୁ କିଛି କାମରେ ସାହାଯ୍ୟ ନିଅନ୍ତୁ। କିନ୍ତୁ ମନେରଖିବେ ଶାଶୂ ଘରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ କୌଣସି କାମ ପାଇଁ କହିଲେ ଅତ୍ୟନ୍ତ ଶାନ୍ତ ତଥା ତାଙ୍କ ମନୋଭାବକୁ ଲକ୍ଷ୍ୟ କରି କୁହନ୍ତୁ। କିନ୍ତୁ ଘରେ ଯଦି ସବୁ କାମରେ ସହଯୋଗ କରିବା ପାଇଁ କେହି ନିଯୁକ୍ତ ହୋଇଥାନ୍ତି ତେବେ ତାଙ୍କୁ ମଧ୍ୟ ଆଗୁଆ କାମ କରିବା ପାଇଁ କୁହନ୍ତୁ।



**ସାପ୍ତାହିକ ଯୋଜନା:** କର୍ମଜୀବୀ ମହିଳାଙ୍କୁ ସବୁ କାମ ପାଇଁ ସପ୍ତାହେ ପୂର୍ବରୁ ବି ଯୋଜନା କରିବାକୁ ହୋଇଥାଏ। ଯଦି କୌଣସି ବନ୍ଧୁଙ୍କ ଘରକୁ ଯିବାର ଥାଏ କିମ୍ବା କୌଣସି ସ୍ଥାନକୁ ବୁଲିବାକୁ ଯିବାର ଥାଏ, ତେବେ ସପ୍ତାହେ ପୂର୍ବରୁ ସେହି ସମୟ ସ୍ଥିର କରନ୍ତୁ। ଏହା ସହିତ ସେଦିନ କ'ଣ ପିନ୍ଧିବେ, କ'ଣ ସାଙ୍ଗରେ ନେବେ ସେସବୁ ମଧ୍ୟ ତାଲିକା କରି ଦିଅନ୍ତୁ। ସେହିପରି ଆପଣ ଯଦି ଆସନ୍ତା ସପ୍ତାହର କେଉଁଦିନ କ'ଣ ସବୁ ରୋଷେଇ କରିବେ ସେନେଇ ଏକ ତାଲିକା ପ୍ରସ୍ତୁତ କରିଦେବେ ତା'ହେଲେ ସବୁ କାମ ଶୀଘ୍ର ହୋଇପାରିବ।

**ପ୍ରାଥମିକତା ଚିନ୍ତା:** ବେଳେବେଳେ ହଠାତ୍ ଘର କାମ ବଢ଼ିଯାଏ। ଅଚାନକ କେହି ଘରକୁ ଆସିଯାଆନ୍ତି କିମ୍ବା ପିଲାମାନଙ୍କର ହଠାତ୍ ଦେହ ଖରାପ ହୋଇଯାଏ। ଏଭଳି ସମୟରେ ଅଫିସ୍ ଯିବାର ସମୟ କିନ୍ତୁ ସେହି ପୁରୁଣା ରହିଥାଏ। ତେଣୁ ସେ ସମୟରେ ଆପଣ କେଉଁ କାମକୁ ପ୍ରାଥମିକତା ଦେବେ ଚିନ୍ତା କରନ୍ତୁ। ଯେଉଁ କାମକୁ ପରେ କରିଲେ କିଛି ଅସୁବିଧା ହେବନି କିମ୍ବା ଅନ୍ୟ ଉପାୟରେ କରିହେବ ସେନେଇ ଚିନ୍ତା କରି କାମ କରନ୍ତୁ। ଏପରିଭାବେ ଆପଣ ସମୟର ସଦୁପଯୋଗ କରିପାରିବେ।

**ଚିରାଚରିତ କାମରୁ ବିରତି:** କର୍ମଜୀବୀମାନଙ୍କୁ ସବୁଦିନ ନିର୍ଦ୍ଦିଷ୍ଟ ସମୟରେ ସବୁକାମ କରିବାର ଏକ ରୁଟିନ୍ ହୋଇ ଯାଇଥାଏ। କିନ୍ତୁ ସାପ୍ତାହିକ ଛୁଟି ଦିନରେ ଏପରି କରନ୍ତୁ ନାହିଁ। ଅର୍ଥାତ୍ ଛୁଟିଦିନ ପାଇଁ କିଛି ଅଧିକ କାମ ରଖନ୍ତୁ ନାହିଁ। ସେଦିନ କମ୍ କାମ କରି ଅଧିକ ବିଶ୍ରାମ କରିବାକୁ ଚେଷ୍ଟା କରନ୍ତୁ। ଦରକାର ପଡ଼ିଲେ ସେଦିନ ରୋଷେଇ ନ କରି ବାହାରେ ଖାଆନ୍ତୁ। ଛୁଟିଦିନରେ କମ୍ କାମ କରି ଅଧିକ ରେଷ୍ଟ ନେଲେ ପୁଣି ଥରେ ଆଉ ଏକ ସପ୍ତାହ ଆରମ୍ଭରୁ କାମ କରିବା ଅଧିକ ଉର୍ଜା ସୃଷ୍ଟି ହେବ।



## ଏମାନେ କ'ଣ କରନ୍ତି...

### ପୂର୍ବ ରାତିରୁ ଶାଶୁଙ୍କଠାରୁ ବୁଝି ନେଇଥାଏ



ମତେ ସବୁଦିନ ସାଢେ ଦଶଟା ସମୟରେ ସ୍କୁଲରେ ପହଞ୍ଚିବାକୁ ପଡ଼େ। ସେଥିପାଇଁ ମୁଁ ଘରୁ ୧୫ ମିନିଟ୍ ପୂର୍ବରୁ ବାହାରିଥାଏ। ସେହି ସମୟ ମଧ୍ୟରେ ମୁଁ ଘରେ ସମସ୍ତଙ୍କ ପାଇଁ ରୋଷେଇ କରି ଜଳଖିଆ ଖାଇବାକୁ ଦେଇ ଯାଇଥାଏ। ଠିକ୍ ସମୟରେ ବାହାରିବା ପାଇଁ ମୁଁ ପୂର୍ବରାତିରୁ କ'ଣ ରୋଷେଇ କରିବାକୁ ହେବ ଶାଶୁଙ୍କଠାରୁ ପଚାରି ବୁଝି ନେଇଥାଏ।

*–ରାଜଲକ୍ଷ୍ମୀ ମହାପାତ୍ର*
*ଶିକ୍ଷୟିତ୍ରୀ, ଜ୍ଞାନବିଜ୍ଞାନ ବିଦ୍ୟାଳୟ, ଅରିଲୋ, ଜଗତସିଂହପୁର*

### ରାତିରୁ ରେଡି କରିଦିଏ



କାଲି କ'ଣ କରିବାକୁ ହବ ସେଥିପାଇଁ ମୁଁ ରାତିରେ ଟିଭି ଦେଖିବା ସମୟରେ ପରିବା କାଟି ଫ୍ରିଜରେ ରଖି ଦେଇଥାଏ। ଆଉ ଶୋଇବା ପୂର୍ବରୁ ମୁଁ ବାସନ ମଜା ଏବଂ ରୋଷେଇ ଘର ସଫା କରି ଦେଇଥାଏ। ତେଣୁ ସକାଳୁ ଟିକେ ଡେରିରେ ଉଠିଲେ ବି ମୁଁ ଶୀଘ୍ର ରୋଷେଇ ଶେଷ କରିଦିଏ ଆଉ ଠିକ୍ ସମୟରେ ସ୍କୁଲରେ ପହଞ୍ଚି ପାରିଥାଏ।

*–ମନୀଷା ମହାଲିକ, ଶିକ୍ଷୟିତ୍ରୀ*
*ଧାମରାଇ ହାଇସ୍କୁଲ, ନରସିଂହପୁର, ଧାମରା, ଭଦ୍ରକ*

### ଶୀଘ୍ର ଉଠି ରୋଷେଇ କରେ



ମୋ ସାନ ଝିଅ ଟିକେ ଛୋଟ ହୋଇଥିବାରୁ ମତେ ତା'ପାଇଁ ଅଧିକ ସମୟ ଦେବାକୁ ପଡେ। ସେଥିପାଇଁ ସିଏ ଉଠିବା ପୂର୍ବରୁ ମୁଁ ଉଠି ଘରର ପ୍ରାୟ ଅଧା କାମ କରି ଦେଇଥାଏ। ତେଣୁ ସେ ଉଠିବା ବେଳକୁ ତା'ର ଖାଇବା ପିଇବା ଓ ଅନ୍ୟ କାମ ସବୁ କରି ମୁଁ ୯ଟା ବେଳକୁ ହସ୍ପିଟାଲରେ ପହଞ୍ଚିଥାଏ। ତା' ଛଡା ଶାଶୁ, ଶ୍ୱଶୁରଙ୍କ ପାଇଁ ରୋଷେଇ ଓ ଟିଫିନ ବି କରିଥାଏ। ତେଣୁ ସକାଳୁ ଉଠିଲେ କ'ଣ ସବୁ କରିବି ସେଥିପାଇଁ ମୁଁ ପୂର୍ବ ଦିନ ରାତିରୁ ହିଁ ଭାବି ରଖିଥାଏ।

*–ଇତିଶ୍ରୀ ଛାଟୋଇ, ନର୍ସ, ଶ୍ରୀ ହସ୍ପିଟାଲ୍, ଲୁଇସ୍ ରୋଡ୍, ଭୁବନେଶ୍ୱର*

### ଛୁଟିଦିନରେ ସବୁ ଆଗୁଆ କରେ



ଛୋଟ ଛୁଆକୁ ପୁଣି ବ୍ୟାଙ୍କ ଚାକିରି। ଏଥିପାଇଁ ମତେ ସବୁ କାମ ଆଡଭାନ୍ସ କରିବାକୁ ହୁଏ। ଅବଶ୍ୟ ମା' ମତେ ବହୁତ ସାହାଯ୍ୟ କରନ୍ତି। ମୋ ଛୋଟ ପୁଅର ପ୍ରାୟ ସବୁ କାମ ମାଆ ଓ ବାପା କରନ୍ତି। ମୁଁ ରୋଷେଇ ପାଇଁ ସବୁ କାମ କରି ଶୀଘ୍ର ବାହାରିଯାଏ। ତେବେ ଛୁଟି ଦିନରେ ହିଁ ମୁଁ ଅଧିକାଂଶ କାମ ଯେପରି କି ରୋଷେଇ ଘର ସଜାଡ଼ିବା, ରାଶନ ସାମଗ୍ରୀ ଆଣିବା ଆଦି ସବୁ ତାଲିକା ପ୍ରସ୍ତୁତ କରି ଦେଇଥାଏ।

*–ଦେବେନ୍ଦ୍ରିତା ଦାସ*
*ବ୍ୟାଙ୍କ ଅଫିସର, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ମୁଶାଡିହ, ପାରାଦୀପ*

## ଘରକରଣା

- ଗନ୍ଧ ହେଉଥିବା ପାତ୍ରରେ ଏକ କପ୍ ଭିନେଗାର ପକାଇ ତାକୁ ୧୦ ମିନିଟ୍ ଫୁଟାନ୍ତୁ। ଯେତେ ଖରାପ ଗନ୍ଧ ହୋଇଥିଲେ ବି ଚାଲିଯିବ। ରୋଷେଇ ଘରେ ଭିନେଗାରକୁ ଫ୍ଲେବରିଂ ଏଜେଣ୍ଟ ଭଳି ବ୍ୟବହାର କରିବା ସହିତ କ୍ଲିନର ଭଳି ମଧ୍ୟ ବ୍ୟବହାର କରିପାରିବେ।



- ଯେକୌଣସି ପ୍ରକାରର ଗନ୍ଧ ଦୂର କରିବା ପାଇଁ ଆଳୁ ଉପଯୋଗୀ। ଆଳୁକୁ ମୋଟା କରି କାଟି ସେଥିରେ ଲୁଣ ପକାଇ ବାସନରେ ଘଷନ୍ତୁ। ଏହାପରେ ୧୫ ମିନିଟ୍ ପର୍ଯ୍ୟନ୍ତ ବାସନରେ ତାହା ରଖି ଧୋଇ ଦିଅନ୍ତୁ।
- ଗନ୍ଧ ହେଉଥିବା ବାସନରେ କିଛି ଲୁଣ ପକାଇ ସେଥିରେ ଲେମ୍ବୁକୁ ଘଷି ୨୦ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ, ଗନ୍ଧ ରହିବ ନାହିଁ। କେବଳ ଲେମ୍ବୁ ଚୋପାକୁ ପାଣିରେ ପକାଇ ଅଧଘଣ୍ଟା ଫୁଟାନ୍ତୁ। ବାସନରୁ ସବୁ ଗନ୍ଧ ଚାଲିଯିବ।
- ରାନ୍ଧିବା ପରେ ଯଦି ବାସନରେ ମାଂସ ଗନ୍ଧ ରହିଯାଇଥାଏ ତେବେ ୪-୫ ଚାମଚ ଭିନେଗାର ସହିତ ବେକିଂ ସୋଡାର ପେଷ୍ଟ କରି ଲେମ୍ବୁ ଚୋପାରେ ଘଷନ୍ତୁ। ସବୁ ଗନ୍ଧ ଦୂର ହୋଇଯିବ।




- ବାସନରୁ ଗନ୍ଧ ଛଡ଼ାଇବା ପାଇଁ କଫି ମଧ୍ୟ ବ୍ୟବହାର କରିପାରିବେ। ବାସନରେ ଅଳ୍ପ ପାଣି ଦେଇ ସେଥିରେ କଫି ପକାଇ ୩-୪ ମିନିଟ୍ ଗ୍ୟାସରେ ବସାଇ ଫୁଟାନ୍ତୁ। ଏହାପରେ ୧୫ ମିନିଟ୍ ପର୍ଯ୍ୟନ୍ତ ତାକୁ ସେଥିରେ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ବାସନକୁ ଡିସ୍‌ୱାସ୍‌ରେ ମାଜି ଦିଅନ୍ତୁ, ଗନ୍ଧ ରହିବ ନାହିଁ।

## ଘର ସଜାନ୍ତୁ ଏମିତି

ଘରକୁ ସୁନ୍ଦରଭାବେ ସଜାଇବା ପାଇଁ ସମସ୍ତଙ୍କର ଇଚ୍ଛା ରହିଥାଏ। ଏଥିପାଇଁ କିଏ ଇଣ୍ଡୋର ପ୍ଲାଣ୍ଟ ଉପରେ ଗୁରୁତ୍ୱ ଦିଅନ୍ତି ତ କିଏ ବିଭିନ୍ନ ଆସବାବପତ୍ର କିଣି ଘରେ ରଖନ୍ତି। ତେବେ କେଉଁଭଳି ଉପାୟ କଲେ ଘରକୁ ଅନ୍ୟମାନଙ୍କଠାରୁ ଟିକିଏ ଭିନ୍ନ ଲୁକ୍ ଦେଇପାରିବେ ସେ ନେଇ ଜାଣି ରଖନ୍ତୁ କିଛି ଟିପ୍ସ...

- ଘରେ ବିଭିନ୍ନ ପ୍ରକାରର ପୁରୁଣା ଡିଜାଇନ୍ ବାସନ ରଖି ଘରକୁ ଏକ ଭିନ୍ନ ଲୁକ୍ ଦେଇପାରିବେ। ଡ୍ରଇଁ ରୁମ୍‌ର ଟେବୁଲ ଉପରେ ରୟାଲ ଲୁକ୍ ଥିବା ଆସବାବପତ୍ର ରଖନ୍ତୁ।
- ରୁପା କିମ୍ବା ପିତ୍ତଳରେ ତିଆରି ପୁରୁଣା ଡିଜାଇନର ଗ୍ଲାସ, ଜଗ୍, ଫୁଲଦାନୀ ଆଦି ରଖନ୍ତୁ। ଏପରି କରିବା ଦ୍ୱାରା ଘରର ଲୁକ୍ ଟିକିଏ ଭିନ୍ନ ମନେ ହେବ।
- ଘରର ଚେୟାର, ସୋଫା ଆଦିକୁ ବିଭିନ୍ନ କଳାକୃତି ଡିଜାଇନର ତିଆରି କରନ୍ତୁ। ବିଭିନ୍ନ କଳାକୃତିଥିବା ଆସବାସପତ୍ର ଘରକୁ ରୟାଲ ଲୁକ୍ ଦେବ।
- ସୋସିଆଲ ମିଡିଆରେ ଏବେ ଘରସଜା ନେଇ ବିଭିନ୍ନ ଫଟୋ ଓ ଭିଡିଓ ରହିଛି। ସେସବୁ ଦେଖି ଆପଣ ଆଇଡିଆ ନେଇପାରିବେ।
- ଗୋଲ୍ଡେନ ଏବଂ ସିଲଭର କଲରଥିବା କ୍ୟାଣ୍ଡେଲ ଷ୍ଟାଣ୍ଡ, ଫୁଲଦାନୀ ଆଦି ରଖନ୍ତୁ। ଏହା ବ୍ୟତୀତ ମାଟିରେ ତିଆରି ବିଭିନ୍ନ ଡିଜାଇନ ତଥା ରଙ୍ଗର ସୁନ୍ଦର ସୁନ୍ଦର ଆସବାବପତ୍ର ଏବେ ବଜାରରେ ମିଳୁଛି। ଏସବୁ ଜିନିଷକୁ ଆପଣ ଘର ବାହାରେ ଗେଟ୍ ପାଖରେ କିମ୍ବା ବଗିଚା ଭିତରେ ରଖିପାରିବେ।
- କାଗଜରେ ମଧ୍ୟ ରଙ୍ଗବେରଙ୍ଗର ବିଭିନ୍ନ କଳାକୃତି ରହିଛି, ଯାହାକୁ ଆପଣ ଟେବୁଲ ଉପରେ ସଜାଇବା ସହ କାନ୍ଥରେ ବି ଟାଙ୍ଗିପାରିବେ।





ଖାଦ୍ୟ ରୁଚି

## ଚୁଡ଼ା ଉତ୍ତପମ୍



**ଆବଶ୍ୟକ ସାମଗ୍ରୀ**

ଚୁଡା– ଅଧା କପ୍
ସୁଜି– ଅଧା କପ୍
ଦହି– ଅଧା କପ୍
ଆବଶ୍ୟକ ଅନୁସାରେ ଲୁଣ, ପାଣି ଓ ତେଲ
ଷ୍ଟଫିଂ ନିମନ୍ତେ–
ପିଆଜ– ଅଧାକପ୍ ଛୋଟ କଟା ହୋଇଥିବା
ବିନ୍ସ, ଗାଜର ଓ କ୍ୟାପ୍ସିକମ୍– ଛୋଟ ଛୋଟ କଟା

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ଚୁଡ଼ାକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ଏହାପରେ ପାଣିରୁ ଛାଣି ଚୁଡ଼ା ସହିତ ସୁଜି, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ମିଶ୍ରଣକୁ ଅଧଘଣ୍ଟା ରଖି ଦିଅନ୍ତୁ। ଷ୍ଟଫିଂ ତିଆରି କରିବା ପାଇଁ ପିଆଜ, ବିନ୍ସ, ଗାଜର, କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ରଖନ୍ତୁ। କଟାପରିବାରୁ ଅଧା ନେଇ ବଟା ହୋଇଥିବା ମିଶ୍ରଣରେ ମିଶାଇ ଦିଅନ୍ତୁ। ଏହାପରେ ତାୱା ଗରମ କରି ସେଥିରେ ଅଳ୍ପ ତେଲ ପକାନ୍ତୁ। ତିଆରି କରିଥିବା ମିଶ୍ରଣକୁ ସେଥିରେ ଛୋଟ କରି ଢାଳନ୍ତୁ ଓ ଉପରେ କଟା ହୋଇଥିବା ପରିବା ଅଳ୍ପ ପକାଇ ଚାପି ଦିଅନ୍ତୁ। ଏହାପରେ ଦୁଇପଟ ଓଲଟାଇ ବାହାର କରି ଦିଅନ୍ତୁ। ଏହାକୁ ଚଟଣି କିମ୍ବା ସସ୍ ସହିତ ଖାଆନ୍ତୁ।

# ନିର୍ଣ୍ଣାୟକ ମୋଡ଼ରେ ପ୍ରଥମ ଟେଷ୍ଟ

ଚେନ୍ନାଇ, ୮।୨

ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଚାଲିଥିବା ଭାରତ-ଇଂଲଣ୍ଡ ପ୍ରଥମ କ୍ରିକେଟ ଟେଷ୍ଟ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ୫୭୮ ଜବାବରେ ଭାରତ ପ୍ରଥମ ଇନିଂସରେ ୩୩୭ ରନ କରିବାକୁ ସକ୍ଷମ ହୋଇଛି। ଫଲୋଅନ ଡାକି ନ ଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୭୮ ରନରେ ଅଲ୍‌ଆଉଟ ହୋଇଛି। ଫଳରେ ଭାରତ ସମ୍ମୁଖରେ ବିଶ୍ୱରେକର୍ଡ ୪୨୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସୋମବାର ୪ର୍ଥ

- ବିଜୟ ଲକ୍ଷ୍ୟ ୪୨୦, ଭାରତ ୩୯/୧
- ଚତୁର୍ଥ ଦିବସରେ ୧୫ ଉଇକେଟର ପତନ
- ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୭୮ରେ ଅଲ୍‌ଆଉଟ

ଦିନ ଶେଷ ସୁଦ୍ଧା ଭାରତ ରୋହିତ ଶର୍ମାଙ୍କ ଉଇକେଟ ହରାଇ ୩୯ ରନ ସଂଗ୍ରହ କରିଛି। ମଙ୍ଗଳବାର ୫ମ ଦିବସରେ ଭାରତକୁ ବିଜୟ ପାଇଁ ଆଉ ୩୮୧ ରନ ଆବଶ୍ୟକ ହେଉଛି। ଯଦି ଏହା ସମ୍ଭବ ହୁଏ ତେବେ କୌଣସି ଟେଷ୍ଟରେ ରନ ଚେଜ୍‌ରେ ଏହା ବିଶ୍ୱରେକର୍ଡ ହେବ। ପୂର୍ବରୁ ୨୦୦୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜ ସର୍ବାଧିକ ୪୧୮ ରନ ଚେଜ୍ କରି ରେକର୍ଡର ଅଧିକାରୀ ଅଛି। ଅନ୍ୟପକ୍ଷରେ ଇଂଲଣ୍ଡ ବିଜୟଠାରୁ ୯ ଉଇକେଟ ଦୂରରେ ରହିଛି। ଭାରତର ରବିଚନ୍ଦ୍ରନ ଅଶ୍ୱିନ ୬୧ ରନ ବିନିମୟରେ ୬ ଉଇକେଟ ନେଇଥିବାରୁ ପିଚ୍ କ୍ରମେ ସ୍ପିନରଙ୍କୁ ଅଧିକ ସୁହାଉଥିବା ସ୍ପଷ୍ଟ ହୋଇଛି। ଚତୁର୍ଥ ଦିବସରେ ୧୫ଟି ଉଇକେଟର ପତନ ଘଟିଛି। ଫଳରେ ଅନ୍ତିମ ଦିବସରେ ଭାରତୀୟ ବ୍ୟାଟ୍ସମ୍ୟାନ କଡ଼ା ପରୀକ୍ଷାର ସମ୍ମୁଖୀନ ହେବା ନିଶ୍ଚିତ ହୋଇଛି।

## ଫଲୋଅନ ଡାକିଲାନି ଇଂଲଣ୍ଡ

ତୃତୀୟ ଦିବସର ଅସମାପ୍ତ ସ୍କୋର ୨୫୭/୬ରୁ ଖେଳ ଆରମ୍ଭ କରିଥିଲା ଭାରତ। ତେବେ ୱାଶିଂଟନ ସୁନ୍ଦର ଚମତ୍କାର ବ୍ୟାଟିଂ କରି ୮୫ (୧୨ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ ହେଁ ଦଳୀୟ ଇନିଂସ ୩୩୭ ରନରେ ଶେଷ ହୋଇ ଯାଇଥିଲା। ଅଶ୍ୱିନ ୩୧ ରନ କରିଥିବାବେଳେ ଟେଲ୍‌ଏଣ୍ଡରେ ଆଉ କେହି ଦୁଇଅଙ୍କ ଛୁଇଁପାରି ନ ଥିଲେ। ସୁନ୍ଦର ଓ ଅଶ୍ୱିନଙ୍କ ଯୋଡ଼ିରୁ ୮୦ ରନ ସଂଗ୍ରହ ସତ୍ତ୍ୱେ ଭାରତ ଫଲୋଅନ ଟାର୍ଗେଟଠାରୁ ପଛରେ ରହି ଯାଇଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଡମ୍ ବେସ୍ ସର୍ବାଧିକ ୪ଟି, ଜେମ୍ସ ଆଣ୍ଡରସନ, ଜୋଫ୍ରା ଆର୍ଚର ଓ ଜ୍ୟାକ ଲିଚ୍ ୨ଟି ଲେଖାଏ ଉଇକେଟ ପାଇଥିଲେ। ୨୪୧ ରନର ପ୍ରଥମ ଇନିଂସ ଅଗ୍ରଣୀ ପାଇଥିଲେ ମଧ୍ୟ ଇଂଲଣ୍ଡ ବୋଲରଙ୍କୁ ବିଶ୍ରାମ ଦେବା ଲକ୍ଷ୍ୟରେ ଫଲୋଅନ ନ ଡାକି ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା।


ରବିଚନ୍ଦ୍ରନ୍ ଅଶ୍ୱିନ

## ଅଶ୍ୱିନଙ୍କୁ ୬ ଉଇକେଟ

ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଭାରତୀୟ ସ୍ପିନରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଘରୋଇ ବୋଲରଙ୍କ ମଧ୍ୟରେ ଅଶ୍ୱିନ ଅଧିକ କ୍ଷତି ଘଟାଇଥିଲେ। ସେ ୬୧ ରନ ବିନିମୟରେ ୬ ଉଇକେଟ ନେବାରୁ ଇଂଲଣ୍ଡ ଦ୍ୱିତୀୟ ଇନିଂସ ୧୭୮ରେ ସୀମିତ ରହି ଯାଇଥିଲା। ଶାହାବାଜ ନଦିମ ୨ଟି ଏବଂ ଯଶପ୍ରୀତ୍ ବୁମ୍‌ରା ଓ ଇଶାନ୍ତ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏଥିସହ ଇଶାନ୍ତ ୬ଷ୍ଠ ଭାରତୀୟ ବୋଲରଭାବେ ଟେଷ୍ଟ କ୍ରିକେଟରେ ୩୦୦ ଉଇକେଟ ପୂରଣ କରିଥିଲେ। ଅଶ୍ୱିନ ପାଇଥିଲେ କ୍ୟାରିୟରର ୨୮ତମ ୫ ଉଇକେଟ ସଫଳତା। ଚେନ୍ନାଇରେ ତୃତୀୟ ଏବଂ ଇଂଲଣ୍ଡ ବିପକ୍ଷରେ ସେ ୪ର୍ଥ ଥର ପାଇଁ ଏପରି ସଫଳତା ପାଇଥିଲେ। ଇଂଲଣ୍ଡ ପକ୍ଷରୁ ପ୍ରଥମ ଇନିଂସରେ ଦ୍ୱିଶତକ ହାସଲକାରୀ ଅଧିନାୟକ ଜୋ ରୁଟ୍ ସର୍ବାଧିକ ୪୦ ରନ କରିଥିଲେ।

## ବିରଳ ରେକର୍ଡ

ଇଂଲଣ୍ଡ ଦ୍ୱିତୀୟ ଇନିଂସର ପ୍ରଥମ ବଲ୍‌ରେ ରୋରି ବର୍ନ୍ସଙ୍କୁ ଆଉଟ କରିଥିଲେ ଅଶ୍ୱିନ। ଟେଷ୍ଟ କ୍ରିକେଟର ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଇତିହାସରେ କୌଣସି ଇନିଂସର ପ୍ରଥମ ବଲ୍‌ରେ ଜଣେ ସ୍ପିନରଭାବେ ଉଇକେଟ ନେଇ ବିରଳ ରେକର୍ଡର ଅଧିକାରୀ ହୋଇଥିଲେ ଏହି ଭେଟେରାନ ସ୍ପିନର। ବଡ଼ ସ୍କୋରର ପିଛା କରିଥିବା ଭାରତ ଶୀଘ୍ର ରୋହିତ ଶର୍ମାଙ୍କ ଉଇକେଟ ହରାଇ ଆଶଙ୍କା ମଧ୍ୟରେ ରହିଛି। ପ୍ରଥମ ଇନିଂସରେ ମାତ୍ର ୬ ରନ କରିଥିବା ରୋହିତ ଦ୍ୱିତୀୟ ଇନିଂସରେ ୧୨ ରନ କରିଛନ୍ତି।



## ଇଶାନ୍ତଙ୍କ ୩୦୦ ଉଇକେଟ ପୂରଣ

ଚେନ୍ନାଇ, ୮।୨(ପି.ଟି.): ଭେଟେରାନ ଭାରତୀୟ ଦ୍ରୁତ ବୋଲର ଇଶାନ୍ତ ଶର୍ମା ଟେଷ୍ଟ କ୍ରିକେଟରେ ୩୦୦ ଉଇକେଟ ପୂରଣ କରିଛନ୍ତି। ସେ ଭାରତର ତୃତୀୟ ପେସ୍ ବୋଲର ଏବଂ ଓଭରଅଲ୍ ୬ଷ୍ଠ ବୋଲର ଭାବେ ଏହି ସଫଳତା ପାଇଛନ୍ତି। ଦ୍ୱିତୀୟ ଇନିଂସରେ ଇଂଲଣ୍ଡର ଡାନ ଲରେନ୍ସଙ୍କୁ ଆଉଟ କରି ଇଶାନ୍ତ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ତାଙ୍କ ପୂର୍ବରୁ ଦୁଇ ପେସର କପିଳ ଦେବ ଓ ଜାହିର ଖାଁ ଏହି କ୍ଲବରେ ସାମିଲ ହୋଇଥିଲେ। ସେହିପରି ସ୍ପିନର ଅନିଲ କୁମ୍ବଲେ, ରବିଚନ୍ଦ୍ରନ ଅଶ୍ୱିନ, ହରଭଜନ ସିଂ ମଧ୍ୟ ଏହି ସଫଳତା ପାଇଛନ୍ତି। ଇଶାନ୍ତ ୯୮ ଟେଷ୍ଟ ଖେଳି ୩୦୦ ଉଇକେଟ ସ୍ପର୍ଶ କରିଛନ୍ତି। ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ), ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଓ କ୍ରିକେଟରମାନେ ଇଶାନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଭାରତର ୩୦୦ ଉଇକେଟ କ୍ଲବ

- ୬୧୯: ଅନିଲ କୁମ୍ବଲେ (୬୬ ଟେଷ୍ଟ)
- ୪୩୪: କପିଳ ଦେବ (୮୩ ଟେଷ୍ଟ)
- ୪୧୭: ହରଭଜନ ସିଂ (୭୨ ଟେଷ୍ଟ)
- ୩୮୬: ରବିଚନ୍ଦ୍ରନ ଅଶ୍ୱିନ (୫୪ ଟେଷ୍ଟ)
- ୩୧୧: ଜାହିର ଖାଁ (୮୯ ଟେଷ୍ଟ)
- ୩୦୦: ଇଶାନ୍ତ ଶର୍ମା (୯୮ ଟେଷ୍ଟ)

## ସ୍କୋର ବୋର୍ଡ

**ଇଂଲଣ୍ଡ ପ୍ରଥମ ଇନିଂସ:**
୫୭୮/ଅଲ୍‌ଆଉଟ

**ଭାରତ ପ୍ରଥମ ଇନିଂସ**
ରୋହିତ-କ-ବଟଲର-ବୋ-ଆର୍ଚର-୬
ଶୁବମନ-କ-ଆଣ୍ଡରସନ-ବୋ-ଆର୍ଚର-୨୯
ପୂଜାରା-କ-ବର୍ନ୍ସ-ବୋ-ବେସ୍-୭୩
କୋହଲି-କ-ପୋପ୍-ବୋ-ବେସ୍-୧୧
ରାହାନେ-କ-ରୁଟ୍-ବୋ-ବେସ୍-୧
ପନ୍ତ-କ-ଲିଚ୍-ବୋ-ବେସ୍-୯୧
ୱାଶିଂଟନ-ନଟଆଉଟ-୮୫
ଅଶ୍ୱିନ-କ-ବଟଲର-ବୋ-ଲିଚ୍-୩୧
ନଦିମ-କ-ଷ୍ଟୋକ୍ସ-ବୋ-ଲିଚ୍-୦
ଇଶାନ୍ତ-କ-ପୋପ୍-ବୋ-ଆଣ୍ଡରସନ-୪
ବୁମ୍‌ରା-କ-ଷ୍ଟୋକ୍ସ-ବୋ-ଆଣ୍ଡରସନ-୦
ଅତିରିକ୍ତ-୬
ମୋଟ (୯୫.୫ ଓଭର/ଅଲଆଉଟ) ୩୩୭।
**ଉଇକେଟ ପତନ:** ୧/୧୯, ୨/୪୪, ୩/୭୧, ୪/୭୩, ୫/୧୯୨, ୬/୨୨୫, ୭/୩୦୫, ୮/୩୧୨, ୯/୩୨୩।
**ବୋଲିଂ (ଇଂଲଣ୍ଡ)**
ଜେମ୍ସ ଆଣ୍ଡରସନ ୧୬.୫-୪୬-୨
ଜୋଫ୍ରା ଆର୍ଚର ୨୧-୩-୭୫-୨
ବେନ୍ ଷ୍ଟୋକ୍ସ ୬-୧-୧୬-୦
ଜ୍ୟାକ୍ ଲିଚ୍ ୨୪-୫-୧୦୫-୨
ଡୋମିନିକ୍ ବେସ୍ ୨୬-୫-୭୬-୪
ଜୋ ରୁଟ୍ ୨-୦-୧୪-୦।

ଇଂଲଣ୍ଡ ଦ୍ୱିତୀୟ ଇନିଂସ
ବର୍ନ୍ସ-କ-ରାହାନେ-ବୋ-ଅଶ୍ୱିନ-୦
ସିବ୍ଲେ-କ-ପୂଜାରା-ବୋ-ଅଶ୍ୱିନ-୧୬
ଲରେନ୍ସ-ଏଲବିଡବ୍ଲ୍ୟୁ-ଇଶାନ୍ତ-୧୮
ରୁଟ୍-ଏଲବିଡବ୍ଲ୍ୟୁ-ବୁମ୍‌ରା-୪୦
ଷ୍ଟୋକ୍ସ-କ-ପନ୍ତ-ବୋ-ଅଶ୍ୱିନ-୭
ପୋପ୍-କ-ରୋହିତ-ବୋ-ନଦିମ-୨୮
ବଟଲର-ଷ୍ଟମ୍ପ-ପନ୍ତ-ବୋ-ନଦିମ-୨୪
ବେସ୍-ଏଲବିଡବ୍ଲ୍ୟୁ-ଅଶ୍ୱିନ-୨୫
ଆର୍ଚର-ବୋ-ଅଶ୍ୱିନ-୫
ଲିଚ୍-ନଟଆଉଟ-୮
ଆଣ୍ଡରସନ-କ ଆଣ୍ଡ ବୋ-ଅଶ୍ୱିନ-୦
ଅତିରିକ୍ତ-୭
ମୋଟ(୪୬.୩ ଓଭର, ଅଲଆଉଟ) ୧୭୮
ଉଇକେଟ ପତନ:୧/୦, ୨/୩୨, ୩/୫୮, ୪/୭୧, ୫/୧୦୧, ୬/୧୩୦, ୭/୧୬୫, ୮/୧୬୭, ୯/୧୭୮।
ବୋଲିଂ(ଭାରତ)
ଅଶ୍ୱିନ ୧୭.୩-୨-୬୧-୬
ନଦିମ ୧୫-୨-୬୬-୨
ଇଶାନ୍ତ ୭-୧-୨୪-୧
ବୁମ୍‌ରା ୬-୦-୨୬-୧
ସୁନ୍ଦର ୧-୦-୧-୦।

ଭାରତ ଦ୍ୱିତୀୟ ଇନିଂସ
ରୋହିତ-ବୋ-ଲିଚ୍-୧୨
ଶୁବମନ-ନଟଆଉଟ-୧୫
ପୂଜାରା-ନଟଆଉଟ-୧୨
ଅତିରିକ୍ତ-୦
ମୋଟ(୧୩ ଓଭର, ୧ ଉଇକେଟ) ୩୯
ଉଇକେଟ ପତନ:୧/୨୫।
ବୋଲିଂ(ଇଂଲଣ୍ଡ)
ଆର୍ଚର ୩-୨-୧୩-୦
ଲିଚ୍ ୬-୧-୨୧-୧
ଆଣ୍ଡରସନ ୨-୧-୨-୦
ବେସ୍ ୨-୦-୩-୦।

## ମୁମ୍ବାଇ-ଗୋଆ ମ୍ୟାଚ ଡ୍ର

ବାମ୍ବୋଲିମ୍, ୮।୨: ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ମୁମ୍ବାଇ ସିଟି ଏଫ୍‌ସି ଓ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୩-୩ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଫଳରେ ଦୁଇ ଦଳ ମଧ୍ୟରେ ପଏଣ୍ଟ ବଣ୍ଟୁଆରା ହୋଇଛି। ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ମୁମ୍ବାଇ ଦଳ ତରଫରୁ ହୁଗୋ ବୋମୋସ (୨୦ତମ), ଆଡାମ ଲି' ଫଣ୍ଡ୍ରେ (୨୬ତମ) ଓ ରୋଲିନ୍ ବର୍ଗେସ (୯୦ତମ ମିନିଟ) ଏବଂ ଗୋଆ ଦଳ ପକ୍ଷରୁ ଗ୍ଲାନ ମାର୍ଟିନ୍ସ (୪୫ତମ), ଇଗୋର ଆଙ୍ଗୁଲୋ (୫୧ତମ) ଓ ଇଶାନ ପଣ୍ଡିତ (୯୦+୬ତମ ମିନିଟ୍) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଡ୍ର ରହିଥିଲେ ହେଁ ଗୋଆ ଦଳ ଅପେକ୍ଷାକୃତ ଭଲ ଖେଳିଥିଲା। ବଲ୍ ୬୬% ପ୍ରତିଶତ ସମୟ ଏହି ଦଳର ଖେଳାଳିଙ୍କ ନିୟନ୍ତ୍ରଣରେ ରହିଥିଲା। ଦଳର ମୋଟ ପାସ୍ ସଂଖ୍ୟା ୪୪୪ ରହିଥିବାବେଳେ ସେ ତୁଳନାରେ ମୁମ୍ବାଇର ସଂଖ୍ୟା ୨୫୫ ରହିଥିଲା। ମୁମ୍ବାଇ ସିଟି ୧୬ଟି ମ୍ୟାଚରୁ ୩୪ ପଏଣ୍ଟ ସହ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହିଥିବାବେଳେ ଗୋଆ ସମାନ ସଂଖ୍ୟକ ମ୍ୟାଚରୁ ୨୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।


ରିଷଭ ପନ୍ତ

## ପନ୍ତ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ

ଦୁବାଇ, ୮।୨ (ପି.ଟି.)

ଭାରତର ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ସୋମବାର ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ)ର ପ୍ରଥମ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଜିତିଛନ୍ତି। ଜାନୁୟାରୀରେ ଅଷ୍ଟ୍ରେଲିଆ ବିପକ୍ଷ ଦୁଇ ଟେଷ୍ଟ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ପନ୍ତ ସିଡ୍‌ନୀରେ ୯୭ ଏବଂ ବ୍ରିସ୍‌ବେନ୍‌ରେ ୮୯ ରନ କରି ଅପରାଜିତ ରହିଥିଲେ, ଯାହାଫଳରେ ଭାରତ ଡାଉନ୍ ଅଣ୍ଡରରେ ଅଷ୍ଟ୍ରେଲିଆ ବିପକ୍ଷରେ ଚମତ୍କାର ସିରିଜ ବିଜୟ ହାସଲ କରିପାରିଥିଲା। ପନ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯଦି ଜଣେ ଖେଳାଳିଙ୍କ ଅବଦାନରେ ଦଳ ବିଜୟ ଲାଭ କରେ ଏହା ତାଙ୍କ ପାଇଁ ଏକ ପୁରସ୍କାର। କିନ୍ତୁ ଆଇସିସି ପୁରସ୍କାର ମୋ ଭଳି ଯୁବ ଖେଳାଳିଙ୍କୁ ଅଧିକ ଭଲ ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରିବ। ଅଷ୍ଟ୍ରେଲିଆରେ ଆମ ବିଜୟରେ ଦଳର ଯେଉଁ ସଦସ୍ୟମାନଙ୍କ ଅବଦାନ ରହିଛି ସେମାନଙ୍କ ଉଦ୍ଦେଶ୍ୟରେ ସେ ଏହି ପୁରସ୍କାରକୁ ଉତ୍ସର୍ଗ କରିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟର ତୃତୀୟ ଦିବସରେ ପନ୍ତ ଆକର୍ଷଣୀୟ ୯୧ରନ ସଂଗ୍ରହ କରିଥିଲେ। ପନ୍ତଙ୍କ ପୁରସ୍କାର ବିଜୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରି ପାକିସ୍ତାନର ପୂର୍ବତନ ଅଧିନାୟକ ରମିଜ ରାଜା କହିଛନ୍ତି, ପନ୍ତ ଉଭୟ ଥର ଚାପରେ ଥାଇ ପୃଥକ୍ ପୃଥକ୍ ଚ୍ୟାଲେଞ୍ଜରର ସମ୍ମୁଖୀନ ହୋଇଛନ୍ତି। ଗୋଟିଏ ମ୍ୟାଚ ଡ୍ର ଏବଂ ଅନ୍ୟଟିରେ ବିଜୟ ହାସଲ ଲକ୍ଷ୍ୟ ନେଇ ଖେଳିବାକୁ ପଡ଼ିଥିଲା। ଉଭୟ ଥର ସେ ତାଙ୍କ ଦକ୍ଷତାର ବିଭିନ୍ନତା ଦେଖାଇଥିଲେ। ଦକ୍ଷିଣ ଆଫ୍ରିକାର ସବନିମ୍ ଇସ୍ମାଇଲ ଆଇସିସି ଓମ୍ୟାନ ପ୍ଲେୟର ଅଫ୍ ଦି ମନ୍ଥ୍ ଜିତିଛନ୍ତି। ମାସରେ ୩ ଅନ୍ତର୍ଜାତୀୟ ଦିନିକିଆ ଓ ଦୁଇ ଅନ୍ତର୍ଜାତୀୟ ଟି୨୦ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଇସ୍‌ମାଇଲ ପାକିସ୍ତାନ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ବିଜୟରେ ୭ ଉଇକେଟ ଦଖଲ କରିଥିବାବେଳେ ସମାନ ଦଳ ବିପକ୍ଷ ଟି୨୦ରେ ସେ ୫ଉଇକେଟ ଅକ୍ତିଆର କରିଥିଲେ।

## ସବିତା ରୌପ୍ୟ, ରାଜେନ୍ଦ୍ର, ଓଁକାର, ପ୍ରାଚୀଙ୍କୁ ବ୍ରୋଞ୍ଜ


ରାଜେନ୍ଦ୍ର ସାହୁ


ଓଁକାର ପ୍ରସାଦ ନନ୍ଦ


ପ୍ରାଚୀ ମହାରଣା


ସବିତା ଟପ୍ପୋ

### ଜାତୀୟ ଜୁନିୟର ଆଥଲେଟିକ୍ସ

ଭୁବନେଶ୍ୱର, ୮।୨(କ୍ରୀଡ଼ା ପ୍ରତିନିଧି)

ଗୁଆହାଟୀର ସରସୁଜଲ ଷ୍ଟାଡିୟମରେ ଚାଲିଥିବା ୩୬ତମ ଜାତୀୟ ଜୁନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ଓଡ଼ିଶାକୁ ୫ଟି ପଦକ ମିଳିଛି। ଏହା ମଧ୍ୟରେ ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ସାମିଲ। ୧୬ ବର୍ଷରୁ କମ୍ ବାଳିକା ବର୍ଗର ୮୦ ମିଟର ହର୍ଡଲ୍ସରେ ସବିତା ଟପ୍ପୋ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୧.୭୭ ସେକେଣ୍ଡ ସମୟ ନେଇଥିଲେ। ସେହିପରି ୧୬ ବର୍ଷରୁ କମ୍ ବାଳକ ବର୍ଗର ୮୦ ମିଟର ହର୍ଡଲ୍ସରେ ରାଜେନ୍ଦ୍ର ସାହୁ ୧୦.୮୪ ସେକେଣ୍ଡ ସମୟ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ବର୍ଗର ଶଟ୍‌ପୁଟ୍‌ରେ ଓଁକାର ପ୍ରସାଦ ନନ୍ଦ (୧୬.୩୩ ମିଟର) ଏବଂ ୧୪ ବର୍ଷରୁ କମ୍ ବାଳିକା ବଲ୍ ଥ୍ରୋ ଇଭେଣ୍ଟରେ ପ୍ରାଚୀ ପ୍ରିୟଦର୍ଶିନୀ ମହାରଣା ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରାଚୀ ୫୦.୨୧ ମିଟର ଦୂରକୁ ବଲ୍ ଥ୍ରୋ କରିଥିଲେ। ବଲ୍ ଥ୍ରୋ ଇଭେଣ୍ଟ ପ୍ରଥମଥର ପାଇଁ ପ୍ରତିଯୋଗିତାରେ ସାମିଲ କରାଯାଇଥିଲା। ତୃତୀୟ ଦିବସ ଶେଷସୁଦ୍ଧା ଭାରତ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ପାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଆଜି କ'ଣ କେଉଁଠି

**ପୁରୀ**
- ସମୁଦ୍ର ଆଳତି କାର୍ଯ୍ୟକ୍ରମ, ପୁରୀ ମହୋଦଧି ନିକଟ, ସନ୍ଧ୍ୟା ୬ଟା ୩୦।

**ନିମାପଡ଼ା**
- ନିମାପଡ଼ା ଥାନା ପୋଲିସ ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ, ସାଇ ଲୋଟ୍‌ସ ମଣ୍ଡପ, ପୂର୍ବାହ୍ନ ୧୦ଟା।

**ସାକ୍ଷୀଗୋପାଳ**
- ରାଜ୍ୟ ସଂସ୍କୃତି ମନ୍ତ୍ରୀଙ୍କ ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ, ସନ୍ଧ୍ୟା ୬ଟା।

## ବସ୍ ଚକା ତଳେ ଯୁବକଙ୍କ ଜୀବନ ଗଲା

**ଭୁବନେଶ୍ୱର,୮।୨(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରେ ସୋମବାର ଜଣେ ବାଇକ୍ ଆରୋହୀଙ୍କ ଉପରେ ଏକ ବସ୍ ମାଡ଼ିଯିବାରୁ ମୃତ୍ୟୁ ଘଟିଛି। ବାଇକ ଚାଳକ ହେଲମେଟ୍ ପିନ୍ଧିଥିଲେ ମଧ ବସ୍ ଚକା ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତକ ହେଲେ, ନୟାଗଡ଼ ଜିଲାର ସତ୍ୟବାନ ସାହୁ। ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟା ସମୟରେ ସତ୍ୟବାନ ନଂ.(ଓଡି ୩୩ ଏନ୍ ୫୬୧୦) ବିଶିଷ୍ଟ ବାଇକ୍‌ରେ ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ଖଣ୍ଡଗିରି ରମାମଣି ପେଟ୍ରୋଲ ପମ୍ପ ସାମ୍ନାରେ ପାରଳାଖେମୁଣ୍ଡି ଯାଉଥିବା ଏକ ଘରୋଇ ବସ୍(ଓଡି ୦୨ ଏଏଚ୍ ୫୩୫୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସତ୍ୟବାନ ଗାଡ଼ିରୁ ତଳେ ପଡିଯିବା ପରେ ବସ୍‌ଟି ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଖବରପାଇ ଖଣ୍ଡଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏହାସହ ଦୁର୍ଘଟଣା ଘଟାଇଥିବା ୨ଗାଡ଼ିକୁ ଜବତ କରିଥିବା ବେଳେ ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ରିପୋର୍ଟ ଲେଖା ହେବା ମଧରେ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ପ୍ରକାଶ ପାଇଲା ୩ୟ, ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାଫଳ

**କଣାସ,୮।୨(ସ୍ୱ.ପ୍ର.):** କଣାସ ବ୍ଲକରେ ସୋମବାର ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ ପାଇଛି। ୩ୟ ଶ୍ରେଣୀରେ ତ୍ରିଲୋଚନପୁର ସରସ୍ୱତୀ ଶିଶୁ ମନ୍ଦିରର ରାଜଦୀପ ଦାଶ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ବାଦୁରାବର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଅନନ୍ୟା ସାହୁ ୫ମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୩ୟ ଶ୍ରେଣୀ ବୃତ୍ତି ପାଇଥିବା ଅନ୍ୟ ଛାତ୍ରୀଛାତ୍ରମାନେ ହେଲେ ଭାଗ୍ୟଶ୍ରୀ ମାନସିଂହ, ପ୍ରସାଦ ଛୋଟରାୟ, ଭୂମିକା ସ୍ୱାଇଁ, ରୁଦ୍ରମାଧବ ସାମନ୍ତରାୟ, ପ୍ରତୀକ୍ଷା ପ୍ରିୟଦର୍ଶିନୀ ସାମନ୍ତରାୟ, ଆଶୁତୋଷ ସୁନ୍ଦରାୟ, ସ୍ୱାଗତିକା ଜେନା, ସତ୍ୟଜିତ ମହାପାତ୍ର, ସାହିଲ୍ ଦାଶ, ରୁଦ୍ର ପାଇକରାୟ, ମୌସୁମୀ ମହାପାତ୍ର, ଉତ୍କଳ ଭାରିମଲ୍ଲ, ଅଭିଲିପ୍ସା ଜଗଦେବ। ୫ମ ଶ୍ରେଣୀରେ ବୃତ୍ତି ପାଇଥିବା ଛାତ୍ରୀଛାତ୍ର ହେଲେ ଆକାଂକ୍ଷା ଦାଶ, ଜସବନ୍ତ ଦାଶ, ପ୍ରୟାସ ବଳିୟାରସିଂହ, ଶୁଭମ୍ ଜ୍ୟୋତି ସ୍ୱାଇଁ, ଅନନ୍ୟା ବରାଳ, ପୃଥ୍ୱୀରାଜ ଲେଙ୍କା, ଧନଞ୍ଜୟ ମାନ୍ଧାତା, ଚିନ୍ମୟୀ ମହାରଣା, ଅର୍ପିତା ପ୍ରିୟଦର୍ଶିନୀ ମହାନ୍ତି, ସଙ୍ଘମିତ୍ରା ମଙ୍ଗରାଜ, ଐଶ୍ୱର୍ଯ୍ୟା ବେହେରା, ତପନ କୁମାର ପାଇକରାୟ ଏବଂ ଦୁର୍ଗାପ୍ରସାଦ ଜଗଦେବ । ଏହି ମେଧାବୃତ୍ତି ପରୀକ୍ଷା ୨୦୨୦ରେ ହୋଇଥିଲା।

# ବିନା ଲାଇଫଂ ଜ୍ୟାକେଟରେ ଯାତ୍ରା

### ନିୟମ ମାନୁନାହାନ୍ତି ପର୍ଯ୍ୟଟକ

**ବାଲୁଗାଁ,୮।୨(ଡି.ଏନ୍.ଏ.)**


ଚିଲାରେ ବିପଦସଙ୍କୁଳ ଭାବେ ପର୍ଯ୍ୟଟକମାନେ ଯାତ୍ରା କରୁଛନ୍ତି।

ଚିଲିକାରେ ବାରମ୍ବାର ଡ଼ଙ୍ଗାବୁଡ଼ି ଘଟଣା ପରେ ଯାତ୍ରୀ ପରିବହନ ନିମନ୍ତେ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ତେବେ କେତେଜଣ ଡଙ୍ଗା ଚାଳକ ବିନା ଲାଇଫ୍ ଜ୍ୟାକେଟ୍‌ରେ ଯାତ୍ରୀ ପରିବହନ କରୁଥିବା ଦେଖିବାକୁ ମିଳିଛି। ପ୍ରକାଶଯେ, ୨୦୧୮ ଜୁନ୍ ୧୬ରେ କାଳିଜାଇ ଦର୍ଶନ ସାରି ଫେରୁଥିବା ଏକ ଡଙ୍ଗା କାଳବୈଶାଖୀର ଯୋଗୁ ଗଭୀର ପାଣିରେ ବୁଡ଼ିଯିବା ଫଳରେ ସେଥିରେ ଥିବା ୬ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଅନୁରୂପଭାବେ ଗତବର୍ଷ ଫେବୃୟାରୀରେ ଏକ ମାଛଧରା ଡଙ୍ଗାରେ କାଳିଜାଇ ଦର୍ଶନ ସହ ବଣଭୋଜି କରି ଫେରୁଥିବା ବେଳେ ଭାରସାମ୍ୟ ହରାଇ ଡଙ୍ଗାଟି ବୁଡ଼ି ଯାଇଥିଲା । ଏହି ଘଟଣାରେ ୨୫ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୯ଜଣ ଗୁରୁତର ହୋଇଥିଲେ। ଏହା ପୂର୍ବରୁ ମଧ ବହୁ ଦୁର୍ଘଟଣା ନଜିର ରହିଛି । ବାରମ୍ବାର ଦୁର୍ଘଟଣା ଘଟିବାରୁ ଚିଲିକାରେ ୩ମାସ ପାଇଁ ଡଙ୍ଗା ଚଳାଚଳ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ପ୍ରଶାସନ ପକ୍ଷରୁ ଚିଲିକାରେ ଯାତ୍ରୀ ପରିବହନ ପାଇଁ ଏକ ନିର୍ଦ୍ଦିଷ୍ଟ ଗାଇଡଲାଇନ୍ ପ୍ରଣୟନ କରାଯାଇଥିଲା। ବେଆଇନ୍ ଭାବେ ମାଛ ଧରା ଡଙ୍ଗାରେ ଯାତ୍ରୀ ପରିବହନକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରାଯାଇଥିଲା । ଏଥିସହ ଯାତ୍ରୀବାହୀ ଡଙ୍ଗାରେ ପ୍ରତ୍ୟେକ ଯାତ୍ରୀ ଲାଇଫ୍ ଜ୍ୟାକେଟ୍ ପରିଧାନ ବାଧ୍ୟତାମୂଳକ ସହ ଡଙ୍ଗାରେ ଲାଇଫ୍ ବଏ, ଜୀବନ ରକ୍ଷାକାରୀ ଅନ୍ୟାନ୍ୟ ସାମଗ୍ରୀ ସହ ବୀମାକରଣ ଏବଂ ରେଜିଷ୍ଟ୍ରେଶନ୍ ଭୁକ୍ତ କରିବା ପାଇଁ ଡଙ୍ଗା ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ କିଛି ମାସ ପ୍ରଶାସନର ଏହି ନିୟମକୁ ଡଙ୍ଗା ମାଲିକମାନେ ମାନିଥିବା ବେଳେ ପୁଣି ଏହି ନିୟମକୁ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳିଛି। ଡଙ୍ଗାରେ ସମସ୍ତ ଆନୁଷଙ୍ଗିକ ସାମଗ୍ରୀ ମହଜୁଦ୍ ଥିଲେ ମଧ ଯାତ୍ରୀମାନେ ଲାଇଫ୍ ଜ୍ୟାକେଟ୍ ନ ପିନ୍ଧି ବିପଦପୂର୍ଣ୍ଣ ଭାବେ ଯାତ୍ରା କରୁଛନ୍ତି । ଏ ସମ୍ପର୍କରେ ବାଲୁଗାଁସ୍ଥିତ ମୋଟରବୋଟ୍ ଆସୋସିଏଶନ୍ ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା କହିଛନ୍ତି, ଲାଇଫ୍ ଜ୍ୟାକେଟ୍ ପରିଧାନ ପାଇଁ ମାଇକ୍ ମାଧ୍ୟମରେ ଅବଗତ କରାଯାଉଛି। ଏଥିସହ ଯାତ୍ରୀଙ୍କୁ ବାରମ୍ବାର ଲାଇଫଂ ଜ୍ୟାକେଟ ପିନ୍ଧିବା ପାଇଁ କୁହାଯାଉଥିଲେ ମଧ ସେମାନେ ପିନ୍ଧୁ ନାହାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପ୍ରଥମ ଦିନରେ ଉତ୍ସାହର ବାତାବରଣ



### ନବମ ଶ୍ରେଣୀର ପାଠପଢ଼ା ଆରମ୍ଭ

**ଖୋର୍ଦ୍ଧା ଅଫିସ, ୮।୨**

ସୋମବାରଠାରୁ ଶ୍ରେଣୀଗୃହରେ ନବମ ଓ ଏକାଦଶ ଶ୍ରେଣୀର ପାଠପଢ଼ା ଆରମ୍ଭ ହୋଇଛି। ନିର୍ଦ୍ଧାରିତ ସମୟରେ ଛାତ୍ରୀଛାତ୍ରମାନେ ଉତ୍ସାହର ସହ ବିଦ୍ୟାଳୟରେ ପହଞ୍ଚିଥିଲେ। ପୂର୍ବାହ୍ନ ୮.୩୦ରୁ ୧୦.୩୦ ପର୍ଯ୍ୟନ୍ତ ପାଠପଢ଼ା ହୋଇଥିଲା। ଛାତ୍ରୀଛାତ୍ରମାନେ ୨ଘଣ୍ଟାରେ ୩ଟି ପିରିୟଡ କରି ଫେରିଥିଲେ। ସମସ୍ତ ଛାତ୍ରୀଛାତ୍ର ମାସ୍କ ପିନ୍ଧିଥିବାବେଳେ ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂ ଓ ହାତ ସାନିଟାଇଜ କରିଥିଲେ। ଶ୍ରେଣୀଗୃହରେ ପ୍ରତ୍ୟେକ ପିଲା ସାମାଜିକ ଦୂରତା ରଖି ବସିଥିଲେ। ପ୍ରଥମ ଦିବସରେ ହିଁ ଖୋର୍ଦ୍ଧା ଜିଲାର ସମସ୍ତ ୨୯୪ ହାଇସ୍କୁଲରେ ପିଲାଙ୍କ ମଧ୍ୟରେ ଖୁସି ଓ ଉତ୍ସାହ ଦେଖିବାକୁ ମିଳିଥିଲା। କେତେକ ସ୍କୁଲରେ ୫୦ପ୍ରତିଶତ ଉପସ୍ଥାନ ରହିଥିଲା। ଆଗାମୀ ଦିନରେ ପିଲାଙ୍କ ଉପସ୍ଥାନ ବୃଦ୍ଧି ପାଇବ ବୋଲି କର୍ତ୍ତୃପକ୍ଷ ଆଶା ବାନ୍ଧିଛନ୍ତି। ଏ ନେଇ ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ ଏସ୍. ଗୋହର ଅଲ୍ଲୀ କହିଛନ୍ତି, ନବମ ଶ୍ରେଣୀର ମୋଟ ୧୩୭ ପିଲାଙ୍କ ମଧ୍ୟରୁ ପ୍ରଥମ ଦିନ ୭୦ ଜଣ ଉପସ୍ଥିତ ଥିଲେ। କିପରି ସୁଚାରୁରୂପେ ପାଠପଢ଼ା ହେବ ଓ ନିର୍ଦ୍ଧାରିତ ସମୟରେ କୋର୍ସ ସରିବ ସେ ସଂକ୍ରାନ୍ତରେ ପୂର୍ବରୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା ସରିଛି। କ୍ଲାସରୁମକୁ ସାନିଟାଇଜ କରାଯିବା ସହିତ ପିଲାଙ୍କୁ କୋଭିଡ୍ ଗାଇଡ୍‌ଲାଇନ ପାଳନ ଲାଗି ପରାମର୍ଶ ଦିଆଯାଇଛି। ଘରେ ମଧ ଏଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଅନ୍ୟପକ୍ଷରେ ଏ ନେଇ ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି, ଦଶମ ପରି ନବମ ଶ୍ରେଣୀର ପାଠପଢ଼ା ଚାଲିବ। କ୍ଲାସରୁମକୁ ସାନିଟାଇଜ କରାଯିବା ସହ କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ପାଠପଢ଼ା ପ୍ରତି ଗୁରୁତ୍ୱ ଦିଆଯାଇଛି। କୋଭିଡ୍ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବା ଲାଗି ପୋଷ୍ଟର ଲଗାଯାଇଛି। ଛାତ୍ରୀଛାତ୍ରମାନେ ଯେପରି ହାତ ସାନିଟାଇଜ କରିବେ, ମାସ୍କ ବାହାର କରିବେ ନାହିଁ, କେହି କାହାରି ପାଣି ବୋତଲ ବ୍ୟବହାର କରିବେ ନାହିଁ ସେଥିପ୍ରତି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଧାନ ଦେବାକୁ କୁହାଯାଇଛି। ପିଲାଙ୍କ ପାଠପଢ଼ାରେ ଯେପରି କୌଣସି ବ୍ୟାଘାତ ସୃଷ୍ଟି ନ ହେବ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ।

# ଘେରି ଉଚ୍ଛେଦ ବିରୋଧରେ ଥାନା ଘେରାଉ



**କୃଷ୍ଣପ୍ରସାଦ,୮।୨ (ଡି.ଏନ.ଏ.)**

ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ତହସିଲ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଏହି ଉଚ୍ଛେଦକୁ ବିରୋଧ କରି ସୋମବାର କୃଷ୍ଣପ୍ରସାଦ ଅଞ୍ଚଳର ଶତାଧିକ ମହିଳା, ପୁରୁଷ କୃଷ୍ଣପ୍ରସାଦ ଥାନା ଘେରାଉ କରିଥିଲେ। ଚିଲିକା ଉପକୂଳରେ ବସବାସ କରୁଥିବା ବାସିନ୍ଦାମାନେ ଚିଲିକା ଉପରେ ନିର୍ଭର କରି ଚଳିଥାନ୍ତି। ମହାବାତ୍ୟା, ଫାଇଲିନ, ଫନୀ, ଲଘୁଚାପ ବର୍ଷା ଯୋଗୁ ଚାଷୀମାନେ ଫସଲ ଅମଳ କରିପାରିଲେ ନାହିଁ। ଶେଷରେ ପେଟ ପୋଷିବା ଲାଗି ଅନ୍ୟ ରାଜ୍ୟକୁ କାର୍ଯ୍ୟ କରିବାକୁ ଗଲେ। କରୋନା ଲାଗି ଶ୍ରମିକମାନେ ନିଜ ଗ୍ରାମକୁ ଫେରିଆସିବା ସହ ଚିଲିକାରୁ ମାଛ ମାରି ପରିବାର ଚଳାଉଛନ୍ତି। ପ୍ରଶାସନ ପକ୍ଷରୁ ଚିଲିକାରୁ ଘେରି ଉଚ୍ଛେଦକୁ ବନ୍ଦ ଦାବିରେ ସ୍ଥାନୀୟ ବାସିନ୍ଦା ଥାନା ଆଗରେ ୪ଘଣ୍ଟା ଧାରଣା ଦେଇଥିଲେ। ଖବରପାଇ ଅତିରିକ୍ତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଖୁସବିନ୍ଦର ସିଂହ, ଅତିରିକ୍ତ ଏସ୍‌ପି ଅରୁଣ ଜେନା, ଏସ୍‌ଡିପିଓ କିଶୋରଚନ୍ଦ୍ର ମୁଣ୍ଡ, ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀ, ବିଡଓ ଅଭିମନ୍ୟୁ ମାଝି, ଆଇଆଇସି ଦିଲୀପ ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀଙ୍କୁ ୪ଦିନ ସମୟ ଦେବା ସହ ଆନ୍ଦୋଳନକାରୀମାନେ ଘେରି ଉଚ୍ଛେଦ ବନ୍ଦ କରିବା ପାଇଁ କୋର୍ଟରୁ ଏକ ରହିତାଦେଶ ଆଣିଲେ ଘେରି ଉଚ୍ଛେଦ ବନ୍ଦ କରାଯିବ। ନ ହେଲେ, ଚିଲିକାରୁ ଘେରି ମୁକ୍ତ କରାଯିବ। ଏହି ଆନ୍ଦୋଳନରେ କେଳୁ ଚରଣ ଜେନା, ସୁରଥ ବେହେରା, ବ୍ରଜ କିଶୋର ଜେନା, ହେମନ୍ତ ଜେନା, ଲକ୍ଷ୍ମୀଧର ସାହୁ, ଦୀନବନ୍ଧୁ ଜେନା, ହରମୋହନ ମାନସିଂହ, ଶରତ ବେହେରାଙ୍କ ସମେତ ଶତାଧିକ ମହିଳା, ପୁରଷ ପ୍ରମୁଖ ସାମିଲ ହୋଇଥିଲେ।

## ହାଇୱା ଧକ୍କାରେ ପୁଅ ମୃତ, ମା' ଗୁରୁତର

**ନିରାକାରପୁର,୮।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ୧୬ନଂ. ଜାତୀୟ ରାଜପଥ ମନ୍ଦାକିନୀ ନଦୀ ବ୍ରିଜ ନିକଟରେ ସୋମବାର ଏକ ହାଇୱା ଧକ୍କାରେ ପୁଅର ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ କଦମପାଳ ଗ୍ରାମର ପ୍ରଦୀପ ଜେନା(୨୭)। ଗୁରୁତର ମା' ବିଳାସୀ ଜେନାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୋମବାର ପ୍ରଦୀପ ଓ ତାଙ୍କ ମା' ବାଇକ୍‌ରେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ବ୍ରିଜ୍ ନିକଟରେ ଗାଡିରୁ ପେଟ୍ରୋଲ ସରିଯିବାରୁ ଗାଡ଼ି ଧରି ଚାଲି ଚାଲି ରାସ୍ତା ପାର ହେଉଥିଲେ। ଏହି ସମୟରେ ଆସୁଥିବା ବାଲି ବୋଝେଇ ହାଇୱା (ଓଡି୦୨-ଏଭି-୫୯୫୬) ସେମାନଙ୍କୁ ଧକ୍କା ଦେଇଥିଲା। ପ୍ରଦୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମା' ଗୁରୁତର ହୋଇଥିଲେ। ଖବରପାଇ ଜଙ୍କିଆ ପୋଲିସ ପହଞ୍ଚି ଉଭୟଙ୍କୁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ. ୨୮/୨୧)ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ଅରେଞ୍ଜ ଟିମ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍।

**ନିରାକାରପୁର,୮।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଣାପଞ୍ଜୁରି ଶ୍ମଶାନ ପଡ଼ିଆରେ ସୋମବାର ଦୋସ୍ତି କ୍ରିକେଟ କପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଡ୍, ଅରେଞ୍ଜ ଓ ବ୍ଲୁକ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ବ୍ଲୁ ଟିମ୍‌କୁ ୨୮ରନରେ ହରାଇ ଅରେଞ୍ଜ ଟିମ୍ ଚାମ୍ପିୟନ ହୋଇଛି। ଅରେଞ୍ଜ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୨ଓଭରରେ ୫ ଓଇକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲୁ କ୍ରିକେଟ ଟିମ୍ ନିର୍ଦ୍ଧାରିତ ଓଭରରେ ୮ଓଇକେଟ ବିନିମୟରେ ୧୨୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଡ.ପ୍ରଭାତ ପାଲଟାସିଁହ, ମ୍ୟାନ ଅଫ୍ ଦି ସିରିଜ ମହମ୍ମଦ ସାହାଜାନ, ବେଷ୍ଟ କ୍ୟାଚରଫକିର ଉଦ୍ଦିନ ଖାଁ ଏବଂ ଅଲରାଉଣ୍ଡ ଭାବେ ମୁକ୍ତାର ସାହାଙ୍କୁ ପୁରସ୍କୃତ କରାଯାଇଥିଲା। ସଂଗ୍ରାମ କେଶରୀ ସାମନ୍ତରାୟ ଓ ନିଜାମ ଖାଁ ମ୍ୟାଚ ପରିଚାଳନା କରିଥିଲେ। ସରପଞ୍ଚ ରିଆଜଉଦ୍ଦିନ ଖାଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ ଟିମକୁ ଟ୍ରଫି ସହ ମେଡାଲ ପ୍ରଦାନ କରିଥିଲେ।

# ଜଟଣୀ ଏଖାରାଜାତ ମାହାଲ ଜମିକୁ ନେଇ ରାଜନୀତି

**ଜଟଣୀ,୮।୨(ଡି.ଏନ୍.ଏ.)**

ଜଟଣୀ ଏଖାରାଜାତ ମାହାଲ ଜମି ସମସ୍ୟା ସମାଧାନ ନେଇ ବାଟ ଫିଟୁଥିବା ବେଳେ ଏହାର ଶ୍ରେୟ ନେବା ପାଇଁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ରବିବାର ଜଟଣୀ ଭାଜପା ପକ୍ଷରୁ ହୋଇଥିବା ଖବରଦାତା ସମ୍ମିଳନୀରେ ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା କହିଛନ୍ତି, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ୨୦୧୯ ନିର୍ବାଚନ ସମୟରେ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ମୁତାବକ ଶ୍ରୀଜଗନ୍ନାଥ ଜମି ଏବଂ ଜଟଣୀ ଟାଉନ ଖାସମାହାଲ ଜମି ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରାଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ପ୍ରଥମ ପର୍ଯ୍ୟାୟରେ ଜଟଣୀ ଟାଉନ ଖାସମାହାଲ ଜମି ପଟ୍ଟା ୫ଜଣ ପାଇଛନ୍ତି। ଶ୍ରୀଜଗନ୍ନାଥଙ୍କ ଜମି ମଧ ପ୍ରକୃତ ମାଲିକ ଖୁବଶୀଘ୍ର ପାଇବାକୁ ଯାଉଛନ୍ତି। ଅନ୍ୟପକ୍ଷେ ସୋମବାର କୁଦିଆରୀସ୍ଥିତ ଏକ କଲ୍ୟାଣମଣ୍ଡପ ପରିସରରେ ପୂର୍ବତନ ଏଖାରାଜାତ ମାହାଲ ରୟତ ସୁରକ୍ଷା କମିଟି ଓ ଆଞ୍ଚଳିକ ଭିଟାମାଟି ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତେବେ କମିଟି ସଭାପତି କୈଳାସ ମହାପାତ୍ର କହିଛନ୍ତି, ଏଖାରାଜାତ ମାହାଲର ୧୫୬ଟି ଗ୍ରାମରୁ ୧୨୦ଟି ଗ୍ରାମର ମାଲିକାନା ସ୍ୱତ୍ୱ ଯେଉଁଭଳି ଭାବେ ଶ୍ରୀଜଗନ୍ନାଥ ମହାପ୍ରଭୁ ପୁରୀ ବଦଳି ଓଡ଼ିଶା ସରକାର କରାଗଲା, ସେହି ଅନୁସାରେ ଜଟଣୀ ଓ ପଡୋଶୀ ଗ୍ରାମର ବାକିଥିବା ୩୬ଟି ଗ୍ରାମର ସ୍ୱତ୍ୱ ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି । ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁଦର୍ଶନ ସୁନ୍ଦରାୟ କହିଛନ୍ତି, ସ୍ୱତ୍ୱ ପରିବର୍ତ୍ତନ କେବଳ ସରକାର ଚାହିଁଲେ କରିପାରିବେ। ଜଟଣୀ ଅଞ୍ଚଳରେ କେଉଁଠାରେ ଅମୃତମଣୋହି ଜମି ନାହିଁ। ବିଜେଡି ସମ୍ପାଦକ ସନ୍ତୋଷ ଜେନା କହିଛନ୍ତି, କିଛି ଜାଣି ନ ଥିବା ନେତା ଲୋକଙ୍କୁ ବିଭ୍ରାନ୍ତ କରି ବାହାବା ନେବା ଉଦ୍ଦେଶ୍ୟରେ ଭୁଲ ତଥ୍ୟ ରଖୁଛନ୍ତି। ଯାହା କରିଛି ବିଜେଡି କରିଛି ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ରୟତ କମିଟିର ଗୁରୁଚରଣ ମହାନ୍ତି, ଅଖିଳ ମହାପାତ୍ର, ବୀରକିଶୋର ବାରିକ, ଶଶାଙ୍କ ରାୟ, ଅନନ୍ତ ଶତପଥୀ, ଅଖିଳ ମିଶ୍ରଙ୍କ ସହିତ ଶହ ଶହ ଭିଟାମାଟି ସୁରକ୍ଷା କମିଟିର ସଦସ୍ୟ ଉପସ୍ଥିତ ଥିଲେ।

## ଚିକିତ୍ସାଧୀନ ହାତୀ ମୃତ

**ଖୋର୍ଦ୍ଧା ଅଫିସ,୮।୨**

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ପଟିଆ ଜଙ୍ଗଲରେ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ଏକ ହାତୀର ମୃତ୍ୟୁ ଘଟିଥିବା ଜଣାପଡିଛି। କିଛି ଦିନ ପୂର୍ବରୁ ଏହି ବନାଞ୍ଚଳରେ ଏକ ହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ତେବେ ସୋମବାରକୁ ମିଶାଇ ଏପର୍ଯ୍ୟନ୍ତ ୬ଟି ହାତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟପଟେ ହାତୀ ଆକ୍ରମଣରେ ରାମେଶ୍ୱର ଅଞ୍ଚଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ଏକାଧିକ ଆହତ ହୋଇଛନ୍ତି। ଟାଙ୍ଗୀ ରେଞ୍ଜରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ବନ ବିଭାଗ ଏଥିପ୍ରତି ଦୃଟେ ଦେବାକୁ ସାଧାରଣରେ ଦାବି ହେଉଛି।

## ଚୋରି ଅଭିଯୋଗରେ ୨ ଗିରଫ

**ଡେଲାଙ୍ଗ,୮।୨(ଡି.ଏନ୍.ଏ.)**

ଡେଲାଙ୍ଗ ଥାନା ପୋଲିସ ଏକ ଚୋରି ଅଭିଯୋଗରେ ସୋମବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବ୍ରାହ୍ମଣ ତରାବୋଇ ଗ୍ରାମର ବିପିନ ପୂଜାରୀ ଓ ଚିତ୍ରସେନ ବେହେରା। ଏମାନଙ୍କଠାରୁ ୧୫,୬୦୦ଟଙ୍କା ଜବତ ହୋଇଛି। ସୂଚନାଯୋଗ୍ୟ, ରବିବାର ବିଳମ୍ବିତ ରାତିରେ ଗ୍ରାମର ସୁଶାନ୍ତ ସେନାପତିଙ୍କ ତେଜରାତି ଦୋକାନ କବାଟ ତାଡ଼ି ୧୬ ହଜାର ଟଙ୍କା ଓ ରାଶନ ସାମଗ୍ରୀ ଚୋରି ହୋଇଥିଲା। ସୁଶାନ୍ତଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ-୨୭/୨୧)ରୁଜୁ କରି ତଦନ୍ତ ଚଳାଇଥିଲା।

# କୁନ୍ତଳା କୁମାରୀ ଥିଲେ ସାହିତ୍ୟିକଙ୍କ ମଧ୍ୟରେ ଉଜ୍ଜ୍ୱଳ ଜ୍ୟୋତିଷ୍କ



ସାରସ୍ୱତ ସମାରୋହରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା ଅଫିସ,୮।୨**

ସାରସ୍ୱତ ସାଧିକା ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଅବସରରେ ସୋମବାର ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ଗୀତାଭବନ ସମ୍ମିଳନୀ କକ୍ଷରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ସଭାପତିତ୍ୱ କରିଥିଲେ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପକ ସତ୍ୟ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କୁନ୍ତଳା କୁମାରୀ ଭାରତର ପ୍ରସିଦ୍ଧ ସାହିତ୍ୟିକଙ୍କ ମଧ୍ୟରେ ଉଜ୍ଜ୍ୱଳ ଜ୍ୟୋତିଷ୍କ। ତାଙ୍କ ନିରନ୍ତନ ସାଧନା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି ବୋଲି କହିଥିଲେ। କଥାକାର ଶ୍ୱେତପଦ୍ମାସନୀ ମହାନ୍ତି ଓ କବୟିତ୍ରୀ ଆରତି ମଞ୍ଜରୀ ଦାଶ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଡ.ଯୋଗେଶ ଚନ୍ଦ୍ର ରଥ ଓ ଡ.ସସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି, କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ଡ.ଧୀରେନ୍ଦ୍ର ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ଡ.ନିରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବିଭୁ ପ୍ରସାଦ ହରିଚନ୍ଦନ ଓ କୃଷ୍ଣଚନ୍ଦ୍ର ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ନାରାୟଣ ରାଓ, ବଂଶୀଧର ରାଉତ, ବୈକୁଣ୍ଠନାଥ ରାଜଗୁରୁ, ଭୀମସେନ ପ୍ରଧାନ, ଡ.ବୃନ୍ଦାବନ ପଣ୍ଡା, ଡ.ପ୍ରମୋଦ ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ। ସେହିପରି ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ବକ୍ସି ଜଗବନ୍ଧୁ ନଗରସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ କୁନ୍ତଳା କୁମାରୀଙ୍କ ଜୟନ୍ତୀ ଅବସରରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଶିବସୁନ୍ଦର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସଙ୍ଗୀତ କଳା ଏକାଡେମୀ ସଦସ୍ୟ ବିଜୟ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, କୁନ୍ତଳା କୁମାରୀ ନାରୀ ଶକ୍ତି ଓ ଜାଗରଣର ପ୍ରତୀକ। ତାଙ୍କ ରଚିତ ଗୀତିନାଟ୍ୟ, ଖଣ୍ଡକାବ୍ୟ, ନିରନ୍ତର ସାହିତ୍ୟ ସାଧନା ନାରୀ କବିଙ୍କୁ ଉତ୍ସାହିତ ଓ ପ୍ରେରଣା ଦେଇଛି। ମୁଖ୍ୟ ବକ୍ତାଭାବେ ସ୍ତମ୍ଭକାର ଡ.ସିଦ୍ଧାର୍ଥ କାନୁନଗୋ ଯୋଗଦେଇଥିଲେ। ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ସମ୍ପାଦିକା ବିମଳା ସିଂ ବିବରଣୀ ପାଠ ଓ ଧନ୍ୟବାଦ ଦେଇଥିଲେ। ଗାଳ୍ପିକା ଆନନ୍ଦିକା ସାମନ୍ତରାୟ, କବି ଗୋବିନ୍ଦ ଚନ୍ଦ୍ର ମହାରଣା, ସାହିତ୍ୟିକ ଜ୍ଞାନରଞ୍ଜନ ଦାଶ, ରାମଶଙ୍କର, ରାଧାମଣି ମହାପାତ୍ର, ଇତିଶ୍ରୀ ସାହୁ, ଆରତୀ ସେନ ଉପସ୍ଥିତ ଥିଲେ।

# ଔଷଧୀୟ ଉଦ୍ୟାନ, ପାଚେରି ନିର୍ମାଣ ହେବ

### ରୋଗୀ କଲ୍ୟାଣ ସମିତି ବୈଠକ

**ଖୋର୍ଦ୍ଧା ଅଫିସ,୮।୨**


ବୈଠକରେ ଜିଲାପାଳ ସନତ୍ ମହାନ୍ତି ଓ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତି(ଆରକେଏସ) ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ପ୍ରସଙ୍ଗ ସହ ପ୍ରସ୍ତାବିତ ଯୋଜନା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱ ରଞ୍ଜନ ପତି, ଅଧୀକ୍ଷକ ଡ. ବିଶ୍ୱମୋହନ ମିଶ୍ର ଆରକେଏସ ପକ୍ଷରୁ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ଆଉଟ ପୋଷ୍ଟ କରାଯିବ। ରୋଗୀଙ୍କୁ ନେବା ଆଣିବା ଲାଗି ଘରୋଇ ଆମ୍ବୁଲାନ୍ସ ମଧ୍ୟରେ ରହିଥିବା ବିବାଦ ଉପରେ ଅଙ୍କୁଶ ଲାଗିବ। ଖୁବ୍‌ଶୀଘ୍ର ହସ୍ପିଟାଲର ଚାରିପଟ ପାଚେରି ନିର୍ମାଣ କରାଯିବ। ୨ଟି ଗେଟ ବ୍ୟବସ୍ଥା ରହିବ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ମେଡିକାଲ ପରିସରରୁ ଗୋରୁଗାଇ ମୁକ୍ତ ହେବ। ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବର୍ଜ୍ୟଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯିବ। ସ୍ୱେରେଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଚିକିତ୍ସାଳୟ ପରିସରରେ ଏକ ଔଷଧୀୟ ଉଦ୍ୟାନ, ଭିତ୍ତିଭୂମିର ବିକାଶ, ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତୀକରଣ କରାଯିବ। ଦୁଇ ଓ ଚାରିଚକିଆ ଯାନ ପାର୍କିଂ ଲାଗି ସ୍ଥାନ ଚିହ୍ନଟ ହେବ। ଏଥିଲାଗି ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା କରାଯିବ। ଖାଲିପଡିଥିବା ଡାକ୍ତର ଏବଂ ପାରାମେଡିକାଲ ଷ୍ଟାଫ ନିଯୁକ୍ତ ଦିଆଯିବ। ରୋଗୀଙ୍କ ସମ୍ପର୍କୀୟଙ୍କ ଲାଗି ପ୍ରତୀକ୍ଷାଳୟ ବ୍ୟବସ୍ଥା କରାଯିବ। ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ଅଗ୍ରଗତି ଏବଂ ମେଡିକାଲ ପରିସରରେ ସ୍ୱଚ୍ଛତା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ନିର୍ମଳ ପ୍ଲସ ଯୋଜନା, ୨୪ ଘଣ୍ଟିଆ ଅଲଟ୍ରାସାଉଣ୍ଡ ଓ ଏକ୍ସରେ (ନିଦାନ), ନିରାମୟ ଯୋଜନାରେ ଉପଲବ୍ଧ ନ ଥିବା ଔଷଧର ବ୍ୟବସ୍ଥା ଏବଂ ଜନଔଷଧି ଯୋଜନାର କାର୍ଯ୍ୟକାରିତା ଉପରେ ଏମ୍‌ପିଙ୍କ ପ୍ରତିନିଧି ନିକୁଞ୍ଜ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ରୋଗୀ କଲ୍ୟାଣ ସମିତି ପାଇଁ ୯ଲକ୍ଷ ୬୯ହଜାର ଟଙ୍କା ମିଳିଥିଲା। ସେଥିରୁ ବିଭିନ୍ନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୪ଲକ୍ଷ ୨୭ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ନିଦାନ ପାଇଁ ମିଳିଥିବା ଆର୍ଥିକ ଅନୁଦାନର ୨୧ଲକ୍ଷ ୨୮ହଜାର ଟଙ୍କା ମଧ୍ୟରୁ ୬ଲକ୍ଷ ୮୦ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୧୫ଜଣ କୋଭିଡ୍ ଯୋଦ୍ଧାଙ୍କୁ ଜିଲାପାଳ ସମ୍ମାନିତ କରିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳାଇ, ଡିପିଏମ ଗୀତାଞ୍ଜଳି ଦାଶଙ୍କ ସମେତ ବିଧାୟକଙ୍କ ପ୍ରତିନିଧି, ସମିତି ସଦସ୍ୟ ଏବଂ ଅନ୍ୟ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଜୟ୍ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପୁରୀ ଅଫିସ, ୮।୨: କୁମ୍ଭାରପଡ଼ା ସ୍କୁଲ ନିକଟ ପଡ଼ିଆରେ ସୋମବାର କୁମ୍ଭାରପଡ଼ା ୟୁଥ୍ ଡ୍ରାମାଟିକ୍ କ୍ଲବ ପକ୍ଷରୁ ଆୟୋଜିତ ବିଜୟ୍ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ, ସମ୍ମାନିତ ଅତିଥି ଭାବେ କଣ୍ଠଶିଳ୍ପୀ ପ୍ରମୋଦ କୁମାର ଜେନା ଯୋଗଦେଇଥିଲେ। ଯୁବନେତା ବିଶ୍ୱଜିତ ଦାଶ ଉପସ୍ଥିତ ଥିଲେ। ବିନୋଦ କୁମାର ସ୍ୱାଇଁ ଓ ଦିବାକର ବିଶୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୟାଲ ଏକାଦଶ ଓ ଗୋପାଳପୁର ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। ବିରଞ୍ଚି କୁମାର ଦାଶ ଓ ବଦ୍ରି ନାରାୟଣ ମହାନ୍ତି ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ପିପିଲି,୮।୨(ସ୍ୱ.ପ୍ର.)- ପିପିଲିର ସିଉଳା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ରଘୁ ଅରକ୍ଷିତ ସାହୁଙ୍କୁ ବିଦ୍ୟାଳୟର ନୂତନ ଓ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ସଭାପତି ରାଧାନାଥ ଭୋଳଙ୍କ ପୌରହିତ୍ୟରେ ଏହି ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନଲତା ପରିଡା, ସିଆର୍‌ସି ଚିନ୍ତାମଣି ଓଝା, ପର୍ଶୁରାମ ମହାପାତ୍ର, ଗୌରଚନ୍ଦ୍ର ବସ୍ତିଆ, ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ସରପଞ୍ଚ କାଳନ୍ଦୀ ମଲ୍ଲିକ୍, ମାଧବାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଶିକ୍ଷାଦାନ, ଜୀବନୀ ଉପରେ କହିଥିଲେ। ପରେ ଛାତ୍ରୀଛାତ୍ରମାନେ ଶିକ୍ଷକ ସାହୁଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରିଥିଲେ। ଏଥିସହ ପୂର୍ବତନ ଶିକ୍ଷକ କପିଳ ନାୟକ, ନୃସିଂହ ଚରଣ ମିଶ୍ର, ଧୀରେନ୍ଦ୍ର ଦାଶ ଏବଂ ବିଜୟଲକ୍ଷ୍ମୀ ବିଶୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରମାକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ। ଶିକ୍ଷାବିତ୍ ଚରଣ ନାୟକ ଓ ଶିଉଳା ଗ୍ରାମର ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାର୍କ ପାଇଁ ଜାଗା ଚିହ୍ନଟ ନିର୍ଦ୍ଦେଶ

କଣାସ,୮।୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ଲୋଚନ ଦାସ, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍, ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ, ସହକାରୀ ଯନ୍ତ୍ରୀ ଯୋଗଦେଇଥିଲେ। ତେବେ ପଞ୍ଚାୟତରେ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ସବୁ କେତେ ଦୂର ଆଗେଇଛି ସେନେଇ ବିଧାୟକ ଅଧିକାରୀମାନଙ୍କଠାରୁ ପଚାରି ବୁଝିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶମତେ ପ୍ରତ୍ୟେକ ପଞ୍ଚାୟତରେ ଖେଳପଡ଼ିଆ, ପାର୍କ, ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ତହସିଲଦାର ପ୍ରତ୍ୟେକ ରାଜସ୍ୱ ନିରୀକ୍ଷକଙ୍କୁ ଜାଗା ଚିହ୍ନଟ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବଡ଼ାସ ପଞ୍ଚାୟତର ସରପଞ୍ଚ, ବ୍ଲକ ଅଧିକାରୀ ଓ କ୍ୟାସିୟରଙ୍କ ମଧ୍ୟରେ ତିକ୍ତତା ଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ସମସ୍ତ କର୍ମଚାରୀ, ରାଜସ୍ୱ ନିରୀକ୍ଷକଙ୍କ ସମେତ ୨୮ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।


ପୁରୀ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କରାଯାଇଥିବା ବାରିକେଡ୍‌କୁ ସୋମବାର ଖୋଲି ଦିଆଯାଉଛି ।

# ଦିବ୍ୟାଙ୍ଗଙ୍କୁ ହତାଦର କରନାହିଁ

ଗୋପ,୮।୨(ଡି.ଏନ୍.ଏ.)

ସମାଜରେ ବସବାସ କରୁଥିବା ଦିବ୍ୟାଙ୍ଗମାନଙ୍କୁ କେବେ ବି ହତାଦର କରିବା ଉଚିତ ନୁହେଁ। କାରଣ ଭଗବାନଙ୍କ ଆଶୀର୍ବାଦ ସେମାନଙ୍କ ଲାଗି ଅଧିକ ରହିଛି। ଆଜିର ସମାଜରେ ଦିବ୍ୟାଙ୍ଗମାନେ ସବୁ କ୍ଷେତ୍ରରେ ଆଗକୁ ଯାଇଛନ୍ତି ବୋଲି ସୋମବାର ଗୋପ ବ୍ଲକରେ ଥିବା ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଭୀମ ଭୋଇ ସାମର୍ଥ୍ୟ ଶିବିରରେ ଉପସ୍ଥିତ ଲୋକମାନଙ୍କୁ ଗୋପ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପ୍ତିରାଣୀ ଦାସ ସୂଚନା ଦେଇଥିଲେ। ଏହି ଶିବିରରେ ୩୧ଟି ପଞ୍ଚାୟତରେ ଥିବା ଦିବ୍ୟାଙ୍ଗମାନେ ଯୋଗ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗୋପ ପଞ୍ଚାୟତ ସମିତି ସୁଚାରୁରୂପେ ସମାପନା କରିଥିଲା। ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡାଙ୍କ ସହିତ ସମସ୍ତ ବ୍ଲକ ଯନ୍ତ୍ରୀ, କର୍ମଚାରୀ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କୁ ସହାୟତା କରିଥିଲେ। ଜିଲାରୁ ଆସିଥିବା ବିଭିନ୍ନ ବିଭାଗର ଡାକ୍ତରମାନେ ଶାରୀରିକ ଅକ୍ଷମ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରିଥିଲେ। ଶିବିରରେ ୪୮୧ଜଣ ଦିବ୍ୟାଙ୍ଗ ଯୋଗ ଦେଇଥିବାବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ବେହେରା, ମାର୍କଣ୍ଡ ପ୍ରଧାନ, କୃଷ୍ଣ ଚନ୍ଦ୍ର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ପିଲାଚୋର ସନ୍ଦେହ: ଅଜଣା ବ୍ୟକ୍ତି ଅଟକ

ଗୋପ, ୮।୨(ଡି.ଏନ୍.ଏ.): ପିଲାଚୋରିକୁ ନେଇ ଗୋପ ବ୍ଲକରେ ଆତଙ୍କ ସୃଷ୍ଟି ହୋଇଛି। ସୋମବାର ଉଦୟସାହି ଗ୍ରାମ ପାଖରେ ଜଣେ ଅଜଣା ବ୍ୟକ୍ତିଙ୍କୁ ପିଲାଚୋର ସନ୍ଦେହରେ କେତେକ ଲୋକ ଧରି ପୋଲିସ ଜିମା ଦେଇଛନ୍ତି। ତାଙ୍କୁ ଗୋପ ଥାନାରେ ଅଟକ ରଖି ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ସମ୍ପୃକ୍ତ ଅଜଣା ବ୍ୟକ୍ତି ସେନାପତି ସାହି ଗ୍ରାମ ନିକଟରେ ବୁଲୁଥିବାବେଳେ ସ୍ଥାନୀୟ ଲୋକେ ଦେଖି ତାଙ୍କୁ ପଚରାଉଚରା କରିବାରୁ ସେ ଅନ୍ଧାରରେ ଚମ୍ପଟ ମାରିଥିଲେ। ଫଳରେ ତାଙ୍କ ଉପରେ ସନ୍ଦେହ ବଢିଥିଲା। ସୋମବାର ଅପରାହ୍ନରେ ଅଜଣା ବ୍ୟକ୍ତି ଜଣକ ଉଦୟସାହି ଗାଁ ନିକଟରେ ବୁଲୁଥିବା ଖବର ପାଇ ଗ୍ରାମବାସୀ ତାଙ୍କୁ ଧରି ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ମାତ୍ର ସେ କିଛି ଉତ୍ତର ଦେଇ ନ ଥିଲେ। ଫଳରେ ତାଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ।

## ସ୍କୁଲ୍ ଫି ଆଦାୟ: କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ପୁରୀ ଅଫିସ,୮।୨: ଓଡ଼ିଶା ଅଭିଭାବକ ମହାସଂଘର ପୁରୀ ଶାଖା ପକ୍ଷରୁ ସୋମବାର ଜିଲା ଶିକ୍ଷାଧିକାରୀଙ୍କୁ ଏକ ଅଭିଯୋଗପତ୍ର ଦିଆଯାଇଛି। ପତ୍ରରେ ଦର୍ଶାଯାଇଛି, କରୋନା ସମୟରେ ଘରୋଇ ବିଦ୍ୟାଳୟଗୁଡ଼ିକ କେବଳ ଟ୍ୟୁଶନ୍ ଫି ବ୍ୟତୀତ ଅନ୍ୟ କୌଣସି ଫି ନେଇପାରିବେ ନାହିଁ ବୋଲି କିଛିଦିନ ତଳେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ନିର୍ଦ୍ଦେଶନାମା ଅନୁଯାୟୀ ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ସ୍କୁଲ୍ ଫି ବୃଦ୍ଧି କରାଯାଇ ପାରିବ ନାହିଁ। ମାତ୍ର ପୁରୀ ସହରସ୍ଥ ଏକ ନିର୍ଦ୍ଦିଷ୍ଟ ଘରୋଇ ବିଦ୍ୟାଳୟର କର୍ତ୍ତୃପକ୍ଷ ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରି ଅଧିକ ଫି ନେଉଛି। ଏଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଦାବି କରାଯାଇଛି।

## ଦିବ୍ୟଜ୍ୟୋତି ମହାମଣ୍ଡଳର ବାର୍ଷିକ ଉତ୍ସବ

ବଳଙ୍ଗା,୮।୨(ଡି.ଏନ୍.ଏ.) ବଳଙ୍ଗା ଥାନା ଉଚ୍ଛୁପୁର କଚେରି ସାହିଠାରେ ଦିବ୍ୟଜ୍ୟୋତି ଶ୍ରୀ ଚୈତନ୍ୟ ମହାମଣ୍ଡଳ ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାମଣ୍ଡଳର ସଭାପତି ସତ୍ୟବାଦୀ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ବାବାଜୀ ଚରଣ ପ୍ରଧାନ ବାର୍ଷିକ ବିବରଣୀ ଉପସ୍ଥାପିତ କରିଥିଲେ। ଉଚ୍ଛୁପୁର, ଗଡଚାନ୍ଦପୁର, କୋଟକୁସାଙ୍ଗ, ପିପଳିଆ, କାଜିପୁର, ବକୁ ପ୍ରଭୃତି ୧୪ଟି ଗ୍ରାମର ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରି କୀର୍ତ୍ତନ କରିଥିଲେ। ଶିକ୍ଷାବିତ ରାଜକିଶୋର ଦାଶ ସମସ୍ତ ଗାୟକ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହସମ୍ପାଦକ ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିପିନ


@ ବିଶ୍ୱଜିତ୍


@ ସୋହମ୍


@ ରାକେଶ


@ ସୁମନ୍ତ


@ ପ୍ରେମାନନ୍ଦ


@ ଶୁଭାଙ୍ଗିନୀ

## ସହର ଖବର

### ୟୁଜର୍ସ ଫି ପ୍ରତ୍ୟାହାର ହେଉ

ପୁରୀ ଅଫିସ, ୮।୨: ଆବର୍ଜନା ସଂଗ୍ରହ ପାଇଁ ପୌରପାଳିକାର ୟୁଜର୍ସ ଫି'କୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିରୋଧ କରିଛି। ଏନେଇ ସୋମବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଏଏପି ପକ୍ଷରୁ ଏକ ଅଭିଯୋଗପତ୍ର ଦିଆଯାଇଛି। ଏହି ପତ୍ରରେ ଉଲ୍ଲେଖ ରହିଛି ଯେ, ୟୁଜର୍ସ ଫି ଆଦାୟ ପାଇଁ କାହାରି ସହ ଆଲୋଚନା କରାଯାଇନାହିଁ। ପୌରସଂସ୍ଥା ମନଇଚ୍ଛା ଦର ନିର୍ଦ୍ଧାରଣ କରି ଲୋକଙ୍କ ଉପରେ ଲଦିଛି। ଜନମତ ସଂଗ୍ରହ ପରେ ହିଁ ଏସବୁ ଫି ନିର୍ଦ୍ଧାରିତ ହେବା ଆବଶ୍ୟକ। କରୋନା କାଳରେ ସାଧାରଣ ଲୋକେ ଓ ଛୋଟ ବ୍ୟବସାୟୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଫି ଏବେ ଏଭଳି ଲୋକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସାଜିଛି। ଏଣୁ ତୁରନ୍ତ ୟୁଜର୍ସ ଫି ପ୍ରତ୍ୟାହାର କରାଯାଉ ବୋଲି ଆମ୍ ଆଦମୀ ପାର୍ଟି ଦାବି କରିଛି। ଜିଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ଏଏପି ଜିଲା ଆବାହକ ସଞ୍ଜୀବ କୁମାର ମହାନ୍ତି, ସମ୍ପାଦକ ରାଜେଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ଯୁବ ଜନତା ଦଳ ପକ୍ଷରୁ ସମୂହ ଦୀପଦାନ

ପୁରୀ ଅଫିସ, ୮।୨: ପୁରୀ ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଜୀବନ କାମନା କରି ସୋମବାର ସ୍ଥାନୀୟ ସାଇମନ୍ଦିରରେ ସମୂହ ଦୀପଦାନ କରାଯାଇଛି। ପ୍ରସ୍ତାବିତ ଚିଠା ଅଧିନିୟମକୁ ନ୍ୟାଶନାଲ ମନୁମେଣ୍ଟ କର୍ତ୍ତୃପକ୍ଷ ପ୍ରତ୍ୟାହାର କରିବା ପରେ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ସେହିଭଳି ପୁରୀରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ପ୍ରାଥମିକତା ଦେଉଥିବା ବିଜେଡି ନେତା ଭଗବାନ ପଢ଼ିଆରୀ କହିଛନ୍ତି। ଦୀପଦାନ କାର୍ଯ୍ୟକ୍ରମରେ ହରେକୃଷ୍ଣ ସୁଆର, ପ୍ରୀତମ୍ ଜଗଦ୍ଦେବ, ବିଜୟ କୁମାର ବିଶୋଇ, ରଞ୍ଜନ କୁମାର ପାତ୍ର ଏବଂ ସାଗର ପାତ୍ର ପ୍ରମୁଖ ସାମିଲ ଥିଲେ।

### ମହାପ୍ରଭୁଙ୍କ କରୁଣା ଯୋଗୁ ଅଧିନିୟମ ହଟିଲା

ପୁରୀ ଅଫିସ, ୮।୨: ଶ୍ରୀମନ୍ଦିରକୁ ନେଇ ଜାରି ଚିଠା ଅଧିନିୟମ ପ୍ରତ୍ୟାହାର ହେବା ପରେ ସୋମବାର ସେବାୟତମାନେ ଖୁସି ପ୍ରକଟ କରିଛନ୍ତି। ମହାପ୍ରଭୁଙ୍କ ଅପାର କରୁଣା ଯୋଗୁ ଏହା ସମ୍ଭବ ହୋଇପାରିଥିବା ସେବାୟତମାନେ କହିଛନ୍ତି। ସେମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରିଛନ୍ତି। କେନ୍ଦ୍ର ସରକାର ତରବରିଆ ଭାବେ ନେଇଥିବା ନିଷ୍ପତ୍ତିକୁ ଭୁଲ ବୋଲି ସ୍ୱୀକାର କରିଛନ୍ତି, ଯାହା ସବୁଠାରୁ ଖୁସିର ପ୍ରସଙ୍ଗ। ସେବାୟତ ଓ ସ୍ଥାନୀୟ ଲୋକେ ଏ ନେଇ ଆଶଙ୍କା ଭିତରେ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ସବୁ ଆଶଙ୍କାକୁ ହଟାଇଦେଇଛନ୍ତି ବୋଲି ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି।

### ଅଙ୍ଗନୱାଡ଼ି କେନ୍ଦ୍ର ମରାମତି ପାଇଁ ଦାବିପତ୍ର

ପୁରୀ ଅଫିସ, ୮।୨: ଗତ ଫନୀ ବାତ୍ୟାରେ ବାଲିକୁଦା ରାମଚଣ୍ଡୀ ଅଙ୍ଗନୱାଡ଼ି କେନ୍ଦ୍ରର ଆଜବେଷ୍ଟସ୍ ଛାତ ଉଡ଼ିଯାଇଥିଲା। ଏପର୍ଯ୍ୟନ୍ତ ଏହା ମରାମତି ହୋଇନାହିଁ। ଫଳରେ ପିଲାମାନେ ଛାତ ବିନା ଖରା, ବର୍ଷାରେ ବସିବାକୁ ବାଧ ହେଉଛନ୍ତି। ପିଲାଙ୍କ ଖାଦ୍ୟ ପ୍ରସ୍ତୁତିରେ ମଧ୍ୟ ସମସ୍ୟା ଉପୁଜୁଛି। ତୁରନ୍ତ ଏହି ଅଙ୍ଗନୱାଡ଼ି କେନ୍ଦ୍ର ମରାମତି ସହ କାର୍ଯ୍ୟକ୍ଷମ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସେମାନେ ସୋମବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

## ବିଚାରପତିଙ୍କ ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ

ସାକ୍ଷୀଗୋପାଳ,୮।୨(ଡି.ଏନ୍.ଏ.)



ଉତ୍ତରାଖଣ୍ଡ ହାଇକୋର୍ଟ ଜଷ୍ଟିସ୍ ଲୋକପାଲ ସିଂହ ସପତ୍ନିକ ସୋମବାର ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ କରିଛନ୍ତି। ଜଷ୍ଟିସ୍ ସିଂହ ଓ ତାଙ୍କ ସ୍ତ୍ରୀ ମନ୍ଦିରରେ ପହଞ୍ଚିବା ପରେ ସେବାୟତ ସଂଘର ସମ୍ପାଦକ କିଶୋରଚନ୍ଦ୍ର ମହାପାତ୍ର ଓ ଅନ୍ୟ ସେବାୟତମାନେ ସ୍ୱାଗତ କରିଥିଲେ। ତାଙ୍କୁ ମନ୍ଦିର ପରିଦର୍ଶନରେ ସାହାଯ୍ୟ କରିବା ସହ ଠାକୁର ସାକ୍ଷୀଗୋପାଳଙ୍କ ମହିମା ସମ୍ପର୍କରେ ଜଣାଇଥିଲେ। ଠାକୁରଙ୍କ ମହିମା ଶୁଣି ଜଷ୍ଟିସ ଦମ୍ପତି ଆନନ୍ଦ ପ୍ରକାଶ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ଦର୍ଶନ ଏହା ଜଷ୍ଟିସଙ୍କ ପ୍ରଥମଥର ବୋଲି କହିଥିଲେ। ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି ତୀର୍ଥଯାତ୍ରାର ସାକ୍ଷୀ ରଖିବା ପରେ ସେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଯାତ୍ରା କରିଥିଲେ।

## ମଦ ଜବତ, ୨ ବେପାରୀ ଗିରଫ

ନିମାପଡ଼ା,୮।୨(ଡି.ଏନ୍.ଏ.) ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ରବିବାର କାକଟପୁର ଥାନା ଅନ୍ତର୍ଗତ କାକଟପୁର, ବାଜପୁର, ପାଟପୁର, ପାଟସିନ୍ଦୂରପୁର, ଓଥକା, ବାଙ୍ଗୁରିଗାଁ, ଉଦୟପୁର ଆଦି ଅଞ୍ଚଳରେ ଅଚାନକ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ୨ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ୪୬ ବୋତଲ ଚୋରା ଦେଶୀ ମଦ ଜବତ କରାଯାଇଛି। ସେମାନେ ହେଲେ କାକଟପୁର ଥାନା ଅଧୀନ ବାଙ୍ଗୁରୀ ଗ୍ରାମର ଈଶ୍ୱର ଚନ୍ଦ୍ର ଦୀକ୍ଷିତ ଓ ଉଦୟପୁର ଗ୍ରାମର ପ୍ରଦୀପ ପରିଡ଼ା। ଏ ନେଇ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ପୃଥକ ଭାବେ ୨ଟି ମାମଲା(୫୯, ୬୦/୨୧) ରୁଜୁ କରାଯାଇଛି। ନିମାପଡ଼ା ଅବକାରୀ ସବଇନ୍ସପେକ୍ଟର (ଏସ୍‌ଆଇ) ଯୋଗମାୟା ମଲ୍ଲିକ, ଜିତେନ୍ଦ୍ର ବେହେରା, ସବିତା ସାହୁ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

## କୁମ୍ଭି ଭାଙ୍ଗି ଦାନ କଲେ ଛାତ୍ର



ନିମାପଡ଼ା,୮।୨(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅଣ୍ଡିଆ ସାହି ଗ୍ରାମର ସ୍ଥାନୀୟ ଡିଏଭି ସ୍କୁଲର ୬ଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ର ଭୂପିନ୍ଦ୍ର ଆଚାର୍ଯ୍ୟ ରାମ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ ଅର୍ଥଦାନ କରି ସମାଜ ପାଇଁ ଏକ ଉଦାହରଣ ପାଲଟିଛନ୍ତି। ଭୂପିନ୍ଦ୍ର ନିଜ ପକେଟ ଖର୍ଚ୍ଚରୁ କାଟି ସାଇତି ରଖିଥିବା କୁମ୍ଭି ଭାଙ୍ଗି ମୋଟରେ ୧ହଜାର ୬ଶହ ୯୪ ଟଙ୍କା ଦାନ କରିଛନ୍ତି। ରାମ ମନ୍ଦିର ନିଧି ଅଭିଯାନର ପ୍ରମୁଖ ଶରତ ସେନାପତି, ରଞ୍ଜନ ନାୟକ, ପ୍ରସନ୍ନ କର ପ୍ରମୁଖ ଭୂପିନ୍ଦ୍ରଙ୍କ ଘରକୁ ଆସିଥିବାବେଳେ ପରିବାର ଲୋକଙ୍କ ଉପସ୍ଥିତିରେ ଶ୍ରୀରାମଙ୍କ ଫଟୋ ନିକଟରେ କୁମ୍ଭି ଭାଙ୍ଗି ଏହି ଅର୍ଥରାଶି ପ୍ରଦାନ କରିଛନ୍ତି। ଶିଶୁ ଅବସ୍ଥାରେ ହିଁ ଭୂପିନ୍ଦ୍ର ଜଣେ ଈଶ୍ୱରପ୍ରେମୀ ଓ କୃତୀ ଛାତ୍ର ଥିବାବେଳେ ଅଜାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦାନ ଧର୍ମ କଥା ଜାଣିଥିବା ପିତା ଉମାଶଙ୍କର ଆଚାର୍ଯ୍ୟ କହିଛନ୍ତି। ରବିନାରାୟଣ ଆଚାର୍ଯ୍ୟ ଓ ଶୈଳବାଳାଙ୍କ ଏକ ମାତ୍ର ନାତି ଭୂପିନ୍ଦ୍ରଙ୍କ ଏହି ବଦାନ୍ୟତା ପାଇଁ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ବହୁ ପ୍ରଶଂସାର ସୁଅ ଛୁଟିଛି।







ଶ୍ରୀମନ୍ଦିର ଐତିହ୍ୟ ବିକାଶ ପାଇଁ ଏନ୍‌ଏମ୍‌ଏ ପ୍ରସ୍ତାବିତ ଉପନିୟମ ଚିଠା ସୋମବାର ପ୍ରତ୍ୟାହୃତ ହେବା ପରେ ବିଭିନ୍ନ ନିଯୋଗର ସେବାୟତ (ବାମ) ଏବଂ ଭାଜପା କର୍ମୀଙ୍କ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରାଯାଉଛି । ଶ୍ରୀମନ୍ଦିର ଦର୍ଶନ ଅବସରରେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ସହ ଜଟଣୀ ବିଧାୟକ ସୁରେଶ ରାଉତରାୟ।